ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ ୨୦୨୫ ସଂସ୍କରଣ



- କଥା ଓ କାହାଣୀ
- ପଦ୍ୟ ଓ କବିତା
- ହାସ୍ୟ ଓ ବ୍ୟଙ୍ଗ
- ଇତିହାସ ଓ ପ୍ରବଂଧ
- ଅନୁବାଦ ସାହିତ୍ୟ
- ସମ୍ବଲପୁରୀ ଲେଖା
- ଶିଶୁ କଥା
- ଏବଂ
- ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଗଣେଷ ଚତୁର୍ଥୀ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **ଗଳ୍ପ ବିଭାଗ** | | **୬୦** |
| ଅନେକ କଳାଛାଇ - ୩୦ | ଅଶୋକ ବିଶ୍ୱାଳ | ୬୧ |
| ଆଉ ଗୋଟାଏ ଦିନ | ଆଶୁତୋଷ ମେହେର | ୭୦ |
| ତୁମେ ଶେଷରେ ହାରିଗଲ ନା | ପୁଷ୍ପଲତା ମିଶ୍ର | ୭୩ |
| ଶେଷରେ ତୁମେ ହାରିଗଲ ନା !!! | ଶୋଭାମୟୀ ପତ୍ରୀ | ୭୭ |
| ଶେଷରେ ତୁମେ ହାରିଗଲ ନା !!! | ଡଃ ତାନଶ୍ରୀ ପାଣିଗ୍ରାହୀ | ୮୦ |
| ଶେଷରେ ତୁମେ ହାରିଗଲ ନା !!! | ସତ୍ୟ ନାରାୟଣ ସାହୁ | ୮୪ |
| ପକ୍ଷୀର ଡେଣା | ସ୍ନିଗ୍ଧା ପଟ୍ଟନାୟକ | ୮୬ |
| ବିରହ ଶ୍ରାବଣୀ | ଦେବାଶିଷ ମାଇତି | ୮୮ |
| କୁହୁକ କଲମ | ଅଭୟ କୁଣ୍ଡ | ୯୪ |
| କଥାବାଚିକା | ସୁନନ୍ଦା ମହାନ୍ତି | ୯୭ |
| ଏ ମୋତେ ଭୁଲିଯିବନି ତ | ନଳିନୀ ପ୍ରଭା ମିଶ୍ର | ୧୦୧ |
| ଭୁଲ ପାଇଁ ଦଣ୍ଡ | ଅଜୟ କୁମାର ରାଉତ | ୧୦୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


## କବିତା ବିଭାଗ ୧୦୮

| | | |
|---|---|---|
| ସୂର୍ଯ୍ୟ ଏଠି ଉଇଁବାକୁ ଡେରି | ଶିବନାରାୟଣ ଦାସ | ୧୦୯ |
| ଭକତର ସାହା | ସଞ୍ଜୀବ କୁମାର ଦାସ | ୧୧୪ |
| ପ୍ରିୟତମା | ଗୋଲୋକବିହାରୀ ବେହେରା | ୧୧୫ |
| ଜୀବନ | ଅନନ୍ତ ପଟେଲ | ୧୧୬ |
| ପଥର ହୃଦୟ | ସୁନିତା ଦାଶ | ୧୧୭ |
| ହାରିଗଲ | ଅରୁଣ କୁମାର ଦାସ | ୧୧୮ |
| ଏ ଜୀବନ ତୁମର | ଅଲେଖ ମେହେର ଯାଯାବର | ୧୧୯ |
| ସ୍ୱାଧୀନତାର ସୂର୍ଯ୍ୟ ଆସିଛି ଉଇଁ | କୁଞ୍ଜବିହାରୀ ରାଉତ | ୧୨୦ |
| ବନ ମହୋତ୍ସବ | ରାମଚନ୍ଦ୍ର ପ୍ରଧାନ | ୧୨୩ |
| ବଡ଼ଦାଣ୍ଡେ ବିଜେ ଜଗନ୍ନାଥ | ଆଶିଷ କୁମାର ସାହୁ | ୧୨୪ |
| ତୁମେ ମୋର ଠାକୁର | ସରସ୍ୱତୀ ମେହେର | ୧୨୬ |
| ମୋ ପରିବେଶ ଜ୍ଞାନର ଉତ୍ସ | ପଙ୍କଜିନୀ ଉପାଧ୍ୟାୟ | ୧୨୭ |
| ସୌମ୍ୟାଶ୍ରୀ - ନିରବ ଅନ୍ଧାରର ଘଟଣା | ପ୍ରଲିପ୍ତା ଶତପଥୀ | ୧୨୯ |
| ପାନ ରସିକ ମୋ କଳା ସାଆନ୍ତ | ପ୍ରତିମା ପାତ୍ର | ୧୩୦ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଦୁହିତା ଦହନ | ଆଦ୍ୟାଶା ଦାଶ | ୧୩୨ |
| ଜନ୍ମନେଲେ ଶ୍ରୀକୃଷ୍ଣ ମୂରାରୀ | ସ୍ମୃତି ପ୍ରିୟଦର୍ଶିନୀ ପ୍ରଧାନ | ୧୩୪ |
| ପ୍ରେମ ଗତି | ଦଶରଥ ମାଝୀ | ୧୩୫ |
| ଝିପି ଝିପି ବର୍ଷା | ଅଜିତ କୁମାର ରାଉତ | ୧୩୬ |
| ବାଇ ଚଢ଼େଇ | ସୌଦାମିନୀ ସାହୁ | ୧୩୮ |
| ସବୁ ମୋ ପାଇଁ ଆଶିଷ | ଦିବାକର ନାୟକ | ୧୪୦ |
| ଉଠ ତାନ୍ତ୍ରିକ | ମନୋରଞ୍ଜନ ସୁରୁଜାଲ | ୧୪୨ |
| ଜୀବନର ସାର | ପ୍ରଶାନ୍ତ ବ୍ରହ୍ମା | ୧୪୪ |
| ବ୍ୟାସେ ଦେଖୁଛ ? | ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା | ୧୪୬ |
| ଜୀବନ | ସେବକ ବସନ୍ତ କୁମାର ମହାପାତ୍ର | ୧୪୭ |
| ଶକୁନି | ନୀଳମଣି ଚାନ୍ଦ | ୧୪୮ |
| ସମ୍ପର୍କ | ବିନୟ ମହାପାତ୍ର | ୧୪୯ |
| ବେଳାଭୂଇଁ | ଅଭିଷେକ ମହାପାତ୍ର | ୧୫୧ |
| ଗୋଟି ଗୋଟି ସବୁ ମନେ ପଡ଼େ | ହରେରାମ ପଣ୍ଡା | ୧୫୩ |
| ତୁମ ରୂପ ଦେଖି | ଜୟନ୍ତ କୁମାର ମଲ୍ଲିକ | ୧୫୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କେବେ ସେମିତି ନ ହେବି | ନିରଞ୍ଜନ ସାହୁ | ୧୫୫ |
| ଓଡ଼ିଆ ଜାତିର ମାଆ | ପ୍ରଦୀପ୍ତ କୁମାର ଦାସ | ୧୫୬ |
| ସାଧବ ବୋହୂ | ସୁନିତା ମହାନ୍ତି | ୧୫୮ |
| ସଫଳତାର ଚାବିକାଠି | ବସନ୍ତ କୁମାର ପ୍ରଧାନ | ୧୫୯ |
| ଆଖିରୁ ଖୋଲିଲି ପଟି | ଶିଶିର କୁମାର ପଣ୍ଡା | ୧୬୦ |
| ପୂର୍ଣ୍ଣଚ୍ଛେଦ | ସବିତା ନାୟକ | ୧୬୧ |
| ଦରଦୀ | ବିନୟ ମିଶ୍ର | ୧୬୨ |
| ଜଗତରେ ଦେଖିନାହିଁ ଏମିତି ଠାକୁର | ଇତିଶ୍ରୀ ଶତପଥୀ | ୧୬୩ |
| ଆତ୍ମହତ୍ୟା | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୬୪ |
| ଆତ୍ମହତ୍ୟା | ଦେବେନ୍ଦ୍ର ନାୟକ | ୧୬୫ |
| ଆତ୍ମହତ୍ୟା | କଳ୍ପନା ବିନ୍ଧାଣୀ | ୧୬୬ |
| ଆତ୍ମହତ୍ୟା | ସଂଯୁକ୍ତା ସାହୁ | ୧୬୭ |
| ଆତ୍ମହତ୍ୟା | ବସନ୍ତ କୁମାର ପାଣୀ | ୧୬୯ |
| ଆତ୍ମହତ୍ୟା | ରୀତାରାଣୀ ଦାଶ | ୧୭୦ |
| ଆତ୍ମହତ୍ୟା | ସନ୍ତୋଷିନୀ ଦାଶ | ୧୭୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଆତ୍ମହତ୍ୟା | ଶୋଭାମୟୀ ପତ୍ରୀ | ୧୭୪ |
| ଆତ୍ମହତ୍ୟା | ଋତୁ ମହାନ୍ତି | ୧୭୬ |
| ଆତ୍ମହତ୍ୟା | ବିଦ୍ୟୁତପ୍ରଭା ମିଶ୍ର | ୧୭୭ |
| ଆତ୍ମହତ୍ୟା | ଭାସ୍କର ରାଉତ | ୧୭୮ |
| ଆତ୍ମହତ୍ୟା | କାହ୍ନୁ ଚରଣ ପାଣିଗ୍ରାହୀ | ୧୭୯ |
| ଆତ୍ମହତ୍ୟା | ପ୍ରେମଲତା ଦେବୀ | ୧୮୧ |
| ପ୍ରଭୁ ତୁମ ଅପେକ୍ଷାରେ | ସୁମିତ୍ରା ନାଏକ | ୧୮୨ |
| ବଡ଼ ଦେଇ ବଡ଼ ସାହସୀ | ପ୍ରଦୀପ ମହାନ୍ତ | ୧୮୩ |
| ଘୁଷୁରୀକୁ ପାଚିଲା କଦଳୀ | ରମେଶ ଟାକ୍ରୀ | ୧୮୫ |
| ଭୁଲିଯିବା ଆମ ତିକ୍ତ ଅତୀତ | ବିନୋଦିନୀ ଦାଶ | ୧୮୬ |
| ନିର୍ମଳ ନୀତି : ଖୁସି | ନିର୍ମଳ ନାୟକ | ୧୮୭ |
| ଅଧୁରା ସ୍ୱପ୍ନ | ଗଗନ ବିହାରୀ ଷଡ଼ଙ୍ଗୀ | ୧୮୮ |
| କୋକେଇ | ମଲ୍ଲିକ ସିଂହ | ୧୯୦ |
| ନିଜକୁ କଦାପି କରନା ଛୋଟ | ସନ୍ତୋଷ କୁମାର ସାହୁ | ୧୯୨ |
| କି ଭାଗ୍ୟ | ଉମାକାନ୍ତ ଦାସ | ୧୯୩ |
| ମୋ ହୃଦୟରେ ତୁମେ | ଲକ୍ଷ୍ମୀଆମ୍ମା ନନ୍ଦଡ଼ା | ୧୯୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କୁମୁଦିନୀ | ବେଣୁଧର ସୁତାର | ୧୯୭ |
| ଜଣାଣ | ଉତ୍ତରା ନାୟକ | ୧୯୯ |
| କବିତାକୁ ପ୍ରଶ୍ନଟିଏ | ହୃଷିକେଶ ପ୍ରଧାନ | ୨୦୦ |
| ସୂତପୁତ୍ର କର୍ଣ୍ଣ | ବିଜୟ ପାତ୍ର | ୨୦୨ |
| ଗୋବିନ୍ଦ ହେ | ---- | ୨୦୪ |
| ବିରହ ପ୍ରେମ | ଭବାନୀ ଶଙ୍କର ଦାଶ | ୨୦୬ |
| ଡୋରି ଥରେ ଡୋର ଲଗେଇ ଦେ | ନଳିନୀ ଦାଶ | ୨୦୭ |
| ଦେଖିବି ବାହୁଡ଼ା ତୋର | ମନୁମୟ ସାହୁ | ୨୦୮ |
| ମୁଁ ଚାହେଁନା | ଅନସୂୟା ଲେଙ୍କା | ୨୦୯ |
| ଆଜିର ରେବତୀ | ଆକୁଳାନନ୍ଦ ପୃଷ୍ଟି | ୨୧୦ |
| ତୁମେ ଏକା ମୋର ସାହା ଭରସା | ବାସନ୍ତୀ ଲତା ଜେନା | ୨୧୨ |
| ବଦଳା ଯୁଗ | ବସନ୍ତ କୁମାର ମଲ୍ଲିକ | ୨୧୩ |
| ସୌମ୍ୟାଶ୍ରୀ ପୃଥିବୀ ଆଜି ନିଶିଥ ଧରିତ୍ରୀ କାହିଁକି ? | ଦଣ୍ଡାସି ପ୍ରଧାନ | ୨୧୫ |
| ଆନନ୍ଦ | ବିଶ୍ୱରଞ୍ଜନ ମହାନ୍ତି | ୨୧୯ |
| ଝରକା ସେପଟେ | କିରନ୍ ସ୍ୱାଇଁ | ୨୨୧ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ବର୍ଷା | ରାଜେଶ କୁମାର ଆରୁଖ | ୨୨୨ |
| ସ୍ୱାଧୀନତା | ଅମୃତ ନାରାୟଣ ଶତପଥୀ | ୨୨୩ |
| ତୁମେ ଅର୍ଦ୍ଧନାରୀଶ୍ୱର | ବର୍ଷାରାଣୀ ପ୍ରଧାନ | ୨୨୫ |
| **ପ୍ରବନ୍ଧ ବିଭାଗ** | | **୨୨୮** |
| ଜନ୍ମାଷ୍ଟମୀ ଉତ୍ସବର ମହତ୍ତ୍ୱ | ନିହାର ରଞ୍ଜନ ସାବତ | ୨୨୯ |
| ରାକ୍ଷୀ ପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା | ଆଶୁତୋଷ ନାୟକ | ୨୩୩ |
| ପୁରାଣରେ ବୋଲବମ୍ ଯାତ୍ରା | ନିତ୍ୟ ରଞ୍ଜନ ନନ୍ଦ | ୨୩୭ |
| ମଣିଷ ଚିହ୍ନିବା | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୪୦ |
| ଗୋଟିଏ ଛୋଟ ପଦକ୍ଷେପ : ଆପୋଲୋ ୧୧ | ଅସିତ ମହାନ୍ତି | ୨୪୩ |
| ନିର୍ଲିପ୍ତ ଭାବର ଜୀବନ | ମନୋଜ କୁମାର ଭୋଇ | ୨୪୬ |
| ଘଟିପାରେ ଏଇ ଭାରତରେ | ସଞ୍ଜୀବ କୁମାର ଦାସ | ୨୪୮ |
| ମୌସୁମୀ | ଶିବାଶିଷ ମିଶ୍ର | ୨୫୫ |
| କଲ୍ୟାଣ ଗଙ୍ଗାର ସନ୍ଥ - ତନୁ ବାବା | ଅକ୍ଷୟ କୁମାର ରାଉତ | ୨୫୮ |
| **ବିଶେଷ ସୂଚନା** | | **୨୬୨** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଅଗଷ୍ଟ ମାସର ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଆପଣମାନଙ୍କ ସହାୟତାରେ ହିଁ ଏହି ପତ୍ରିକା ଆଜି ଏହି ଭବ୍ୟ ରୂପ ପାଇବାକୁ ସମର୍ଥ ହୋଇଛି । ଦୀର୍ଘ କୋଡ଼ିଏ ବର୍ଷର ଯାତ୍ରାରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ହେତୁ, ଏହା ଦିନକୁ ଦିନ ସବଳ ଏବଂ ସକ୍ଷମ ହୋଇ ପାରିଛି । କେବଳ ପାଠକୀୟ ସ୍ୱୀକୃତି ଏବଂ ସାହିତ୍ୟିକଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଆହ୍ୱାନ ଇ-ପତ୍ରିକା ଓଡ଼ିଶାର ଏକମାତ୍ର ଇ-ପତ୍ରିକା ଭାବରେ ଉଭା ହୋଇଛି ଯାହା ମାସ ପରେ ମାସ ଆପଣମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦିକୁ ଉପସ୍ଥାପନ କରିବାକୁ ସମର୍ଥ ହୋଇଛି । ଆଶା କରୁଛି ଏହି ମାସର ସଂସ୍କରଣ ମଧ୍ୟ ଆପଣମାନଙ୍କୁ ଭଲ ଲାଗିବ ।

ପ୍ରତ୍ୟେକ ମାସରେ ଆହ୍ୱାନ ଇ-ପତ୍ରିକାର ସମ୍ପାଦକୀୟ ଲେଖିବା ସମୟରେ ସାମ୍ପ୍ରତିକ ସମୟର କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ଏଥିରେ ଉପସ୍ଥାପନ କରିବା ଅନେକ ପାଠକଙ୍କୁ ସହାୟକ ହୋଇ ପାରିଛି । ବିଭିନ୍ନ ପ୍ରକାରର ପ୍ରତିଯୋଗୀତାମୂଳକ ପରୀକ୍ଷାମାନଙ୍କରେ ଅଂଶ ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ବହୁତ ଉପାଦେୟ ବୋଲି ମତ ପ୍ରକାଶ ପାଇଛି । ଗୋଟିଏ ସ୍ଥାନରେ ବିଗତ ମାସର ବହୁତ ଗୁଡ଼ିଏ ଖବର ଓ ଏହାର ବିଶ୍ଳେଷଣ ପଢ଼ିବାକୁ ପାଇବା ସମସ୍ତଙ୍କୁ ସୁହାଉଛି ମଧ୍ୟ । ଚାଲନ୍ତୁ ଜାଣିବା ବିଗତ ମାସର କିଛି ଖବର ଏହାର ପୂର୍ବାପର ପ୍ରସଙ୍ଗ ସହ ବିଶ୍ଳେଷଣ । ଯଦି ଆପଣଙ୍କ ପରିବାରରେ କେହି ଓପିଏସସି କିମ୍ବା ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାନ୍ତି ତା ହେଲେ ତାଙ୍କ ସହ ଏହି ପତ୍ରିକା ନିଶ୍ଚୟ ପଢିବାକୁ ଉତ୍ସାହିତ କରନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହା ସହ ନିଜର ବନ୍ଧୁବାନ୍ଧବ ଏବଂ ପରିଜନଙ୍କୁ ମଧ୍ୟ ଏହି ପତ୍ରିକା ଉପହାର ରୂପରେ ଦେଇ ପାରିବେ । ସମ୍ପୂର୍ଣ୍ଣ ନିଃଶୁଳ୍କ ପ୍ରକାଶିତ ଓଡ଼ିଆ ଭାଷାର ଏହି ଇ-ପତ୍ରିକା ସମସ୍ତ ବୟସର ପାଠକପାଠିକା ମାନଙ୍କ ପାଇଁ ମନୋରଞ୍ଜନର ଏକ ପ୍ରକୃଷ୍ଟ ଖୋରାକ ହୋଇପାରେ ।

ପହଲଗାଓଁ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଆରୋପୀ ମୁସା ଭାରତୀୟ ସୈନ୍ୟବାହିନୀ ଦ୍ୱାରା ନିପାତ ହୋଇଛି । ଏହି ଖବର ବିଗତ ସପ୍ତାହରେ ଭାରତୀୟ ସଂସଦରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜଣାଇଛନ୍ତି । ଏହା ସହ ଗତ ଅପ୍ରେଲ ମାସରେ ହୋଇଥିବା ନୃଶଂସ ନରସଂହାରର ପ୍ରତିଶୋଧ ମିଳିପାରିଛି ବୋଲି ଅନେକେ ମତ ଦେଉଥିବା ବେଳେ ଅନେକ ଏହାକୁ ନେଇ ରାଜନୀତି କରିବାକୁ ପଛାଇ ନାହାନ୍ତି ।

ସୂଚନାଯୋଗ୍ୟ ଯେ ଏହି ଘଟଣା ଅପ୍ରେଲ ମାସରେ ହୋଇଥିଲା, ଯେତେବେଳେ ସୁନ୍ଦର କାଶ୍ମୀର ଉପତ୍ୟକା ପରିଭ୍ରମଣରେ ଯାଇଥିବା ପର୍ଯ୍ୟଟକମାନଙ୍କୁ ସେମାନଙ୍କ ନାଁ ଏବଂ ଧର୍ମ ପଚାରିବା ପରେ ପାକିସ୍ତାନରୁ ଆସିଥିବା ଆତଙ୍କବାଦୀମାନେ ନିର୍ମମ ଭାବରେ ହତ୍ୟା କରିଥିଲେ । ଏହା ପରେ ଏହି ଘଟଣାର ପ୍ରତିଶୋଧ ନେବାପାଇଁ, ଭାରତର ବିରୋଧୀ ଦଳମାନେ ସରକାରଙ୍କ ଉପରେ ଚାପ ପକାଇଥିଲେ । ସରକାର ମଧ୍ୟ ଏଥିପାଇଁ ଅନେକ ପ୍‌ଦକ୍ଷେପ ନେଇଥିଲେ କିନ୍ତୁ ବିରୋଧୀ ଦଳ ବାରମ୍ବାର ଚାପ ପକାଇ ସରକାରଙ୍କୁ ଅସ୍ତବ୍ୟସ୍ତ କରିଦେବାକୁ ଚେଷ୍ଟା କରୁଥିଲେ । ଏହି ସମୟରେ ଭାରତ ଅତର୍କିତ ଭାବରେ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଅନେକ ସ୍ଥାନ ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରି ଦୁଇଶହରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ନିପାତ କରିବା ସହ ଶିବିର ଗୁଡ଼ିକୁ ଧ୍ୱଂସ କରିଦେଇଥିଲେ । କିନ୍ତୁ ଏହା ବିରୋଧରେ ପାକିସ୍ତାନ ଆକ୍ରମଣ କରିବା ପରେ ଏହା ଯୁଦ୍ଧର ରୂପ ନେଇଥିଲା । ଏବଂ ଭାରତ ଅପରେସନ ସିନ୍ଦୂର ଅନ୍ତର୍ଗତ ପାକିସ୍ତାନର ଅଭ୍ୟନ୍ତରୀଣ ଅନେକ ସ୍ଥାନରେ ବୋମାମାଡ଼ କରି ଅନେକ ଗୁରୁତ୍ୱପୂର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ଥାନକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା, କିନ୍ତୁ ହଠାତ ଏହି ଯୁଦ୍ଧକୁ ଅସ୍ଥାୟୀ ଭାବରେ ବନ୍ଦ କରି ଦିଆଗଲା । ସେତେବେଳେ ଆମେରୀକାର ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ କହିଥିଲେ ଯେ ସେ ମଧ୍ୟସ୍ଥତା କରି ଏହି ଯୁଦ୍ଧ ବିରାମ କରାଇଛନ୍ତି, ଯଦିଓ ଉଭୟ ଭାରତ ଓ ପାକିସ୍ତାନର ବିଦେଶ ମନ୍ତ୍ରଣାଳୟ ତରଫରୁ ସ୍ୱଷ୍ଟୀକରଣ ଦିଆଯାଇଥିଲା ଯେ ଉଭୟ ପକ୍ଷଙ୍କ ସହମତି ପରେ ଏହି ଯୁଦ୍ଧ ବିରାମ ହୋଇଥିଲା, କିନ୍ତୁ ଭାରତର ବିରୋଧୀ ଦଳଙ୍କୁ ସରକାରଙ୍କୁ ଘେରିବାକୁ ଆଉ ଏକ ମଉକା ମିଳି ଯାଇଥିଲା । ବାରମ୍ବାର ପ୍ରଶ୍ନ ଉଠୁଥିଲା ଯେ ଯଦି ଭାରତ ପାକିସ୍ତାନ ଉପରେ ଆକ୍ରମଣ କରି ଯୁଦ୍ଧ ଜିତିବା ପରିସ୍ଥିତିରେ ଥିଲା ତା ହେଲେ ଯୁଦ୍ଧ ବିରାମ କରିଲା କାହିଁକି ? ଏଥିରେ ଡୋନାଲଡ୍ ଟ୍ରମ୍ପଙ୍କ ଭୂମିକା କଣ ଥିଲା ? ଏହି ଯୁଦ୍ଧରେ ଭାରତ କେତେଟା ଯୁଦ୍ଧ ଯାହାଜ ହରାଇଲା ? ଏହିଭଳି ଅନେକ ପ୍ରଶ୍ନ ସରକାରଙ୍କୁ ହୋଇଥିଲା । ବାରମ୍ବାର ବିରୋଧୀ ଦଳ ଦାବୀ କରୁଥିଲେ ଯେ ସରକାର ଏହି ବିଷୟରେ ନିଜର ମନ୍ତବ୍ୟ ରଖିବା ପାଇଁ ସଂସଦର ବିଶେଷ ଅଧିବେସନ କରାନ୍ତୁ ।

ବିଗତ ସପ୍ତାହରେ ଏହି ବିଷୟରେ ଚର୍ଚ୍ଚା କରିବାପାଇଁ ସଂସଦୀୟ ଅଧିବେସନ ଡକାଗଲା ବେଳେ ବିରୋଧୀ ଦଳ ବିହାରରେ ହେବାକୁ ଥିବା ନିର୍ବାଚନ ବିଷୟରେ ଚର୍ଚ୍ଚା କରିବା ପାଇଁ କହିଲେ । ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେତେବେଳେ ସରକାରଙ୍କ ତରଫରୁ ସ୍ୱଷ୍ଟୀକରଣ ଦିଆଗଲା ଓ ବିରୋଧୀ ଦଳ କୌଣସି ଉପାୟ ପାଇଲେ ନାହିଁ, ସେମାନେ ପ୍ରଧାନମନ୍ତ୍ରୀଙ୍କ ଉପରେ ପୁଣି ଥରେ ଚାପ ପକାଇବାକୁ ଆରମ୍ଭ କରି କହିଲେ, ପ୍ରଧାନମନ୍ତ୍ରୀଙ୍କ ସାହାସ ନାହିଁ, ଯଦି ସେ ପ୍ରକୃତରେ ସାହସୀ ତା ହେଲେ ସେ କୁହନ୍ତୁ ଯେ ଆମେରିକୀୟ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ୍ ମିଛୁଆ । ଏହି ବକ୍ତବ୍ୟକୁ ନେଇ ସଂସଦରେ ଅନେକ ହଟଗୋଳ ହୋଇସାରିଛି । ବାରମ୍ବାର ଭାରତ ସରକାର ତଥା ପ୍ରଧାନମନ୍ତ୍ରୀ ସମେତ ବିଦେଶ ମନ୍ତ୍ରୀମଧ୍ୟ ସ୍ୱଷ୍ଟୀକରଣ ଦେଇ ସାରିଛନ୍ତି ଯେ ପାକିସ୍ତାନର ଅନୁରୋଧ ପରେ ଅପରେସନ ସିନ୍ଦୂରକୁ ଅସ୍ଥାୟୀ ଭାବରେ ବିରାମ ଦିଆଯାଇଛି । ଏବଂ ଏହା ସମ୍ପୂର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବରେ ବନ୍ଦ ହୋଇନାହିଁ । କିନ୍ତୁ ବିରୋଧୀ ଦଳ ଅନ୍ୟ କୌଣସି ମାମଲାରେ ସରକାରଙ୍କୁ ଛନ୍ଦିବାକୁ ଅକ୍ଷମ ହେବା ହେତୁ ଏହି କଥାକୁ ନେଇ ଘେରିବାକୁ ଚେଷ୍ଟା କରୁଛନ୍ତି ।

ଗୋଟିଏ ଦେଶର ରାଷ୍ଟ୍ରପ୍ରମୁଖ ଅନ୍ୟ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ କେବେ ବି ମିଛୁଆ ବୋଲି କହି ପାରିବେ କି? ଏହା ଅସମ୍ଭବ । ପୁଣି ସମସ୍ତେ ଜାଣିଛନ୍ତି ଯେ ଡୋନାଲଡ୍ ଟ୍ରମ୍ପ୍ ଭାରି ଜିଦ୍ଦିଆ ଲୋକ, ଯଦି ଭାରତ ସଂସଦରେ ଟ୍ରମ୍ପଙ୍କୁ ମିଛୁଆ ବୋଲି କୁହାଯାଏ, ତା ହେଲେ ସେ ଭାରତ ଉପରେ ଅଧିକ ଟାରିଫ୍ ଲଗାଇ ଦେବେ । ଏବଂ ଏହାପରେ ବିରୋଧୀ ଦଳ ପୁଣିଥରେ ସରକାରଙ୍କୁ ଘେରିବେ ଯେ ସରକାର ଟ୍ରମ୍ପଙ୍କ ସମ୍ମୁଖରେ ହାରିଗଲେ । ତେଣୁ ଯେନତେନ ପ୍ରକାରେଣ ମୋଦୀ ସରକାରଙ୍କୁ ଅସ୍ତବ୍ୟସ୍ତ କରିବାକୁ ଚେଷ୍ଟା କରୁଥିବା ବିରୋଧୀ ଦଳ ଦେଶବ୍ୟାପୀ ସମାଲୋଚନାର ଶରବ୍ୟ ହେଉଥିବା ସତ୍ତ୍ୱେ ନିଜର ଜିଦରୁ ଅଚଳ ହେବାର ନାଁ ନେଉନାହାନ୍ତି ।

ତେଣେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ୍ ମଧ୍ୟ ଭାରତ ଉପରେ ପଚିଶି ପ୍ରତିଶତ ଟାରିଫ୍ ଲଗାଇଛନ୍ତି ଯାହା ଅଗଷ୍ଟ ମାସ ଏକ ତାରିଖରୁ ଲାଗୁ ହେବ ବୋଲି ଶୁଣାଯାଉଛି । ଏହା ପୂର୍ବରୁ ଆମେରିକା ଭାରତରେ କିଛି ବାଣିଜ୍ୟ ଚୁକ୍ତି କରିବାକୁ ବାଧ୍ୟ କରୁଥିବା ବେଳେ ସାଂପ୍ରତିକ ସମୟରେ ମୋଦୀ ସରକାର ସେହି ପ୍ରକାର ବାଣିଜ୍ୟିକ ଚୁକ୍ତିକୁ ଅମାନ୍ୟ କରିଦେଇଥିଲେ ଯାହା ପରେ ଟ୍ରମ୍ପ୍ କ୍ରୋଧିତ ହୋଇ ଏହି ଟାରିଫ୍ ଲଗାଇଛନ୍ତି ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି । ଟ୍ରମ୍ପ୍ ନିଜ ନିଷ୍ପତ୍ତି ବିଷୟରେ ସୋସିଆଲ୍ ନେଟୱର୍କିଂ ସାଇଟ୍ ଏକ୍ସରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ସେଥିରେ ଏହା ସ୍ପଷ୍ଟ ଭାବରେ ଜଣା ପଡୁଛି ଯେ ଭାରତ କୌଣସି ପ୍ରକାର ଚାପର ଶରବ୍ୟ ନ ହେବା ହେତୁ ଭାରତ ଉପରେ ଟାରିଫ୍ ଲଗା ଯାଉଛି । ଏଥିରୁ ଭାରତର ବର୍ତ୍ତମାନ ସମୟରେ ପ୍ରତିପତ୍ତି କିଭଳି ରହିଛି ତାହା ସ୍ପଷ୍ଟ ଭାବରେ ଜଣା ପଡୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟ୍ରମ୍ପ ନିଜ ମନ୍ତବ୍ୟରେ କହିଛନ୍ତି ଯେ ଭାରତର ଅର୍ଥନୀତି ନିମ୍ନଗାମୀ ଓ ମୃତପ୍ରାୟ । ଏହାକୁ ମଧ୍ୟ ଗ୍ରହଣ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୋଦୀ ସରକାରଙ୍କୁ ନିନ୍ଦା କରିଛନ୍ତି । ସେ ମନ୍ତବ୍ୟ ଦେଇଛନ୍ତି ଯେ ଟ୍ରମ୍ପ୍ ଦେଇଥିବା ବୟାନ ହିଁ ସତ । ଯଦିଓ ଯଦି ଅର୍ଥନୀତି ଅଭିବୃଦ୍ଧି ହାର ଦେଖାଯାଏ ତା ହେଲେ ବିଗତ ଅନେକ ବର୍ଷରୁ ଭାରତ ହିଁ ଶୀର୍ଷରେ ରହି ଆସିଛି ଏବଂ ଚଳିତ ବର୍ଷ ମଧ୍ୟ ଏହା ଉଚ୍ଚରେ ଅଛି । ତେଣୁ ଟ୍ରମ୍ପଙ୍କ ବୟାନକୁ ଅସ୍ତ୍ର କରି ସରକାର ତଥା ଦେଶ ବିରୋଧରେ ମନ୍ତବ୍ୟ ଦେବା ବିରୋଧୀ ଦଳଙ୍କ ଏକମାତ୍ର ଉପାୟ ହୋଇ ସାରିଛି । ଦେଖାଯାଏ ଆମେରିକାର ଟାରିଫ୍ ବିରୋଧରେ ଭାରତ କେଉଁ ପ୍ରକାରର ରଣନୀତି ବା କୂଟନୀତି ପ୍ରୟୋଗ କରୁଛି ।

ସମଗ୍ର ବିଶ୍ୱରେ ଭାରତ ବର୍ଦ୍ଧନଶୀଳ ପ୍ରତିପତ୍ତିକୁ ଦେଖି ଭାରତକୁ ଦବାଇ ରଖିବାର ପ୍ରଚେଷ୍ଟା ଆମେରିକା କରୁଥିବା କଥା ସମସ୍ତେ ଜାଣି ସାରିଲେଣି । ଋଷ ସହାୟତାରେ ଭାରତ ତୈଳ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରୁଥିବା ହେତୁ ଆମେରିକା ପାଇଁ ଏହା ପସନ୍ଦଯୋଗ୍ୟ ହେଉନାହିଁ । ତେଣେ ବିଶ୍ୱସ୍ତରରେ ଡଲାରର ଆଧିପତ୍ୟକୁ ମଧ୍ୟ ଭାରତର ଉନ୍ନତ ମୁଦ୍ରାର ବିନିମୟ ସ୍ୱୀକାର୍ଯ୍ୟ ହେଉନାହିଁ । ସମଗ୍ର ଦକ୍ଷିଣପୂର୍ବ ଏସିଆର ଦେଶମାନଙ୍କରେ ଭାରତୀୟ ମୁଦ୍ରାର ପ୍ରଚଳନ ଡଲାରର ଆଧିପତ୍ୟକୁ ବିପଦରେ ପକାଇ ଦେଇଛି । ତେଣୁ ଆମେରିକା ଯେକୌଣସି ଉପାୟରେ ମଧ୍ୟ ଭାରତକୁ ହରାଇବାକୁ ଚେଷ୍ଟା କରୁଛି ।

ଗତ ଦିନରେ ଆମେରିକା ଓ ପାକିସ୍ତାନ ମଧ୍ୟରେ ଅଶୋଧିତ ତୈଳ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି, କୁହାଯାଉଛି ଯେ ଆମେରିକା କାଳେ ପାକିସ୍ତାନକୁ ସ୍ୱଳ୍ପ ଦରରେ ପେଟ୍ରୋଲିୟମ୍ ତେଲ ଯୋଗାଇବ ଏବଂ ଏହା ଏତେ ମାତ୍ରାରେ ହେବ ଯେ ଭବିଷ୍ୟତରେ ଭାରତ କାଳେ ପାକିସ୍ତାନ ଠାରୁ ମଧ୍ୟ ତେଲ କ୍ରୟ କରିପାରେ । ଭବିଷ୍ୟତରେ କଣ ହେବ ବା ନ ହେବ ତାହା ବର୍ତ୍ତମାନ କହିବା ଅସମ୍ଭବ । କିନ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତର ବିରୋଧୀ ଦଳ ଯେ ଭାରତର ଦ୍ରୁତ ଅଭିବୃଦ୍ଧିକୁ ଦେଖି ବିଚଳିତ ଏହା ଆମେ ସ୍ପଷ୍ଟ ଭାବରେ ଦେଖି ପାରୁଛୁ ଓ ଜାଣି ପାରୁଛୁ । ନିଜ ଦେଶକୁ ଅପମାନିତ କରିବା ପାଇଁ ଯେଉଁ ରାଜନୈତିକ ଦଳ ଆନନ୍ଦ ଅନୁଭବ କରୁଛନ୍ତି ତାଙ୍କୁ ଭାରତର ଜନ ସାଧାରଣ ହାଡ଼େ ହାଡ଼େ ଚିହ୍ନି ରଖିବା ଉଚିତ ।

ଓଡ଼ିଶାରେ ମଧ୍ୟ ରାଜନୈତିକ ହଲଚଲ ବହୁତ ମାତ୍ରାରେ ଦେଖିବାକୁ ମିଳିଛି । ବିଗତ ମାସରେ ବାଲେଶ୍ୱର ସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହା ବିଦ୍ୟାଳୟରେ ଜଣେ ଛାତ୍ରୀ ଶିକ୍ଷକଙ୍କ ପ୍ରତାଡନା ସହ୍ୟ ନ କରିପାରି ନିଜ ଦେହରେ ପେଟ୍ରୋଲ୍ ଢାଳି ହୋଇ ଆତ୍ମଦାହ କରିବାକୁ ଚେଷ୍ଟା କରିଥିଲେ ଏବଂ ଦୁର୍ଭାଗ୍ୟଜନକ ଭାବରେ ସେ ଏଥିରେ ସଫଳ ବି ହୋଇଥିଲେ । ଏହାପରେ ଏହି ଘଟଣାକୁ ନେଇ ଅନେକ ପ୍ରକାରର ଖବର ସବୁ ସୋସିଆଲ୍ ମିଡ଼ିଆରେ ଆସିବାକୁ ଲାଗିଲା ।

କୁହାଯାଉଛି ଯେ କାଳେ ସଂପୃକ୍ତ ଶିକ୍ଷକ ଛାତ୍ରୀ ଜଣଙ୍କୁ ଅଶାଳୀନ ବ୍ୟବହାର କରୁଥିଲେ ଏବଂ ସେଥିପାଇଁ ସେ ଅନୁଷ୍ଠାନର ପ୍ରମୁଖ ତଥା ରାଜ୍ୟ ସରକାରଙ୍କୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନ ନିଆଯିବା ପରେ ନିଜ ଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିଲେ । ହେଲେ ଏହି ଘଟଣାରେ ସଂପୃକ୍ତ ଛାତ୍ରୀଙ୍କୁ ଶୀଘ୍ର ବଞ୍ଚାଇବାକୁ ପ୍ରଚେଷ୍ଟା କରାଯିବା ସତ୍ତ୍ୱେ ଶରୀରର ନବେ ଭାଗ ଜଳି ଯାଇଥିଲା ଏବଂ ଚିକିତ୍ସା ପାଇଁ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱରରେ ପହଞ୍ଚାଇବା ସତ୍ତ୍ୱେ ସେ ବଞ୍ଚିଲେ ନାହିଁ ।

ଏହି ଘଟଣା ସମଗ୍ର ରାଜ୍ୟକୁ ଚିନ୍ତା ଓ କ୍ରୋଧରେ ପକାଇଥିଲା । ଏହି କାଣ୍ଡରେ ସଂପୃକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇଥିଲା । ତଥାପି ବିରୋଧୀଦଳ ରାଜ୍ୟବ୍ୟାପୀ ବନ୍ଦର ଆହ୍ୱାନ ଦେଇଥିଲେ ଏବଂ ଏହା କିଛି ଅଂଶରେ ସଫଳ ବି ହୋଇଥିଲା । ଉଭୟ ବିଜୁ ଜନତା ଦଳ ଓ କଂଗ୍ରେସର ମିଳିତ ଉଦ୍ୟମରେ ଏହି ବନ୍ଦକୁ ସଫଳ କରାଯାଇଥିଲା ।

ଦୁର୍ଭାଗ୍ୟର ବିଷୟ ଏହି ଘଟଣା ଘଟିବାର କିଛି ଦିନ ପରେ ହିଁ ବଳଙ୍ଗାରେ ଜଣେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଝିଅକୁ ତିନିଜଣ ଦୁର୍ବୃତ୍ତ କିରୋସିନି ପକାଇ ନିଆଁ ଲଗାଇ ଦେଇଥିଲେ ବୋଲି ଅଭିଯୋଗ ଆସିଥିଲା । ଝିଅଟି ବର୍ତ୍ତମାନ ଚିକିତ୍ସାଧୀନ ଥିବା ବେଳେ ଏହି ଘଟଣା ମଧ୍ୟ ରାଜ୍ୟକୁ ଦୋହଲାଇ ଦେଇଥିଲା । ଅବଶ୍ୟ ତଦନ୍ତ କରୁଥିବା ଅଧିକାରୀ ବର୍ତ୍ତମାନ ସୁଦ୍ଧା କୌଣସି ଦୁର୍ବୃତ୍ତର ଉପସ୍ଥିତିକୁ ପ୍ରମାଣ କରି ପାରିନାହାନ୍ତି । ନିକଟରେ ଥିବା ସିସିଟିଭି କ୍ୟାମେରାରେ ମଧ୍ୟ ସେହିଭଳି କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଦେଖିବାକୁ ମିଳିନାହିଁ । ତେବେ ଘଟଣାଟି ବର୍ତ୍ତମାନ ତଦନ୍ତ ଅଧୀନରେ ଥିବା ହେତୁ ଏହା ବିଷୟରେ କିଛି ମତ ଦେବା ଉଚିତ ହେବ ନାହିଁ । ହେଲେ ଏହି ସବୁ ଘଟଣା ଭିତରେ ଗୋଟିଏ ନୁଆ ମାମଲା ଆସିଥିଲା ।

କଂଗ୍ରେସ ଦଳର ରାଜ୍ୟ ଯୁବ ବିଭାଗର ପ୍ରମୁଖଙ୍କ ବିରୋଧରେ ଶାରୀରିକ ନିର୍ଯ୍ୟାତନାର ଅଭିଯୋଗ ଆସିଥିଲା । ଜଣେ ମହିଳା ଦାବୀ କରି କହିଥିଲେ ଯେ ଅଭିଯୁକ୍ତ ତାଙ୍କୁ ଗୋଟିଏ ହୋଟେଲକୁ ନିମନ୍ତ୍ରଣ କରି ନେଇଥିବା ବେଳେ ସେଠାରେ ସେ ମୃଦୁପାନୀୟରେ ନିଶା ମିଶାଇ ତାଙ୍କୁ ଅଚେତ କରିବା ପରେ ତାଙ୍କ ସହ ଅଶାଳୀନ ବ୍ୟବହାର କରିଛନ୍ତି । ମାତ୍ର ଦୁଇଦିନ ପୂର୍ବରୁ ଯେଉଁ ନେତାମାନେ ଓଡ଼ିଶାରେ ମହିଳା ଅସୁରକ୍ଷିତ କହି ଓଡ଼ିଶା ବନ୍ଦ କରାଇଥିଲେ ସେହି ନେତାଜଣକ ବର୍ତ୍ତମାନ ଖୋଦ୍ ମହିଳା ନିର୍ଯ୍ୟାତନା ପାଇଁ ଅଭିଯୁକ୍ତ ହୋଇ ଗିରଫ ହୋଇଥିଲେ । ଅବଶ୍ୟ ତାଙ୍କୁ ବଞ୍ଚାଇବା ପାଇଁ ସେହି ମହିଳା ଜଣଙ୍କର ଚରିତ୍ରହରଣ କରିବାର ଅପଚେଷ୍ଟା ମଧ୍ୟ କରାଯାଇଥିଲା । କେହି କେହି ସୋସିଆଲ୍ ମିଡ଼ିଆରେ ସଂପୃକ୍ତ ମହିଳାଙ୍କୁ ଦୋଷୀ ବୋଲି ମଧ୍ୟ କହୁଥିବା ଶୁଣାଯାଇଥିଲା । ସେ ଯା ହେଉ ବିଗତ ମାସକରେ ଓଡ଼ିଶାରେ ଅନ୍ୟୁନ ଚାରିଗୋଟି ହାଇ-ପ୍ରୋଫାଇଲ୍ ଯୌନ ନିର୍ଯ୍ୟାତନା ମାମଲା ପରେ ଲୋକମାନେ ମୋହନ ମାଝୀ ସରକାରଙ୍କୁ ଦୋଷ ଦେବା ଆରମ୍ଭ କରିଦେଇଛନ୍ତି ।

ଭାଜପା ମଧ୍ୟ ପୁରୁଣା ମାମଲାକୁ ଉଠେଇ ବିଗତ ବର୍ଷମାନଙ୍କରେ ଓଡ଼ିଶାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିବା ଅନେକ ମହିଳା ନିର୍ଯାତନା ଓ ଯୌନ ଅପରାଧ କାହାଣୀକୁ ପ୍ରସାର କରିବାକୁ କୌଣସି ସୁଯୋଗ ଛାଡ଼ିନଥିଲା । ଶୁଣାଯାଉଛି ଯେ କାଳେ ମୋହନ ମାଝୀଙ୍କ ସରକାର ବିଫଳ ହୋଇ ସାରିଛି । କିଛି ଆଖି ଦୃଶିଆ ଉନ୍ନତି ରାଜ୍ୟର ହେଉନଥିବା ବେଳେ କିନ୍ତୁ ଅପରାଧ ବୃଦ୍ଧି ପାଇବାକୁ ଲାଗିଛି । ବୁଦ୍ଧିଜୀବିମାନଙ୍କ ମତରେ କାଳେ ଏ ସବୁ ପଛରେ ଖୋଦ୍ ଭାଜପାର ହିଁ କିଛି ପ୍ରମୁଖ ଚେହେରା ରହିଛନ୍ତି ଯେଉଁମାନେ ମୋହନ ମାଝୀଙ୍କୁ ପଦଚ୍ୟୁତ କରିବାକୁ ଚେଷ୍ଟା କରୁଛନ୍ତି । ଯାହା ବି ହେଉ, ଶାନ୍ତ ଓଡ଼ିଶାର ପରିବେଶ ପୁଣିଥରେ ଦୁଷିତ ହେବାର ଦେଖିବାକୁ ମିଳୁଛି ।

ଚଳିତ ଜୁଲାଇ ମାସର ଶେଷାର୍ଦ୍ଧ ବେଳକୁ ଏକ ଭୟଙ୍କର ଖବର ବିଶ୍ୱକୁ ମର୍ମାହତ କରିଛି । ଋଷରେ ଏକ ଭୟଙ୍କର ଭୂମିକମ୍ପ ଆସିଛି ଯାହା ବର୍ଷ ୨୦୧୧ ପରେ ସବୁଠାରୁ ଅଧିକ ବିପଦ୍‌ଜନକ ଏବଂ ଭୟଙ୍କର ବୋଲି କୁହାଯାଉଛି । ଏହା ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥିବା ବେଳେ ଋଷକୁ ଏହା ଦୋହଲାଇ ଦେଇଛି ଏବଂ ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ବିଶ୍ୱର ଅନେକ ଦେଶରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଏହା ଫଳରେ ଜାପାନରେ ପୁଣିଥରେ ବିଶାଳ ସୁନାମୀ ଲହଡ଼ି ଆସି ବ୍ୟାପକ କ୍ଷୟକ୍ଷତି କରିବାର ସମ୍ଭାବନାକୁ ଆଖି ଆଗରେ ରଖି ପାଖାପାଖି ନବେ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାର ପ୍ରଭାବ ଏସିଆ ମହାଦେଶ ସମେତ ସୁଦୂର ଆମେରିକାରେ ମଧ୍ୟ ଅନୁଭୂତ ହୋଇଛି । ଏହିଭଳି କୌଣସି ଘଟଣା ଚଳିତ ବର୍ଷ ହୋଇପାରେ ବୋଲି ଓଡ଼ିଆ ପଞ୍ଜିକାରେ ଆଗରୁ ଭବିଷ୍ୟବାଣୀ ହୋଇ ସାରିଥିଲା ।

ସେହିଭଳି ବୈଜ୍ଞାନିକମାନେ କହିଛନ୍ତି ଯେ ଏକ ବିଶାଳ ବସ୍ତୁ (୩ଆଇ/ଆଟ୍‌ଲାସ୍) ବର୍ତ୍ତମାନ ପୃଥିବୀ ଆଡ଼କୁ ଅଗ୍ରସର ହେଉଛି । କିଛି ବୈଜ୍ଞାନିକଙ୍କ ମତ ଏହା ଏକ ବିଶାଳ ଉଡ଼ନ୍ତା ପୋତ ବା ଜାହାଜ ହୋଇପାରେ । ଆମେରିକାର ବିଶାଳ ସହର ମାନହାଟନ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମାନ ଆକାରର ଏହି କଠିନ ପଦାର୍ଥଟି ସମ୍ଭବତଃ ଏକ ପରଗ୍ରହୀ ଯାନ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି । ଏହା ବର୍ତ୍ତମାନ ପୃଥିବୀ ଦିଗରେ ୧.୩ ଲକ୍ଷ ମାଇଲ ପ୍ରତିଘଣ୍ଟା ବେଗରେ ଅଗ୍ରସର ହେଉଛି । ଏହା ଯଦି ପୃଥିବୀର ବାୟୁମଣ୍ଡଳକୁ ଭେଦିପାରେ, ତାହେଲେ ଏହା ଦ୍ୱାରା ପୃଥିବୀର ଅନେକ ସ୍ଥାନରେ ବହୁତ କ୍ଷୟକ୍ଷତି ହୋଇପାରେ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି । ପୃଥିବୀ ବିଷୟରେ ଅନେକ ଭବିଷ୍ୟବାଣୀ କରିଥିବା ବୁଲଗାରିଆ ଦେଶର ମହିୟସୀ ମହିଳା ବାବା ଭଙ୍ଗାଙ୍କ ମତରେ ବର୍ଷ ୨୦୨୫ ବେଳକୁ ପୃଥିବୀ ଉପରେ ଅନ୍ୟ ଗ୍ରହରୁ ପ୍ରାଣୀ ମାନଙ୍କ ଆଗମନ ହୋଇ ପାରେ ଏବଂ ସେମାନଙ୍କ ସହ ପୃଥିବୀବାସୀଙ୍କ ସଂପର୍କ ହୋଇପାରେ । ତା ହେଲେ କଣ ଏହି ସେହି ଭବିଷ୍ୟବାଣୀ ସତ ହେବାର ସଙ୍କେତ କି ? ଏହା ଅନେକ ପ୍ରଶ୍ନ ସୃଷ୍ଟି କରୁଛି ।

ଅନେକ ଦଶନ୍ଧିରୁ ଆମେ ଅନ୍ୟଗ୍ରହରୁ ଆସୁଥିବା ପ୍ରାଣୀ ବା ଏଲିୟନ୍ ମାନଙ୍କ ବିଷୟରେ ପଢ଼ି ଓ ଶୁଣି ଆସୁଛୁ । ଅନେକ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହିଭଳି କୌଣସି ଘଟଣାର ପ୍ରମାଣ ଆମକୁ ଅଦ୍ୟାବଧି ମିଳିପାରିନାହିଁ । ବିଶେଷତଃ ଆମେରିକା ଉପଦ୍ୱୀପରେ ଲୋକମାନଙ୍କର ଉଡ଼ନ୍ତା ଥାଳିଆ, ଅନ୍ୟଗ୍ରହର ପ୍ରାଣୀ ଆଦିମାନଙ୍କ ବିଷୟରେ ରୁଚି ଅଧିକ ଏବଂ ଅନେକ ଘଟଣା ମଧ୍ୟ ପ୍ରଚଳିତ ରହିଛି । ଏଥିପାଇଁ ଆମେରିକାରେ ନେଭାଡ଼ା ମରୁଭୂମି ଅଞ୍ଚଳରେ ସ୍ଥାପିତ ଏରିଆ ୫୧ ମଧ୍ୟ ସବୁବେଳେ ଖବରରେ ରହି ଆସିଛି । ବର୍ଷ ୧୯୪୭ ବେଳକୁ ଆମେରିକାର ରସୱେଲ୍ ନାମକ ସ୍ଥାନରେ ଏକ ଉଡ଼ନ୍ତା ଥାଳିଆ ଦୁର୍ଘଟଣା ଘଟିଥିବା କଥା ଶୁଣିବାକୁ ମିଳେ । ଏହାପରେ ପରେ ସେହି ସ୍ଥାନ ଏକ ପର୍ଯ୍ୟଟନ ସ୍ଥଳୀରେ ପରିବର୍ତ୍ତନ ହୋଇ ସାରିଛି । ହାଭାର୍ଡ୍ ବିଶ୍ୱବିଦ୍ୟାଳୟରେ ହେଉଥିବା ଅନୁସନ୍ଧାନରୁ ଜଣା ପଡୁଛି ଯେ ଏହି ପଦାର୍ଥଟି ପ୍ରାକୃତିକ ନ ହୋଇ ବରଂ କୌଣସି ପ୍ରକାରର ପରଗ୍ରହୀ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ଏକ ଯୁଦ୍ଧ ପୋତ ହୋଇପାରେ, ଯାହା ସମ୍ଭବତଃ ନଭେମ୍ବର ମାସ ସୁଦ୍ଧା ପୃଥିବୀ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକ୍ରମଣ କରି ପାରେ । କାରଣ ଏହି ପଦାର୍ଥର ଗତି, ଗତିପଥ ଓ ବେଗ ସବୁକିଛି ସାଧାରଣ ଭାବରେ ଦେଖାଯାଉଥିବା ଉଲକାପିଣ୍ଡ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଜଣା ପଡୁଛି ଏବଂ ଏତେ ତୀବ୍ର ବେଗରେ କୌଣସି ଉଲକାପିଣ୍ଡ ଗତି କରେନାହିଁ ବୋଲି ଜଣାପଡିଛି ।

କିଛି ବୈଜ୍ଞାନିକଙ୍କ ମତରେ ଏହି ପଦାର୍ଥ ତୀବ୍ର ବେଗରେ ଗତିକରି ସମ୍ଭବତଃ ସୂର୍ଯ୍ୟ ଆଡ଼କୁ ଯାଇପାରେ ଏବଂ ଏହି ସମୟରେ ପୃଥିବୀ ନିକଟବର୍ତ୍ତୀ ହେଉଥିବା ବେଳେ ଏହା ଅଦୃଶ୍ୟ ମଧ୍ୟ ହୋଇପାରେ । କୁହାଯାଉଛି ଯେ ପରଗ୍ରହୀ ଜ୍ଞାନକୌଶଳରେ ସମୃଦ୍ଧ ଏହି ଯାନରୁ ଅଦୃଶ୍ୟ ତରଙ୍ଗ ପୃଥିବୀ ଉପରକୁ ପଠାଇ ତଥ୍ୟ ସଂଗ୍ରହ କରିବାର ଉପାୟ କରାଯାଇ ପାରେ, ତେଣୁ ଏହାକୁ ନେଇ ଗମ୍ଭୀରତା ଦେଖାଇବାର ଆବଶ୍ୟକତା ଦେଖା ଦେଇଛି । ହୁଏତ ଅସମ୍ଭବ ଲାଗିପାରେ କିନ୍ତୁ ଏହା ଭବିଷ୍ୟତରେ ପୃଥିବୀକୁ ଅକ୍ତିଆର କରିବାର କୌଣସି ରଣକୌଶଳର ଅଂଶ ହୋଇପାରେ ବୋଲି ମଧ୍ୟ ବୈଜ୍ଞାନିକମାନେ ମତ ଦେଉଛନ୍ତି ।

କର୍ଣ୍ଣାଟକ ହାଇକୋର୍ଟ ବଳାତ୍କାର ଏବଂ ଯୌନ ନିର୍ଯାତନା ମାମଲାରେ ପୂର୍ବତନ ଜନତା ଦଳ (ଏସ) ଏମ୍‌ପି ପ୍ରଜ୍ୱଳ ରେଭାନ୍ନାଙ୍କୁ ଏକ ବଡ଼ ଝଟକା ଦେଇଛନ୍ତି । ରେଭାନ୍ନାଙ୍କୁ ସେକ୍ସ ଟେପ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି ।

ରେଭାନାଙ୍କ ବିରୋଧରେ ଯୌନ ନିର୍ଯାତନାର ଅନେକ ମାମଲା ରୁଜୁ ହୋଇଛି । ଏହା ସହିତ, ସେ ଅନେକ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ତାଙ୍କ ବିରୋଧରେ ଅଭିଯୋଗ ଯୋଗୁ, ଜେଡିଏସ ତାଙ୍କୁ ଦଳରୁ ନିଲମ୍ବିତ ମଧ୍ୟ କରିଛି । ପ୍ରଜ୍ୱଳ ରେଭାନା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବେଗୌଡ଼ାଙ୍କ ନାତି ।

ରେଭାନ୍ନାଙ୍କ ବିରୋଧରେ ମୋଟ ୪ଟି ମାମଲା ରୁଜୁ ହୋଇଛି, ଯେଉଁଥିରୁ ତାଙ୍କୁ କେବଳ ଗୋଟିଏ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ଆଗାମୀ ଦିନରେ ସେହି ମାମଲାରେ କୋର୍ଟ ତାଙ୍କ ରାୟ ଦେଇପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରେଭାନ୍ନାଙ୍କ ଘରେ କାମ କରୁଥିବା ଜଣେ ମହିଳା ତାଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ । ଏହା ବ୍ୟତୀତ ବେଙ୍ଗାଲୁରୁର ସାର୍ବଜନୀନ ସ୍ଥାନରେ ଅନେକ ପେନ ଡ୍ରାଇଭ ମିଳିଥିଲା । ଦାବି କରାଯାଇଥିଲା ଯେ, ପେନ ଡ୍ରାଇଭରେ ୩ ହଜାରରୁ ୫ ହଜାର ଭିଡିଓ ଅଛି, ଯେଉଁଥିରେ ରେଭାନ୍ନା ମହିଳାଙ୍କୁ ଯୌନ ନିର୍ଯାତନା ଦେଉଥିବାର ଦେଖାଯାଇଛି । ଭିଡିଓ ଗୁଡ଼ିକରେ ମହିଳାମାନଙ୍କ ମୁହଁ ମଧ୍ୟ ଝାପ୍ସା ହୋଇନାହିଁ ।

ଏହି ମାମଲା ସାମ୍ନାକୁ ଆସିବା ପରଠାରୁ ରାଜ୍ୟବ୍ୟାପୀ ଉତ୍ତେଜନା ପ୍ରକାଶ ପାଇଥିଲା । ମାମଲା ବଢୁଥିବା ଦେଖି ତଦନ୍ତ ପାଇଁ ବିଶେଷ ତଦନ୍ତ ଟ୍ରିବ୍ୟୁନାଲ୍ ଗଠନ କରାଯାଇଥିଲା । ତଦନ୍ତ ପରେ ପ୍ରଜ୍ୱଳଙ୍କ ବିରୋଧରେ ବଳାତ୍କାର, ବ୍ଲାକମେଲିଂ ଏବଂ ଧମକ ଦେବା ଭଳି ୩ଟି ମାମଲା ରୁଜୁ ହୋଇଥିଲା । ମହିଳାଙ୍କୁ ବଳାତ୍କାର କରିବା ପରେ ରେବନ୍ନା ସରକାରୀ ଚାକିରି ପ୍ରଦାନ କରୁଥିଲେ ।

ପ୍ରଜ୍ୱଳ ରେବନ୍ନା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ ଡି ଦେବଗୌଡ଼ାଙ୍କ ନାତି । ପ୍ରଜ୍ୱଳଙ୍କ ଜେଜେବାପା ପ୍ରଧାନମନ୍ତ୍ରୀ, କାକା ମୁଖ୍ୟମନ୍ତ୍ରୀ ଏବଂ ପିତା ମନ୍ତ୍ରୀ ରହିସାରିଛନ୍ତି । ସେ ପ୍ରାୟ ୧୦ ବର୍ଷ ଧରି ଜେଡିଏସ ରାଜନୀତି କରୁଥିଲେ । ରେବନ୍ନା ୨୦୧୯ରେ ହାସନରୁ ଲୋକସଭା ନିର୍ବାଚନ ମଧ୍ୟ ଜିତିଥିଲେ । କିନ୍ତୁ ୨୦୨୪ ନିର୍ବାଚନରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା ।

୨୦୨୪ ଲୋକସଭା ନିର୍ବାଚନ ସମୟରେ ରେବନ୍ନାଙ୍କ ସେକ୍ସ ଟେପ କଥା ସାମ୍ନାକୁ ଆସିଥିଲା । ୨୬ ଏପ୍ରିଲରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହୋଇଥିଲା । ଏହା ପରେ, କର୍ଣ୍ଣାଟକ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ନାଗଲକ୍ଷ୍ମୀ ଚୌଧୁରୀ ତଦନ୍ତ ଦାବି କରିଥିଲେ ଏବଂ କଂଗ୍ରେସ ସରକାରଙ୍କୁ ଏକ ଚିଠି ଲେଖିଥିଲେ, ଯାହା ପରେ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଲେଗାଓଁ ବିସ୍ଫୋରଣ ମାମଲାରେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି । କୋର୍ଟ ଏହି ମାମଲାରେ ପ୍ରଜ୍ଞା ଠାକୁର ଏବଂ କର୍ଣ୍ଣେଲ ପୁରୋହିତଙ୍କ ସମେତ ସମସ୍ତ ସାତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅନେକ ବିରୋଧୀ ନେତା କୋର୍ଟର ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି । ଏହି ସମୟରେ ଏକ ବଡ଼ କଥା ସାମ୍ନାକୁ ଆସିଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।

ସୂଚନାଯୋଗ୍ୟ, ଏହି ମାମଲାର ମୋଟ ୩୯ ଜଣ ସାକ୍ଷୀଙ୍କ ମଧ୍ୟରୁ ଜଣେ ଏପରି ଖୁଲାସା କରିଛନ୍ତି ଯାହା ଆଶ୍ଚର୍ଯ୍ୟଜନକ । ଏହି ସାକ୍ଷୀମାନଙ୍କ ମଧ୍ୟରୁ ଜଣେ କହିଛନ୍ତି ଯେ ଯୋଗୀ ଆଦିତ୍ୟନାଥ ଏବଂ ଆରଏସଏସ ଏବଂ ଦକ୍ଷିଣପନ୍ଥୀ ସଂଗଠନର ଅନେକ ଲୋକଙ୍କୁ ଫସାଇବା ପାଇଁ ତାଙ୍କ ଉପରେ ଚାପ ପକାଯାଇଥିଲା ।

ମାଲେଗାଓଁ ବିସ୍ଫୋରଣ ମାମଲାରେ ସରକାରୀ ସାକ୍ଷୀ ଥିବା ମିଲିନ୍ଦ ଯୋଶୀ କୋର୍ଟକୁ କହିଥିଲେ ଯେ ଯୋଗୀ ଆଦିତ୍ୟନାଥ ଏବଂ ଆରଏସଏସର ନାମ ନେବାକୁ ତାଙ୍କ ଉପରେ ଚାପ ପକାଉଥିଲେ । ଏଥିପାଇଁ ତାଙ୍କୁ ଅନେକ ଦିନ ପାଇଁ ହେପାଜତରେ ରଖାଯାଇଥିଲା ।

ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସେତେବେଳେ ମଧ୍ୟ ହିନ୍ଦୁତ୍ୱର ଫାୟାରବ୍ରାଣ୍ଡ ଚେହେରା ଥିଲେ । ସାକ୍ଷୀଙ୍କ ଅନୁଯାୟୀ, ମାଲେଗାଓଁ ବିସ୍ଫୋରଣ ମାମଲାରେ ଯୋଗୀ ଆଦିତ୍ୟନାଥ ଏବଂ ମୋହନ ଭାଗବତଙ୍କୁ ଫସାଇବା ପାଇଁ ଚେଷ୍ଟା କରାଯାଉଥିଲା । ଏହି ସମୟରେ, ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିବା ମେହବୁବ ମୁଜାୱର କହିଛନ୍ତି ଯେ ମାମଲାକୁ ଏପରି ଭାବରେ ଉପସ୍ଥାପନ କରାଯାଇଥିଲା ଯେପରି ଭଗ୍ନ ଆତଙ୍କବାଦର କାହାଣୀ ପ୍ରତିଷ୍ଠିତ ହୋଇପାରିବ ।

ରିପୋର୍ଟ ଅନୁସାରେ, ମେହବୁବ ମୁଜାୱର କହିଛନ୍ତି ଯେ ତତ୍କାଳୀନ ସରକାରଙ୍କ ଲକ୍ଷ୍ୟ ହିନ୍ଦୁତ୍ୱର ରାଜନୀତିକୁ ଶେଷ କରିବା ଥିଲା । ଏହି ମାମଲାରେ, ସରକାରୀ ସାକ୍ଷୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଲିନ୍ଦ ଯୋଶୀଙ୍କ ଉପରେ ଏହି ମାମଲାରେ ଅସୀମାନନ୍ଦ ଏବଂ ଯୋଗୀ ଆଦିତ୍ୟନାଥଙ୍କ ନାମ ନେବା ପାଇଁ ଚାପ ପଡ଼ିଥିଲା । ଏଥିପାଇଁ, ତଦନ୍ତକାରୀ ଅଧିକାରୀମାନେ ତାଙ୍କୁ ନିର୍ଯାତନା ମଧ୍ୟ ଦେଇଥିଲା ।

ବର୍ତ୍ତମାନ ସମୟରେ ସୋସିଆଲ୍ ମିଡ଼ିଆରେ ବହୁଳ ଭାବରେ ଲୋକପ୍ରିୟତା ପାଇଥିବା ଏବଂ ତାଙ୍କର ଅନେକ ପ୍ରବଚନ ପ୍ରସାରିତ ହେଉଥିବା ବୃନ୍ଦାବନର ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ହତ୍ୟା ଧମକ ଦିଆଯାଇଛି । ଯୁବକ ଜଣକ ସୋସିଆଲ ମିଡିଆ ଫେସବୁକରେ ପୋଷ୍ଟ କରି ତାଙ୍କୁ ଧମକ ଦେଇଥିଲେ, ଏହି ପୋଷ୍ଟ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି । ଅଭିଯୁକ୍ତ ଜଣକ କହିଛନ୍ତି ଯେ 'ଯଦି ସେ ମୋ ଘର ବିଷୟରେ କଥା ହୋଇଥାନ୍ତେ, ମୁଁ ତାଙ୍କର ଗଳା କାଟି ଦେଇଥାନ୍ତି ।'

ପ୍ରକୃତରେ, ସନ୍ଥ ପ୍ରେମାନନ୍ଦ ମହାରାଜ ସମ୍ପ୍ରତି ମହିଳାଙ୍କ ବିଷୟରେ ଦେଇଥିବା ଏକ ବୟାନ ପାଇଁ ଖବରରେ ଅଛନ୍ତି । ଯେଉଁଥିରେ ସେ ଯୁବକମାନଙ୍କୁ ଏକ ମର୍ଯ୍ୟାଦାବନ୍ତ ଏବଂ ନୈତିକ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ । ସେହି ସମୟରେ, ସେ ସମାଜରେ ବଢୁଥିବା ପ୍ରେମିକା-ପ୍ରେମିକ ସଂସ୍କୃତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ ଏବଂ ଏହାକୁ ସମାଜ ପାଇଁ କ୍ଷତିକାରକ ବୋଲି କହିଥିଲେ, ଯାହା ପରେ ତାଙ୍କ ବୟାନକୁ ନେଇ ବିବାଦ ସୃଷ୍ଟି ହୋଇଛି ।

ପ୍ରେମାନନ୍ଦ ଜୀ ମହାରାଜଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି, ଯାହା ପରେ ଏହାକୁ ନେଇ ଅନେକ ପ୍ରକାରର ପ୍ରତିକ୍ରିୟା ଆସୁଛି । ଏହି ଭିଡିଓ ସମ୍ପର୍କରେ, ଅଭିଯୁକ୍ତ ଯୁବକ ସନ୍ଥଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି । ଅଭିଯୁକ୍ତ ଯୁବକ କହିଛନ୍ତି ଯେ 'ପ୍ରେମାନନ୍ଦ ମହାରାଜ ଯାହା କହିଛନ୍ତି ତାହା ସମଗ୍ର ସମାଜ ବିଷୟରେ, ଯଦି ସେ ମୋ ଘର ବିଷୟରେ କଥା ହୋଇଥାନ୍ତେ, ମୁଁ ତାଙ୍କର ଗଳା କାଟି ଦେଇଥାନ୍ତି ।'

ପ୍ରେମାନନ୍ଦ ମହାରାଜଙ୍କୁ ଧମକ ପ୍ରକାଶ ପାଇବା ପରେ, ହିନ୍ଦୁ ସଂଗଠନ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ଥମାନଙ୍କ ମଧ୍ୟରେ ପ୍ରବଳ କ୍ରୋଧ ପ୍ରକାଶ ପାଇଛି । ଶ୍ରୀକୃଷ୍ଣ ଜନ୍ମଭୂମି ସଂଘର୍ଷ ନ୍ୟାସର ସଭାପତି ଦିନେଶ ଫାଲାରି ବାବା କହିଛନ୍ତି ଯେ ଯଦି କେହି ପ୍ରେମାନନ୍ଦ ବାବାଙ୍କ ଆଡ଼କୁ ଆଖି ଉଠାଇବେ, ତେବେ ଆମେ ଏହାକୁ ସହ୍ୟ କରିବୁ ନାହିଁ ।

ଦିନେଶ ଫାଲାରି ବାବା କହିଛନ୍ତି ଯେ ଆମେ ଯେକୌଣସି ଅପରାଧୀର ଗୁଳି ଆମ ଛାତିରେ ନେବାକୁ ପ୍ରସ୍ତୁତ । ସେ ଦାବି କରିଛନ୍ତି ଯେ ସରକାର ଏପରି ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ମହନ୍ତ ରାମଦାସ ଜୀ କହିଛନ୍ତି ଯେ ଗାଇ, ଝିଅ ଏବଂ ସାଧୁମାନଙ୍କୁ ସୁରକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରେମାନନ୍ଦ ବାବାଙ୍କ ବିରୁଦ୍ଧରେ ଏପରି ମନ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କୁ ସାଧୁ ସମ୍ପ୍ରଦାୟ ଛାଡ଼ିବ ନାହିଁ ।

ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ପ୍ରସାଦ ଯାଦବ ଶନିବାର (୦୨ ଅଗଷ୍ଟ, ୨୦୨୫) ଦାବି କରିଛନ୍ତି ଯେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରେ ତାଙ୍କ ନାମ ନାହିଁ । ପାଟନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରିବା ସମୟରେ, ରାଜଦ ନେତା କହିଛନ୍ତି, 'ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସମୟରେ ମୁଁ ଫର୍ମ ପୂରଣ କରିଥିଲି, କିନ୍ତୁ ଡ୍ରାଫ୍ଟ ଭୋଟର ତାଲିକାରେ ମୋର ନାମ ନାହିଁ । ମୁଁ ଆଗାମୀ ବିଧାନସଭା ନିର୍ବାଚନରେ କିପରି ଲଢ଼ିବି ବୋଲି ସେ ପ୍ରଶ୍ନ କରିଛନ୍ତି । ତେଜସ୍ୱୀ ଯାଦବଙ୍କ ଏହି ଦାବି ଉପରେ ନିର୍ବାଚନ କମିଶନଙ୍କ ପ୍ରତିକ୍ରିୟା ମଧ୍ୟ ସାମ୍ନାକୁ ଆସିଛି ।

ତେଜସ୍ୱୀ ଯାଦବଙ୍କ ଦାବି ଉପରେ ନିର୍ବାଚନ କମିସନ୍ କହିଛି, 'ଆମ ନଜରକୁ ଆସିଛି ଯେ ତେଜସ୍ୱୀ ଯାଦବ ଦାବି କରିଛନ୍ତି ଯେ ତାଙ୍କ ନାମ ଡ୍ରାଫ୍ଟ ଭୋଟର ତାଲିକାରେ ନାହିଁ । ଡ୍ରାଫ୍ଟ ଭୋଟର ତାଲିକାରେ ତାଙ୍କ ନାମ ୪୧୬ତମ ସ୍ଥାନରେ ରେକର୍ଡ କରାଯାଇଛି । ତେଣୁ, ଡ୍ରାଫ୍ଟ ଭୋଟର ତାଲିକାରେ ତାଙ୍କ ନାମ ଅନ୍ତର୍ଭୁକ୍ତ ନଥିବା ଦାବି ମିଥ୍ୟା ଏବଂ ତଥ୍ୟଗତ ଭାବରେ ଭୁଲ ।'

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଜସ୍ୱୀ ଯାଦବ ତାଙ୍କ ମୋବାଇଲରେ EPIC ନମ୍ବର ଦେଇ ନିର୍ବାଚନ କମିଶନଙ୍କ ଆବେଦନ ଯାଞ୍ଚ କରିଥିଲେ ଏବଂ କହିଥିଲେ ଯେ ମୋର ନାମ ଭୋଟର ତାଲିକାରେ ନାହିଁ । ସେ ଏହାର ଭିଡିଓ ମଧ୍ୟ ସାମ୍ବାଦିକମାନଙ୍କୁ ଦେଖାଇଥିଲେ । ତେଜସ୍ୱୀ କହିଥିଲେ ଯେ ନିର୍ବାଚନ ଲଢ଼ିବା ପାଇଁ ଆପଣଙ୍କୁ ବିହାରର ଭୋଟର ହେବା ଉଚିତ, ତେବେ ହିଁ ଆପଣ ନିର୍ବାଚନ ଲଢ଼ିପାରିବେ ।

ସେପ୍ଟେମ୍ବର ୧, ୨୦୨୫ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ବିହାରରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହେବ । ବର୍ତ୍ତମାନ ନିର୍ବାଚନ କମିଶନଙ୍କ ୱେବସାଇଟରେ ପ୍ରକାଶିତ ଭୋଟର ତାଲିକା ଚୂଡ଼ାନ୍ତ ନୁହେଁ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ପୂର୍ବରୁ ଆଶ୍ୱାସନା ଦେଇଛନ୍ତି ଯେ ଅଗଷ୍ଟ ୧ ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ସଂଶୋଧିତ ଭୋଟର ତାଲିକା ଉପରେ ଦାବି ଏବଂ ଆପତ୍ତି ଦେବାକୁ ବିହାରର ସମସ୍ତ ଭୋଟର ଏବଂ ରାଜନୈତିକ ଦଳକୁ ନିମନ୍ତ୍ରଣ କରାଯିବ । ଯଦି ତେଜସ୍ୱୀ ଯାଦବଙ୍କ ନାମ ପ୍ରକୃତରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ, ତେବେ ତାଙ୍କୁ ସଂଶୋଧନ କରିବା ପାଇଁ ଦୁଇ ମାସ ସମୟ ମଧ୍ୟ ମିଳିବ ।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (JMM)ର ପ୍ରତିଷ୍ଠାତା ତଥା ପୂର୍ବତନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ସୋମବାର ସକାଳେ ଦେହାନ୍ତ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପୁଅ ହେମନ୍ତ ସୋରେନ କହିଛନ୍ତି, ଗୁରୁଜୀ ଆମ ସମସ୍ତଙ୍କୁ ଛାଡ଼ି ଚାଲିଯାଇଛନ୍ତି ।

ସୋରେନଙ୍କ ଆଜି ସକାଳ ୮:୪୮ରେ ଦେହାନ୍ତ ହୋଇଥିଲା । ତାଙ୍କୁ ଗଙ୍ଗାରାମ ହସ୍ପିଟାଲର ନେଫ୍ରୋଲୋଜି ବିଭାଗରେ ଜୁନ ୨୪ ତାରିଖରେ ଭର୍ତ୍ତି କରାଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କର କିଡନୀ ସମ୍ବନ୍ଧୀୟ ସମସ୍ୟା ଥିଲା ।

ଭାରତ-ଚାଇନା ଉତ୍ତେଜନା ଉପରେ ଦେଇଥିବା ମନ୍ତବ୍ୟ ପାଇଁ ସୁପ୍ରିମକୋର୍ଟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭର୍ତ୍ସନା କରିଛନ୍ତି । ରାହୁଲ ୨୦୨୨ ଭାରତ ଜୋଡୋ ଯାତ୍ରା ସମୟରେ ଏହି ବିବାଦୀୟ ବୟାନ ଦେଇଥିଲେ । ଏହି ସମ୍ବନ୍ଧୀୟ ମାମଲାକୁ ରଦ୍ଦ କରିବାକୁ ଆସିଥିବା ରାହୁଲଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ । ତଥାପି, ସୁପ୍ରିମକୋର୍ଟ ବର୍ତ୍ତମାନ ଲକ୍ଷ୍ନୌରେ ଚାଲିଥିବା ମାମଲା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ।

ବିଚାରପତି ଦୀପଙ୍କର ଦତ୍ତା ଏବଂ ବିଚାରପତି ଅଗଷ୍ଟିନ ଜର୍ଜ ମାସିହଙ୍କ ଖଣ୍ଡପୀଠ କହିଛନ୍ତି, 'ଆପଣ କିପରି ଜାଣିଲେ ଯେ ଚାଇନା ଭାରତର ୨୦୦୦ବର୍ଗ କିଲୋମିଟର ଭୂମି ଦଖଲ କରିଛି ? ଆପଣ ସେଠାରେ ଥିଲେ କି ? ଆପଣଙ୍କ ପାଖରେ କ'ଣ ପ୍ରମାଣ ଥିଲା ? ଯଦି ଆପଣ ଜଣେ ପ୍ରକୃତ ଭାରତୀୟ, ତେବେ ଆପଣ ଏପରି କହିପାରିବେ ନାହିଁ । ଯେତେବେଳେ ସୀମାରେ ସଂଘର୍ଷର ପରିସ୍ଥିତି ସୃଷ୍ଟି ହୁଏ, ତେବେ ଉଭୟ ପକ୍ଷର ସେନା କ୍ଷତି ସହିବା ଅସ୍ୱାଭାବିକ ନୁହେଁ ।'

୧୬ ଡିସେମ୍ବର ୨୦୨୨ରେ, ଭାରତ ଯୋଡୋ ଯାତ୍ରା ସମୟରେ, ରାହୁଲ ଗାନ୍ଧୀ ଭାରତ-ଚାଇନା ବିବାଦ ଉପରେ ମନ୍ତବ୍ୟ ଦେଇଥିଲେ । ରାହୁଲ ଏକ ଭାଷଣରେ କହିଥିଲେ ଯେ ଚାଇନା ସୈନିକମାନେ ଭାରତୀୟ ସୈନିକଙ୍କୁ ମାରୁଛନ୍ତି । ଏହି ବୟାନକୁ ଆଧାର କରି, ବର୍ଡର ରୋଡ ଅର୍ଗାନାଇଜେସନର ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଲକ୍ଷ୍ନୌରେ ରାହୁଲଙ୍କ ବିରୋଧରେ ଏକ ଫୌଜଦାରୀ ମାନହାନି ମାମଲା ଦାୟର କରିଥିଲେ ।

ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକଙ୍କ ମଙ୍ଗଳବାର ଦିନ ୭୯ ବର୍ଷ ବୟସରେ ପରଲୋକ ଘଟିଛି । ସେ ନୂଆଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ଶେଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଶ୍ୱାସ ତ୍ୟାଗ କରିଛନ୍ତି ।

୧୯୪୬ ଜୁଲାଇ ୨୪ରେ ଉତ୍ତରପ୍ରଦେଶର ବାଗପତରେ ଜନ୍ମଗ୍ରହଣ କରିଥିବା ମଲିକ ୨୦୧୮-୨୦୧୯ ମସିହାରେ ଜମ୍ମୁ-କାଶ୍ମୀର, ୨୦୧୯-୨୦୨୦ରେ ଗୋଆ ଏବଂ ୨୦୨୦-୨୦୨୨ ପର୍ଯ୍ୟନ୍ତ ମେଘାଳୟର ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ଜମ୍ମୁ-କାଶ୍ମୀର ରାଜ୍ୟପାଳ କାର୍ଯ୍ୟକାଳରେ ଅନୁଚ୍ଛେଦ ୩୭୦ ରଦ୍ଦ ହୋଇଥିଲା । ଏହା ସହ ସେ ୨୦୧୯ ପୁଲଓ୍ୱାମା ଆକ୍ରମଣ ସମୟରେ ଗୁଇନ୍ଦା ବିଫଳତା ଓ ସୁରକ୍ଷା ତ୍ରୁଟି ନେଇ ଗମ୍ଭୀର ଅଭିଯୋଗ ଉଠାଇଥିଲେ ।

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ମଙ୍ଗଳବାର ବାଦଲଫଟା ବର୍ଷା ଯୋଗୁ ପ୍ରଳୟଙ୍କରୀ ବନ୍ୟା ଆସିଛି । ବନ୍ୟାରେ ବହୁ ଘର, ହୋଟେଲ ସମେତ କ୍ଷୀରଗଙ୍ଗା ଉପତ୍ୟକାର ଧରାଲି ଗ୍ରାମ ସମ୍ପୂର୍ଣ୍ଣ ଭାସିଯାଇଛି । ଉକ୍ତ ଗାଁ ହର୍ସିଲ ସ୍ଥିତ ସେନା କ୍ୟାମ୍ପଠାରୁ ମାତ୍ର ୪ କି.ମି. ଦୂରରେ ଅବସ୍ଥିତ । ବନ୍ୟାରେ ଅନେକଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି । ଗଙ୍ଗୋତ୍ରୀ ଧାମକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି ।

ଲୋକଙ୍କ କହିବା ଅନୁଯାୟୀ, ହଠାତ୍ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବହୁ ଘର ପାଣିରେ ବୁଡ଼ି ରହିଥିବାବେଳେ ଅନେକ ଭାସିଯାଇଛି । ଭୟରେ ଲୋକେ ଘରଦ୍ୱାର ଛାଡ଼ି ଦୌଡ଼ିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି । କ୍ଷୀରଗଙ୍ଗା ନଦୀ ଅବବାହିକାରେ ଅତି ପ୍ରବଳ ବର୍ଷା ହେବା ଫଳରେ ଗାଁ ଉପରକୁ ପ୍ରବଳ ଉଚ୍ଚରେ ପାଣି ଓ ପଥର ଖଣ୍ଡ ମାଡ଼ିଆସିଥିଲା । ପର୍ବତାଞ୍ଚଳ ଦେଇ ପାଣିର ପ୍ରଖର ସ୍ରୋତ ମାଡ଼ି ଆସିବାରୁ ୨୫ ହୋଟେଲ୍ ଓ ହୋମ୍‌ଷ୍ଟେ ଧ୍ୱଂସ ହୋଇଥିବା ବେଳେ ମାଟି ଓ ପଥର ଖଣ୍ଡ ତଳେ ଅନେକେ ରହିଯାଇଥିବା ଆଶଙ୍କା କରାଯାଉଛି ।

ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବାବେଳେ ଏଥିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଜିଲା ପ୍ରଶାସନ ସମେତ ଅନ୍ୟାନ୍ୟ ଟିମ୍ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ବରିଷ୍ଠ ଅଧିକାରୀମାନଙ୍କ ସହ ଯୋଗାଯୋଗରେ ରହି ସ୍ଥିତି ଉପରେ ଦୃଷ୍ଟି ରଖିଛନ୍ତି । ଭାରତୀୟ ସେନା ଇବେକ୍ସ ବ୍ରିଗେଡ୍ ସୈନ୍ୟମାନେ ବିପର୍ଯ୍ୟୟସ୍ଥଳରେ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି । ଇଣ୍ଡୋ-ତିବେତାନ ବର୍ଡର ପୋଲିସର ଏକ ୧୬ ଜଣିଆ ଟିମ୍ ଧରାଲିରେ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଅନ୍ୟ ୨ଟି ଟିମ୍ ଖୁବ୍‌ଶୀଘ୍ର ପହଞ୍ଚିବେ ବୋଲି ଜଣାପଡ଼ିଛି । ସନ୍ଧ୍ୟା ସୁଦ୍ଧା ଅନ୍ୟୁନ ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମୁଖ୍ୟମନ୍ତ୍ରୀ ଧାମିକୁ ସମସ୍ତ ସହାୟତା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି ।

ଧରାଲି ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି । ସେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସବୁ ପ୍ରକାର ସହାୟତା କରିବାକୁ କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ମୂଲ୍ୟବାନ ଜୀବନ ବଞ୍ଚାଇବା ଦିଗରେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ।

ହର୍ସିଲ ଅଞ୍ଚଳକୁ ବନ୍ୟା ମାଡ଼ିବାରୁ ସେଠାରେ ଥିବା ସେନା ଘାଟି କ୍ଷତିଗ୍ରସ୍ତ ହେବା ସହ ଅନ୍ୟୁନ ୧୦ ଯବାନ ନିଖୋଜ ହୋଇଛନ୍ତି । ସେମାନେ ସେନା କ୍ୟାମ୍ପ୍‌ରେ ଅବସ୍ଥାନ କରୁଥିଲେ । ଅନ୍ୟ ଯବାନମାନେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଥିବାବେଳେ ବାୟୁସେନା ହେଲିକପ୍ଟରଗୁଡ଼ିକ ଚଣ୍ଡିଗଡ଼ ଏୟାରବେସ୍‌ରେ ଷ୍ଟାଣ୍ଡବାଏ ରହିଛି ।

ଜର୍ମାନୀରେ ବାହାଘର ଆଉ ଦିଲ୍ଲୀରେ ଦେଲେ ରିସେପ୍ସନ । ନିଜ ବାହାଘରକୁ ନେଇ ଚର୍ଚ୍ଚାରେ ଥିବା ଯୋଡି ପିନାକୀ ମିଶ୍ର ଓ ମହୁଆ ମୋଇତ୍ରା ମଙ୍ଗଳବାର ରାତିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଲ୍ଲୀର ଏକ ତାରକା ହୋଟେଲରେ ତାଙ୍କ ରିସେପ୍ସନ ଭୋଜି ଦେଇଛନ୍ତି । ଏହି ଉତ୍ସବରେ ଦେଶର ବହୁ ବିଶିଷ୍ଟ ରାଜନୈତିକ ବ୍ୟକ୍ତିଙ୍କ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

ଜର୍ମାନୀରେ ଲୁଚାଛପାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଏହି ଚର୍ଚ୍ଚିତ ଯୋଡ଼ି ଦିଲ୍ଲୀରେ ଏକ ଭବ୍ୟ ରିସେପସନ ଆୟୋଜନ କରିଥିଲେ । ଏହି ଅବସରରେ ମହୁଆ ମୋଇତ୍ର ଏକ ଲାଲ୍ ଶାଢ଼ୀ ଓ ପିନାକୀ ମିଶ୍ର ଧୋତି-ପଞ୍ଜାବୀରେ ଦେଖା ଦେଇଥିଲେ । ଏହି ରିସେପସନରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ସମାଜବାଦୀ ପାର୍ଟି ନେତା ଅଖିଲେଶ ଯାଦବ, ଟିଏମସି ନେତ୍ରୀ ସାୟନୀ ଘୋଷ, ରଚନା ବାନାର୍ଜୀ ଏବଂ ଜୁନ ମାଲିଆ, ବିଜେଡି ଏମପି ସୁଲତା ଦେଓଙ୍କ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଏମପିମାନେ ଉପସ୍ଥିତ ଥିଲେ ।

ଏହି ରିସେପ୍ସନର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ପୂର୍ବରୁ ମହୁଆ ଏବଂ ପିନାକୀଙ୍କ ଜର୍ମାନୀରେ ହୋଇଥିବା ବିବାହ ଏକ ଚର୍ଚ୍ଚାର ବିଷୟ ହୋଇଥିଲା । ମହୁଆ ମୋଇତ୍ର, ଯିଏ ପଶ୍ଚିମବଙ୍ଗର କୃଷ୍ଣନଗର ଆସନରୁ ଦୁଇଥର ଏମପି ହୋଇଛନ୍ତି, ସେ ପୂର୍ବରୁ ଡେନମାର୍କର ବ୍ୟବସାୟୀ ଲାର୍ସ ବ୍ରୋରସେନଙ୍କୁ ବିବାହ କରିଥିଲେ ଏବଂ ପରେ ଛାଡ଼ପତ୍ର ହୋଇଥିଲା । ଅନ୍ୟପକ୍ଷରେ, ପିନାକୀ ମିଶ୍ର, ଯିଏ ପୁରୀରୁ ଚାରିଥର ଏମପି ହୋଇଛନ୍ତି ଏବଂ ସୁପ୍ରିମକୋର୍ଟରେ ଜଣେ ବରିଷ୍ଠ ଓକିଲ ଭାବେ ପରିଚିତ, ତାଙ୍କର ପ୍ରଥମ ବିବାହ ସଙ୍ଗୀତା ମିଶ୍ରଙ୍କ ସହିତ ହୋଇଥିଲା ।

୬୫ ବର୍ଷୀୟ ପିନାକୀ ମିଶ୍ରଙ୍କ ଏହା ଦ୍ୱିତୀୟ ବିବାହ । ପୂର୍ବରୁ ସେ ସଙ୍ଗୀତା ମିଶ୍ରଙ୍କୁ ବିବାହ କରିଥିଲେ । ତାଙ୍କର ଜଣେ ପୁଅ ଓ ଝିଅ ଅଛନ୍ତି । ପିନାକୀ ତାଙ୍କର ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେଇଥିଲେ । ପିନାକୀଙ୍କର ରାଜନୈତିକ ଯାତ୍ରା କଂଗ୍ରେସରୁ ଆରମ୍ଭ ହୋଇଥିଲା । ୧୯୯୬ରେ ସେ ପ୍ରଥମ ଥର ପାଇଁ କଂଗ୍ରେସ ଟିକେଟ୍‌ରୁ ଲୋକ ସଭାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ବିଜେଡିରେ ଯୋଗଦେଇ ତିନି ଥର ପୁରୀରୁ ଲୋକସଭାକୁ ପ୍ରତିନିଧିତ୍ୱ କରିଥିଲେ । ୨୦୨୪ ନିର୍ବାଚନରେ ସେ ଲଢ଼ି ନଥିଲେ । ତାହା ପରଠାରୁ ରାଜ୍ୟ ରାଜନୀତିରେ ସେ ସକ୍ରିୟ ନାହାନ୍ତି ।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର (୭ ଅଗଷ୍ଟ) ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମୟରେ ସେ ଭାରତୀୟ ଜନତା ପାର୍ଟି(ଭାଜପା) ଉପରେ ଭୋଟ ଚୋରିର ଅଭିଯୋଗ ଆଣିଥିଲେ । ରାହୁଲ ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ମଧ୍ୟ ଗମ୍ଭୀର ଅଭିଯୋଗ ଆଣିଥିଲେ । ନିର୍ବାଚନ କମିଶନ ଏହି ମାମଲାରେ କଠୋର ମନୋଭାବ ଗ୍ରହଣ କରିଛନ୍ତି । ଏହା କହିଛି ଯେ ଯଦି ରାହୁଲଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ, ତେବେ ତାଙ୍କୁ କ୍ଷମା ମାଗିବାକୁ ପଡିବ ।

ରାହୁଲଙ୍କ ଅଭିଯୋଗର ଜବାବରେ ନିର୍ବାଚନ କମିଶନ କହିଛନ୍ତି ଯେ ଯଦି ରାହୁଲ ସତ୍ୟ କହୁଛନ୍ତି, ତେବେ ତାଙ୍କୁ ପ୍ରମାଣ ଉପସ୍ଥାପନ କରିବା ଉଚିତ ଏବଂ ଘୋଷଣାପତ୍ରରେ ମଧ୍ୟ ଦସ୍ତଖତ କରିବା ଉଚିତ । କମିଶନ ରାହୁଲଙ୍କୁ ଚେତାବନୀ ଦେଇଥିଲେ ଯେ ଯଦି ଅଭିଯୋଗ ଭୁଲ ପ୍ରମାଣିତ ହୁଏ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ । ଏବେ ଶୁକ୍ରବାର (୮ ଅଗଷ୍ଟ) ରାହୁଲଙ୍କ ମାମଲାରେ ପୁଣି ଥରେ ନିର୍ବାଚନ କମିଶନ ପ୍ରତିକ୍ରିୟା ଦେଇଛନ୍ତି ।

ସୂତ୍ର ଅନୁସାରେ, କମିଶନ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି –

ଯଦି ରାହୁଲ ଗାନ୍ଧୀ ତାଙ୍କ ବିଶ୍ଳେଷଣରେ ବିଶ୍ୱାସ କରନ୍ତି ଏବଂ ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ତାଙ୍କ ଅଭିଯୋଗ ସଠିକ ବୋଲି ବିଶ୍ୱାସ କରନ୍ତି, ତେବେ ତାଙ୍କୁ ଘୋଷଣାପତ୍ରରେ ଦସ୍ତଖତ କରିବାରେ କୌଣସି ଅସୁବିଧା ହେବା ଉଚିତ ନୁହେଁ ।

ଯଦି ରାହୁଲ ଗାନ୍ଧୀ ଘୋଷଣାପତ୍ରରେ ଦସ୍ତଖତ ନକରନ୍ତି, ତେବେ ଏହାର ଅର୍ଥ ହେବ ଯେ ସେ ତାଙ୍କ ବିଶ୍ଳେଷଣ ଏବଂ ଏଥିରୁ ବାହାର କରାଯାଇଥିବା ନିଷ୍କର୍ଷ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବାନ୍ତର ଅଭିଯୋଗରେ ବିଶ୍ୱାସ କରନ୍ତି ନାହିଁ । ଏପରି ପରିସ୍ଥିତିରେ, ତାଙ୍କୁ ଦେଶ ନିକଟରେ କ୍ଷମା ମାଗିବା ଉଚିତ ।

ତେଣୁ, ତାଙ୍କ ପାଖରେ ଦୁଇଟି ବିକଳ୍ପ ଅଛି: ଇସ୍ତାହାରରେ ସ୍ୱାକ୍ଷର କରନ୍ତୁ କିମ୍ବା ନିର୍ବାଚନ କମିଶନଙ୍କ ବିରୋଧରେ ଅବାନ୍ତର ଅଭିଯୋଗ ପାଇଁ ଦେଶ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ।

ରାହୁଲ ଗାନ୍ଧୀ କହିଥିଲେ ଯେ ଆମେ ମହାରାଷ୍ଟ୍ର ନିର୍ବାଚନରେ ଜାଲିଆତି ହେବାର ଭୟ କରୁଛୁ । ସେ କର୍ଣ୍ଣାଟକର ମଧ୍ୟ ଉଲ୍ଲେଖ କରିଥିଲେ । ରାହୁଲ କହିଥିଲେ, ଆମେ କର୍ନାଟକରେ ଏକ ବଡ଼ ଅନିୟମିତତା ଚିହ୍ନଟ କରିଛୁ । ଜଣେ ବ୍ୟକ୍ତି ଚାରୋଟି ସ୍ଥାନରେ ଭୋଟ ଦେଉଛନ୍ତି । ସେ ଅନ୍ୟ ରାଜ୍ୟକୁ ମଧ୍ୟ ଯାଉଛନ୍ତି ଏବଂ ଭୋଟ ଦେଉଛନ୍ତି । ପ୍ରଥମ ଥର ପାଇଁ ଭୋଟର, ଯାହାଙ୍କ ବୟସ ୧୮-୨୦ ବର୍ଷ ହେବା ଉଚିତ, ସେମାନଙ୍କ ବୟସ ବହୁତ ଅଧିକ ବୋଲି ଜଣାପଡିଛି । କିଛି ସ୍ଥାନରେ ଠିକଣା ନାମରେ କିଛି ନାହିଁ । ଠିକଣା ନମ୍ବର ମଧ୍ୟ ଜିରୋ ଅଟେ ।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଆଣିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାରମ୍ବାର ଦାବି ପରେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏକ ବଡ଼ ଦାବି କରିଛନ୍ତି । ରୁବିଓ ଦାବି କରିଛନ୍ତି, ଯେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା, ସେତେବେଳେ ଆମେରିକା ସିଧାସଳଖ ଏଥିରେ ସାମିଲ ଥିଲା । ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ପଡ଼ୋଶୀଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ ।

ଟ୍ରମ୍ପ ମେ ୧୦ ତାରିଖରୁ ବାରମ୍ବାର ତାଙ୍କର ଦାବିକୁ ଦୋହରାଇଛନ୍ତି, ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶେଷ କରିବାରେ ସାହାଯ୍ୟ କରିଥିଲେ ଏବଂ ଉଭୟ ଦେଶକୁ କହିଥିଲେ, ଯଦି ସେମାନେ ସଂଘର୍ଷ ବନ୍ଦ କରନ୍ତି, ତେବେ ଆମେରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ସହିତ ବହୁତ ବାଣିଜ୍ୟ କରିବ । କିନ୍ତୁ ଭାରତ ଲଗାତାର କହି ଆସୁଛି ଯେ, ଉଭୟ ସେନାର ସାମରିକ ଅଭିଯାନ ମହାନିର୍ଦ୍ଦେଶକ (DGMO)ଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପରେ ପାକିସ୍ତାନ ସହିତ ସାମରିକ ମୁକାବିଲା ସମାପ୍ତ କରିବାର ଚୁକ୍ତି ହୋଇଛି ।

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ EWTNର 'ଦି ୱାଲର୍ଡ ଓଭର' କାର୍ଯ୍ୟକ୍ରମ ପାଇଁ ଏକ ସାକ୍ଷାତକାରରେ କହିଥିଲେ, ଟ୍ରମ୍ପ ଶାନ୍ତି ପ୍ରତି ପ୍ରତିବଦ୍ଧ ଏବଂ ସେ 'ଶାନ୍ତିର ରାଷ୍ଟ୍ରପତି' । ଏହି କାରଣରୁ ଯେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିଲା, ଆମେ ଏଥିରେ ସିଧାସଳଖ ସାମିଲ ହୋଇଥିଲୁ ଏବଂ ରାଷ୍ଟ୍ରପତି ଟ୍ରମ୍ପ ଶାନ୍ତି ସ୍ଥାପନ କରିପାରିଥିଲେ ।

ମାର୍କୋ ରୁବିଓ କାମ୍ବୋଡିଆ-ଥାଇଲାଣ୍ଡ, ଆଜରବାଇଜାନ-ଆମେରିଆ, ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ ଏବଂ ରୱାଣ୍ଡା ମଧ୍ୟରେ ସଂଘର୍ଷ ସମେତ ଅନ୍ୟାନ୍ୟ ସଂଘର୍ଷର କଥା ମଧ୍ୟ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ, ଟ୍ରମ୍ପ ସେଗୁଡ଼ିକୁ ସମାଧାନ କରିବାରେ ମଧ୍ୟ ସାହାଯ୍ୟ କରିଥିଲେ । ସେ ଏହି ପଦକ୍ଷେପଗୁଡ଼ିକ ପାଇଁ ଗର୍ବିତ । ଆମେ ଯୁଦ୍ଧକୁ ରୋକିବା ଏବଂ ସମାପ୍ତ କରିବା ପାଇଁ ବହୁତ ସମୟ ଉତ୍ସର୍ଗ କରୁ ।

ମହାରାଷ୍ଟ୍ରର ମୁମ୍ବାଇରେ ଜଣେ ୮୦ ବର୍ଷୀୟ ବ୍ୟକ୍ତି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍‌ରେ ଜଣେ ଅଜଣା ମହିଳାଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରି ୨ ବର୍ଷ ମଧ୍ୟରେ ୮.୭ କୋଟି ଟଙ୍କା ଠକେଇର ସମ୍ମୁଖୀନ ହୋଇଛନ୍ତି । ଜଣେ ବ୍ୟକ୍ତି ନିଜକୁ ୪ ଭିନ୍ନ ମହିଳାଙ୍କ ପରିଚୟ ଦେଇ ୭୩୪ ଥର ଅନ୍‌ଲାଇନ ଟଙ୍କା ନେଣଦେଣ ମାଧ୍ୟମରେ ବୃଦ୍ଧ ବ୍ୟକ୍ତିଙ୍କୁ ୮.୭ କୋଟି ଟଙ୍କା ଠକିଛନ୍ତି ।

ଗତ ଏପ୍ରିଲ ୨୦୨୩ରେ ଶାର୍‌ଭି ନାମ୍ନୀ ଜଣେ ଅଜଣା ମହିଳାଙ୍କୁ ବୃଦ୍ଧ ବ୍ୟକ୍ତି ଜଣଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେସ୍‌ବୁକ୍‌ରେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ । ଶାର୍ଭି ପ୍ରଥମେ ବୃଦ୍ଧ ବ୍ୟକ୍ତିଙ୍କ ବନ୍ଧୁତା ନିବେଦନକୁ ଅସ୍ୱୀକାର କରିଥିଲେ ।

ତେବେ କିଛିଦିନ ପରେ ସେ ବୃଦ୍ଧ ବ୍ୟକ୍ତିଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ, ଯାହାକୁ ବୃଦ୍ଧ ଜଣକ ଗ୍ରହଣ କରିନେଇଥିଲେ । ଏହାପରେ ଉଭୟେ ପ୍ରଥମେ ଫେସ୍‌ବୁକ ଓ ପରେ ହ୍ୱାଟ୍‌ସଆପ୍‌ରେ ଚାଟିଂ କରିବା ଆରମ୍ଭ କରିଥିଲେ । ସେ ନିଜ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଛନ୍ତି ଏବଂ ନିଜ ପିଲାଙ୍କ ସହ ଏକା ରହୁଥିବା ନେଇ ଶାର୍ଭି ବୃଦ୍ଧ ଜଣଙ୍କୁ କହିଥିଲେ । ଧୀରେ ଧୀରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା କହି ସେ ବୃଦ୍ଧ ବ୍ୟକ୍ତିଙ୍କଠାରୁ ଟଙ୍କା ନେବା ଆରମ୍ଭ କରିଥିଲେ । ଏହାର କିଛିଦିନ ପରେ କବିତା ନାମ୍ନୀ ଜଣେ ମହିଳା ହ୍ୱାଟ୍‌ସଆପ୍‌ରେ ବୃଦ୍ଧ ବ୍ୟକ୍ତିଙ୍କୁ ମେସେଜ୍ କରିଥିଲେ । ସେ ଶାର୍ଭିଙ୍କୁ ଜାଣିଛନ୍ତି ଏବଂ ତାଙ୍କ ସହ ବନ୍ଧୁତା କରିବାକୁ ଚାହୁଁଛନ୍ତି ବୋଲି କବିତା ବୃଦ୍ଧ ବ୍ୟକ୍ତିଙ୍କୁ କହିଥିଲେ । ବୃଦ୍ଧ ବ୍ୟକ୍ତିଙ୍କ ବିଶ୍ୱାସ ଏବଂ ସ୍ନେହ ଜିତିବା ପାଇଁ କବିତା ତାଙ୍କୁ ଅଶ୍ଳୀଳ ମେସେଜ୍ ପଠାଉଥିଲେ । ଶାର୍ଭିଙ୍କ ପରି ସେ ମଧ୍ୟ ପିଲାଙ୍କ ଚିକିତ୍ସା ଆଳରେ ବୃଦ୍ଧ ବ୍ୟକ୍ତି ଜଣଙ୍କୁ ଟଙ୍କା ମାଗିବା ଆରମ୍ଭ କରିଦେଇଥିଲେ । ଗତବର୍ଷ ଡିସେମ୍ବରରେ ବୃଦ୍ଧ ବ୍ୟକ୍ତି ଜଣଙ୍କୁ ଦିନାଜ୍ ନାମ୍ନୀ ଜଣେ ମହିଳା ମେସେଜ୍ କରିଥିଲେ । ସେ ନିଜଙ୍କୁ ଶାର୍ଭିଙ୍କ ଭଉଣୀର ପରିଚୟ ଦେଇଥିଲେ । ଶାର୍ଭିଙ୍କ ମୃତ୍ୟୁ ହୋଇଯାଇଛି ଏବଂ ମୃତ୍ୟୁ ପୂର୍ବରୁ ସେ ତାଙ୍କ ହସ୍ପିଟାଲ ବିଲ୍ ବହନ କରିବେ ବୋଲି ଶାର୍ଭୀ କହିଥିବା ନେଇ ଦିନାଜ୍ ବୃଦ୍ଧ ବ୍ୟକ୍ତିଙ୍କୁ କହିଥିଲେ । ଦିନାଜ୍ ଶାର୍ଭି ଏବଂ ବୃଦ୍ଧ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍‌ସଆପ୍ ଚାଟ୍‌ର ସ୍କ୍ରିନ୍‌ସଟ୍ ପଠାଇ ଟଙ୍କା ପୈଠ କରିବାକୁ ବୃଦ୍ଧ ବ୍ୟକ୍ତିଙ୍କୁ ଧମକ ଦେଇଥିଲେ । ଯେତେବେଳେ ବୃଦ୍ଧ ଜଣଙ୍କ ଦିନାଜ୍‌ଙ୍କୁ ଟଙ୍କା ଫେରସ୍ତ ମାଗିଲେ, ସେ ଆତ୍ମହତ୍ୟାର ଧମକ ଦେଇଥିଲେ । ଏହାର କିଛିଦିନ ମଧ୍ୟରେ ଯସ୍ମିନ୍ ନାମ୍ନୀ ଜଣେ ମହିଳା ବୃଦ୍ଧ ବ୍ୟକ୍ତିଙ୍କୁ ମେସେଜ୍ କରିଥିଲେ । ସେ ଦିନାଜ୍‌ଙ୍କ ବାନ୍ଧବୀ ଏବଂ ଅସୁବିଧାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡ଼ିଥିବାରୁ ତାଙ୍କୁ ଟଙ୍କା ଆବଶ୍ୟକ ବୋଲି ଯସ୍ମିନ୍ କହିଥିଲେ । ବୃଦ୍ଧ ଜଣଙ୍କ ତାଙ୍କୁ ମଧ୍ୟ ଟଙ୍କା ଦେଇଥିଲେ ।

ଏପ୍ରିଲରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୨୧ ମାସ ମଧ୍ୟରେ ବୃଦ୍ଧ ଜଣଙ୍କ ୭୩୪ ଥର ଅନ୍‌ଲାଇନ ଟଙ୍କା ଦେଣନେଣ ମାଧ୍ୟମରେ ୪ ମହିଳାଙ୍କୁ ସମୁଦାୟ ୮.୭ କୋଟି ଟଙ୍କା ଦେଇଥିଲେ । ନିଜର ସବୁ ସଞ୍ଚୟ ସରିଯିବା ପରେ ସେ ତାଙ୍କ ବୋହୂଙ୍କଠାରୁ ୨ ଲକ୍ଷ ଟଙ୍କା ଋଣ ନେଇ ଯସ୍ମିନ୍‌ଙ୍କୁ ଦେଇଥିଲେ । ତେବେ ଯସ୍ମିନ୍‌ଙ୍କ ଦାବି ବଢ଼ି ଚାଲିଥିଲା । ଫଳରେ ବୃଦ୍ଧ ବ୍ୟକ୍ତି ଜଣଙ୍କ ନିଜ ପୁଅଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ । ସନ୍ଦେହ ବଢ଼ିବାରୁ ଘଟଣା ସମ୍ପର୍କରେ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ ପଚାରିଥିଲେ । ସେ ଏକ ସାଇବର ଠକେଇର ଶିକାର ହୋଇଥିବା ନେଇ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ କହିଥିଲେ । ନିଜର ସମସ୍ତ ସଞ୍ଚୟ ହରାଇ ସାରିଥିବା ଜାଣି ବୃଦ୍ଧ ବ୍ୟକ୍ତି ଜଣଙ୍କ ଉଦାସରେ ଡିମେନ୍‌ସିଆ ରୋଗରେ ପୀଡ଼ିତ ହୋଇଥିଲେ ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗତ ଜୁଲାଇ ୨୨ରେ ବୃଦ୍ଧ ବ୍ୟକ୍ତି ଓ ତାଙ୍କ ପୁଅଙ୍କ ଅଭିଯୋଗ ଆଧାରରେ ମୁମ୍ବାଇ ସାଇବର କ୍ରାଇମ ପୋଲିସ ଏକ ମାମଲା ରୁଜୁ କରିଛି । ଘଟଣାକୁ ନେଇ ସାଇବର କ୍ରାଇମ ପୋଲିସର ତଦନ୍ତ ଜାରି ରହିଛି ।

ଅପରେଶନ ସିନ୍ଦୂର ସମୟରେ ପାଞ୍ଚଟି ପାକିସ୍ତାନୀ ଲଢୁଆ ବିମାନ ନଷ୍ଟ କରାଯାଇଥିଲା । ଏହା ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ ମାର୍ଶାଲ ଏପି ସିଂହ ବେଙ୍ଗାଲୁରୁରେ ପ୍ରକାଶ କରିଥିଲେ । ସେ କହିଛନ୍ତି ଯେ ପାଞ୍ଚଟି ଲଢୁଆ ବିମାନ ସହିତ ଏକ AWACS (ଏୟାରବର୍ନ ୱାର୍ଣ୍ଣିଂ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ) ମଧ୍ୟ ଖସାଇ ଦିଆଯାଇଛି । ବାୟୁସେନା ମୁଖ୍ୟ ମାର୍ଶାଲ ଏହାର ଶ୍ରେୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ S-400କୁ ଦେଇଛନ୍ତି ।

ସେ କହିଛନ୍ତି ଯେ S-400 ଜାକୋକାବାଦ ଏୟାରବେସରେ ପାକିସ୍ତାନର F-16 ଲଢୁଆ ବିମାନକୁ ଖସାଇ ଦେଇଛି, ଯାହା ସେଠାରେ ପାର୍କିଂ କରାଯାଇଥିଲା । ବିମାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚଳାଚଳ ଇତିହାସରେ ପ୍ରଥମ ଥର ପାଇଁ, ଏକ କ୍ଷେପଣାସ୍ତ୍ର ୩୦୦ କିଲୋମିଟର ଦୂରରେ ଆକାଶରେ ଏକ ବିମାନ (ଶତ୍ରୁ ବିମାନ)କୁ ଖସାଇ ଦେଇଛି ।

ବେଙ୍ଗାଲୁରୁରେ ଆୟୋଜିତ ୧୬ତମ ବାର୍ଷିକ ବାୟୁସେନା ମୁଖ୍ୟ ମାର୍ଶାଲ ଏଲଏମ କାତ୍ରେ ବକ୍ତୃତାରେ ଭାଷଣ ଦେଇ ଏପି ସିଂହ କହିଛନ୍ତି ଯେ ପାକିସ୍ତାନ ବିପକ୍ଷରେ ଏହି ବିଜୟରେ ରୁଷିଆନ S-400 ବାୟୁ ପ୍ରତିରକ୍ଷା ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବାୟୁସେନା ମୁଖ୍ୟ ମାର୍ଶାଲ ଏପି ସିଂହ ବାହାୱଲପୁରରେ ଜୈଶ-ଏ-ମହମ୍ମଦ ମୁଖ୍ୟାଳୟ ଉପରେ ଆକ୍ରମଣର ସାଟେଲାଇଟ ଫଟୋ ଦେଖାଇ କହିଥିଲେ, 'ଏଗୁଡ଼ିକ ପୂର୍ବ ଏବଂ ପରବର୍ତ୍ତୀ ଫଟୋ... ଏଠାରେ ପ୍ରାୟ କୌଣସି ଅବଶେଷ ବାକି ନାହିଁ... ଆଖପାଖର କୋଠାଗୁଡ଼ିକ ପ୍ରାୟ ସମ୍ପୂର୍ଣ୍ଣ ସୁରକ୍ଷିତ । ଆମ ପାଖରେ କେବଳ ସାଟେଲାଇଟ ଫଟୋ ନାହିଁ, ବରଂ ସ୍ଥାନୀୟ ଗଣମାଧ୍ୟମ ମାଧ୍ୟମରେ ଭିତରର ଫଟୋ ମଧ୍ୟ ମିଳିଛି ।' ଅପରେଶନ ସିନ୍ଦୂର ବିଷୟରେ, ବାୟୁସେନା ମୁଖ୍ୟ ବାୟୁସେନା ମୁଖ୍ୟ ମାର୍ଶାଲ ଏପି ସିଂହ କହିଛନ୍ତି, 'ଏହା ଏକ ହାଇଟେକ ଯୁଦ୍ଧ ଥିଲା । ୮୦ ରୁ ୯୦ ଘଣ୍ଟାର ଯୁଦ୍ଧରେ, ଆମେ ଏତେ କ୍ଷତି କରି ପାରିଥିଲୁ ଯେ ସେମାନେ ସ୍ପଷ୍ଟ ଭାବରେ ଅନୁଭବ କରିଥିଲେ ଯେ ଯଦି ସେମାନେ ଏହାକୁ ଜାରି ରଖନ୍ତି, ତେବେ ସେମାନଙ୍କୁ ଏହାର ମୂଲ୍ୟ ଆହୁରି ଅଧିକ ଦେବାକୁ ପଡ଼ିବ, ତେଣୁ ସେମାନେ ଆଗକୁ ଆସି ଆମର ଡିଜିଏମଓଙ୍କୁ ଏକ ବାର୍ତ୍ତା ପଠାଇଲେ ଯେ ସେମାନେ କଥାବାର୍ତ୍ତା କରିବାକୁ ଚାହାଁନ୍ତି । ଆମ ପକ୍ଷରୁ ଏହା ଗ୍ରହଣ କରାଯାଇଥିଲା ।'

ଏଭଳି ସ୍ଥିତିରେ ସଂଘର୍ଷ ଅଧିକ ସମୟ ଜାରି ରହିଲେ କ୍ଷତି ବଢ଼ିବା ଆଶଙ୍କା କରି ପାକିସ୍ତାନୀ ପକ୍ଷ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଥିଲା । ଭାରତୀୟ ସଶସ୍ତ୍ର ବଳକୁ ଯୋଜନା ଓ ଆକ୍ରମଣ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିବାରୁ ଦେଶର ନେତୃତ୍ୱକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି । ବାୟୁସେନା ମୁଖ୍ୟଙ୍କ ମୁହଁରୁ ଏହା ଶୁଣିବା ପରେ କାର୍ଯ୍ୟକ୍ରମରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପସ୍ଥିତ ଏୟାରଫୋର୍ସ ଅଧିକାରୀ, ଭେଟେରାନ୍‌ଙ୍କ ସହ ସରକାରୀ ଅଧିକାରୀମାନେ ଉଲ୍ଲସିତ ହୋଇଯାଇଥିଲେ । ଅନ୍ୟପକ୍ଷେ ଭାରତ ପାକିସ୍ତାନର କେଉଁ ଧରଣର ଯୁଦ୍ଧବିମାନଗୁଡ଼ିକୁ ଖସାଇଥିଲା, ବାୟୁସେନା ମୁଖ୍ୟ ସେନେଇ କିଛି ସ୍ୱଷ୍ଟ କରିନାହାନ୍ତି । କିନ୍ତୁ ସେ କହିଛନ୍ତି, ଏୟାରଷ୍ଟ୍ରାଇକ୍ ବେଳେ ଦକ୍ଷିଣପୂର୍ବ ପାକିସ୍ତାନର ଦୁଇଟି ବାୟୁସେନା ଘାଟିରେ ଥିବା ଆଉ ଏକ ସର୍ଭିଲାନ୍‌ସ ପ୍ଲେନ୍ ସହ କିଛି ଏଫ୍୧୬ ଫାଇଟର୍ସକୁ ମଧ୍ୟ ଟାର୍ଗେଟ କରାଯାଇଥିଲା ବୋଲି ବାୟୁସେନା ମୁଖ୍ୟ କହିଛନ୍ତି । ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହାକୁ ଖଣ୍ଡନ କରି କହିଛନ୍ତି, ଭାରତ ଆମର କୌଣସି ଗୋଟିଏ ବି ସାମରିକ ବିମାନକୁ ଖସାଇ ନାହିଁ । ଆଇଏଏଫ୍ ମୁଖ୍ୟ ଭୁଲ୍ ସମୟରେ ଏହି ବିଳମ୍ବିତ ଦାବି କରିଛନ୍ତି । ଉଭୟ ପକ୍ଷ ନିରପେକ୍ଷ ଯାଞ୍ଚ ପାଇଁ ନିଜ ନିଜ ଏୟାରକ୍ରାଫ୍ଟ ଇନ୍‌ଭେଣ୍ଟୋରି ଗୁଡ଼ିକୁ ଛାଡ଼ି ଦିଅନ୍ତୁ । ସତ ପଦାକୁ ଆସିବ ।

ମୁଖ୍ୟତଃ ଚାଇନା ନିର୍ମିତ ଜେଟ୍ ଏବଂ ୟୁଏସ୍ ଏଫ୍-୧୬ଗୁଡ଼ିକୁ ନେଇ ପରିଚାଳିତ ପାକିସ୍ତାନୀ ବାୟୁସେନା ମେ’ ୭-୧୦ରେ ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ବେଳେ ଭାରତ ପଟୁ ଗୋଟିଏ ହେଲେ ଯୁଦ୍ଧବିମାନ ଖସାଯାଇ ନ ଥିବା ବିଷୟ ଏହା ପୂର୍ବରୁ କହିସାରିଛି । ଏଥିସହ ଫ୍ରାନ୍‌ସ ନିର୍ମିତ ଏକ ରାଫାଲ ଫାଇଟର ସମେତ ଭାରତର ୬ ଯୁଦ୍ଧବିମାନ ଖସିଥିବା ଦାବି କରିଥିଲା । ଫ୍ରାନ୍‌ସ ବାୟୁସେନା ମୁଖ୍ୟ ଜୋରୋମି ବେଲ୍ଲାଙ୍ଗର ପୂର୍ବରୁ କହିଥିଲେ, ଗୋଟିଏ ରାଫାଲ ସମେତ ୩ ଭାରତୀୟ ଫାଇଟର୍ସ ଖସିଥିବା ନେଇ ସେ ପ୍ରମାଣ ପାଇଛନ୍ତି । କିନ୍ତୁ ଏହା ଉପରେ ଭାରତୀୟ ବାୟୁସେନା ଅଦ୍ୟାବଧି କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ । ତେବେ ବାୟୁସେନା ମୁଖ୍ୟଙ୍କ ସଦ୍ୟ ପ୍ରଘଟକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ’ ୧୦ ସନ୍ଧ୍ୟାରେ ହଠାତ୍ କାହିଁକି ଅପରେଶନ ସିନ୍ଦୂରକୁ ବନ୍ଦ କରିଦେଲେ ? ପ୍ରଧାନମନ୍ତ୍ରୀଙ୍କ ଉପରେ କେଉଁଠୁ ଚାପ ପଡ଼ିଥିଲା ଏବଂ ସେ ଏତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀଘ୍ର କାହିଁକି ମୁଣ୍ଡ ନୁଆଁଇ ହାର ମାନିଯାଇଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ 'X' ରେ ପ୍ରଶ୍ନ କରିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକାର ଶୁଳ୍କ ନୀତି ଉପରେ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ବିଶ୍ୱ ଶକ୍ତିମାନେ ଭାରତର ଦ୍ରୁତ ଅଭିବୃଦ୍ଧି ଦେଖି ଈର୍ଷାନ୍ୱିତ । ମଧ୍ୟପ୍ରଦେଶରେ ଏକ କାର୍ଯ୍ୟକ୍ରମରେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ 'ସମସ୍ତଙ୍କ ବସ୍' ବୋଲି କଟାକ୍ଷ କରି କହିଛନ୍ତି, "କେତେକ ଲୋକ ଭାରତର ଅଗ୍ରଗତି ଗ୍ରହଣ କରିପାରୁନାହାନ୍ତି । ସେମାନେ ଭାବୁଛନ୍ତି, 'ଆମେ ସମସ୍ତଙ୍କ ବସ୍, ଭାରତ କେମିତି ଏତେ ଦ୍ରୁତ ଅଗ୍ରଗତି କରୁଛି ?'" ସେ ଆହୁରି କହିଛନ୍ତି ଯେ ଭାରତୀୟ ଉତ୍ପାଦକୁ ବିଦେଶରେ ମହଙ୍ଗା କରିବା ପାଇଁ ଉଦ୍ୟମ ଚାଲିଛି, କିନ୍ତୁ କୌଣସି ବିଶ୍ୱ ଶକ୍ତି ଭାରତକୁ ମହାଶକ୍ତି ହେବାରୁ ଅଟକାଇ ପାରିବ ନାହିଁ ।

ରାଜନାଥ ସିଂ ରାୟସେନ ଜିଲାର ଉମରିଆ ଗାଁରେ ବିଇଏମଏଲ୍‌ର 'ବ୍ରହ୍ମା' ରେଳ ହବ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ୧୮୦୦ କୋଟି ଟଙ୍କାର ରେଳ କୋଚ୍ କାରଖାନା ଉଚ୍ଚଗତିର ରେଳଗାଡ଼ି ପାଇଁ କୋଚ୍ ଓ ଅନ୍ୟାନ୍ୟ ରେଳ ଉତ୍ପାଦ ତିଆରି କରିବ, ଯାହା ୫୦୦୦ ସିଧାସଳଖ ଚାକିରି ସୃଷ୍ଟି କରିବ । ସେ କହିଛନ୍ତି, "ମଧ୍ୟପ୍ରଦେଶରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ସମସ୍ତ ସୁବିଧା ରହିଛି । ଏହା ଦେଶକୁ ନୂଆ ଉଚ୍ଚତାକୁ ନେବ ।"

ସେ ଅପରେସନ ସିନ୍ଦୁରରେ ସ୍ୱଦେଶୀ ଉପକରଣର ସଫଳତା ଓ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଗୁରୁତ୍ୱ ଦେଇ କହିଛନ୍ତି, "ଯିଏ ଆମକୁ ଉତ୍ତ୍ୟକ୍ତ କରିବ, ତାକୁ ଛାଡ଼ିବୁ ନାହିଁ ।" ସେ ମୋଦି ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଉଦ୍ୟମର ପ୍ରଶଂସା କରି କହିଛନ୍ତି, "୨୦୧୪ରେ ଭାରତୀୟ ପ୍ରତିରକ୍ଷା ରପ୍ତାନି ମାତ୍ର ୬୦୦ କୋଟି ଟଙ୍କା ଥିଲା । ଆଜି ଏହା ୨୪,୦୦୦ କୋଟି ଟଙ୍କା ଅତିକ୍ରମ କରିଛି ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିଂ ଆହୁରି କହିଛନ୍ତି, "୨୦୧୪ରେ ଭାରତ ୧୧ତମ ବୃହତ୍ତମ ଅର୍ଥନୀତି ଥିଲା, ଆଜି ଆମେ ଶୀର୍ଷ ୪ରେ । ଆମର ଅଭିବୃଦ୍ଧି ହାର ୬.୩% ସହ ବିଶ୍ୱର ଅଗ୍ରଣୀ ।" ସେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ପ୍ରଶଂସା କରି କହିଛନ୍ତି, "ମଧ୍ୟପ୍ରଦେଶ ଏବେ 'ମଡର୍ଣ୍ଣ ପ୍ରଦେଶ' । ୩୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ଓ ୧୮,୦୦୦ ହେକ୍ଟର ଜମି ବ୍ୟାଙ୍କ ଏହାକୁ ପ୍ରମାଣ କରୁଛି ।"

ଆମେରିକା ଦ୍ୱାରା ଭାରତୀୟ ଷ୍ଟିଲ, ଆଲୁମିନିୟମ ଏବଂ ଏହା ସହ ଜଡ଼ିତ ଉତ୍ପାଦଗୁଡ଼ିକ ଉପରେ ୫୦% ପର୍ଯ୍ୟନ୍ତ ଭାରୀ ଆମଦାନୀ ଶୁଳ୍କ ଲଗାଯିବା ପରେ ଭାରତ ଏବେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନର ପ୍ରସ୍ତୁତି କରୁଛି । ମନି କଣ୍ଟ୍ରୋଲର ଏକ ଖବର ଅନୁଯାୟୀ, ଭାରତ ସରକାର କେତେକ ନିର୍ଦ୍ଦିଷ୍ଟ ଆମେରିକୀୟ ଉତ୍ପାଦ ଉପରେ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ଟାରିଫ ଲଗାଇବାକୁ ବିଚାର କରୁଛନ୍ତି, ଯାହା ଭାରତୀୟ ରପ୍ତାନିକାରୀମାନଙ୍କୁ ହୋଇଥିବା କ୍ଷତି ସହ ସମାନ ହେବ । ଯଦି ଏହି ପଦକ୍ଷେପ ଗ୍ରହଣ କରାଯାଏ, ତେବେ ଏହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ନୀତି ଉପରେ ଭାରତର ପ୍ରଥମ ଔପଚାରିକ ଜବାବ ହେବ ବୋଲି କୁହାଯାଉଛି ।

ଆମେରିକା ଏବଂ ଭାରତ ମଧ୍ୟରେ ଏହି ବିବାଦ ଫେବୃଆରୀରେ ଆରମ୍ଭ ହୋଇଥିଲା । ସେତେବେଳେ ଟ୍ରମ୍ପ ପ୍ରଶାସନ ଭାରତୀୟ ଷ୍ଟିଲ ଏବଂ ଆଲୁମିନିୟମ ଉପରେ ୨୫% ଟାରିଫ ଲଗାଇଥିଲେ । ପରେ ଏହାକୁ ବଢ଼ାଇ ୫୦% କରାଯାଇଥିଲା, ଯାହା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନି ଉପରେ ପ୍ରଭାବ ପକାଇଛି । ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (WTO) ରେ ଦାବି କରିଛି ଯେ ଆମେରିକାର ଏହି କାର୍ଯ୍ୟ 'ଜାତୀୟ ସୁରକ୍ଷା' ନାମରେ ଲଗାଯାଇଥିବା ସେଫଗାର୍ଡ ଡ୍ୟୁଟି, ଯାହା WTO ନିୟମର ବିରୋଧୀ । ଆମେରିକା ଏହି ମାମଲାରେ ଆଲୋଚନା ପାଇଁ ମନା କରିଦେଇଛି, ଯାହା ପରେ ଭାରତ WTO ନିୟମ ଅନୁଯାୟୀ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଇନଗତ ପ୍ରସ୍ତୁତି ଆରମ୍ଭ କରିଛି ।

କେଉଁ ଉତ୍ପାଦ ଉପରେ ଟାରିଫ ଲାଗିପାରେ ?

ସରକାରୀ ସୂତ୍ର ଅନୁଯାୟୀ, ପ୍ରତିଶୋଧମୂଳକ ଟାରିଫ ଆମେରିକୀୟ ଉତ୍ପାଦଗୁଡ଼ିକର ଏକ ସୀମିତ ସେଟ ଉପରେ ଲଗାଯିବ । ଏହି ଉତ୍ପାଦଗୁଡ଼ିକ ଏପରି ଚୟନ କରାଯିବ ଯେ ଟାରିଫରୁ ହାସଲ ହେଉଥିବା ରାଜସ୍ୱ, ଆମେରିକାର କାର୍ଯ୍ୟ ଯୋଗୁ ଭାରତୀୟ ରପ୍ତାନିକାରୀମାନଙ୍କୁ ହୋଇଥିବା କ୍ଷତି ସହ ସମାନ ହେବ । ଅଧିକାରୀମାନେ କହିଛନ୍ତି ଯେ ଆମେରିକା ଏକପାଖରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର କଥା କହୁଛି, କିନ୍ତୁ ଅନ୍ୟପକ୍ଷରେ ଭାରତୀୟ ଅର୍ଥନୈତିକ ସ୍ୱାର୍ଥର ବିରୋଧରେ ଏକତରଫା ପଦକ୍ଷେପ ନେଉଛି, ଯାହାର ଜବାବ ଦେବା ଭାରତର ଅଧିକାର ।

ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ବିକ୍ରି କରୁଛି, ଯେତେବେଳେ ଭାରତରୁ ଆମେରିକାକୁ ହେଉଥିବା ରପ୍ତାନି ସାମ୍ପ୍ରତିକ ଟାରିଫ ପୂର୍ବରୁ ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା । ଟାରିଫ ଯୁଦ୍ଧ ବଢ଼ିଲେ ବାଣିଜ୍ୟ କ୍ଷତି ବଦଳିପାରେ ଏବଂ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କ ଉପରେ ପ୍ରଭାବ ପଡ଼ିପାରେ । ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଥିଲେ, କିନ୍ତୁ କୃଷି ଏବଂ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକରେ ଆମେରିକୀୟ ମାଗକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା, ଯାହା ଫଳରେ ଆଲୋଚନା ଅଟକି ଯାଇଛି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ନୂଆ ଇନ୍‌କମ୍ ଟ୍ୟାକ୍ସ ବିଲ ୨୦୨୫ ଆଗତ କରିଛନ୍ତି । ସୀତାରମଣ ସୋମବାର ଲୋକସଭାରେ ଇନ୍‌କମ୍ ଟ୍ୟାକ୍ସ ବିଲ୍‌ର ଏକ ସଂଶୋଧିତ ସଂସ୍କରଣ ଆଗତ କରିଛନ୍ତି । ଏଥିରେ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧୀନ ସିଲେକ୍ଟ କମିଟିର ଅଧିକାଂଶ ସୁପାରିଶ ଅନ୍ତର୍ଭୁକ୍ତ । ଏହି ବିଲ୍‌ରେ ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂତନ ପରିବର୍ତ୍ତନ କରାଯାଇଛି, ଯାହା ସାଧାରଣ କରଦାତାଙ୍କୁ ମଧ୍ୟ ପ୍ରଭାବିତ କରିବ ।

ସରକାର ଗତ ସପ୍ତାହରେ ୨୦୨୫ର ଇନ୍‌କମ୍ ଟ୍ୟାକ୍ସ ବିଲ ପ୍ରତ୍ୟାହାର କରିଥିଲେ । ଏହି ବିଲ ୧୯୬୧ର ପୁରୁଣା ଆୟକର ଆଇନକୁ ବଦଳାଇବା ପାଇଁ ଥିଲା । ବର୍ତ୍ତମାନ ଅଗଷ୍ଟ ୧୧ରେ ଏକ ନୂତନ ଡ୍ରାଫ୍ଟ ଉପସ୍ଥାପିତ ହୋଇଛି, ଯେଉଁଥିରେ ସମସ୍ତ ପରାମର୍ଶିତ ପରିବର୍ତ୍ତନ ଅନ୍ତର୍ଭୁକ୍ତ ।

ଅର୍ଥମନ୍ତ୍ରୀ ସୀତାରମଣ ସଂସଦରେ କହିଥିଲେ, ଆମେ କିଛି ପରାମର୍ଶ ପାଇଛୁ, ଯାହାକୁ ଆଇନର ପ୍ରକୃତ ଅର୍ଥ ବାହାରକୁ ଆସିବା ପାଇଁ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । ଏଥିରେ ଡ୍ରାଫ୍ଟିଂ ତ୍ରୁଟି ସଂଶୋଧନ, ବାକ୍ୟ ବ୍ୟବସ୍ଥା ଏବଂ କ୍ରସ-ରେଫରେନ୍‌ସିଂ ଭଳି ପରିବର୍ତ୍ତନ ଅନ୍ତର୍ଭୁକ୍ତ । ପୁରୁଣା ବିଲ ପ୍ରତ୍ୟାହାର କରାଯାଇଛି ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନ ହୁଏ ଏବଂ ନୂତନ ଡ୍ରାଫ୍ଟ ୧୯୬୧ ଆଇନକୁ ପରିବର୍ତ୍ତନ କରିବା ପାଇଁ ଆଧାର ଗଠନ କରିବ ।

ସିଲେକ୍ଟ କମିଟି ନୂତନ ଇନ୍‌କମ୍ ଟ୍ୟାକ୍ସ ବିଲ ସମ୍ପର୍କରେ ଅନେକ ପରାମର୍ଶ ଦେଇଛି । ୩୧ ସଦସ୍ୟ ବିଶିଷ୍ଟ ସଂସଦୀୟ ସିଲେକ୍ଟ କମିଟି ଗତ ମାସରେ ୪,୫୭୫ ପୃଷ୍ଠାର ଏହାର ବିସ୍ତୃତ ନିଷ୍କର୍ଷ ଉପସ୍ଥାପନ କରିଥିଲା । ସେମାନଙ୍କର ସୁପାରିଶରେ ଛୋଟ ସଂଶୋଧନ ଏବଂ ୩୨ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ସାମିଲ ଅଛି ।

ଭୋଟ ଚୋରି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ଠାରୁ ସ୍ୱଚ୍ଛତା ଦାବି କରି କଂଗ୍ରେସ ଏମପି ରାହୁଲ ଗାନ୍ଧୀ ଏକ ନୂଆ ଅଭିଯାନ ଆରମ୍ଭ କରିଛନ୍ତି । ସେ ଏହି ଅଭିଯାନର ଅଂଶ ହେବାକୁ ଲୋକଙ୍କୁ ନିବେଦନ କରିଛନ୍ତି ।

କଂଗ୍ରେସ ଏମପି ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ଏକ ପୋଷ୍ଟରେ ଲେଖିଛନ୍ତି, ଭୋଟ ଚୋରି ହେଉଛି ଗୋଟିଏ ବ୍ୟକ୍ତି, ଗୋଟିଏ ଭୋଟର ମୌଳିକ ଗଣତାନ୍ତ୍ରିକ ନୀତି ଉପରେ ଆକ୍ରମଣ । ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକ ସ୍ୱଚ୍ଛ ଭୋଟର ତାଲିକା ଜରୁରୀ । ନିର୍ବାଚନ କମିଶନଙ୍କ ଠାରୁ ଆମର ଦାବି ସ୍ପଷ୍ଟ – ସ୍ୱଚ୍ଛତା ଦେଖାନ୍ତୁ ଏବଂ ଡିଜିଟାଲ ଭୋଟର ତାଲିକାକୁ ସାର୍ବଜନୀନ କରନ୍ତୁ, ଯାହା ଦ୍ୱାରା ଜନସାଧାରଣ ଏବଂ ରାଜନୈତିକ ଦଳଗୁଡ଼ିକ ନିଜେ ଏହାର ଅଡିଟ କରିପାରିବେ ।

ସେ ଆହୁରି ଲେଖିଛନ୍ତି, ଆପଣ ମଧ୍ୟ ଆମ ସହିତ ଯୋଗଦାନ କରନ୍ତୁ ଏବଂ ଏହି ଦାବିକୁ ସମର୍ଥନ କରନ୍ତୁ । ଏହି ଲଢ଼େଇ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ।

ତାଙ୍କ ପୋଷ୍ଟ ସହିତ, ରାହୁଲ ଗାନ୍ଧୀ ଏକ ଭିଡିଓ ବାର୍ତ୍ତା ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ସେ କହିଛନ୍ତି, ଭୋଟ ଚୋରିର ପର୍ଦ୍ଦାଫାସ କରିବା ଗୁରୁତ୍ୱପୂର୍ଣ୍ଣ । ଏହି ଅଭିଯାନକୁ ପୂର୍ଣ୍ଣ ସମର୍ଥନ କରନ୍ତୁ । ସମସ୍ତ ଆବଶ୍ୟକୀୟ ସୂଚନା ଏବଂ ତଥ୍ୟ ଆମ ୱେବସାଇଟରେ ଉପଲବ୍ଧ । ଆପଣ ଏହି ଆନ୍ଦୋଳନରେ ଯୋଗଦାନ କରନ୍ତୁ ଏବଂ ହେଉଥିବା ଭୋଟ ଚୋରିକୁ ବନ୍ଦ କରିବା ପାଇଁ କାମ କରନ୍ତୁ ।

ଉଲ୍ଲେଖନୀୟ ଯେ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କ ଉପରେ ଭୋଟ ଚୋରିର ଅଭିଯୋଗ ଲଗାତାର କରୁଛନ୍ତି । ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ ଦାବି କରିଛନ୍ତି ଯେ ନିର୍ବାଚନ କମିଶନ ଭୋଟ ଚୋରି କରୁଛନ୍ତି ଏବଂ ମୁଁ ଏହା ୧୦୦ ପ୍ରତିଶତ ପ୍ରମାଣ ସହିତ କହୁଛି ।

ତଥାପି, ଭାରତର ନିର୍ବାଚନ କମିଶନ ରାହୁଲ ଗାନ୍ଧୀ ଦେଇଥିବା ବୟାନକୁ ଭ୍ରାମକ, ତଥ୍ୟହୀନ ଏବଂ ଧମକପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି ।

ଏହି ସମୟରେ, କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ରାତ୍ରୀଭୋଜନ କୂଟନୀତି ମଧ୍ୟ ଶିରୋନାମାରେ ଅଛି । ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ଖାର୍ଗେ ସୋମବାର ଇଣ୍ଡିଆ ବ୍ଲକର ଏମପିମାନଙ୍କ ପାଇଁ ଏକ ରାତ୍ରୀଭୋଜନ ଆୟୋଜନ କରିଛନ୍ତି । ସୂତ୍ରଗୁଡ଼ିକ ଏହି ସୂଚନା ଦେଇଛନ୍ତି । ଏହାକୁ ବିରୋଧୀ ମେଣ୍ଟ ଦ୍ୱାରା ବିହାରରେ ଭୋଟର ତାଲିକାର ସ୍ପେଶାଲ ସଘନ ସଂଶୋଧନ (SIR) ଏବଂ ନିର୍ବାଚନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥିତ ହେରଫେରର ବିରୋଧରେ ଏକ ମୋର୍ଚ୍ଚା ଗଠନ କରିବାର ପ୍ରୟାସ ଭାବରେ ଦେଖାଯାଉଛି ।

ସୋମବାର ବିରୋଧୀ 'ଇଣ୍ଡିଆ' ମେଣ୍ଟର ସାଂସଦମାନେ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ବିରୋଧରେ ପ୍ରତିବାଦ କରି ସଂସଦ ଭବନରୁ ନିର୍ବାଚନ କମିଶନ ମୁଖ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା ଆରମ୍ଭ କରିଥିଲେ । ଏହି ସମୟରେ "ଭୋଟ ଚୋରି" ଅଭିଯୋଗ କରିଥିଲେ । ଏହି ସମୟରେ, ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା । ସାଂସଦମାନେ ହଙ୍ଗାମା କରିଥିଲେ, ଯାହା ପରେ ପୋଲିସ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ନେତାଙ୍କୁ ଅଟକ ରଖିଥିଲା । ଇଣ୍ଡିଆ ବ୍ଲକର ବରିଷ୍ଠ ନେତା – କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, NCP SCP ମୁଖ୍ୟ ଶରଦ ପାୱାର ମଧ୍ୟ ପଦଯାତ୍ରାରେ ଯୋଗ ଦେଇଛନ୍ତି ।

ମାର୍ଚ୍ଚର ଉଦ୍ଦେଶ୍ୟ ନିର୍ବାଚନ କମିଶନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ଥିଲା, କିନ୍ତୁ ପୋଲିସ ପଦଯାତ୍ରାକୁ ମଝି ରାସ୍ତାରେ ଅଟକାଇ ଦେଇଥିଲା । ଏହା ପରେ, ସାଂସଦ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଉଷ୍ମ ଯୁକ୍ତିତର୍କ ହୋଇଥିଲା । ନୂଆଦିଲ୍ଲୀ ଡିସିପି ଦେବେଶ କୁମାର ମାହାଲା କହିଛନ୍ତି, ନିର୍ବାଚନ କମିଶନ ଏକ ଚିଠି ଦେଇଥିଲେ ଯେ ୩୦ ଜଣ ସାଂସଦ ତାଙ୍କୁ ଭେଟିପାରିବେ, କିନ୍ତୁ ୨୦୦ରୁ ଅଧିକ ସାଂସଦ ସଂସଦରୁ ଶୋଭାଯାତ୍ରା କରି ଆସିଥିଲେ । ସେମାନଙ୍କ ସୁରକ୍ଷା ପାଇଁ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଏଡାଇବା ପାଇଁ ଆମେ ସେମାନଙ୍କୁ ଅଟକାଇଥିଲୁ । ପରେ ସେମାନଙ୍କୁ ହେପାଜତକୁ ନିଆଯାଇଥିଲା । କିଛି ସାଂସଦ ବ୍ୟାରିକେଡ ପାର କରିବାକୁ ମଧ୍ୟ ଚେଷ୍ଟା କରିଥିଲେ । ସେମାନଙ୍କୁ ମଧ୍ୟ ଅଟକ ରଖାଯାଇଛି ।

ସୁପ୍ରିମକୋର୍ଟ ସୋମବାର ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର)ରେ ବେଆଇନ କୁକୁରଙ୍କୁ ତୁରନ୍ତ ଧରି ବନ୍ଧ୍ୟାକରଣ କରିବା ଏବଂ ସେମାନଙ୍କୁ ସ୍ଥାୟୀ ଭାବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ନାଗରିକ ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏକ କଠୋର ନିର୍ଦ୍ଦେଶରେ କୋର୍ଟ କହିଛନ୍ତି ଯେ, ଏହି ଆଦେଶ ବିନା କୌଣସି ବୁଝାମଣାରେ କାର୍ଯ୍ୟକାରୀ ହେବା ଜରୁରୀ ।

କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ ଏହି ପ୍ରକ୍ରିୟାକୁ ବିରୋଧ କରନ୍ତି, ତେବେ ଏପରି ବାଧା ସୃଷ୍ଟିକାରୀଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କୁକୁର କାମୁଡ଼ିବା ଯୋଗୁଁ ରାବିସ୍ ରୋଗ ବୃଦ୍ଧି ପାଉଥିବା ସମସ୍ୟାକୁ ତୁରନ୍ତ ନିୟନ୍ତ୍ରଣ କରିବା ଆବଶ୍ୟକ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି ।

ଜଷ୍ଟିସ ଜେବି ପରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ବେଞ୍ଚ କହିଛନ୍ତି, "ଏନସିଟି ଦିଲ୍ଲୀ, ଏମସିଡି, ଏନଏମଡିସି ତୁରନ୍ତ ସମସ୍ତ ଅଞ୍ଚଳରୁ, ବିଶେଷତଃ ସମ୍ବେଦନଶୀଳ ଅଞ୍ଚଳ ଓ ସହରମାନଙ୍କରୁ ବେଆଇନ କୁକୁରଙ୍କୁ ଧରିବା ଆରମ୍ଭ କରିବେ। ଏହା କିପରି କରାଯିବ, ତାହା ପ୍ରାଧିକରଣଙ୍କ ଦାୟିତ୍ୱ । ଯଦି ଏଥିପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରିବାକୁ ପଡ଼େ, ତେବେ ତାହା ଶୀଘ୍ର କରାଯାଉ । ସମସ୍ତ ଅଞ୍ଚଳକୁ ବୁଲା କୁକୁରମୁକ୍ତ କରିବା ହେଉଛି ପ୍ରାଥମିକ ଲକ୍ଷ୍ୟ ।"

ଏହି ସମସ୍ୟାକୁ "ଗୁରୁତର ପରିସ୍ଥିତି" ବୋଲି ଅଭିହିତ କରି କୋର୍ଟ କହିଛନ୍ତି, "ଏହି କାର୍ଯ୍ୟରେ କୌଣସି ବୁଝାମଣା ହେବା ଉଚିତ୍ ନୁହେଁ ।" ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ ବେଆଇନ କୁକୁରଙ୍କୁ ଧରିବା କିମ୍ବା ସଂଗ୍ରହ କରିବାରେ ବାଧା ସୃଷ୍ଟି କରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋର୍ଟ ସତର୍କ କରିଛନ୍ତି ।

କୋର୍ଟ କହିଛନ୍ତି ଯେ, ଏହି ଆଦେଶ "ଆମର ସ୍ୱାର୍ଥ ପାଇଁ ନୁହେ, ବରଂ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ।" ଏଥିରେ କୌଣସି ଆବେଗ ବା ଭାବନା ଜଡ଼ିତ ହେବା ଉଚିତ୍ ନୁହେଁ । "ଶିଶୁ ଓ ଛୋଟ ପିଲାମାନେ କୌଣସି ମୂଲ୍ୟରେ ରାବିସ୍ ରୋଗର ଶିକାର ହେବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଚିତ୍ ନୁହେଁ । ଏହି କାର୍ଯ୍ୟ ଲୋକଙ୍କୁ ଏପରି ଆତ୍ମବିଶ୍ୱାସ ଦେବା ଉଚିତ୍ ଯେ ସେମାନେ କୁକୁର କାମୁଡ଼ିବା ଭୟ ବିନା ମୁକ୍ତ ଭାବେ ବୁଲିପାରିବେ," ବୋଲି କୋର୍ଟ ମନ୍ତବ୍ୟ ଦେଇଛନ୍ତି ।

ଗତ ଜୁଲାଇ ମାସରେ ସୁପ୍ରିମକୋର୍ଟ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ବେଆଇନ କୁକୁରଙ୍କ କାମୁଡ଼ିବା ଯୋଗୁଁ ରାବିସ୍ ରୋଗ ଏବଂ ମୃତ୍ୟୁ ସଂଖ୍ୟା, ବିଶେଷତଃ ଶିଶୁ ଓ ବୟସ୍କଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଏକ ଖବରକୁ ସ୍ୱତଃପ୍ରବୃତ୍ତ ଭାବେ ଗ୍ରହଣ କରି ଏହି ମାମଲାର ଶୁଣାଣି ଆରମ୍ଭ କରିଥିଲେ । କୋର୍ଟ ଏହି ସମସ୍ୟାକୁ "ଗଭୀର ବିଚଳିତ" ବୋଲି ଅଭିହିତ କରି ନାଗରିକ ପ୍ରାଧିକରଣଙ୍କ ବିଫଳତାକୁ ଉଲ୍ଲେଖ କରିଥିଲେ ।

ଦିଲ୍ଲୀର ବିକାଶ ମନ୍ତ୍ରୀ କପିଲ ମିଶ୍ର କହିଛନ୍ତି ଯେ, ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟକାରୀ କରିବେ । ଏହି ରାୟ ସହରକୁ ରାବିସ୍ ଏବଂ ବେଆଇନ ପଶୁଙ୍କ ଭୟରୁ ମୁକ୍ତ କରିବାରେ ସହାୟକ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି ।

ଭାରତୀୟ ବିମାନ ସେବା ପାଇଁ ଆକାଶ ମାର୍ଗ ବନ୍ଦ କରିବା ପାଇଁ ପାକିସ୍ତାନର ବିମାନବନ୍ଦର କର୍ତ୍ତୃପକ୍ଷ ଭାରୀ ମୂଲ୍ୟ ଦେଉଛି । ମାତ୍ର ଦୁଇ ମାସ ମଧ୍ୟରେ ପାକିସ୍ତାନକୁ ୪.୧ ବିଲିୟନ ଟଙ୍କା (୧୨୭ କୋଟି ଭାରତୀୟ ଟଙ୍କା) କ୍ଷତି ସହିବାକୁ ପଡ଼ିଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ସଂସଦକୁ ଏହି ସୂଚନା ଦେଇଛି । ୨୨ ଏପ୍ରିଲରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଏକ ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ, ଯାହାଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ, ମୃତ୍ୟୁବରଣ କରିଥିଲେ । ଏହି ଘଟଣା ପରେ ଭାରତ ଏବଂ ପାକିସ୍ତାନ ଉଭୟ ପରସ୍ପରର ବିମାନ ସେବା ପାଇଁ ସେମାନଙ୍କର ଆକାଶ ମାର୍ଗ ବନ୍ଦ କରିଦେଇଥିଲେ । ବର୍ତ୍ତମାନ, ପାକିସ୍ତାନର ଆକାଶ ମାର୍ଗ ସମସ୍ତ ଦେଶର ବିମାନ ପାଇଁ ଖୋଲା ଅଛି, କିନ୍ତୁ ଭାରତୀୟ ବିମାନ ଏବଂ ବିମାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଥିରେ ଅନ୍ତର୍ଭୁକ୍ତ ନୁହେଁ । ସେହିପରି, ଭାରତୀୟ ଆକାଶ ମାର୍ଗରେ ପାକିସ୍ତାନୀ ବିମାନର ପ୍ରବେଶ ଉପରେ ମଧ୍ୟ ପ୍ରତିବନ୍ଧକ ଜାରି ରହିଛି ।

୭ ମେ'ରେ ଭାରତ 'ଅପରେଶନ ସିନ୍ଦୁର' ଅଧୀନରେ ପାକିସ୍ତାନ ଅଧିକୃତ ଅଞ୍ଚଳରେ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିଥିଲା । ଏହି କାରଣରୁ, ଦୁଇ ଦେଶ ମଧ୍ୟରେ ଚାରି ଦିନ ପର୍ଯ୍ୟନ୍ତ ସଂଘର୍ଷର ପରିସ୍ଥିତି ଜାରି ରହିଥିଲା ଏବଂ ଆକାଶ ମାର୍ଗ ପ୍ରତିବନ୍ଧକର ଅବଧି ବୃଦ୍ଧି କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ପଞ୍ଜିକୃତ ବିମାନ ପାଇଁ ଆକାଶ ମାର୍ଗ ବନ୍ଦ କରିବା ଦ୍ୱାରା ପାକିସ୍ତାନ ବିମାନବନ୍ଦର କର୍ତ୍ତୃପକ୍ଷ (PAA)କୁ ୪.୧ ବିଲିୟନ ଟଙ୍କାର ରାଜସ୍ୱ କ୍ଷତି ହୋଇଛି । ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏହି କ୍ଷତି କେବଳ ରାଜସ୍ୱରେ, ଏହାକୁ ସମ୍ପୂର୍ଣ୍ଣ ଆର୍ଥିକ କ୍ଷତି ଭାବରେ ବିବେଚନା କରାଯାଇପାରିବ ନାହିଁ । ଏହା ସହିତ, ଓଭରଫ୍ଲାଇଟ ଏବଂ ଏରୋନଟିକାଲ ଚାର୍ଜରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ ।

ଘରୋଇ କ୍ଷେତ୍ରର ବଡ଼ ବ୍ୟାଙ୍କ ICICI, ଏବେ ସାଧାରଣ ଲୋକଙ୍କ ପାଇଁ ତାର ଦ୍ୱାର ବନ୍ଦ କରିଦେଉଥିବା ପରି ମନେ ହେଉଛି । ବ୍ୟାଙ୍କ ଦ୍ୱାରା ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ପାଇଁ ହାରାହାରି ସର୍ବନିମ୍ନ ବାଲାନ୍ସରେ ସମ୍ପ୍ରତି ହୋଇଥିବା ବିଶାଳ ବୃଦ୍ଧି ଦ୍ୱାରା ଏହା ସୂଚିତ ହୋଇଛି । ICICI ବ୍ୟାଙ୍କ ମହାନଗର ଏବଂ ସହରାଞ୍ଚଳରେ ସଞ୍ଚୟ ବ୍ୟାଙ୍କ (SB) ଆକାଉଣ୍ଟଧାରୀଙ୍କ ପାଇଁ ହାରାହାରି ସର୍ବନିମ୍ନ ବା ମିନିମମ ବାଲାନ୍ସକୁ ନାଟକୀୟ ଭାବରେ ୫୦ ହଜାରକୁ ବୃଦ୍ଧି କରିଛି । ପ୍ରାୟ ଏକ ସପ୍ତାହ ପୂର୍ବେ ଏହା ୧୦ ହଜାର ଥିଲା । ଅଗଷ୍ଟ ୧, ୨୦୨୫ଠାରୁ, ICICI ସହିତ ଆକାଉଣ୍ଟ ଖୋଲୁଥିବା ସମସ୍ତ ନୂତନ ଗ୍ରାହକଙ୍କୁ ଏହି ସର୍ବନିମ୍ନ ହାରାହାରି ମାସିକ ବାଲାନ୍ସ (MAMB) ବଜାୟ ରଖିବାକୁ ପଡିବ । ଯଦି ସେମାନେ ଏପରି ନ କରନ୍ତି, ତେବେ ସେମାନଙ୍କୁ ଜରିମାନା ଦେବାକୁ ପଡିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇକୋନୋମିକ ଟାଇମ୍‌ସର ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି । ରିପୋର୍ଟ ଅନୁଯାୟୀ, ICICI ବ୍ୟାଙ୍କର ଜଣେ ମୁଖପାତ୍ର ସର୍ବନିମ୍ନ ବାଲାନ୍‌ସ ପରିମାଣରେ ଏତେ ଦ୍ରୁତ ବୃଦ୍ଧି ପଛରେ କାରଣ ବିଷୟରେ ବିସ୍ତୃତ ଭାବରେ କହି ନାହାଁନ୍ତି । ସେହି ସମୟରେ, ଅଧିକାଂଶ ମୁଦ୍ରା ପରିଚାଳକ ବିଶ୍ୱାସ କରନ୍ତି ଯେ ମୋଟ GDP ବୃଦ୍ଧି ପାଇବା ସହିତ, ସମ୍ପତ୍ତିର ବଣ୍ଟନ ଅସନ୍ତୁଳିତ ହେବ, ଏବଂ ଫଳସ୍ୱରୂପ, ଅଧିକରୁ ଅଧିକ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ସମ୍ପତ୍ତି ପରିଚାଳନାରେ ପାଦ ରଖିବାକୁ ଚେଷ୍ଟା କରିବେ । ପୂର୍ବରୁ, ବ୍ୟାଙ୍କଗୁଡ଼ିକ ଧନୀ ସଞ୍ଚୟକାରୀଙ୍କୁ ଆକର୍ଷିତ କରିବା ପାଇଁ ମ୍ୟୁଚୁଆଲ ଫଣ୍ଡ, ପୋର୍ଟଫୋଲିଓ ପରିଚାଳନା ସେବା ପ୍ରଦାନକାରୀ, ଘରୋଇ ଇକ୍ୱିଟି ଏବଂ ଭେଞ୍ଚର କ୍ୟାପିଟାଲ ଫଣ୍ଡଠାରୁ କଠିନ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି ।

'ବହୁ ଧନୀ' ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ପ୍ରତିଯୋଗିତା ଏବଂ ବ୍ୟାଙ୍କ ସେବାରୁ ବଞ୍ଚିତ ନାଗରିକଙ୍କୁ ସାଂସ୍ଥାଗତ ଆର୍ଥିକ ସ୍ତରକୁ ଆଣିବାର ଆବଶ୍ୟକତା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ, ସରକାର ଏକ ଦଶନ୍ଧି ପୂର୍ବରୁ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର 'ନୋ-ଫ୍ରିଲ୍ସ' ଆକାଉଣ୍ଟଗୁଡ଼ିକୁ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଆକାଉଣ୍ଟ (BSBDA) ରେ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାର ଉଦ୍ଦେଶ୍ୟ ଥିଲା ସାଧାରଣ ଲୋକଙ୍କୁ ବ୍ୟାଙ୍କ ସହିତ ସଂଯୋଗ କରିବା ।

୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଶୁକ୍ରବାର ଘୋଷଣା ହୋଇଛି । ଏଥିରେ ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ 'ପୁଷ୍କରା'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ କରାଯାଇଛି । ତରଙ୍ଗ ସିନେ ପ୍ରଡକ୍ସନ୍‌ସ ପ୍ରସ୍ତୁତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ଫିଲ୍ମ 'ପୁଷ୍କରା'କୁ ଶ୍ରେଷ୍ଠ ଓ ଫିଲ୍ମ ଭାବେ ଘୋଷଣା କରାଯାଇଛି । ଏହା ଶଙ୍କର ତ୍ରିପାଠୀଙ୍କ ମୂଳ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ ଥିଲା । ଏଥିରେ ଓଡ଼ିଆ ପ୍ରଥା ପରମ୍ପରାରେ ମୃତ୍ୟୁ ସମୟରେ ପୁଷ୍କର ଲାଗିଲେ ତାହାକୁ କିପରି ଛଡାଯାଏ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ କିପରି ପରମ୍ପରା ପାଳନ ହୁଏ ଚଳଚ୍ଚିତ୍ରରେ ତାହା ଦୃଶ୍ୟମାନ ହୋଇଥିଲା । ଚଳଚ୍ଚିତ୍ରଟି ୨୦୨୩ ସେପ୍ଟେମ୍ବର ୧୯ରେ ମୁକ୍ତିଲାଭ କରିଥିଲା । ଶୁଭ୍ରାଂଶୁଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ସବ୍ୟସାଚୀଙ୍କ ନିଖୁଣ ଅଭିନୟକୁ ବିପୁଳ ଦର୍ଶକୀୟ ଆଦୃତି ମିଳିଥିଲା । ଏଥିସହ ଚଳଚ୍ଚିତ୍ରରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ପରମ୍ପରାକୁ କାହାଣୀ ମାଧ୍ୟମରେ ସୁନ୍ଦର ଭାବରେ ଦେଖାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ପୁଷ୍କରା' ଏବଂ 'ଦ ସି ଆଣ୍ଡ୍ ସେଭେନ୍ ଭିଲେଜେସ୍' ଚଳଚ୍ଚିତ୍ର ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି । ଏନେଇ ସେ ତାଙ୍କ 'X' ଆକାଉଣ୍ଟରେ ଉଭୟ ଚଳଚ୍ଚିତ୍ରର ନିର୍ମାତା, ନିର୍ଦ୍ଦେଶକ, କଳାକାର ତଥା ଏଥିସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଜଗତ ନୂତନ ପ୍ରୟାସ ଓ ପ୍ରୟୋଗ ସହ ଏହିପରି ଆହୁରି ଅନେକ ସଫଳତା ପ୍ରାପ୍ତ କରୁ ବୋଲି କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପ୍ଲାଷ୍ଟିକ୍ ବୋତଲ ତଥା ନିଷିଦ୍ଧ କଣ୍ଟେନରରେ ପେଟ୍ରୋଲିୟମ ସାମଗ୍ରୀ ବିକ୍ରି, ଯୋଗାଣ, ସଂରକ୍ଷଣ ଓ ପରିବହନକୁ ରାଜ୍ୟ ସରକାର ନିଷିଦ୍ଧ କରିଛନ୍ତି । ଏନେଇ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟର ସବୁ ଜିଲାପାଳଙ୍କୁ ଶୁକ୍ରବାର ପତ୍ର ଲେଖିଛନ୍ତି । ଉକ୍ତ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ଲାଗି ସେ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି ।

ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ – ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନ ଥିବା ପାତ୍ରରେ ବିକ୍ରି ଏବଂ ପରିବହନ କରାଯାଉଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି । ଏହି ଅସୁରକ୍ଷିତ ଅଭ୍ୟାସ କେବଳ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରେ ନାହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଂ ଜନସାଧାରଣଙ୍କ ସୁରକ୍ଷା ଏବଂ ପରିବେଶ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଏବଂ ପେଟ୍ରୋଲିୟମ ଆଇନ ୧୯୩୪, ପେଟ୍ରୋଲିୟମ ନିୟମ ୨୦୦୨, ବିସ୍ଫୋରକ ଆଇନ ୧୮୮୪, ମୋଟର ସ୍ପିରିଟ୍ ଏବଂ ହାଇ-ସ୍ପିଡ୍ ଡିଜେଲ (ଯୋଗାଣ, ବଣ୍ଟନ ଏବଂ ତ୍ରୁଟି ନିବାରଣ ନିୟନ୍ତ୍ରଣ) ଆଦେଶ, ୨୦୦୫, ପରିବେଶ(ସୁରକ୍ଷା) ଆଇନ, ୧୯୮୬ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆଇନଗତ ଢାଞ୍ଚା ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାରକରି ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ପ୍ଲାଷ୍ଟିକ୍ ବୋତଲ କିମ୍ବା ସେଭଳି କିଛି ପାତ୍ରରେ ପେଟ୍ରୋଲିୟମ ଉତ୍ପାଦର ବିକ୍ରୟ, ଯୋଗାଣ ଏବଂ ପରିବହନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଖୁଚୁରା ଦୋକାନ, ଇନ୍ଧନ ଷ୍ଟେଶନ ଓ ଖୁଚୁରା ଦୋକାନଗୁଡ଼ିକରେ ସ୍ପଟ୍ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ସିଭିଲ୍ ସପ୍ଲାଏ ଇନ୍ସପେକ୍ଟର, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ପୋଲିସ, ତହସିଲଦାର ଏବଂ ଅନ୍ୟ ଏନ୍‌ଫୋର୍ସମେଣ୍ଟ କର୍ମଚାରୀଙ୍କ ସମେତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ଲାଷ୍ଟିକ୍ ପାତ୍ର କିମ୍ବା ଅନୁମୋଦିତ ନ ଥିବା ପ୍ୟାକେଜିଂରେ ପେଟ୍ରୋଲିୟମ ଯୋଗାଣ କରୁଥିବା ଉଲ୍ଲଂଘନକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ବ୍ୟତୀତ ସମସ୍ତ ଇନ୍ଧନ ଯୋଗାଣ କେନ୍ଦ୍ର ଏବଂ ପେଟ୍ରୋଲିୟମ ଡିଲରମାନଙ୍କୁ ପ୍ଲାଷ୍ଟିକ୍ ବୋତଲ କିମ୍ବା ଅନଧିକୃତ ପାତ୍ରରେ ପେଟ୍ରୋଲିୟମ ଉତ୍ପାଦ ଯୋଗାଣରୁ କଡ଼ାକଡ଼ି ନିବୃତ୍ତ ରହିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେମାନଙ୍କୁ ସେମାନଙ୍କ ପରିସରର ପ୍ରମୁଖ ସ୍ଥାନରେ ଦୃଶ୍ୟମାନ ବୋର୍ଡ ଲଗାଇ ସତର୍କତା ପ୍ରଦର୍ଶନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସେଥିରେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖାଯିବ । ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ ନିଶ୍ଚିତ କରନ୍ତୁ ଏବଂ ପ୍ରବର୍ତ୍ତନର ସ୍ଥିତି ଉପରେ ଏକ ସଂକ୍ଷିପ୍ତ ମାସିକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ । ଯେଉଁଥିରେ ଅନ୍ତର୍ଭୁକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଇଥିବା ଯାଞ୍ଚ ସଂଖ୍ୟା, ଉଲ୍ଲଂଘନ ମିଳିଥିବା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉଲ୍ଲେଖ ରହିବ ବୋଲି ଚିଠିରେ କୁହାଯାଇଛି ।

OTET ପ୍ରଶ୍ନପତ୍ର ଲିକ୍ ମାମଲାରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ । କାଲି ଅଫିସ୍‌କୁ ଡାକି ନିହାରଙ୍କୁ କ୍ରାଇମବ୍ରାଞ୍ଚ ଜେରା କରିଥିଲା । ଉପସଭାପତି ନିହାରଙ୍କ ଲାପଟପ୍‌କୁ OTET ପ୍ରଶ୍ନପତ୍ର ଆସିଲା କିପରି ତାହାକୁ ନେଇ ଖୋଳତାଡ କରୁଥିଲା କ୍ରାଇମବ୍ରାଞ୍ଚ । ପୂର୍ବରୁ ଲିକ ମାମଲାରେ ୭ଜଣ ବନ୍ଧା ହୋଇଛନ୍ତି ।

ଜୁଲାଇ ୨୦ରେ ହେବାକୁ ଥିବା OTET ପରୀକ୍ଷା ପୂର୍ବ ଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ବାତିଲ କରାଯାଇଥିଲା । ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ (BSE) କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ମୁଖ୍ୟ ଅଭିଯୁକ୍ତ ବୋଲି ଚିହ୍ନଟ ହୋଇଛନ୍ତି । ସେ BSE ଉପାଧ୍ୟକ୍ଷଙ୍କ ଲାପଟପରୁ ପ୍ରଶ୍ନପତ୍ର ଚୋରି କରି ପେନ ଡ୍ରାଇଭରେ ସ୍ଥାନାନ୍ତର କରିଥିଲେ । ଏହାପରେ ରାୟଗଡ଼ା ଜିଲାର ଶିକ୍ଷକ ବିଜୟ ମିଶ୍ର ଓ କୋରାପୁଟର ସନାତନ ବିଷୋୟୀଙ୍କ ସହ ଅନ୍ୟ ତିନି ଦଲାଲଙ୍କ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରି କରାଯାଇଥିଲା ।

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବହୁଚର୍ଚ୍ଚିତ ଇଣ୍ଟିଗ୍ରେଟେଡ଼ ବିଏଡ଼ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ୨୩ ଦିନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି କ୍ରାଇମବ୍ରାଞ୍ଚ ଟିମ । ଆତ୍ମାହୁତି ଉଦ୍ୟମରେ ସହଯୋଗ କରିଥିବା ଦୁଇ ଜଣ ଛାତ୍ରଙ୍କୁ ରବିବାର ବିଳମ୍ବିତ ରାତିରେ ଗିରଫ କରାଯାଇଛି । ଗିରଫ ଛାତ୍ର ହେଲେ ଜ୍ୟୋତି ପ୍ରକାଶ ବିଶ୍ୱାଳ ଓ ଶୁଭ୍ର ସମ୍ବିତ ନାୟକ । ଉଭୟଙ୍କୁ ରାତିରେ ବାଲେଶ୍ୱର ଏସଡ଼ିଜେଏମଙ୍କ ଆବାସିକ କାର୍ଯ୍ୟାଳୟରେ ହଜାର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜ୍ୟୋତି ପ୍ରକାଶ ପୀଡିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ । କଟକ ମେଡିକାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ଘରକୁ ଫେରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ ପକ୍ଷରୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା । ଅପରପକ୍ଷରେ ଶୁଭ୍ର ସମ୍ବିତ ଏବିଭିପି ଛାତ୍ର ସଂଗଠନର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି ।

ବିଭାଗୀୟ ଏଚଓଡି ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇଥିଲେ ସୌମ୍ୟାଶ୍ରୀ । ନ୍ୟାୟ ନପାଇ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ସେ ପୋଡି ହୋଇଥିଲେ । ୧୪ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ସମ୍ବେଦନଶିଳ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା ।

ପୋଲିସ ଏଚଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କ୍ରାଇମବ୍ରାଞ୍ଚ, ଉଚ୍ଚ ଶିକ୍ଷା ବିଭାଗର ଏକ ଟିମ ଓ ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ କଲେଜରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ ଆରମ୍ଭ କରିଥିଲେ । ଆତ୍ମାହୁତି ନିମନ୍ତେ ଗିରଫ ଛାତ୍ର ଦ୍ୱୟଙ୍କ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ପ୍ରମାଣ ପାଇଥିବା କୁହାଯାଉଛି । ଛାତ୍ରୀ ଜଣକ ନ୍ୟାୟ ପାଇଁ ଲଢେଇ କରୁଥିବାବେଳେ କିଛି ଛାତ୍ର ଓ ସହଯୋଗୀ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ଥିଲେ । ଘଟଣା ଦିନ ସୌମ୍ୟାଶ୍ରୀଙ୍କ ପାଖରେ ରହି ଜ୍ୟୋତି ପ୍ରକାଶ ମୋବାଇଲରେ ଭିଡିଓ ଉତ୍ତୋଳନ କରିବା ସହ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ ।

ପୁଣି ଶ୍ରୀମନ୍ଦିରରୁ ଧରାହେଲା ହିଡେନ କ୍ୟାମେରା ଯୁକ୍ତ ଚଷମା । କୀର୍ତ୍ତନଚକଡ଼ା ନିକଟରୁ ଏହି ହିଡେନ କ୍ୟାମେରା ଧରାପଡ଼ିଥିବା ଜଣାପଡ଼ିଛି । ଚଷମାରେ ହିଡେନ କ୍ୟାମେରା ଲଗାଇ ଫଟୋ ଉଠାଉଥିଲେ । ଏହି ସମୟରେ ଗୁଜରାଟର ଜଣେ ଭକ୍ତଙ୍କୁ

Listen to Odia Podcast Original at https://youtube.com/@drjyotiprasad

ସିଂହଦ୍ୱାର ଥାନା ପୋଲିସ କାବୁ କରିନେଇଥିଲା । ନିକଟରେ ପୁରୀର ଜଣେ ବ୍ୟକ୍ତି ମଧ୍ୟ ଅନୁରୂପ କାର୍ଯ୍ୟ ପାଇଁ ଧରାପଡ଼ିଥିଲେ । ତେବେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନ ଉଠୁଥିବା ବେଳେ ଏଭଳି ଦୁଇଦୁଇଟି ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସୋଭନା ମହାନ୍ତି ହେଲେ ମହିଳା କମିଶନ ଅଧ୍ୟକ୍ଷା । ନିଯୁକ୍ତି ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଜାରି ହୋଇଛି । ତେବେ ସୋଭନାଙ୍କୁ ଗୁରୁଦାୟିତ୍ୱ ମିଳିବା ପରେ ସେ କହିଛନ୍ତି, ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରିବି । ରାଜ୍ୟ ସରକାର ଏହାକୁ ପ୍ରାଥମିକତା ଦେଉଛନ୍ତି । ବାଲେଶ୍ୱର ଘଟଣାରେ କଠୋର ପଦକ୍ଷେପ ନେଇଛନ୍ତି । ଆଗକୁ ମଧ୍ୟ ମହିଳାଙ୍କୁ ନ୍ୟାୟ ପାଇଁ କଠୋର ପଦକ୍ଷେପ ନିଆଯିବ ବୋଲି ଗୁରୁ ଦାୟିତ୍ୱ ମିଳିବା ପରେ ସୋଭନା କହିଛନ୍ତି ।

ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶାରେ ଆୟୋଜିତ ହୋଇଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି ବଲିଉଡ୍‌ର ଧକ୍‌ଧକ୍ ଗର୍ଲ ମାଧୁରୀ ଦୀକ୍ଷିତ । ଗୁରୁବାର ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ମାଧୁରୀ ଯୋଗ ଦେଇ 'EKTA'ର ଶୁଭାରମ୍ଭ କରିଛନ୍ତି ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉପସ୍ଥିତ ରହିଛନ୍ତି । ମାଧୁରୀ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ । ବାହାର ରାଜ୍ୟର ବୁଣାକାରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ବୁଣାକାର ମେଳାରେ ସେମାନଙ୍କ ଷ୍ଟଲ୍ ଖୋଲିଛନ୍ତି ।

ଓଡ଼ିଶାରେ ଗୋହତ୍ୟା ସଂପୂର୍ଣ୍ଣ ନିଷେଧ ହୋଇଥିବା ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟଙ୍କୁ ଅବଗତ କରିଛନ୍ତି । ଓଡ଼ିଶା ଗୋ ହତ୍ୟା ନିରୋଧ ଆଇନ, ୧୯୬୦ର ଧାରା ୩ ଏବଂ ଓଡ଼ିଶା ପୌର ନିଗମ ଆଇନ, ୨୦୦୩ର ଧାରା ୫୬୨ ଅନୁସାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜ୍ୟରେ ଗୋ ହତ୍ୟା ପୂର୍ଣ୍ଣତଃ ବାରଣ ହୋଇଥିବା ସରକାର ତରଫରୁ ହାଇକୋର୍ଟରେ ଦାଖଲ କରାଯାଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି ।

ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଗୌ ଜ୍ଞାନ ଫାଉଣ୍ଡେସନ୍ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ସୂଚନା ପ୍ରଦାନ କରାଯାଇଥିଲା । ସରକାରଙ୍କ ତରଫରୁ ଅତିରିକ୍ତ ଆଡଭୋକେଟ୍ ଜେନେରାଲ୍ (ଏଜିଏ) ଦେବାଶିଷ ତ୍ରିପାଠୀ ଜଣାଇଛନ୍ତି ଯେ, ଏହି ପ୍ରସଙ୍ଗରେ ଆଇନ ବିଭାଗରୁ ମତାମତ ନିଆଯାଇଥିଲା । ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗର ଅନୁସଚିବ ତରଫରୁ ଦାଖଲ କରାଯାଇଥିବା ସତ୍ୟପାଠରେ ଆଇନ ବିଭାଗର ମତାମତର ଏକ କପି ମଧ୍ୟ ସଂଲଗ୍ନ କରାଯାଇଛି ।

ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ, ୧୯୬୦ର ଓଡ଼ିଶା ଗୋ ହତ୍ୟା ନିରୋଧ ଆଇନର ଧାରା ୩ ଅନୁସାରେ ଗୋ ହତ୍ୟା ସଂପୂର୍ଣ୍ଣ ନିଷିଦ୍ଧ ହୋଇଥିବା ସତ୍ତ୍ୱେ, ଏହି ଆଇନର ଧାରା ୨ ଅନୁସାରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କୁ ଏ ପର୍ଯ୍ୟନ୍ତ ନିଯୁକ୍ତ କରାଯାଇ ନାହିଁ । ଏହାକୁ ଗୁରୁତର ଭାବେ ଗ୍ରହଣ କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରାଧିକୃତ କର୍ତ୍ତୃପକ୍ଷ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସଙ୍ଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ପରବର୍ତ୍ତୀ ଶୁଣାଣିରେ ସୂଚନା ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧ ପାଇଁ ଧାର୍ଯ୍ୟ ହୋଇଛି ।

ଏହି ଜନସ୍ୱାର୍ଥ ମାମଲା କଟକ ସହରର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଆଇନ ଗୋ ହତ୍ୟା ହେଉଥିବା ଅଭିଯୋଗକୁ ନେଇ ଦାୟର ହୋଇଥିଲା । ଏହାକୁ ରୋକିବା ପାଇଁ ଟାସ୍କଫୋର୍ସ ଗଠନ କରିବା ନିମନ୍ତେ ଆବେଦନରେ ନିବେଦନ କରାଯାଇଥିଲା । ଜୁଲାଇ ୩ରେ ହାଇକୋର୍ଟ ଗୋ ହତ୍ୟା ସଂପୂର୍ଣ୍ଣ ନିଷେଧ ବୋଲି ସ୍ପଷ୍ଟ କରି ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀଙ୍କ ତରଫରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଇନଜୀବୀ ମୃଣାଳିନୀ ପାଢ଼ୀ ଏବଂ ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତୀୟ ଆମଦାନୀ ଉପରେ ୫୦ ପ୍ରତିଶତ ଶୁଳ୍କ ଘୋଷଣା ଓଡ଼ିଶାର ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି ଉପରେ ଗଭୀର ପ୍ରଭାବ ପକାଇବ । ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ରାଜ୍ୟ ହୋଇଥିବା ବେଳେ, ଏହାର ମୋଟ ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନିର ପ୍ରାୟ ୭୦ ପ୍ରତିଶତ ଆମେରିକାକୁ ହୋଇଥାଏ । ବାର୍ଷିକ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ସାମୁଦ୍ରିକ ଖାଦ୍ୟ ରପ୍ତାନି ମାଧ୍ୟମରେ ଓଡ଼ିଶା ବିଦେଶୀ ମୁଦ୍ରା ଉପାର୍ଜନ କରିଥାଏ । କିନ୍ତୁ, ଏହି ଚଢ଼ା ଶୁଳ୍କ ଯୋଗୁଁ ରପ୍ତାନି ୭୦ ପ୍ରତିଶତ ହ୍ରାସ ପାଇବା ଆଶଙ୍କା ଦେଖାଦେଇଛି, ଯାହା ରାଜ୍ୟର ଚିଙ୍ଗୁଡ଼ି ଚାଷୀ ଓ ରପ୍ତାନିକାରୀଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି ।

ଓଡ଼ିଶାର ଚିଙ୍ଗୁଡ଼ି ରପ୍ତାନିର ସିଂହଭାଗ ଆମେରିକା ବଜାର ଉପରେ ନିର୍ଭରଶୀଳ । ଏତେ ଉଚ୍ଚ ଶୁଳ୍କ ଲାଗୁ ହେବା ଫଳରେ ଆମେରିକାରେ ଓଡ଼ିଶାର ଚିଙ୍ଗୁଡ଼ି ପ୍ରତିଯୋଗିତାମୂଳକ ବଜାରରେ ତିଷ୍ଠିବା କଷ୍ଟକର ହେବ । ଟ୍ରମ୍ପ ଇକ୍ୱେଡର ଉପରେ ୧୫ ପ୍ରତିଶତ ଏବଂ ଇଣ୍ଡୋନେସିଆ ଉପରେ ୧୯ ପ୍ରତିଶତ ଶୁଳ୍କ ଲାଗୁ କରିଥିବା ବେଳେ, ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଛି । ଏହି ଶୁଳ୍କ ପାର୍ଥକ୍ୟ ଯୋଗୁଁ ଇକ୍ୱେଡର ଓ ଇଣ୍ଡୋନେସିଆ ଭଳି ପ୍ରତିଯୋଗୀ ଦେଶମାନଙ୍କ ସହ ଓଡ଼ିଶା ଓ ଭାରତର ଚିଙ୍ଗୁଡ଼ି ରପ୍ତାନିକାରୀମାନେ ଆମେରିକା ବଜାରରେ ପ୍ରତିଯୋଗିତା କରିବାରେ ଅସମର୍ଥ ହେବେ । ବଜାର ବିଶ୍ଳେଷକଙ୍କ ମତରେ, ଏହି ଶୁଳ୍କ ଯୋଗୁଁ ଆମେରିକାର ଗ୍ରାହକମାନେ ଓଡ଼ିଶା କିମ୍ବା ଭାରତର ଚିଙ୍ଗୁଡ଼ି କିଣିବାକୁ ଅନିଚ୍ଛୁକ ହେବେ ।

ଏହା କେବଳ ରପ୍ତାନିକାରୀଙ୍କୁ ନୁହେଁ, ଓଡ଼ିଶାର ୧୦ ହଜାରରୁ ଅଧିକ ଚିଙ୍ଗୁଡ଼ି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଷୀଙ୍କ ଜୀବିକା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇବ । ଓଡ଼ିଶାରେ ଚିଙ୍ଗୁଡ଼ି ଚାଷ ମୁଖ୍ୟତଃ ରପ୍ତାନି ଉଦ୍ଦେଶ୍ୟରେ କରାଯାଇଥାଏ । ଏହା ସହିତ, ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ଶିଳ୍ପରେ କାର୍ଯ୍ୟରତ ହଜାର ହଜାର କର୍ମଚାରୀଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେବ । ବଜାର ବିଶ୍ଳେଷକଙ୍କ ମତରେ, ଉଚ୍ଚ ଶୁଳ୍କ ଯୋଗୁଁ ରପ୍ତାନିକାରୀମାନେ ଆମେରିକାରୁ ଅର୍ଡର ଗ୍ରହଣ ବନ୍ଦ କରିଦେଇଛନ୍ତି, କାରଣ ଏତେ ଚଢ଼ା ଶୁଳ୍କରେ ସେଠାରେ ସାମଗ୍ରୀ ବିକ୍ରି କରିବା ଅସମ୍ଭବ ।

ବର୍ତ୍ତମାନ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ନେଇ ୫ଟି ପର୍ଯ୍ୟାୟ ଆଲୋଚନା ହୋଇସାରିଥିବା ବେଳେ, କୌଣସି ନିଷ୍କର୍ଷ ବାହାରି ପାରିନାହିଁ । ଷଷ୍ଠ ପର୍ଯ୍ୟାୟ ଆଲୋଚନା ଚଳିତ ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଯଦି ଏହି ଆଲୋଚନାରେ ଶୁଳ୍କ ସଂଶୋଧନ ନେଇ ଅଗ୍ରଗତି ହୁଏ, ତେବେ ଓଡ଼ିଶାର ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି ପୁନର୍ବାର ଆରମ୍ଭ ହୋଇପାରେ । ନଚେତ୍, ରାଜ୍ୟର ଚିଙ୍ଗୁଡ଼ି ରପ୍ତାନି ଶିଳ୍ପ ଏବଂ ଏହା ସହ ଜଡ଼ିତ ଚାଷୀ ଓ କର୍ମଚାରୀଙ୍କ ଜୀବିକା ଉପରେ ଗଭୀର ସଙ୍କଟ ଦେଖାଦେବ ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଯୁବତୀ ଜୀଅନ୍ତା ଜଳିଯିବା ଘଟଣାରେ ମୁହଁ ଖୋଲିଛନ୍ତି ଅଟକ ପୁରୁଷ ବନ୍ଧୁଙ୍କ ମା' ଏବଂ ଭଉଣୀ । ପୁଅକୁ ଫସାଇ ଦିଆଯାଇଥିବା ଅଟକ ଯୁବକଙ୍କ ମା' ସାଙ୍ଘାତିକ ଅଭିଯୋଗ କରିଛନ୍ତି ।

ଉଭୟପୁଅ-ଝିଅ ପରସ୍ପରକୁ ଭଲ ପାଉଥିଲେ । ଏହି କଥା ଝିଅଙ୍କ ମା' ବାପା ଜାଣିଛନ୍ତି । ଭିଡିଓ ଭାଇରାଲ ଅଭିଯୋଗ ସମ୍ପୂର୍ଣ୍ଣ ମିଛ । ମୋ ପୁଅକୁ ଫସାଇ ଦିଆଯାଇଥିବା ଯୁବକଙ୍କ ମା' ଗଣମାଧ୍ୟମ ଆଗରେ ଅଭିଯୋଗ କହିଛନ୍ତି ।

ଝିଅକୁ ତାଙ୍କର ମା' ବାପା ମାରିଛନ୍ତି, ବନ୍ଧା ଅବସ୍ଥାରେ ଝିଅର ମୃତଦେହ ମିଳିଥିଲା । ୨୦ ଲକ୍ଷ ଟଙ୍କା ପାଇଁ ତାଙ୍କ ବାପା ଝିଅକୁ ମାରିଛ୍ନତି । ମୋ ପୁଅ ନିର୍ଦ୍ଦୋଷ, ୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାସ ହେଲା ଚେନ୍ନାଇରେ ଥିଲା । ତାଙ୍କ ଘର ଲୋକ ଝିଅକୁ ମାଡ଼ ମାରୁଥିଲେ । ଅନ୍ୟପକ୍ଷେ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଅଟକ ଯୁବକଙ୍କ ମା' କଡ଼ା ଚେତାବନୀ ଦେଇଛନ୍ତି ।

ବରଗଡ଼ ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ବଡ଼ ଖୁଲାସା ହୋଇଛି । IG ହିମାଂଶୁ ଲାଲ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପରିବାର ଲୋକଙ୍କ ବୟାନ ରେକର୍ଡ କରାଯାଇଛି । ପାରିବାରିକ କଳହ ଘଟଣାରୁ ଏହା ଘଟିଛି ବୋଲି କହିଛନ୍ତି ହିମାଂଶୁ ଲାଲ । ପୀଡ଼ିତାଙ୍କ ମାମୁଁ ଝିଅ ପୋଲିସର ପଚରାଉଚରା ବେଳେ ଅସୁସ୍ଥ । ପୋଲିସର ପଚରାଉଚରା ବେଳେ ଚେତା ହରାଇଥିବା ସୂଚନା ମିଳିଛି ।

ବରଗଡ଼ର ଅର୍ଦ୍ଧଦଗ୍ଧ ନାବାଳିକାଙ୍କର ମୃତ୍ୟୁ ହୋଇଛି । ବରଗଡ଼ ଦାୟିତ୍ୱରେ ଥିବା ବଲାଙ୍ଗୀର ଏସ୍ପି ଅଭିଲାଷ. ଜୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା କହିଛନ୍ତି ଭାରପ୍ରାପ୍ତ ଏସ୍‌ପି । ବରଗଡ଼ରୁ ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲା ଅଣାଯାଇଥିଲା । ଫିରିଙ୍ଗିମାଳ ଗାଁରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିଲେ ।

ସୋମବାର ସକାଳେ ୧୩ ବର୍ଷୀୟା ନାବାଳିକା ଘରଠାରୁ ଅନତିଦୂରରେ ରହିଥିବା ଖେଳପଡ଼ିଆ ମଝିରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗାଇସିଲେଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ପାର୍ବଣ ଋତୁରେ ଟ୍ରେନ୍‌ରେ ଓ ଟିକେଟ ପାଇଁ କାଉଣ୍ଟରରେ ପ୍ରବଳ ଭିଡ଼ ହୋଇଥାଏ । ଏସବୁ ଭିଡ଼ଜନିତ ସମସ୍ୟା ଏଡାଇବା ପାଇଁ ଭାରତୀୟ ରେଳପଥ ଏକ ନୂତନ ଯୋଜନା 'ରାଉଣ୍ଡ ଟ୍ରିପ୍ ପ୍ୟାକେଜ ଫର୍ ଫେଷ୍ଟିଭାଲ ରଶ୍' ଆରମ୍ଭ କରିଛି । ରେଳଯାତ୍ରୀ ଯିବା ଓ ଆସିବା ପାଇଁ ଏକାଥରେ ରେଳ ଟିକେଟ ବୁକ୍ କଲେ ୨୦ ପ୍ରତିଶତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରିହାତି ଦିଆଯିବ । ରେଳ ମନ୍ତ୍ରଣାଳୟ ଏହି ରାଉଣ୍ଡ ଟ୍ରିପ୍ ପ୍ୟାକେଜ ସମ୍ପର୍କରେ ଘୋଷଣା କରିଛି । ଏହି ଯୋଜନା ଅନୁସାରେ, ଏହି ରିହାତି କେବଳ ସେହି ଯାତ୍ରୀମାନଙ୍କୁ ଦିଆଯିବ, ଯେଉଁମାନେ ସମାନ ନାମ ଏବଂ ବିବରଣୀ ସହିତ ଆସିବା ଓ ଯିବା ପାଇଁ ଟିକେଟ ବୁକ୍ କରିବେ । ଉଭୟ ଟିକେଟ ସମାନ ଶ୍ରେଣୀ ଏବଂ ସମାନ ଷ୍ଟେଶନ ଯୋଡ଼ା ହେବା ଉଚିତ । ଯିବା ଯାତ୍ରା ଟିକେଟ ଅକ୍ଟୋବର ୧୩ରୁ ୨୬ ମଧ୍ୟରେ ଏବଂ ଫେରିବା ଟିକେଟ ନଭେମ୍ବର ୧୭ରୁ ଡିସେମ୍ବର ୧ ମଧ୍ୟରେ ହେବା ଆବଶ୍ୟକ ।

ବୟସ ମାତ୍ର ଏକ ସଂଖ୍ୟା ହୋଇଥିବାବେଳେ ୬୦ ବର୍ଷ ବୟସର ଜଣେ ମହିଳାଙ୍କ ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା ଦଶମ ଶ୍ରେଣୀ ପାସ୍ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାନାକୋଟ ଗ୍ରାମର ଗୋବିନ୍ଦ ଚନ୍ଦ୍ର ରଥଙ୍କ ସ୍ତ୍ରୀ ବିନୋଦିନୀ ନନ୍ଦ ଗତ ବର୍ଷ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ । ମୋଟ୍ ୫୦୦ ସହ ମାର୍କରୁ ୧୬୫ ନମ୍ବର ଆଣି ଦଶମ ଶ୍ରେଣୀ ପାସ୍ କରିଛନ୍ତି । ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ରୋହିଣୀ ତପସ୍ୱିନୀ ହଜାରେଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ଦଶମ ଶ୍ରେଣୀ ପାସ୍ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଏନେଇ କୃତୀ ମହିଳା ଜଣଙ୍କ ପ୍ରଧାନଶିକ୍ଷୟିତ୍ରୀଙ୍କ ହାତରୁ ସାର୍ଟିଫିକେଟ୍ ନେବା ସମୟରେ ଭାବ ବିହ୍ୱଳ ହୋଇପଡ଼ିବା ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ପରମ୍ପରା ଆଗରେ ପ୍ରଶାସନର ଜନ ସଚେତନତା ପଛରେ ପଡ଼ିଛି । ଏପରି ଅମାନବୀୟ କାର୍ଯ୍ୟକଳାପକୁ ରୋକିବାକୁ ସରକାରୀ ସ୍ତରରେ ଚେଷ୍ଟା ଚାଲିଥିବା ବେଳେ କମୁନି ଅନ୍ଧବିଶ୍ୱାସ । କିଛି ଦିନ ତଳେ ରାୟଗଡ଼ା ଜିଲାର କଞ୍ଚାମଯୋଡ଼ି ଓ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ୍ ପେଦା ଇଟିକି ଗାଁରେ ବଳଦ ଦଣ୍ଡ ଭଳି ଅସାମାଜିକ ବ୍ୟବସ୍ଥାର ନିଦର୍ଶନ ଦେଖିବାକୁ ମିଳିଥିଲା । ପୁଣି ରବିବାର କୋରାପୁଟ ଜିଲା ବନ୍ଧୁଗାଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ଲକ୍ ଆଲମଣ୍ଡା ପଞ୍ଚାୟତ ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତ ଚିଡିବାଲସା ଗାଁରେ ଏଭଳି ଘଟଣାର ପୁନରାବୃତ୍ତି ଘଟିଛି ।

ଉକ୍ତ ଗାଁର ଏକା ବଂଶର ସମ୍ପର୍କୀୟ ଭଉଣୀ ଭାଇ ପରସ୍ପରକୁ ଭଲ ପାଇ ପୁଅ ଘରକୁ ଚାଲିଯାଇଥିଲେ । ଆଦିବାସୀ ପରମ୍ପରା ଅନୁସାରେ ଏହା ନିୟମର ଖିଲାପ ହୋଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରି ପ୍ରେମୀ ଯୁଗଳଙ୍କୁ ଦଣ୍ଡିତ କରିଛନ୍ତି । ସେମାନଙ୍କୁ ଲଙ୍ଗଳ ଦେଇ ଗାଁ ଦାଣ୍ଡରେ ହଳ କରାଇଛନ୍ତି । ରବିବାର ସକାଳେ ଗାଁର ମୁଖିଆ ଜାନି ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରେମୀ ଯୁଗଳ ପରମ୍ପରା ଭାଙ୍ଗିଥିବାରୁ ଗାଁ ମଝିରେ ଥିବା ମଣ୍ଡପରେ ଲଙ୍ଗଳ ଦେଇ ହଳ କରାଇଥିଲେ । ସୂଚନା ଅନୁଯାୟୀ, ଯୁବକଙ୍କ ଦ୍ୱାରା ଲଙ୍ଗଳ ଟାଣିବା ପରେ ଯୁବତୀ ଲଙ୍ଗଳରେ ପାଣି ପକାଇଥାନ୍ତି । ଏହିପରି ତିନିଥର ଲଙ୍ଗଳ ଯୁଆଳି ବୁଲାଇବା ପରେ ଗାଁର ମୁଖିଆମାନେ ଯୁବକଙ୍କୁ ଘରକୁ ନେଇ ଛାଡ଼ିଥାନ୍ତି । ଏହାପରଠାରୁ ପ୍ରେମୀ ଯୁଗଳ ବିନା ଦ୍ୱିଧାରେ ସ୍ୱାମୀ ସ୍ତ୍ରୀ ଭାବେ ସମାଜରେ ରହିପାରିବେ ବୋଲି ଶୁଣାଣି କରିଥାନ୍ତି । ପ୍ରେମୀ ଯୁଗଳଙ୍କୁ ବଳଦ ଦଣ୍ଡ ଦେବା ଘଟଣା ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ବିଡିଓ ମିନତି ଜଗଦେବ, ସିଡିପିଓ ଗୀତାଞ୍ଜଳି ମହାରଣା ଓ ସରପଞ୍ଚ ଗୌରୀ ମେଲେକା ଗାଁରେ ପହଞ୍ଚିଥିଲେ । ପ୍ରେମୀ ଯୁଗଳଙ୍କ ସମେତ ୱାର୍ଡମେମ୍ବର ବାଙ୍ଗୁରୁ କଲେକା ଓ ଗ୍ରାମବାସୀଙ୍କୁ ଏଭଳି ଦଣ୍ଡ ଦେବା ଆଇନ ଅନୁସାରେ ଅପରାଧ ବୋଲି କହିଥିଲେ । ଭବିଷ୍ୟତରେ ଏହିପରି ଗାଁ କିମ୍ବା ଆଖପାଖରେ ନ ଘଟାଇବା ନେଇ ସଚେତନ କରିଥିଲେ । ବନ୍ଧୁଗାଁ ପୋଲିସ ନିଜ ତରଫରୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ମିଶ୍ର ସୂଚନା ଦେଇଛନ୍ତି ।

ଅନଲାଇନ ଗେମ ହେଲା କାଳ। ପରିବାରଲୋକେ ଖେଳିବାକୁ ବାରଣ କରିବାରୁ ବାଥରୁମରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କଲା ନାବାଳକ ପୁଅ । ମୃତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାବାଳକ ହେଉଛନ୍ତି ଅଷ୍ଟମ ଶ୍ରେଣୀର ଛାତ୍ର । ଅନଲାଇନ ଗେମ ଖେଳକୁ ପରିବାର ଲୋକେ ବାରଣ କରିବାରୁ ବାଥରୁମରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସୁଚନା ଅନୁଯାୟୀ ବାଲେଶ୍ୱର ଜିଲା ସିଂଲା ଥାନା ଗୁହାଳିପଦା ଗ୍ରାମର ସନ୍ତୋଷ ଜେନାଙ୍କ ପୁଅ ଜୟକୃଷ୍ଣ ଜେନା (୧୩) ସବୁ ସମୟରେ ଅନଲାଇନ ଗେମ ଖେଳିବା ଓ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିଲେ । ଏନେଇ ପରିବାର ଲୋକେ ବାରମ୍ବାର ବିରୋଧ କରି ଆସୁଥିଲେ । ମଙ୍ଗଳବାର ସକାଳେ ସେ ପାଠ ନପଢି ଗେମ ଖେଳୁଥିବାରୁ ମାଆ ବିରକ୍ତି ହୋଇଥିଲେ । ଏଥିରେ ସେ ରାଗିଯାଇ ଗାଧୁଆଘର ଭିତରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ । ବହୁ ସମୟ ଧରି ବାଥରୁମରୁ ନବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ସିଂଲା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

ଢେଙ୍କାନାଳ ଜିଲା ଭୁବନ ଏନଏସି ୨ ନମ୍ବର ଓାର୍ଡର ଅଜୟ କୁମାର ବେହେରାଙ୍କ ପତ୍ନୀ ପ୍ରେମଲତା ନାଏକ (୩୬) ସୋମବାର ରାତିରେ ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଗୁରୁତର ଅବସ୍ଥାରେ ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି । ପ୍ରେମଲତା ଏଲ ଏ ଟି ଘରୋଇ ସଂସ୍ଥାରୁ ୮୦ ହଜାର ଟଙ୍କା ଋଣ କରିଥିଲେ । ସେ ମାସିକ ୪ ହଜାର ଟଙ୍କା କିସ୍ତି ଦେଉଛନ୍ତି । ପ୍ରତ୍ୟେକ ମାସ ୧୦ ତାରିଖ ଦିନ କିସ୍ତି ଦେବା ପାଇଁ ତାଙ୍କ ସ୍ୱାମୀଙ୍କୁ ମାଗିଥିଲେ । ସ୍ୱାମୀ ଦରମା ପାଇଲେ ଦେବା ପାଇଁ କହିଥିଲେ । ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ହଠାତ ପ୍ରେମଲତା ତାଙ୍କ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ । ସଙ୍ଗେସଙ୍ଗେ ପରିବାର ଲୋକେ ତାଙ୍କୁ ଭୁବନ ଡାକ୍ତର ଖାନାକୁ ନେଇଯାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଟକ ସ୍ଥାନାନ୍ତରିତ କରାଯାଇଛି । କଟକ ସ୍ଥାନାନ୍ତରୀତ ସମୟରେ ତାଙ୍କ ଦେହର ୬୦ ଭାଗ ପୋଡ଼ିଯାଇଥିବା ଭୁବନ ଡାକ୍ତରଖାନା କର୍ମଚାରୀମାନଙ୍କ ପକ୍ଷରୁ କୁହାଯାଇଛି । ଖବର ପାଇ ଭୁବନ ଥାନା ଅଧିକାରୀ ଧିରେନ ସାଇଁ ଡାକ୍ତର ଖାନାରେ ପହଞ୍ଚିଥିଲେ । ସେତେବେଳେକୁ ଗୁରୁତର ମହିଳାଙ୍କୁ କଟକ ସ୍ଥାନାନ୍ତରୀତ କରାଯାଇଥିଲା । ସୋମବାର କାମାକ୍ଷାନଗର ଏସଡିପିଓ ରଜନୀ କାନ୍ତ ସାମଲ ଓ ଜିଲା ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିଥିଲେ । ଏ ସଂକ୍ରାନ୍ତରେ ଭୁବନ ଥାନା ଅଧିକାରୀ କଟକରେ ଗୁରୁତର ଭାବେ ଚିକିତ୍ସିତ ହେଉଥିବା ମହିଳାଙ୍କ ନିକଟକୁ ଯାଇଛନ୍ତି ବୋଲି କହିବା ସହିତ ଏ ସଂକ୍ରାନ୍ତରେ ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି ।

ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକ ଏବଂ ଶୁଭେଚ୍ଛୁଙ୍କୁ ଭାରତବର୍ଷର ସ୍ୱାଧୀନତା ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆଶା କରୁଛି ଭାରତ ବିଶ୍ୱରେ ନିଜର ଆଧିପତ୍ୟ ଶୀଘ୍ର ବଜାୟ ରଖିବାରେ ସମର୍ଥ ହେବ । ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣମାନଙ୍କୁ ଭଲ ଲାଗିବ ବୋଲି ଆଶା କରି ଉପସ୍ଥାପନ କରୁଛି ଅଗଷ୍ଟ ମାସର ଆହ୍ୱାନ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା, ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୩୦

ଅଶୋକ ବିଶ୍ୱାଳ



ରୌପ୍ୟ ବନ୍ଦୀଶାଳାର ଜେଲର-୧୦

ଡେଭିଡ ବେରୀ ନିଜ ଚରାଚରିତ ଶୈଳୀରେ କଇଦୀମାନଙ୍କ ସ୍ୱାଗତ କଲା । ଭାଇ ପରମାନନ୍ଦ ତା'କୁ ଖାତିର କଲେନି କି ତା' ସମ୍ମାନ ପାଇଁ ଠିଆ ବି ହେଲେନି । ଜମାଦାରମାନେ ତାଙ୍କୁ ଠିଆ କରାଇବା ପାଇଁ ଚେଷ୍ଟା କଲେ । ଏମିତିକି ସେ ଜେଲରେ ଆଉ କାମ କରିବକୁ ପୁରା ମନା କରିଦେଲେ । ଟିନେ୍ଡଲମାନେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କୁ ଭଲକରି ଦଣ୍ଡ ଦେବାପାଇଁ ଡେଭିଡ ବେରୀର କୋଠରୀକୁ ନିଆଗଲା । ଡେଭିଡ ବେରୀ ଏହାକୁ ବିଶୃଙ୍ଖଳା ଭାବିଲା ଆଉ ଭାଇ ପରମାନନ୍ଦଙ୍କୁ ମନଇଛା ଗାଳି ଦେବାକୁ ଲାଗିଲା । ଭାଇ ପରମାନନ୍ଦ ଏମିତି ଗାଳି ନଦେବାକୁ ଡେଭିଡ ବେରୀକୁ କହିଲେ, କିନ୍ତୁ ବେରୀ ବେଶି ଗାଳି ଦେଲା । ଏମିତି ଗାଳିର ଉପହାରକୁ ମଧ୍ୟ ପ୍ରତ୍ୟୁତ୍ତର ଦେବାକୁ ସେ ଶ୍ରେୟଷ୍କ ଭାବିଲେ । ତା'ପରେ ସେ ପଞ୍ଜାବୀ ଆଉ ହିନ୍ଦୁସ୍ଥାନୀର ମିଶ୍ରଣରେ ଭଲକରି ପାନେ ଗାଳି ଦେଲେ । ଏମିତିଆ ରଙ୍ଗୀନ ଗାଳି ପତ୍ୟୁତ୍ତରରେ ଡେଭିଡ ବେରୀ ଆଶା କରିନଥିଲା । ତେଣୁ ସେ ଉଠିଆସି ଭାଇ ପରାମାନନ୍ଦଙ୍କୁ ଥାପଡ ମାରିବାକୁ ଚାହିଁଲା । ସେ ଥାପଡ ମାରିବା ଆଗରୁ ପରମାନନ୍ଦ ତା' ମୋଟା ପେଟକୁ ଏକ ଗୋଇଠା ଦେଲେ ଆଉ ବେରୀ ତଳେ କଚାଡି ହୋଇ ପଡିଲା । ଏବେ ବେରୀ ଯନ୍ତ୍ରଣାରେ ଚିତ୍କାର କରି ଉଠିଲା । ଜମାଦାରମାନେ ଭାଇ ପରମାନନ୍ଦଙ୍କୁ ଅତି ଉତ୍ତମ ମଧ୍ୟମ ଦେଲେ, ତାଙ୍କ ମୁଣ୍ଡରୁ ରକ୍ତ ବୋହିଆସିଲା ଆଉ ସେ ଡାକ୍ତଖାନାକୁ ଅଚେତ ଅବସ୍ଥାରେ ବୁହାହୋଇ ଗଲେ ।

ପରେ ବିଚାରରେ ତାଙ୍କୁ ସଜାରେ କୋଡିଏ ପାହାର ବେତ୍ରାଘାତ ମିଳିଲା । ପ୍ରତିଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେତମାଡ ତାଙ୍କ ଦେହରେ ଗଭୀର ଦାଗ କରି ଦେଉଥିଲା ଆଉ ରକ୍ତ ବାହାରି ଆସୁଥିଲା । କିନ୍ତୁ ସେ ମୋଟେ କାନ୍ଦିଲେନି । ତାଙ୍କ ଖାଦ୍ୟ କମାଇ ଦିଆଗଲା । ଏହାପରେ ତାଙ୍କୁ ବେଡି କରଡା ସହ ଛଅମାସ ପର୍ଯ୍ୟନ୍ତ ନିଃସଙ୍ଗ ଆବଦ୍ଧ ଦଣ୍ଡ ପାଇଁ ଆଦେଶ ମିଳିଲା । କିନ୍ତୁ ଏମିତି ଦଣ୍ଡ କଇଦୀଙ୍କ ମନରେ ଗଭୀର ଆଘାତ ଦେଲା ଆଉ ସେମାନେ ହରତାଳ କଲେ ।

ଆଉ ଏଇମିତି କେତେଟା ଘଟଣା ଘଟିଗଲା । ଦିନେ ବିଶେନ ସିଂ ଜେଲ ଅଧିକାରୀମାନଙ୍କୁ ରଗାଇ ଦେଲେ । ଚିଫ ସୁପରିଟେନଡେଣ୍ଟ ତାଙ୍କୁ ଠିକ ଭାବେ ପିଟି ଶାସ୍ତି ଦେବାକୁ ଆଦେଶ ଦେଲେ । କାରାଗାରର ଓ୍ୟାର୍ଡରମାନେ ତାଙ୍କ ଆଡକୁ ହାତରେ ବାଡି ଧରି ଆଗେଇ ଆସିଲେ । ସେତେବେଳେ ବିଶେନ ସିଂହଙ୍କର ଗୋଡରେ ବେଡି ଲାଗିଥାଏ । ସେ ବେଡିକୁ ନିଜ ଅଣ୍ଟାଯାଏ ଉଠାଇ ଚିତ୍କାର କରି କହିଲେ- ଯିଏ ମରଣକୁ ବରଣ କରିବାକୁ ଚାହୁଁଛି, ଆଗେଇ ଆସ । ମୁଁ ତୁମ ଗୋଡକୁ ଧରି ଦୁଇଫାଳ କରି ଚିରିଦେବି ।

ବିଶେନ ସିଂହ ଏକ ବିଶାଳ ମଣିଷ ଥିଲେ । ଛଅଫୁଟ ତିନି ଇଂଚ ଉଚ୍ଚ ଆଉ ଦୁଇଶହ ପଚାଶ ପାଉଣ୍ଡରୁ ଉର୍ଦ୍ଧ୍ୱର୍ ମଣିଷ । ପହେଲବାନ୍ । ତାଙ୍କର ବିରାଟ କ୍ରୋଧି ରୂପ ଦେଖି କେହି ତାଙ୍କ ପାଖକୁ ଯିବାକୁ ସାହାସ କରିପାରିଲେନି । କିଏ ଜାଣି ମରଣ ମୁହଁକୁ ଯିବ ? ସେପଟୁ ଡେଭିଡ ବେରୀ ପାଟି କରୁଥାଏ । କିନ୍ତୁ କେହି ତାଙ୍କ ପାଖ ପଶି ପାରିଲେନି ।

ଡେଭିଡ ବେରୀ ମୁଣ୍ଡ ଝୁକାଇ ସେଠାରୁ ଚାଲିଗଲା ।

ଲାହୋର କନସ୍ପାରେସି କେଶର ଆରୋପୀ ବାବା ଭାନ ସିଂହ ଲୁଧିଆନା ପଞ୍ଜାବର ବାସିନ୍ଦା । ଫେବୃୟାରୀ ୧୯୧୭ ମସିହା । ବାବା ଭାନ ସିଂହ ତାଙ୍କ କାମର ହିସାବ ଦେଉଥାନ୍ତି । ତାଙ୍କୁ ଇଂରେଜ କନେଷ୍ଟବଳ ଇଂରାଜୀରେ ଗାଳି ଗୁଲଜ କରି ଅପମାନିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଲା । ସେ ମଧ୍ୟ ତା'କୁ ଭଲକରି ଗାଳି ଦେଲେ । ଜେଲ ସୁପରିଟେନଡେଣ୍ଟଙ୍କ ଆଗରେ ତାଙ୍କୁ ପେଶ କରାଗଲା ଆଉ ତାଙ୍କୁ ଛଅମାସ ବେଢ଼ି କରଡା ସହ ନିର୍ଜ୍ଜନ ବାସ ଦଣ୍ଡ ମିଳିଲା । ତାଙ୍କୁ କମ ଖାଇବା ଦିଆଗଲା, ଠିଆ ହାତକଡା ପକାଗଲା । ତେଣୁ ସେ ଅତି ଅପମାନିତ ଅନୁଭବ କଲେ ।

ଦିନେ ଜୁନ ୧୯୧୭ ମସିହାରେ ବାବା ଭାନ ସିଂହ ନିଜ ସେଲରେ ବନ୍ଦୀ ଥିଲେ ଓ ଜେଲର ବେରୀ ତାଙ୍କ ସେଲକୁ ଆସିଲା । ଜେଲରେ ଆସିଲେ କଇଦୀ ଜେଲକୁ ସମ୍ମାନ ଦେଖାଇବାକୁ ଠିଆ ହୁଅନ୍ତି । କିନ୍ତୁ ଭାନ ସିଂହ ତା' କଲେ ନାହିଁ, ବରଂ ବେରୀ ସହ ଯୁକ୍ତି କଲେ । ଏମିତି ଦୁଇ ତିନି ବାର ଘଟିଲା ଆଉ ବେରୀ ତାଙ୍କୁ ଗାଳି ଦେଉଥିଲା । ଭାନ ସିଂହ ଏହାକୁ ଖତିର କଲେ ନାହିଁ । ଦିନେ ସେ ଉଚ୍ଚ କଣ୍ଠରେ ଗୀତ ଗାଉଥିଲେ

ଯଉ ତାଉ ପ୍ରେମ ଖେଲନ କା ଚାଉ
ସିର ଧର ତାଲି ଗଲି ମେରି ଆଉ ।
(ଯଦି ତୁମେ ପ୍ରେମର ଖେଳ ଖେଳିବାକୁ ଚାହଁ,
ନିଜ ମସ୍ତକକୁ ପାପୁଲିରେ ରଖ ଆଉ ମୋ ରାସ୍ତାରେ ଆସ)

ସେ ନିଜର ହାତ କଡିକୁ ବଜାଇ ମଧୁର ଝଙ୍କାର ତୋଳୁଥିଲେ । ବେରୀ ସେହି ସମୟରେ ବାରଣ୍ଡାରେ ଯାଉଥିଲା । ସେ ବାବା ଭାନ ସିଂହଙ୍କୁ କୁତ୍ସିତ ଭାଷାରେ ଗାଳି ଦେଲା । ଭାନ ସିଂହ ମଧ୍ୟ ସେମିତି ଗାଳି ପ୍ରତିବଦଳରେ ଦେଲେ । ସେହି ସମୟରେ କଇଦୀମାନେ ନିଜ ନିଜ ସେଲରେ ଥିଲେ । ଚାରିଆଡ ନିସ୍ତବ୍ଧ । ତେଣୁ ସମସ୍ତେ ବେରୀ ଆଉ ଭାନ ସିଂହଙ୍କ ମଧ୍ୟରେ ଗାଳିର ଆଦାନପ୍ରଦାନ ଶୁଣିପାରୁଥିଲେ । ବେରୀର ବେଶସମ୍ମାନହାନୀ ଘଟିଲା । ବେରୀ ବାବା ଭାନ ସିଂହଙ୍କୁ କଠିନ ଶାସ୍ତି ଦେବାକୁ ଚାହିଁଲା, ନହେଲେ ତା'ର ଖାତିର କମ ହୋଇଯିବ । ତେଣୁ ସେ ଜମାଦାରମାନଙ୍କୁ ବାବାଙ୍କୁ ଭଲକରି ବାଡେଇବାର ଆଦେଶ ଦେଲା । ଆଉ ଆଗକୁ ବାବାଙ୍କ ମୁହଁରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେମିତି ଶବ୍ଦଟିଏ ନବାହାରେ ସେ ପର୍ଯ୍ୟନ୍ତ ବାଡେଇଚାଲିବ, ଏହା ଥିଲା ନିର୍ଦ୍ଦେଶ । ଅନେକ କଇଦୀରୁ ପରିବର୍ତ୍ତିତ ହୋଇଥିବା ଜମାଦାର ବାବା ଭାନ ସିଂହଙ୍କ ସେଲରେ ପଶିଲେ ଆଉ ତାଙ୍କୁ ପ୍ରବଳ ବାଡେଇବାରେ ଲାଗିଲେ । ବାବାଙ୍କ ଆର୍ତ୍ତ ଚିତ୍କାରରେ କରିଡର ଥରି ଉଠିଲା । ଅନ୍ୟ କିଛି ଶିଖ କଇଦୀ ବାବା ଭାନ ସିଂହଙ୍କୁ ବଞ୍ଚାଇବାପାଇଁ ଦୌଡିଆସିଲେ । ସେତେବେଳକୁ ବାବାଙ୍କୁ ପ୍ରବଳ ମାଡ ହୋଇଯାଇଥାଏ ଓ ବେରୀ ଚାଲିଯାଇଥିଲା ।

ବାବା ଭାନ ସିଂହଙ୍କୁ ହସପିଟାଲରେ ଭର୍ତ୍ତି କରାଗଲା । ଆଉ ସେ ଏକମାସ ଭିତରେ ପ୍ରାଣତ୍ୟାଗ କଲେ । ଅମର ଶହୀଦର ଉପାଧି ତାଙ୍କୁ ମିଳିଲା ।

ତା'ପରେ ବାବା ସୋହନ ସିଂହଙ୍କ କବିତା ପ୍ରତିଟି ତୁଣ୍ଡରେ ଶୁଣାଗଲା, ଲାଗୁଥିଲା ଯେମିତି ପ୍ରତିଟି କରିଡରରୁ ସେ କବିତାର ଝଙ୍କାର ଭାସିଆସୁଛି ।

ହେ, ମୋର ପ୍ରିୟ ଭାରତ ମାତା
ଚରଣରେ ତୁମ ବେଢ଼ି ପରାଧିନତାର
ଆଜି ମୁକ୍ତି ଦେଇପାରୁ ନାହୁଁ
ବଂଚିଯାଏ ଯଦି କିଏ ଆମର ଭିତରୁ
ତୁମ ସ୍ୱାଧୀନତା ପାଇଁ
ସଂଗ୍ରାମ ସେ କରିଚାଲୁଥିବ
ସବୁ ଦାସତ୍ୱରୁ ଦିନେ ମୁକ୍ତି ଦିଆଇବ ।

ଡେଭିଡ ବେରୀ ଏତେ ଶବ୍ଦରେ ଚମକି ଗଲା । ଏଣେ କରିଡରରେ ଗସ୍ତ ସମୟରେ ତା'କୁ ବାବା ଭାନ ସିଂହଙ୍କ ଲୁହା ବେଢ଼ିର ଝଣଝଣ ଶବ୍ଦ ଶୁଣାଯାଉଥିଲା । ଲାଗୁଥିଲା ଯେମିତି ସେ ବାବା ଭାନ ସିଂହଙ୍କ କହିଥିବା ରସ୍ତାରେ ଯାଉଅଛି । ଆଉ ସମସ୍ତେ ବାବା ଭାନ ସିଂହଙ୍କ ଗାଉଥିବା କବିତା ଗାଉଛନ୍ତି- "ଯଦି ତୁମେ ପ୍ରେମର ଖେଳ ଖେଳିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାହଁ, ନିଜ ମସ୍ତକକୁ ପାପୁଲିରେ ରଖିଦିଅ ଆଉ ମୋ ରାସ୍ତାରେ ଆସ ।"

ଡେଭିଡ ବେରୀ, ତୁମର ଅସ୍ତିତ୍ୱ ଆଉ ନାହିଁ । ଏ ସମର୍ପଣର ଗୀତ ପରେ ତୁମ ନିୟମର ଆଉ କିଛି ମୂଲ୍ୟ ନାହିଁ । ତୁମ ପାଇଁ ଆଉ ଲେଖା ନାହିଁ ।– ଡେଭିଡ ବେରୀକୁ ସେମିତି ଅନ୍ୟ କିଛି ଶୁଣାଗଲା । ଏହା ମାନନୀୟଙ୍କ ସ୍ୱର ନଥିଲା । ତାଙ୍କ ସ୍ୱର ଶୀତଳ ଆଉ ଅତି ଗଭୀର । କିନ୍ତୁ ଏ ସ୍ୱର ଅତି ନରମ, ଉଷୁମ, ପ୍ରତି ଅଙ୍ଗରେ ଅବଶତା ଆଣୁଛି । ଡେଭିଡ ଦୁଇ ସ୍ୱର ଭିତରେ ଲମ୍ବା ବ୍ୟବଧାନ ଅନୁଭବ କରୁଥିଲା । ସେ ନିଜ କୁର୍ସୀରେ ଲଥ୍ କରି ବସି ପଡିଲା । ତା' ଆଗରେ କାଗଜ ଅଛି କି ନଅଛି ସେପଟକୁ ତା' ଦୃଷ୍ଟି ଗଲାନି । ତା' ମୁଣ୍ଡ ତଳୁଆ ହୋଇଯାଇଥିଲା । ମିର୍ଜ୍ଜା ଖାନ ଦୁଆର ମୁହଁରୁ ଡେଭିଡ ବେରୀର ଏ ରୂପ ଦେଖି ହତବମ୍ବ ହୋଇ ଠିଆ ହୋଇଥିଲା । ବାବା ଭାନ ସିଂହଙ୍କୁ ଏମିତିଆ ବାଡେଇଥିବା ହେତୁ ଡେଭିଡ ବେରୀକୁ ଉତ୍ତର ଦେବା କଠିନ ହୋଇ ପଡିଲା । ପରେ ଜେଲରେ ଅନେକ ହରତାଳ ହେବା ହେତୁ ତା' ପଦବୀ ଟଳମଟଳ ହେଲା ।

ଡେଭିଡ ବେରୀ, ଆମର ଚୁକ୍ତି ମନ ଅଛିତ ?- ସେଦିନ ସନ୍ଧ୍ୟାରେ ଅତି ଗଭୀର ସ୍ୱର ଶୁଣାଗଲା । ସେହିସ୍ୱର ଏତେ ଗଭୀରକୁ ଯାଇପାରେ ଅବିନାଶ ବିଶ୍ୱାସ କରିପାରୁନଥିଲା । ଶରୀର ଦେଇ ଆଲୋକ ସିନା ଯାଇପାରେନି, କିନ୍ତୁ ଏକ୍ସ-ରେ ଯାଇପାରେ ଆଉ ଏକ କଳା ଧଳା ଛବି ଆସେ । ସେଇମିତି ଶବ୍ଦର ଏକ ଫ୍ରିକ୍ୱ୍ୟୁଏନ୍‌ସି କାନ ଭିତରେ ଦେଇ ମସ୍ତିଷ୍କ ଭିତରେ ସବୁଠାରୁ ଗଭୀରତମ ଅଂଶକୁ ଛୁଉଁଥିଲା ।

ହୀରାର ଅକ୍ଷର ପରି ମନଅଛି । ଟିକିଏ କମ ବେଶୀ ହୋଇନି ।-ଡେଭିଡ ବେରୀ ଥରିଥରି ଉତ୍ତର ଦେଉଥିଲା ।

ତୁମକୁ ତ ଲେଖିବାର ଅଛି ସେଇ ପୁରୁଣା ଗୋଟିଏ ଧାଡି ।

ତା ଲେଖିଦେବି ।

ଆଉ ବିଳମ୍ବ କରନି, ଏବେ ଲେଖ । କାଲି ତୁମେ ଲେଖିନଥିଲ, ତେଣୁ ତୁମପାଖକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋତେ ନିଜେ ଆସିବାକୁ ପଡିଲା ।

ମୋର ଭୂଲ ହୋଇଗଲା । ଏବେ ଲେଖୁଛି ।

ଏତିକି କହି ଡେଭିଡ ବେରୀ ସେଇ ପୁରୁଣା ଚେଆର ଉପରେ ବସି ପଡିଲା । ଟେବୁଲଟା ନିୟମ ହିସାବରେ ବଡ଼ ଛୋଟ ହେବାକାଥା । ପ୍ରଥମରୁ ଅତି ବିଶାଳ ଲାଗୁଥିଲା, ଏକଣରୁ ସେକଣଯାଏ ଯେମିତି ଦେଖିହେଉନଥିଲା । ଏବେ ଚୋଟ ଲାଗୁଛି ।

ତା ଆଖି ଜାଲୁଜାଲୁଆ ହୋଇଗଲା । ସେ ଥରୁଥିବା ହାତରେ ନିଜ ଆଖି ପୋଛିନେଲା । ଆଜିକାଲି କ'ଣପାଇଁ ହାତ ବେଶି ଥରୁଛି । କଲମକୁ ଉଠାଇଲା, କିନ୍ତୁ କଲମରେ କାଳି ଶୁଖିଯାଇଥିଲା । ଆଉଥରେ କାଳି ପୁରାଇବାକୁ ଅଛି । ସେ କାଳି ଦୁଆତକୁ ଉଠାଇଲା । କାଳି ଦୁଆତରୁ ବି ସରି ଆସିଲାଣି । କାଲି ଆଉ ଏକ ନୂଆ ଦୁଆତ ନେଇଆସିବ । ଏ କଲମ କିନ୍ତୁ ମିଳିବନି । ସେ ନିଜ ଥରଥର ହେଉଥିବା ହାତରେ ଦୁଆତରୁ କାଳି ଧିରେ ଢାଳିଲା । ମେଞ୍ଚାଏ କାଳି ତଳେ ପଡିଗଲା । ତା' ମନ କ'ଣ ହୋଇଗଲା । ହାତଟା ଆଉ ବୋଲମାନୁନି । ଯାହାହେଉ ସେ କାଳି ପୁରାଇଲା, ଅଧାରୁ ବେଶିଯାଏ କାଳି କଲମରେ ପୁରିଗଲା । ତା' ପରେ ଡେଭିଡ ବେରୀ ନିଜର ପୁରୁଣା ଚଉକିରେ ବସି ନୂଆ ଫର୍ଦ୍ଦେ କାଗଜ ଟାଣି ଆଣିଲା । ତା'ର ହାତରେ ତଥାପି କାଳି ଲାଗିଥିଲା । ସେ କାଳିରୁ କିଛି କାଗଜ ଦେହରେ ନେସି ହୋଇଗଲା । କାଗଜରେ ଦାଗ ଲାଗିଲେ ଆଉ ଲେଖା ଭଲ ଦେଖାଯିବନି । କିନ୍ତୁ ନିୟମ ହିସାବରେ ତା'କୁ ଲେଖିବାକୁ ପଡ଼ିବ । ତଳ ଆଡକୁ ସିନା ମେଞ୍ଚାଏ କାଳି ଲାଗିଛି, କିନ୍ତୁ ଉପର ଅଧାତ ଭଲ ଅଛି । ସେଥିରେ ମାତ୍ର ଏକ ଧାଡି ଲେଖିବାର କଥା

ସେ କାଗଜକୁ ସିଧା ରଖି ସେଇ ଧାଡି ଲେଖିବାକୁ ବସିଲା– "ମୁଁ ମୋତେ ଡରେ ନାହିଁ ।" ତା' ହାତ ଏବେ ଜୋରରେ ଥରୁଥିଲା । ତା' ମନରେ ଟିକେ ଡର ଆସିଲା । ତଥାପି ନିଜକୁ ଥୟକରି ସେ ଲେଖିବାକୁ ଲାଗିଲା । ଲେଖାଗୁଡା ବଙ୍କାଟଙ୍କା ହୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଉଥିଲା । କୁଆଡେ ଗଲା ମଞ୍ଜି ପରି ଲେଖା । ବାକ୍ୟର ଶେଷ ହେଉନଥିଲା । ତଥାପି ଏକ ପୂର୍ଣ୍ଣଚ୍ଛେଦ ଭଲ ଭାବରେ ଦେବାପାଇଁ ଭାବିଲା ଆଉ କଲମକୁ ଜୋରରେ କାଗଜ ଉପରେ ମାଡିଦେଲା । ସୁନା ତିଆରି ମୁନ ଟିକେ ମୋଡିଗଲା ଆଉ ଫରଚା ହୋଇଗଲା । ଆଗକୁ କାଳି ଭଲ ଆସିବନି । କିନ୍ତୁ ତା' ଲେଖା ଆଉ ଶେଷ ହୋଇପାରିଲାନାହିଁ । ଆଉ ଏତେ ସୁନ୍ଦର କଲମ ଟିକେ ବଙ୍କି ଯାଇଥିବାରୁ ତା' ମନରେ ଦୁଃଖ ହେଲା ।

ତୁମେ ଭୁଲ କରିଦେଲ । ତୁମ ପାଇଁ ପୁରୁଣା ନିୟମର ସର୍ତ୍ତ ଅଛି । ଭୁଲପାଇଁ ଶାସ୍ତି, ସାମାନ୍ୟ କ୍ଷମା ନାହିଁ ।– ସେ ସ୍ୱର ଆହୁରି ସ୍ପଷ୍ଟ, କ୍ଷୀଣ କିନ୍ତୁ ଅର୍ନ୍ତଭେଦୀ ଥିଲା । ଡେଭିଡ ବେରୀ ନିଜ ମୁଣ୍ଡକୁ ତଳକୁ କରିଦେଲା । ତା' ଦେହ ଭିତରେ କିଛି ଅତି ତୀକ୍ଷ୍ଣ ଛୁଂଚୀ ଫୁଟିଯାଉଥିବାର ଅନୁଭବ କଲା । ପ୍ରତିଟି ଶିରାରରେ, ପ୍ରତିଟି ରକ୍ତ କଣିକାରେ ସେ ଭୀଷଣ ଯନ୍ତ୍ରଣା ଅନୁଭବ ପାଉଥିଲା । ତା'ର ଅଙ୍ଗ ପ୍ରତ୍ୟଙ୍ଗ ଆଉ ଚଳିଲାନି, ଆଖି ବେଙ୍ଗ ବଳି ଫୁଲିଗଲା, ଆଉ ସେ କଟାଗଛ ଭଳି ତଳେ କଚାଡି ପଡିଲା । ତା'କୁ ପକ୍ଷାଘାତ ହେଲା । ଆଉ ଦିନେ ପୋର୍ଟବ୍ଲେଆରର ଇଶ୍ୱର କହୁଥିବା ବ୍ୟକ୍ତି ନିଜ ସ୍ଥାନରେ ପଥର ହୋଇଯାଉଥିଲା । ଛୋଡା ବେରୀ, ମିର୍ଜ୍ଜା ଖାନକୁ ମଧ୍ୟ ପକ୍ଷାଘାତ ରୋଗ ହେଲା ।

ଡେଭିଡ ବେରୀ, ଦଣ୍ଡ ସମସ୍ତଙ୍କୁ, ସେଥିରେ ବାଛବିଚାର ନାହିଁ, କ୍ଷମା ନାହିଁ ।- ତା'କୁ ସେହି ମର୍ମଭେଦୀ ସ୍ୱର ଶୁଣାଗଲା ।

ତା'କୁ ଲୋକେ ବୋହିନେଲେ, ସେ ନିଜର ସବୁଦିନ ବୁଲା ସ୍ଥାନ କେନ୍ଦ୍ରୀୟ ଗମ୍ବୁଜକୁ ଦେଖିପାରିଲାନି । ତା'କୁ କିଛି ଶୁଣାଯାଉନଥିଲା ଆଉ ସେ କେବଳ ଚାହିଁ ରହିଥିଲା । ସେ ନିଜ ମାତୃଭୂମି ପହଞ୍ଚିପାରିଲା ନାହିଁ, କଲିକତାରେ ପ୍ରାଣତ୍ୟାଗ କଲା । ଇଶ୍ୱର ଡେଭିଡ ବେରୀକୁ ଏମିତି ନିଷ୍ଠୁର ଅତ୍ୟାଚାର ପାଇଁ ଦଣ୍ଡ ଦେଲେ ।

ଅବିନାଶ ତୁମେ ପତ୍ରକୁ ଉଠାଇନିଅ ।- ଅନ୍ୟ ଏକ ମଧୁର ସ୍ୱର କହିଲା ।

ଅବିନାଶ ପାଖକୁ ଯେମିତି ଏକ ପତ୍ର ଉଡିଆସୁଥିଲା, ପବନରେ ଯେତେ ସମୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବ ଦୋଳି ଖେଳୁଥିଲା, ଯେମିତି ମାଧ୍ୟାକର୍ଷଣ ନାହିଁ । ସେ ପତ୍ରର ଦୋଳିକୁ ଲକ୍ଷ୍ୟ କରୁଥିଲା, ଏକ ପେଣ୍ଡୁଲମର ଘଣ୍ଟାପରି ଏପଟ ସେପଟେ ହେଉଥିଲା କିନ୍ତୁ ତଳକୁ ଅତି ଧିରେ ଖସୁଥିଲା । କିଛି ସମୟପରେ ନିଜ ଗୋଡ ତଳେ ସେହି ଅଶ୍ୱତଥ୍ ପତ୍ରକୁ ପଡ଼ିବାର ଦେଖିଲା । ସେ ପତ୍ରଟିକୁ ଉଠାଇ ନେଲା । ଶୁଖିଲା ପତ୍ର । ହଳଦିଆ ପଡିଆସିଲାଣି । କିନ୍ତୁ କିଛି ସବୁଜ ଅଛି । ଅବିନାଶକୁ ଲାଗିଲା ପତ୍ରରୁ ଧୂଳି ପୋଛିଦେଇ ନିଜ ପାଖରେ ରଖିବା ଦରକାର । ଏଠାକାର ସ୍ମୃତି । ସେ ଅତି ଧିରେ ଧୂଳି ପୋଛିବାକୁ ଗଲା । କିନ୍ତୁ ଧୂଳି ପୋଛିବା ସହ ପତ୍ରରୁ ସବୁ ମାଂସଳ ଅଂଶ ବାଲିଭଳି ଝରି ପଡିଲା । କିଛି ତା’ ହାତରେ ଲାଗୁନି, କିନ୍ତୁ ପତ୍ରରୁ କିଛି ଝରି ପଡୁଛି । କିଛି ସମୟପରେ ତା’ ହାତରେ କେବଳ ପତ୍ରର ସ୍କେଲିଟନ ବା ପତ୍ରର ଶିରା ପ୍ରଶିରାର ଜାଲ ଥିଲା । ସେ ଭଲକରି ଲକ୍ଷ୍ୟ କଲା, ଅଶ୍ୱତଥ ପତ୍ରରେ ଏତେ ଜାଲ କିଏ ତିଆରି କରିଛି ଆଉ ସେ ଜାଲ ଉପରେ କିଏ ଯେମିତି କ୍ଲୋରୋଫିଲର ପଲସ୍ତରା କରିଛି, ସେଇଟା ଚାଲିଗଲେ କେବଳ ସ୍କେଲିଟନ ।

ଅବିନାଶ ଗଛର ଜାଲୁଆ ପତ୍ରକୁ ନେଇ ତା’ ଭିତରର ଶିର ପ୍ରଶିରାକୁ ଲକ୍ଷ୍ୟ କରୁଥିଲା । ପ୍ରତିଟି ଶିରାକୁ ଅତି ଯତ୍ନର ସହ କିଏ ବୃନ୍ତରେ ଯୋଡିଛି । ଏକ ଜାଲି । ତା’ ଭିତରେ ଅସଂଖ୍ୟ କୋଠରି ଦେଖାଗଲା । ପ୍ରତିଟି କୋଠରୀରେ ଏକ ଏକ ମଶାଲ ଜଳି ଉଠିଲା, କେଉଁ ମଶାଲର ଶିଖା ଆଉ ଥରୁନଥିଲା । ତା’କୁ ମହାସାଗରର ଉର୍ମି ଆଉ ଏକ ବିଶାଳ ଭୂମି ଦେଖାଗଲା । ସେ ଭୂମିରେ ଏକ ମ୍ୟାପ ରୂପ ନେଉଥିଲା । ସବୁ ମଶାଲ ଏକତ୍ରିତ ହୋଇଯାଉଥିଲା ଆଉ ଏକ ଉଜ୍ଜ୍ୱଳ ଆଲୋକ ବର୍ତ୍ତିକା ତିଆରି ହେଉଥିଲା । ଲାଲ ଆଲୋକର ବର୍ତ୍ତିକା କିଛି ଥରୁନି, କିଛି ଧୂଆଁ ବି ଉଠୁନି । ଅବିନାଶ ସେହି ଆଲୋକର ଦ୍ୟୁତିକୁ ନିଜ ଭିତରେ ଅନୁଭବ କରିଚାଲିଲା ।

ତା’ପରେ ଅବିନାଶ ଏକ ସନ୍ଧ୍ୟାର ଶେଷ କିରଣକୁ ଧରିଥିବା ଦିଗବଳୟକୁ ଅନାଇଲା । ରଙ୍ଗ ଅବର୍ଣ୍ଣନୀୟ ଥିଲା । କଳା ହୋଇଆସୁଥିବା ସହରରେ ନିଅନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଇଟମାନ ଜଳିଲାଣି । ଆକାଶର ଶେଷ ଅରୁଣିମା ସହରକୁ ଏକ ନାରଙ୍ଗୀ କଳା ମୁକୁଟ ପିନ୍ଧାଇଛି । ପୋର୍ଟବ୍ଲେଆରର ସବୁଠାରୁ ବଡ଼ ପରିଚୟ ହେଉଛି ସେଲୁଲାର ଜେଲ୍ । ପୋର୍ଟବ୍ଲେଆରର ମନୁଷ୍ୟକୃତ ଐତିହ୍ୟ ।

ଐତିହ୍ୟ ମଣିଷ ମନର ଏକ ଛାଇ ।

ରଙ୍ଗୀନ ଛାଇ ।

ତୁମେ ସେଲୁଲାର ଜେଲକୁ ଦେଖୁନକି । ପ୍ରତି ମୁହୂର୍ତ୍ତରେ ରଙ୍ଗ ବଦଳୁଛି ।

ଅବିନାଶ ପାଣିରେ ପ୍ରତିଫଳନକୁ ଅନାଇଲା । କେତେବେଳେ ସୁନେଲି ତ କେତେବେଳେ ଲାଲ, କେତେବେଳେ ରଙ୍ଗର ସମାହାର । ସେଲୁଲାର ଜେଲକୁ ଆଲୋକରେ ରଙ୍ଗାଇ ଦିଆଯାଇଛି । ସେ ଭିତରେ କେବେ ରହୁଥିବା କଇଦୀମାନଙ୍କୁ ତାହାହେଲେ ରଙ୍ଗାଇ ଦିଆଯାଉଥିବ । ପରିଚୟ । ଲେଖା ହୋଇଛି ପରା । ଏତେ ବର୍ଣ୍ଣନା ପରେ ସେମାନେ ଆଉ ଅଜଣା ନୁହନ୍ତି । ଆଗକୁ ଯିବାକୁ ପଡ଼ିବ ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଉ ଗୋଟାଏ ଦିନ

ଆଶୁତୋଷ ମେହେର



ସିନ୍ଦୁରା ପାଟିଲାଣି ଭୋର ଭୋର ସକାଳୁଆ କୁହୁଡ଼ି ଧୀରେ ଧୀରେ ପତଳା ହେବାକୁ ବସିଲାଣି । ସୂରୁଯ ମୁଣ୍ଡ ଟେକିଲେଣି ପୂର୍ବ ଦିଗରୁ । ଢାଙ୍କୁଣୀ ଗାଁ ଆଉ ଗୋଟାଏ ଦିନ ପାଇଁ କଡଲେଉଟାଇ ଜାଗିବସିଲାଣି ।

ରାଧା, ସେଇ ଗାଁର ଗୋଟାଏ ଗରିବ ଚାଷୀ ଘରର ଝିଅ । ଘର ଭିତରର ପାଇଟି ସାରି, ମନେ ମନେ ନିଜକୁ ପ୍ରସ୍ତୁତ କରୁଥିଲା ପୋଖରୀରୁ ପାଣି ଆଣିବାକୁ । ଘରେ ତା' ବାପା ଚାରି ମାସ ହେବ ଶଯ୍ୟାଶାୟୀ, ଆହୁରି ମାସେ ଦୁଇମାସ ସମୟ ଲାଗିବ ସୁସ୍ଥ ହୋଇ କାମଧାମକୁ ଯୋଗ୍ୟ ହେବାପାଇଁ । ବର୍ଷେ ତଳେ ମାଁ ଚାଲି ଯାଇଥିଲା ଆଉ ପାରିକୁ କେଉଁ ଏକ ଅଜଣା ରୋଗରେ । ତାରି ଚିକିତ୍ସା ପାଇଁ ବାପା ବାଧ୍ୟ ହୋଇ ଚାଷଜମି ସାହୁକାରଙ୍କ ହାତରେ ବନ୍ଧା ଦେଇଦେଲେ । ରାଧା ସେତେବେଳକୁ ଗାଁ ସ୍କୁଲରେ ପଞ୍ଚମ ପଢୁଥିଲା । ଶିକ୍ଷକ କହୁଥିଲେ ସେ କୁଆଡେ ଭଲ ପଢୁଛି । ତେବେ ଘର ପରିସ୍ଥିତି ବାଧ୍ୟ କଲା ପାଠପଢାରେ ଡୋର ବନ୍ଧିବାକୁ । ଆଗକୁ ରାସ୍ତା ନ ପାଇ ଗାଁରେ ପାଞ୍ଚ ଘରର ପାଇଟି କଲା । ସେଇ ମଜୁରୀରେ ହିଁ ଘର ଚଳିଥିଲା । ହେଲେ ମନରେ ତା'ର ବଡ ସ୍ୱପ୍ନଟେ ଥିଲା; ସେ ଡାକ୍ତରୀ ପାଠପଢିବ, ଡାକ୍ତର ହେବ, ଗରିବ ଲୋକଙ୍କ ସେବା କରିବ । ତା'ର ଆଖିରେ ଆଲୋକର ଝଟକ, ମନରେ ଆଶା । ସବୁ ଲୁଚିଯାଇଥିଲା ମନ ଆକାଶର ବାଦଲ ଭିତରେ ।

ଏଇ କିଛି ଦିନ ତଳେ ସକାଳବେଳା, ପୋଖରୀକୁ ପାଣି ଆଣିବାକୁ ଯାଇଥିବା ବେଳେ ରାଧାର ଆଖି ପଡ଼ିଲା ପୋଖରୀ ହୁଡାର ସେଇ ପୁରୁଣା ବରଗଛ ତଳକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟାଏ ପୁରୁଣା ଲୋଚାକୋଚା ମୁଣାରେ କିଛି ଜିନିଷ ଭର୍ତ୍ତି ହୋଇ ପଡିଛି । ଆଖପାଖରେ କେହି ନାହାନ୍ତି । ସାହସ ପୁରାଇ ଦେଖିଲା ମୁଣା ଭିତରେ କିଛି ପୁରୁଣା ବହି ଅଛି । ବହି ଦେଖି ତାର ପାଠପଢା ଦିନ କଥା ମନେ ପଡିଗଲା । ବହିମୁଣାଟା ଧରି ଘରମୁହାଁ ହେଲା ସେ ।

ଘରେ ଦେଖିଲା ମୁଣା ଭିତରେ ଥିଲା ସପ୍ତମ ଶ୍ରେଣୀର, ଗଣିତ ବହି, ସାହିତ୍ୟ ବହି ଓ ବିଜ୍ଞାନ ବହି । ତା'ର ହୃଦୟ ଖୁସିରେ ନାଚି ଉଠିଲା । ମନେ ହେଲେ ସେତ ପଞ୍ଚମ ପର୍ଯ୍ୟନ୍ତ ପାଠ ପଢିଛି, ଏ ସପ୍ତମ ଶ୍ରେଣୀର ବହି ଗୁଡ଼ାକ ତା' ପାଇଁ ନୂଆ ଦୁନିଆ ଖୋଲିବ, ନୂଆଁ ରାସ୍ତା ଦେଖାଇବ । ରାତି ବେଳା କାମଧାମ ସାରି ଡିବିରୀ ଆଲୁଅରେ ସେ ବହିସବୁ ପଢିବା ଆରମ୍ଭ କଲା । କିଛି ବୁଝାପଡୁଥାଏ ତ କିଛି ନୂଆଁ ନୂଆଁ ଲାଗୁଥାଏ । ତଥାପି ମନରେ କେମିତି ଗୋଟାଏ ନୂଆଁ ସଂକଳ୍ପ ଜାଗୁଥାଏ ।

କେଉଁଠୁ ଖବର ପାଇଲେ କେଜାଣି, ସେ ଗାଁର ଜଣାଶଣା ଶିକ୍ଷକ ସୁଧାକର ବାବୁ ତାଙ୍କ ଘରକୁ ଆସି ସବୁକଥା ବୁଝିଲେ । ରାଧାର ଉତ୍ସାହ ଓ ଉଦ୍ୟମ ଦେଖି ଖୁସି ହେଲେ, ସାବାସି ଦେଲେ । ସେ ରାଧାକୁ ମାଗଣାରେ ଟିଉସନ ପଢ଼ାଇବାକୁ ନିଷ୍ପତ୍ତି ନେଲେ । ରାଧାର ଆଖିରେ ଆଶାର ଆଲୋକ ଜଳି ଉଠିଲା । ଏ ଭିତରେ ତା ବାପା ମଧ୍ୟ ସୁସ୍ଥ ହୋଇ ଛୋଟ ଛୋଟ ମୁଲକାମ କରିବା ଆରମ୍ଭ କରିଦେଇଥିଲେ । ସୁଧାକର ସାର୍ କହିଲେ, "ରାଧା ଝିଅ, ତୁ ଆଉ ଅନ୍ୟଘର ପାଇଟି କାମ କରନା । ତୋ ବାପା ଏବେ କମାଣୀ ଆରମ୍ଭ କଲାଣି । ତୁ ମୋ ଘରକୁ ଆସି ସକାଳ ଓ ସଂଜବେଳା ଟିଉସନରେ ପାଠପଢ ।" ରାଧା ଠାକୁରଙ୍କୁ ଜୁହାର କରି ଭାବିଲା, "ପ୍ରଭୂଙ୍କ ଆଶୀଷରେ ଆଉ ଗୋଟାଏ ନୂଆଁ ଦିନ, ଆଉ ଗୋଟାଏ ପାଦ ଆଗକୁ ।"

ଦିନେ ସାହୁକାର ତାଙ୍କ ଘରକୁ ଆସି ବାପାଙ୍କୁ ଧମକ ଚମକ ଦେଲେ, ବନ୍ଧକ ପଡିଥିବା ଜମି ତାଙ୍କର ହୋଇଗଲା ବୋଲି କହିଗଲେ । ରାଧା ଆଉ ତା ବାପା ନିରାଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ନାହିଁ । ସୁଧାକର ମାଷ୍ଟରଙ୍କ ସାହାଯ୍ୟରେ ରାଧାର ପାଠପଢ଼ା ଜାରି ରଖିଲା । ବାପା ତାଙ୍କ ପରିଶ୍ରମ ଜାରି ରଖିଲେ । ଗାଁର ଆଉ କେତେଜଣ ଉତ୍ସାହି ଲୋକେ, ରାଧା ଆଉ ତା ବାପାଙ୍କ  ସାହସ ଦେଖି ସାହାଯ୍ୟ ପାଇଁ ଆଗେଇ ଆସିଲେ ।

ଏ ଭିତରେ ଚାରିବର୍ଷ ବିତିଗଲା । ସୁଧାକର ସାର୍ ଙ୍କ ତତ୍ତ୍ୱାବଧାନରେ ରାଧା ମାଟ୍ରିକ ପରୀକ୍ଷା ଘରୋଇ ବିଦ୍ୟାର୍ଥୀ ଭାବରେ ପ୍ରଥମ ଶ୍ରେଣୀର ପାସ୍ କରି, କଲେଜରେ ବିଜ୍ଞାନ ବିଷୟରେ ନାଁ ଲେଖାଇଲା ଯୋଗ୍ୟତାରେ । ତା'ର ସ୍ୱପ୍ନ ଆଉ ଏକ ପାଦ ଆଗକୁ ବଢ଼ିଲା । ରାଧା ଜାଣିଥିଲା, ଜୀବନରେ ଆହୁରି ସଂଘର୍ଷ ବାକି ଅଛି, କିନ୍ତୁ ଭଗବାନଙ୍କ ଆଶୀର୍ବାଦରୁ ତା ଜୀବନର ଆଶା ଧୀରେ ଧୀରେ ରୂପ ନେବାକୁ ଆରମ୍ଭ କରିଛି ଓ ଆଗକୁ  ଟାଣି ନେଉଛି ।

ରାଧାର ଆଖିରେ ଝଟକୁ ଥିଲା ଅନେକ ଆଶା, ଦିନକ ପରେ ଆଉ ଗୋଟାଏ ଦିନରେ, ଗୋଟାଏ ଗୋଟାଏ ପାଦ କରି ଆଗେଇ ଯିବାକୁ, ନିଜର ଲକ୍ଷ୍ୟ ପୂରଣ କରିବା ଦିଗରେ ।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ  ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷରେ ତୁମେ ହାରିଗଲ ନା ! ! !

ପୁଷ୍ପଲତା ମିଶ୍ର



ରାତି ଯେତେ ଅଧିକ ଅନ୍ଧାର ହୋଇଥାଏ ତାରା ମାନେ ସେତେ ଅଧିକ ଚମକି ଥାଆନ୍ତି, ଦୁଃଖ ଯେତେ ଗଭୀର ହୋଇଥାଏ, ଈଶ୍ୱର ସେତେ ଅଧିକ ନିକଟରେ ଥାଆନ୍ତି । ସେଥିପାଇଁ ପ୍ରତ୍ୟେକ ଅନ୍ଧାର ରାତି ପରେ ନୂତନ ସୁରୁଜ ଉଇଁବା ନିଶ୍ଚିନ୍ତ,ପ୍ରତ୍ୟେକ କଷ୍ଟକର ପରିସ୍ଥିତି ପରେ ଭଲ ସମୟ ଆସି ତୁମ ଦୁଆର ଠକ୍ ଠକ୍ କରିବ ଏହା ବିଧି ନିର୍ଦ୍ଦିଷ୍ଟ । ଦୁଃଖ ସିନା ଯାଇଛି ସୁଖକୁ ଅପେକ୍ଷା କରି ରହିଛି ମଞ୍ଜୁଶ୍ରୀ ।

ମାନ କାହା ଉପରେ କରିବ ଯିଏ ମାନ ରଖି ଜାଣିନି ତା ଉପରେ ଅଭିମାନ କରି ଲାଭ କଣ ? ମଞ୍ଜୁଶ୍ରୀ ପାଠରେ ଯେମିତି ଆଗୁଆ ଶାଠ ରେ ବି ଆଗୁଆ । କହିବାକୁ ଗଲେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଏ ସେ ଘର ହେଉ କି କଲେଜ ହାଟ ହେଉ କି ବଜାର । କାହା ଉପରେ ସେ ଭରସା କରେନି ଯାହା କରିବା ଆଗୁଆ ଲଢିବ ସତରେ ସେ ବୀରା ରମଣୀ । କଲେଜ ଡ୍ରାମାରେ ସେ ମୁଖ୍ୟ ଭୂମିକାରେ ଥାଏ । କଲେଜରେ ଡ୍ରାମା ଆଉ ଚାରି ଦିନ ଅଛି ଜ୍ୱରରେ କମ୍ପୁଛି ମଞ୍ଜୁଶ୍ରୀ । ସାହସୀ ଥିଲା ମଞ୍ଜୁଶ୍ରୀ, ସହପାଠୀଙ୍କୁ ଆତ୍ମରକ୍ଷା କୌଶଳର ତାଲିମ ବି ଦିଏ କଲେଜରେ । ଏଇ ସାମାନ୍ୟ ଜ୍ୱରରେ କଣ ସେ ରିହଲସାଲ ନ ଯାଇ ଘରେ ରହିବ କଦାପି ନୁହେଁ । ଯାହା ପାଖରେ ନେତୃତ୍ୱ ନେବାର ଉଦ୍ଦୀପନା ଅଛି ସେ ନିଶ୍ଚିନ୍ତ ଡ୍ରାମାଟିକୁ ସୁରୁଖୁରୁରେ କରିପାରିବ ।

ରିହଲସଲ ଚାଲିଛି ତପନ ହିରୋ, ହେଲେ ତାର ମନମତାଣିଆ ଭାବେ ଅଭିନୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଛି । ଡ୍ରାମା ମାଷ୍ଟ୍ରେ ତାଗିଦ୍ କରି କହୁଛନ୍ତି ତପନ ଖାମ ଖିଆଲି ନକରି ମଞ୍ଜୁଶ୍ରୀକୁ ଟିକେ ଅନୁସରଣ କର । ଦେଖ ! ମଞ୍ଜୁଶ୍ରୀ କେତେ ସିନିସିଅର । କିନ୍ତୁ ସେଦିନ ତପନ ଅଛି ଅନ୍ୟ ପିଲାମାନେ ଅଛନ୍ତି କିନ୍ତୁ ନାହିଁ କେବଳ ମଞ୍ଜୁଶ୍ରୀ ! ଆଜି ପାଥେଟିକ ସିନ ରିହରସଲ ହବ । ହୀରୋଇନ ନଥିଲେ  ତ ହୋଇପାରିବ ନାହିଁ ।

ମଂଜୁଶ୍ରୀ ଭଲ ଭାବେ ଜାଣିଛି ଯେ ଆଜି ଡ୍ରାମା ଶିକ୍ଷାର ପାଥେଟିକ ସିନ ହେବ । ମଞ୍ଜୁଶ୍ରୀକୁ ଭୀଷଣ ଜ୍ୱର ଥରି ଥରି ଆସି କଲେଜ ବାରଣ୍ଡାରେ ପହଁଚି ଯାଇଛି । କିଏ ଦେଖନ୍ତୁ ନ ଦେଖନ୍ତୁ ସୀମା ଆଗ ଦେଖି ପାଟି କରି ଉଠିଲା ହେଇତ ମଞ୍ଜୁଶ୍ରୀ ପରା ଆସିଲାଣି । ସମସ୍ତଙ୍କ ନଜର କଲେଜ ବାରଣ୍ଡାକୁ ଡ୍ରାମା ମାଷ୍ଟ୍ରେ ଖୁସି ହେଇ ନାଟକ ବହିର ପୃଷ୍ଠା ଲେଉଟାଉ ଲେଉଟାଇ ଚାହିଁଲେ ମଞ୍ଜୁଶ୍ରୀ ପଡିଯାଉଛି । ହଠାତ୍ ଉଠିଯାଇ ଧରିନେଇଛି ମଞ୍ଜୁଶ୍ରୀକୁ ତପନ ।

ଚେତା ହରେଇ ଦେଇଛି ମଞ୍ଜୁଶ୍ରୀ । ତପନ ଟେକି ଆଣି କଲେଜ ବେଞ୍ଚରେ ଶୋଇ ଦେଇଛି, ଏହାକୁ ଦେଖି ଡ୍ରାମା ମାଷ୍ଟ୍ରେ କହିଲେ ଆରେ ତପନ ଏଇଟା ଡ୍ରାମାର ପାଥେଟିକ ସିନ ଏଥର ତୋର ଲାଜ ଛାଡ଼ିଗଲା ତ ! ଯାହା କାଲି କରିପାରୁ ନଥିଲୁ ଆଜି ଠିକ୍ ସେ କରିପାରିଲୁ । ତପନ ଟିକେ ଲାଜେଇ ଯାଇ କହିଲା ନା, ସାର ଦେଖୁନାହାନ୍ତି ମଞ୍ଜୁଶ୍ରୀକୁ କେତେ ଜ୍ୱର ! ସେ ପଡ଼ିଯାଉ ଯାଉ ମୁଁ ତାକୁ ଧରିନେଲି ଏଥିରେ ଡ୍ରାମା କୋଉଠି ଆସିଲା । ମାଷ୍ଟ୍ରେ ଯେତେବେଳେ ମଞ୍ଜୁଶ୍ରୀର ମଥାରେ ହାତ ଦେଇଛନ୍ତି ଜ୍ୱରରେ ଖଇ ଫୁଟିଛି ଦେହ । ତପନ ସେମିତି ମଞ୍ଜୁଶ୍ରୀର ମଥାକୁ କୋଳରେ ଧରି ବସିଛି ପ୍ୟାକେଟରୁ ରୁମାଲ ବାହାର କରି ପାଣି ପଟି ପକାଉଛି ।

କିଛି ସମୟ ପରେ ମଞ୍ଜୁଶ୍ରୀର ଚେତା ଫେରି ଆସିଛି, ସମସ୍ତଙ୍କୁ ଦେଖି ଆଶ୍ଚର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇ ଚାହିଁଛି କଣ ହେଇଛି ତାର । କିଛି ବୁଝିପାରୁ ନଥାଏ ମଞ୍ଜୁଶ୍ରୀ, ଯିଏ ପନ୍ଦର ଦିନ ହେଲା ହିରୋ ଭୂମିକାରେ ରୋଲ କରି ଆଡ ଆଖିରେ ଚାହୁଁ ନଥିଲା, ଆଜି ତାକୁ ତା କୋଳରେ ମୋ ମୁଣ୍ଡ ରଖି ଶୋଇଦେଇ ପାଣି ପଟି ପକାଉଛି, ଆଜି କଣ ପୂର୍ବ ଦିଗର ସୂର୍ଯ୍ୟ ପଶ୍ଚିମ ଦିଗରେ ଉଇଁଛି ନା କଣ ?

ତପନର ହାତ ସ୍ପର୍ଶରେ ପୁଲକିତ ହୋଇ ପଡ଼ିଛି ମଞ୍ଜୁଶ୍ରୀ ଏଥର ଡ୍ରାମା ଜମିବ । ଲାଜକୁଳା ତପନ ଆଜି ଶିଖି ଯାଇଛି ଅଭିନୟର କଳା, ଡ୍ରାମାର ବିଷୟବସ୍ତୁ ଥିଲା ହିରୋ ଅନ୍ୟ ଏକ ଝିଅ ସହ ବୁଲିବା ଦେଖି ହିରୋଇନ୍ ଦେହରେ କିରୋସିନି ଢାଳି ଆତ୍ମାହୁତି ଦେବାର ଅଭିନୟ କରିଥିଲେ । ହିରୋକୁ ମନେଇ ପାରିଥିଲା ସେହି ଭଳି ପେଟ୍ରୋଲ ଢାଳି ଆତ୍ମାହୁତି ଦେଇ ପ୍ରିନସିପାଲଙ୍କୁ ଉଚିତ୍ ଶିକ୍ଷା ଦେବ ମଞ୍ଜୁଶ୍ରୀ । ତପନ ଯେତେ ମନା କଲେବି ତାକୁ ବୁଝେଇ ଦେଇଥିଲା ତୁମେ ଖାଲି ଭିଡିଓ କର ସବୁ ଠିକ୍ ହେଇଯିବ । ସ୍ୱାଧୀନ ଭାବେ ଚଳିବାକୁ ହେଲେ ଏପରି ନାରୀ ମାଂସ ଲୋଭୀକୁ ଉଚିତ୍ ଶିକ୍ଷା ଦବା ନିହାତି ଦରକାର । ଯିଏ ଶିକ୍ଷକ ଓ ଛାତ୍ରୀଙ୍କର ସମ୍ପର୍କର ମୂଲ୍ୟ ବୁଝିନାହି ତାଙ୍କୁ ବୁଝେଇ ଦବା ଦରକାର ।

ତେଣୁ ପେଟ୍ରୋଲ ନେଇ ଯାଇଛି ପ୍ରିନସପାଲ ଅଫିସ ଭିତରକୁ ସେଠି ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଲା ମଞ୍ଜୁଶ୍ରୀ । ତପନ ଭିଡିଓ କରିବା ପରିବର୍ତ୍ତେ ମଞ୍ଜୁଶ୍ରୀକୁ ବଞ୍ଚାଇବାକୁ ଆପ୍ରାଣ ଚେଷ୍ଟା କଲା କିନ୍ତୁ ପାରିଲାନି । ତପନ କିଛି ଅଂଶରେ ସେ ବି ପୋଡିଗଲା । ଆମ୍ବୁଲାନ୍ସରେ ମଞ୍ଜୁଶ୍ରୀକୁ ହସ୍ପିଟାଲ ନେଲା ବେଳେ ତପନ ମନେ ମନେ କହୁଛି ମନର ଗତି ସହିତ ଯାନର ଗତି ଯଦି ତାଳ ରଖି ଚାଲିପାରନ୍ତା ତେବେ ମଞ୍ଜୁଶ୍ରୀ ଶୀଘ୍ର ହସ୍ପିଟାଲରେ ପହଁଚି ଯାଇ ବଞ୍ଚି ପାରନ୍ତା । ଯନ୍ତ୍ରଣାରେ ଛଟପଟ ମଞ୍ଜୁଶ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବୁଛି ଆମ ରାଜନେତା ମାନେ ପ୍ରଜାନୁରଞ୍ଜନ ରାମଚନ୍ଦ୍ର ନୁହନ୍ତି, ରାମାୟଣ ବ୍ୟାଖ୍ୟା କରି ପାରନ୍ତି, ମାତ୍ର ରାମଙ୍କ ଚରିତ୍ରରୁ କିଛି ବି ଶିକ୍ଷା କରନ୍ତି ନାହିଁ । କିଏ ବା ଦବ ନ୍ୟାୟ୍ଯ ଅତୀତ କଥା ତାର ମନେ ପଡ଼ିଛି ଇତିଶ୍ରୀ, ବେବିନା, ପିହୁ, ପରୀ, ଛବି ରାଣୀ ପରି କେତେ ଯେ ଏମିତି ଯାଇଛନ୍ତି କେହି ବି ନ୍ୟାୟ୍ଯ ପାଇନାହାନ୍ତି ସବୁ ଗୁଡ଼ିକ ଫାଇଲ ତଳେ ଦବି ଯାଇଛି.......। ଆଖି ବୁଜିଦେଇଛି ସବୁଦିନ ପାଇଁ ମଞ୍ଜୁଶ୍ରୀ, ହାରାସ ହୋଇଯାଇଛି ତପନ ! ! ମେଡିକାଲ ବେଡ଼ରେ ବସି ଭାବୁଛି ତୁମେ ଶେଷରେ ହାରିଗଲ ନା .............।

ଭୁବନେଶ୍ୱର

୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷରେ ତୁମେ ହାରିଗଲ ନା ! ! !

ଶୋଭାମୟୀ ପତ୍ରୀ



ମୋନା ଉଚ୍ଚ ଶିକ୍ଷିତା ଓ ସଂସ୍କାର ସଂସ୍କୃତି, ନିତି ସମ୍ପନ୍ନା, ସ୍ୱଚ୍ଛ ବିଚାରର ଝିଅଟିଏ । ଆଖିରେ ତାର ଅସୁମାରୀ ସ୍ୱପ୍ନ, ସାକାର ପାଇଁ ଯୋଗ୍ୟତା ସହ ତା ବାପାଙ୍କର ଆଶୀର୍ବାଦ ବି ରହିଥିଲା ତା ମଥାରେ । ସ୍ୱାଧୀନ ଚିନ୍ତା ଧାରାରେ, ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବାର ନିଶା ତାର ଖୁବ୍ ଦୃଢ଼ । ସେଥିପାଇଁ ଅନେକ ଜାଗାରେ ଚାକିରୀ ପାଇଁ ଯୋଗାଯୋଗ କରିଥିଲା ଏବଂ ଯୋଗ୍ୟତା ଅନୁସାରେ ମନଲେଖି ଚାକିରୀଟିଏ ବି ପାଇଗଲା । ତାର କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟ ନିଷ୍ଠ ଆଉ ରୂପଗୁଣରେ ମୁଗ୍ଧ ହୋଇ ତା କମ୍ପାନୀର ମୁଖ୍ୟ ତାକୁ ତାଙ୍କ ଘରର ବୋହୂ ବିନାଇବାର ପ୍ରସ୍ତାବ ଦେଇଥିଲେ, ସେ ଓ ତା ପରିବାର ସେଥିରେ ମୋହର ମାରି ଖୁବ୍ ଜାକଜମକରେ ମୟଙ୍କଙ୍କ ହାତରେ ହାତ ଛନ୍ଦି ବାପଘର ଏରୁଣ୍ଡି ଡିଆଁଇ ଦେଇଥିଲେ । ଶାଶୁ ଘରର ପରିବାର ସହ ନିଜକୁ ମିଶାଇ ଖୁବ୍ କିଛି ଦିନ ଆନନ୍ଦରେ ବିତିଗଲା ମୋନାର, ବଡଲୋକ ଘର ବୋହୂ ଧନ ସମ୍ପଦର ଅଭାବ ନ ଥିବାରୁ ମୟଙ୍କଙ୍କ ଇଚ୍ଛାକୁ ସମ୍ମାନ ଦେଇ ଚାକିରିରୁ ବିରତି ନେଇ ସାରିଥିଲା ମୋନା । ବଡ଼ଘର ବଡ ଗୁମର କଥା,ଦିନ ସାରା ଶ୍ୱଶୁର କମ୍ପାନୀରେ, ସ୍ୱାମୀ ଅଫିସ୍ ରେ ଶାଶୁ କ୍ଲବରେ, ନଣନ୍ଦ ଦିଅର କଲେଜ, ସାଙ୍ଗସାଥି, ପାର୍ଟି,ପିକନିକରେ । ଏକା ଏକା ଖୁବ୍ ବିରକ୍ତି ବୋଧ ଅନୁଭବ କରୁଥିଲା ମୋନା, ଏତେ ବଡ ଘରଟାରେ ଦିନତମାମ ରହୁଥିଲେ କେବଳ ମୋନା ଆଉ ତାଙ୍କ ଘରର ପୋଷା ଶାରୀ ମଇନା । ସ୍ୱାଧୀନ ଚିନ୍ତାଧାରା, ସ୍ୱାଧୀନ ମତବ୍ୟକ୍ତ, ସ୍ୱାଧୀନ ଭାବେ ବଞ୍ଚିବା ଯେମିତି ତାକୁ ମନା ।

ମୋନାର ଆବଦ୍ଧ ଜୀବନ ଜମା ପସନ୍ଦ ନୁହେଁ ବୋଲି ସେ ଅନେକ ଥର ସମସ୍ତଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଲକ୍ଷ୍ୟରେ ପଞ୍ଜୁରୀ ଦ୍ୱାର ଖୋଲି ମଇନାକୁ ସୁଯୋଗ ଦେଇଛି ମୁକ୍ତ ଆକାଶରେ ଉଡିଯିବାକୁ ହେଲେ ସେ ଯେମିତି କେହି ରାଣ, କି ତାଗିଦ୍ ଦେଲା ଭଳି କେବେ ବି ସେମିତି ସାହସ କି ଆଗ୍ରହ ପ୍ରକାଶ କରିନି, ଏଥିପାଇଁ ମୋନା ତା ଉପରେ ବହୁତ ରାଗେ, ନିଜ ଜୀବନର ଦାୟିକା ଦେଇ ଫୁସୁଲାଏ, ତା ସାଥି ପକ୍ଷୀମାନଙ୍କ ସୁଖ, କୋଳାହଳର ନାଜିର ଦେଇ ଶାନ୍ତି ଜୀବନ ଆପଣେଇବାକୁ ପ୍ରବର୍ତ୍ତାଏ ହେଲେ ସେଥିରେ ମଇନାର କିଛି ଫରକ ପଡ଼େନି ।

ମୋନାର କାହିଁକି କେଜାଣି ଏଇ କେତେଦିନ ହେବ ମଇନା ପ୍ରତି ଲୋଭ ଖୁବ୍ ବଢିଯାଇଥିଲା, ବିଶେଷ କରି ଯେବେଠାରୁ ଶ୍ୱଶୁର ତା ଉପରେ ନଜର ପକେଇବା ଆରମ୍ଭ କରିଥିଲେ, ମଦ୍ୟଙ୍କ ରାତି ଅଧଯାଏଁ ପଦାରେ ରହି ଶେଷ ପ୍ରହରକୁ ନିଶାରେ ଟଳିଟଳି ଘରେ ପଶୁପଶୁ ଅସ୍ରାବ୍ୟ ଗାଳି ବର୍ଷଣ କରିବା ଅଭ୍ୟାସରେ ପରିଣତ ହେଉଥିଲା, ଶାଶୁ ମାଆଙ୍କର ତା ଉପରେ ଗରଗର ସରସର ହେବା ସୁରୁ ହୋଇଯାଇଥିଲା, ନଣନ୍ଦଙ୍କର କଥା କଟାକଟି ଆଉ ଦିଅରର ଦେଖେଇ ହୋଇ ଫୋପଡା କଚଡା ଅହରହ ଚାଲିବା ନିତ୍ୟକ୍ରମରେ ପରିଣତ ହେଲା । ସେ ବି ଠିକ୍ ମଇନା ପରି ସଂସ୍କାର, ସଂସ୍କୃତିର ଶକ୍ତ ଶିକୁଳିରେ ବନ୍ଧା ସମାଜର ନିତି ନିୟମରେ ତିଆରି ଶାଶୁଘର ରୂପକ ପଞ୍ଜୁରୀରେ ଅବଦ୍ଧ ଥିଲା । ସେ ଯାଏଁ ସେ ହାରି ନ ଥିଲା ସତ ହେଲେ ସମୟର ଏପରି ରଙ୍ଗ ବଦଳେଇବାଟା ମୋନାକୁ ଅସହ୍ୟ ହୋଇଯାଉଥିଲା, ସଂସ୍କାରି ଘରର ଝିଅ କୋକେଇରେ ଶାଶୁଘର ଏରୁଣ୍ଡି ଡେଇଁବାର ବାପଘରୁ ଆଣିଥିବା ଶିକ୍ଷାକୁ ନଜରରେ ରଖି ସେ ମୁହଁ ଖୋଲିଲା, ଫଳରେ ତାର ସ୍ଥାନ ପରିବର୍ତ୍ତିତ ହେଲା ଆଲିସାନ୍ ବଙ୍ଗଳାର ମଖମଲି ବିଛଣା ବିଶିଷ୍ଟ ତାପ ନିୟନ୍ତ୍ରକ କୋଠରୀରୁ ଅତିଥି ଭବନକୁ, ମଇନା ପକ୍ଷୀଟିଏ ହେଲେ କଣ ହେଲା ସେ ସବୁ ବୁଝି ପାରୁଥିଲା ବୋଲି ତା ଭାଷାରେ ପ୍ରତିବାଦ କଲା ଫଳରେ ତାକୁ ବି ଶାସ୍ତି ସ୍ୱରୂପ ସ୍ଥାନାନ୍ତରିତ କରାଗଲା ମୋନା ନିକଟକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତେ ଅସହାୟ ପରିସ୍ଥିତିରେ ବି ମୋନା ଭାଙ୍ଗି ନ ଥିଲା, ଏଭଳି ଅବସ୍ଥାରେ ତାର ଏକମାତ୍ର ସହଯୋଗି,ସାଥି ଥିଲା ତା ମଇନା । ଯିଏ କି ତା ଭାରକ୍ରାନ୍ତ ମନ ଓ ନିସଙ୍ଗ ଜୀବନ ଆଉ ମୃତପ୍ରାୟ ହୃଦୟକୁ ଆଶା ଆଶ୍ୱାସନା, ବିଶ୍ୱାସର ସୁଧା ସିଞ୍ଚନ କରି ସତେଜ ରଖିବାକୁ ସହାୟ ହେଉଥିଲା । ଯେମିତି ନିଜର ବଡ଼ଲୋକି ପଇଁତରା ଦେଖେଇବାକୁ ଯାଇ ତା ସେଥି ଠାରୁ ତାକୁ ଅଲଗା କରାଗଲା ବେଳେ ସେ ନିଜେ ହିଁ ନିଜକୁ ସାହସ ଦେଇଥିଲା ।

ମୋନା ସକାଳ ପହରୁ ଲକ୍ଷ ରଖିଥିଲା ମଇନାର କାର୍ଯ୍ୟକଳାପକୁ, ସେ ଖୁବ୍ ଶାନ୍ତ ଥିଲା, ଖାଇବା ଗିନାରେ ଥଣ୍ଟ ମାରୁଥିଲା, ପାଣି ପାତ୍ରକୁ ଏଣେ ତେଣେ ଆଡେଇ କିଛି ଗୋଟାଏ କରୁଥିଲା ବୋଧହୁଏ ତାକୁ କିଛି କହିବାକୁ କି ବୁଝେଇବାକୁ ଚାହୁଁଥିଲା । ସମୟ ବି ତାର ଗତିବଢ଼େଇବାରେ ବ୍ୟସ୍ତ, ଦିନ ସରି ସଞ୍ଜ ଘର ମଥାନ ସହ ଅଗଣାର ମନ୍ଦାର ଗଛରେ ଝୁଲୁଥିବା ମଇନା ପଞ୍ଜୁରୀ ଡେଇଁଲା । ମୋନା ମନ୍ଦାର ଡାଳରୁ ଯତ୍ନର ସହିତ ମଇନା ପଞ୍ଜୁରୀ ଆଣି ଘର କାନ୍ଥ ଓରାରେ ଟାଙ୍ଗିଦେଲା, ମଇନା ବାଧ୍ୟ ଶିଶୁଟି ପରି ସେମିତି ଗୋଟିଏ କୋଣରେ ବସିଥାଏ,ତାର ଏଭଳି ବ୍ୟତିକ୍ରମରେ ମୋନାର ମନ ବ୍ୟସ୍ତ ହୋଇପଡୁଥାଏ,ଅନେକ ସମୟ ଯାଏଁ ମଇନା ତା ଆଡ଼କୁ ଅନେଇଲା ପରେ ଘୁମେଇବାକୁ ଆରମ୍ଭ କଲା,ଆଉ କିଛି ସମୟ ଅନ୍ତରେ ଦୁଇ ଆଖିକୁ ଖୋସି ଥଣ୍ଟ ଜାକି ଦେଲା ପେଟତଳେ । ଏଥର ମୋନାକୁ ଟିକେ ଆଶ୍ୱସ୍ତି ଲାଗୁଥିଲା,

ସାରା ରାତିଟା ମୋନା ଆଖିରେ ନିଦ ନ ଥିଲା, କେଜାଣି କୁଆଡୁ କି କି ଭାବନା ତା ମନକୁ ବିଚଳିତ କରୁଥିଲା, ଏଇ ଭୋରରୁ ଟିକେ ଆଖି ଲାଗିଛି କି ନାହିଁ ମଇନା ସାଥି ଚଢେଇ ଚିଁ ଚାଁ ଶବ୍ଦ ଓ ବିକଳ କାକଳିରେ ଚମକି ଉଠିଲା ମୋନା, ପଦାକୁ ଆସି ଦେଖେ ତ ପଞ୍ଜୁରୀ ଭିତରେ ଚିର ନିଦ୍ରାରେ ଶୋଇଯାଇଥିଲା ମଇନା । ମୋନା ଭୋ ଭୋ ହୋଇ କାନ୍ଦୁଥିଲା ଆଉ କହୁଥିଲା ଶେଷରେ ତୁମେ ହାରିଗଲ ନାଁ.............. ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷରେ ତୁମେ ହାରିଗଲ ନା !!!

ଡଃ ତାନଶ୍ରୀ ପାଣିଗ୍ରାହୀ



ଦୂରରୁ ଦେଖା ଯାଉଛି ରାସ୍ତାର ଦିପାଖରେ ବିସ୍ତୀର୍ଣ୍ଣ ଧାନବିଲ ଓ ଆମ୍ବତୋଟାର ଚିତ୍ରପଟ । ଦିଶୁଛି ଜୀର୍ଣ୍ଣ ମନ୍ଦିରର ଧ୍ୱଜାଧାରୀ ଚୂଡ଼ା । ମୁଷ୍ଟିମେୟ ନବ ନିର୍ମିତ କୋଠା ଘରର ଛାତ । ଏମାନଙ୍କ ଛାୟାରେ ଲୁଚି ଯାଇଛି ନଡ଼ା ଛପର ଘରମାନ । ଗାଁର ଅଦୂରରେ ମୁଣ୍ଡିଆ ପାହାଡ଼ର ପାଦ ଛୁଇଁ ବହି ଯାଉଛି ତାର ପ୍ରିୟ ନଇ । ଦୀର୍ଘ ପାଞ୍ଚ ବର୍ଷପରେ ଏକ ହତାଶ ମନରେ ଆଦିତ୍ୟ ଗାଁ କୁ ଫେରୁଛି । ଫେରୁଛି ତାର ପ୍ରିୟ ସ୍ମୃତି ମାନଙ୍କ ପାଖକୁ... । ଦିଗନ୍ତବ୍ୟାପୀ ସବୁଜିମା... ଦୂର ପାହାଡ଼ର ମନୋରମ ଛାଇ, ଅନାବିଳ ଖୋଲା ପବନ ଆଦିତ୍ୟ ମନରେ ଆଜି ଅନେକ ପ୍ରତିକ୍ରିୟା ସୃଷ୍ଟି କରୁଛି ।

ସେଦିନର ସ୍ମୃତି ଆଜି ଆଦିତ୍ୟର ଗୋଟି ଗୋଟି କରି ମନେ ପଡୁଛି... ସନ୍ଧ୍ୟା ତାରା ଉଇଁବାର ଢେର ଆଗରୁ ସେ ପହଂଚିଯାଇଥିଲା... ତାର ଗାଁ ପାଖ ଏକ ଛୋଟ ରେଳ ଷ୍ଟେସନରେ... ଏଣ୍ଟ୍ରାନ୍ସ ପାଇଁ ଭୁବନେଶ୍ୱର ଯିବାକୁ । ପ୍ଲାଟଫର୍ମର ଅନତିଦୂରରେ ଥିବା ଶେଷ ସିମେଣ୍ଟ ବେଞ୍ଚରେ ଅପେକ୍ଷା କରିଥିଲା ଟ୍ରେନକୁ ।

ଛୋଟ ଷ୍ଟେସନର ଆୟତନ କ୍ଷୁଦ୍ର ହେଲେ ବି ଖୁବ ମନଲୋଭା । ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଷ୍ଟେସନଟି ଆଦିତ୍ୟକୁ ଏତେ ଭଲ ଲାଗେ ଯେ ଆଦିତ୍ୟ ନିଜ ଜୀବନର ସୁଖ, ଦୁଃଖ ମୁହୂର୍ତ୍ତମାନଙ୍କୁ ରୋମନ୍ଥନ କରି ସେଇଠି ବସି ଦୁଃଖ ସାଉଁଟେ ତ କେତେବେଳେ ଭଲ ଚାକିରୀ ପାଇବାର ସୁଖରେ ବିଭୋର ହୋଇଯାଏ । ହେଲେ ତା ଜୀବନରେ ସୁଖ ଦୁଃଖର ସହଭାଗୀ ହେବା ପାଇଁ ତା ପାଖରେ ଅସହାୟ ବିଧବା ମାଆ ଛଡା ଆଉ ଆଉ କେହି ନାହାନ୍ତି । ପିଲାଟି ଦିନରୁ ବାପାଙ୍କୁ ହରାଇ ବହୁ କଷ୍ଟରେ ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଠ ପଢ଼ିଛି M.Sc ପର୍ଯ୍ୟନ୍ତ... ଚାକିରୀ ଖଣ୍ଡିଏ ପାଇବା ପାଇଁ... ପରୀକ୍ଷା ପରେ ପରୀକ୍ଷା ଦେଇ ଚାଲିଛି କିଛି ଦିନ ଧରି । ମନରେ ସାରା ଦିନର କ୍ଳାନ୍ତି ମେଣ୍ଟାଇବା ପାଇଁ ଏଇଟା ଥିଲା ଯେମିତି ତା ପାଇଁ ଏକ ପ୍ରକୃଷ୍ଟ ଇଲାକା । କେତେଟା ଲୋକାଲ ଟ୍ରେନ ଛଡା ପ୍ରାୟ ଏଇଟା ନିରୋଳା ସ୍ଥାନ ଆଦିତ୍ୟ ପାଇଁ...। ହଠାତ କାହାର କରୁଣ ଚିତ୍କାରରେ ତାର ଭାବନା ବ୍ୟାଘାତ ହେଲା । କିଛି ଅସାମାଜିକ ଯୁବକ ଝିଅଟିକୁ ଗୋଡ଼ାଇ ଥିଲେ । ଅଳ୍ପ କିଛି ଲୋକ ଥିଲେ ବି କେହି ଭୟରେ କିଛି କହୁ ନ ଥାନ୍ତି । ଜଣେ ଝିଅର ଭାଗ୍ୟ ତ କେଉଁ କାଳୁ ପଥର ତଳେ ଚାପି ହୋଇ ଯାଇଛି । କାମାନ୍ଧ ପୁରୁଷ ଦ୍ୱାରା ନାରୀ ଯୁଗେ ଯୁଗେ ନିର୍ଯାତିତା । ଅପମାନିତା, ଧର୍ଷିତା ହୋଇ ଆସୁଛି । ଆଦିତ୍ୟ ନିଜର ଜୀବନକୁ ବାଜି ଲଗାଇ ଅନେକ ଧସ୍ତା ଧସ୍ତି ମାଡ଼ ଖାଇ ଉଦ୍ଧାର କରିଥିଲା ସଂଜ୍ଞାହୀନ ଝିଅଟିକୁ ।

ଟ୍ରେନ ଚାଲି ଯାଇଥିଲା ସତ । ହେଲେ ଆଦିତ୍ୟ ଛାଡି ଯାଇ ପାରି ନଥିଲା ଅସହାୟ ନୀରିହା କଅଁଳ କଢ଼ି ସଦୃଶ ଝିଅଟିକୁ ଚେତା ଫେରିବା ପର୍ଯ୍ୟନ୍ତ । ଚେତା ଫେରିବା ପରେ ପରିଚୟ ପାଇଥିଲା । ନାଆଁ ତାର ଆଦ୍ୟାଶା । ପାଖ ସହରର ବିଶିଷ୍ଟ ଶିଳ୍ପପତି ସୌଭାଗ୍ୟ ସାମନ୍ତରାୟଙ୍କ ଏକମାତ୍ର କନ୍ୟା ସେ । B. sc ର ଅଧ୍ୟୟନ ରତା ଛାତ୍ରୀ ସେ । ସବୁଦିନ ବାପାଙ୍କ କାରରେ ଘରକୁ ଫେରେ । ହେଲେ ସେଦିନ ବିଶେଷ କାମରେ ଆଦ୍ୟାଶାର ବାପା ବାହାରକୁ ଯାଇଥିଲେ ବୋଲି ତାର ଏଇ ପରିସ୍ଥିତି...। ଆଦିତ୍ୟର ମନେ ହେଲା ଏଇ କିଛି ମୁହୂର୍ତ୍ତ ହେଲା ଆଦ୍ୟାଶା ପ୍ରତି ଅହେତୁକ ଆତ୍ମୀୟତା ବଢ଼ି ଯାଇଛି...ନିଜକୁ ଅନେକ କଷ୍ଟ ଲାଗୁଥିଲେ ମଧ୍ୟ ଆଦ୍ୟାଶାର ହାତ ଧରି ଧରି ଅନେକ ବାଟ ଚାଲି... ତାକୁ ଘରେ ନେଇ ଛାଡିବାର ବ୍ୟବସ୍ଥା କରିଥିଲା ସେ ।

ସେଇ ଦିନଠାରୁ ଆଦ୍ୟାଶା ଓ ଆଦିତ୍ୟ ମଧ୍ୟରେ ଏକ ନିଆରା ସମ୍ପର୍କ ଗଢି ଉଠିଲା । ଆଦିତ୍ୟ ତା ପାଇଁ ଦ୍ୱିତୀୟ ଈଶ୍ୱର । ତାର ରୂପ, କଣ୍ଠସ୍ୱର, ମନ ଲୋଭା ଚକ୍ଷୁଦ୍ୱୟ ସବୁ କିଛି ତା ହୃଦୟ ଆଇନାରେ ଦେଖାଗଲା । ସେ ଆଦିତ୍ୟକୁ ଜୀବନ ସାଥୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବରେ ପାଇବାକୁ ବ୍ୟାକୁଳ ହେଲା । ଆଦିତ୍ୟ ମନରେ ମଧ୍ୟ ସବୁବେଳେ ଆଦ୍ୟାଶାର ରୂପ, ଯୌବନ, ଲାଳିତ୍ୟ ମଧୁଭରା କଥା, ମିଠା ମିଠା କଥା ସବୁ କିଛି ତାକୁ ଆନ୍ଦୋଳିତ କଲା । ଏକ ସ୍ୱର୍ଗୀୟ, ମଧୁର ପ୍ରେମ ଧାରାରେ ପ୍ଲାବିତ ହେଲା ଦୁଇଟି ହୃଦୟ । ଆଦ୍ୟାଶାର ରୂପାଜହ୍ନ ଭଳି ଚିବୁକ ଓ ଗଣ୍ଡଦେଶରେ ଆଙ୍କିଦେଲା ଗଭୀର ଚୁମ୍ବନ । ଦୋହଲିଗଲା ତନୁମନ... ଶରତ ରାତିରେ ଶୀତଳ ସନ୍ଧ୍ୟାରେ ହଜିଗଲେ ଦୁଇ ପ୍ରେମୀ ଯୁଗଳ... କୁମାର ପୂର୍ଣ୍ଣିମାର ପୂର୍ଣ୍ଣ ଚନ୍ଦ୍ରଟା ଯାଇ ମୁହଁ ଲୁଚାଇଲା ବାଦଲ ଆଢୁଆଳରେ...ଦୁହିଁଙ୍କ ହୃଦୟ ସତେ ଅବା କହୁଥିଲା ଏଇ ତ ଜୀବନ... ଏଇ ତ ପୂର୍ଣ୍ଣତା... ପୁରୁଷ ବିନା ନାରୀ... ନାରୀ ବିନା ପୁରୁଷ ଅସମ୍ପୂର୍ଣ୍ଣ... ଏଇ ତ ସୃଷ୍ଟିର ନିୟମ । ପ୍ରେମ ହେଉଛି ବଗିଚାର ସୁକୁମାର ଫୁଲ... ଜୋର କରି କାହା ହୃଦୟରେ ପ୍ରେମ ଓ ପ୍ରଣୟର ଫୁଲ ଫୁଟାଇବା ସମ୍ଭବ ନୁହେଁ... ବାଧ୍ୟବାଧକତାରେ ଦେହ ମିଳେ... ମାତ୍ର ମନ ଓ ହୃଦୟ ମିଳେନାହିଁ ।

ଏମିତି କିଛି ଦିନ ପରେ ସାଗର ବେଳାରେ ଆଦ୍ୟାଶା କୋଳରେ ମୁଣ୍ଡରଖି ବାଲୁକା ରାଶି ଉପରେ ଶୋଇଥାଏ ଆଦିତ୍ୟ । ବିହଙ୍ଗ, ବିହଙ୍ଗୀମାନଙ୍କ କାକଳିରେ ସାଗରବେଳା ମୁଖରିତ... ନଈପଠା । ଜହ୍ନରାତିରେ ଆଦ୍ୟାଶା ଅଧିକରୁ ଅଧିକ ସୁନ୍ଦର ଦିଶୁଛି... ତାର ଅଲୋରା କେଶ ରାଶି ଝୁଲି ପଡିଥାଏ ତା ପ୍ରିୟତମଙ୍କ ମୁହଁକୁ... ଦୁହେଁ ଦୁହିଁଙ୍କୁ ଦେଖୁଥିଲେ... ଲାଗୁଥିଲା ଏ ସମ୍ପର୍କ ଯେମିତି ଯୁଗଯୁଗର... । କେଉଁ ଦିନ ସେମାନେ ପତି, ପତ୍ନୀର ମର୍ଯ୍ୟାଦା ପାଇବେ ବାସ୍ତବତାକୁ ସାମ୍ନା କରୁଥିଲେ... ।

ବଦଳିଯାଏ ସମୟ... ପିଶାଚମାନଙ୍କର ନଖ ବଢିଲା ଭଳି ରାତ୍ରି ବଢ଼େ... ଅଥଚ ସ୍ୱପ୍ନ ଆସେନା... ସ୍ୱପ୍ନ ବିଜୁଳି ତାରରେ ଝୁଲୁଥିବା ମଲା କୁଆପରି ଲଟକି ରହିଥାଏ ରାତିର ଅନ୍ଧାରରେ... କିଛି ଦିନ ହେଲା ଆଦ୍ୟାଶାର ଅନୁପସ୍ଥିତି... ଆଦିତ୍ୟର ମନକୁ ବିଦାରି ଦେଉଥିଲା... ଆଦ୍ୟାଶାର ସାଙ୍ଗ ଆସି କହିଲା... ତାର ବାପା ତାକୁ ଏକ ବନ୍ଦ କୋଠରୀରେ ରଖି ଲୋକ ଜଗାଇଛନ୍ତି... ଆଦିତ୍ୟ ସହିତ ପ୍ରେମ ସମ୍ପର୍କକୁ ସେ ଜାଣିନେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁତ ଧିକ୍କାର କରିଛନ୍ତି...ଅତ୍ୟଧିକ କ୍ରୋଧରେ ତାକୁ ପିଟିଛନ୍ତି ମଧ୍ୟ...ଆଦିତ୍ୟ ସହିତ ବିବାହ ଦେଲେ ତାଙ୍କର ସାମାଜିକ ପ୍ରତିଷ୍ଠା ନଷ୍ଟ ହୋଇଯିବ । ଆଦ୍ୟାଶାର ବିବାହ ଅନ୍ୟତ୍ର ଠିକ କରି ଦେଇଛନ୍ତି ତା ବାପା ।

କଥାଟା ଶୁଣି ବିଶ୍ୱାସ କରିପାରିଲା ନାହିଁ ଆଦିତ୍ୟ...

ଆଖିରେ ଲୁହର ବନ୍ୟା... ପ୍ରତି ମୁହୂର୍ତ୍ତରେ ଆଦ୍ୟାଶାକୁ ଜୀବନ ସାଥୀ ରୂପେ ପାଇବା ପାଇଁ ସ୍ୱପ୍ନ ଦେଖିଥିବା ହୃଦୟଟା କେମିତି ଭୁଲି ପାରିବ... ଏଇ ମାତ୍ର କେତେ ଦିନ ପରେ ଚାକିରୀରେ ଯୋଗ ଦେବ.... ନିଜ ପ୍ରେମିକାର ସୀମନ୍ତରେ ସିନ୍ଦୁର ଦେଇ ପତ୍ନୀର ସ୍ୱୀକୃତି ଦେବ... ସବୁ କଥା ସରିଥିଲା ଦୁହିଁଙ୍କର...

ନିର୍ଜନ ସାଗର କୋଳରେ ମଥାପିଟି କାନ୍ଦୁଥିଲା ଆଦିତ୍ୟ ମୋବାଇଲରୁ ଆଦ୍ୟାଶାର ଫଟୋକୁ ଦେଖି, ଛୋଟ ପିଲାଙ୍କ ପରି... ଆଦ୍ୟାଶାର ନିରୀହ ଆଖି ଯୋଡ଼ିକ ଯେମିତି ଆଦିତ୍ୟକୁ କହୁଥିଲା -ତୁମେ ଶେଷରେ ହାରି ଗଲ ନାଁ ??? ଏହି ପ୍ରଶ୍ନର କେବଳ ପ୍ରତିଧ୍ୱନି ହିଁ ଶୁଭୁଥିଲା ଆଦିତ୍ୟକୁ...

ସତରେ ବାରମାସରେ ଋତୁ ବଦଳିଲା ପରି ସମ୍ପର୍କର ଋତୁ ବି ବଦଳେ ଏମିତି...

ହାରିବା ଜିତିବା ସବୁ ତ ସମୟର ଖେଳ... ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶେଷରେ ତୁମେ ହାରିଗଲ ନା !!!

ସତ୍ୟ ନାରାୟଣ ସାହୁ



କେତେ ଆଶା ଭରଷା ଓ ସ୍ୱପ୍ନ ଧରି ରାମ ବାବୁ ଆଗେଇ ଆସିଥିଲେ ସଫଳତା ପାଇଁ । ଅକଳନ ଉଦ୍ୟମ କରି ଶେଷରେ ବିଫଳ ହେବା ପରେ ପୁଣି କିଏ ଆଶ୍ୱାସନା ଦେବ ?

ଯେତେ ସଚେତନ ରହି ଆଗକୁ ଆଗକୁ ଆଗେଇ ଚାଲିଲେ ବି ବିଫଳତା ହିଁ ସାର ହେଲା । ଶେଷରେ ସଂପୃକ୍ତ କାର୍ଯ୍ୟରୁ ଆଶା ସଂପୂର୍ଣ୍ଣ ଭାବେ ତ୍ୟାଗ କରିଦେବା ପରେ, ଦିନ ଯେଉଁ ଶୁଭାକାଂକ୍ଷୀ ବନ୍ଧୁବାନ୍ଧବ ମାନେ ଉତ୍ସାହ ଭରସା ରଖିଥିଲେ , ସମସ୍ତେ ଜଣେ ଜଣେ ପଚାରି ବୁଝିଥିଲେ, ତୁମେ ଶେଷରେ ହାରିଗଲ ନା !!!

ଉତ୍ତରରେ କଣ କହିବେ ଆଉ କିଛି ବି ବୁଦ୍ଧି ପସିଲାନି । ଖାଲି ହଁ ଟିଏ ମାରି ସବୁ ବେଳେ ତୁନିହୋଇ ରହିଥିଲେ ।

ଯେତେ ଯାହା ଉତ୍ସାହ ଭରସା ଦେଲେ ଅବା କଣ ହେଲା ?

କାମରେ ଅମନଯୋଗିତା ହେତୁରୁ ହିଁ ସେ ବାରମ୍ବାର ହାରିଗଲେ । ବେଳେ ବେଳେ ଏଇ କଥା ହାରିଗଲ ନା ବୋଲି ମନେ ମନେ ଭାବିଲା ବେଳକୁ ତାଙ୍କୁ ବହୁତ୍ ଦୁଃଖ ଶୋକ ଓ କଷ୍ଟ ହୁଏ । ସେ ନିଜେ ଜାଣି ପାରନ୍ତି ନାହିଁ, କାହିଁ କି ହାରିଲେ ।

କେତେ କେତେ ଲୋକ କହନ୍ତି, ଯେତେବେଳେ ଭାଗ୍ୟ ଖରାପ ଥାଏ, ସେତେ ବେଳେ ହିଁ ମଣିଷ ହାରେ ।

ହେଲେ ରାମ ବାବୁ ହାରିଲେ କାହିଁକି ? ତାହା ବୋଧେ ତାଙ୍କ ଭାଗ୍ୟ ଦୋଷ । ନିଜ ଭୁଲ୍ କୁ ନିଜେ ନଜାଣି ସେ ଅବା ଅନ୍ୟ କାହାକୁ ଦୋଷ ଦେବେ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ଯେତେ ବେଳେ ଯାହା କୁ ଭେଟିଲେ ବି ସଭିଏଁ ଏଇ କଥା ହିଁ କହୁଥିଲେ, ଶେଷରେ ତୁମେ ହାରିଗଲ ନା ?

ଏତେ ଲୋକଙ୍କୁ ସେ କଣ ଉତ୍ତର ଦେବେ କଣ କହି ବୁଝାଇବେ ?

ଏଇପରି ଅନେକ କଥା ଭାବି ଭାବି ତାଙ୍କ ମନ ପ୍ରାଣ ଅସ୍ଥିର ହୋଇ ଉଠୁଥିଲା । ସେ କାମଟି ଯଦି ତାଙ୍କ ଦ୍ୱାରା ନହେବ, ନଜାଣି ନ ବୁଝି ଖାଲି ଆଶା ଭରଷା ଧରି କାମରେ ହାତ ଦେଉଥିଲେ କାହିଁକି ?

ଏହି ପରି ବହୁତ ଉଦ୍ଭଟ କଳ୍ପନା ତାଙ୍କ ମନକୁ ଅସ୍ଥିର କରି ପକାଏ ।

ରାମ ବାବୁ ଯେଉଁ ଆଡେ ଯେଉଁ କାମରେ ବାହାରିଲେ ବି ପ୍ରତିଦିନ ଅନେକ ଥର ଏଇ ପରି କଥା ଶୁଣୁଥିଲେ । ଛଅ ସାତ ମାସ ମଧ୍ୟରେ ତାଙ୍କୁ ଏଇ କଥାଟି ଖୁବ୍ ଅସହ୍ୟ ପୀଡ଼ା ଦେଲା । ଶେଷରେ ସେ ଆଉ କୁଆଡେ ନ ଯାଇ କିଛି ଦିନ ଧରି ଘରେ ବସି ରହି ଥିଲେ ।

ଘରେ ବି ପ୍ରତିଦିନ ଯେଉଁମାନଙ୍କ ସହିତ ଭେଟ ହେଉଥିଲା, ସେମାନେ ତାଙ୍କୁ ପଚାରି ଦେଉଥିଲେ, ଶେଷରେ ତୁମେ ହାରିଗଲ ନା ? ଏଥିପାଇଁ ତାଙ୍କୁ ଖୁବ୍ ଅସମ୍ଭାଳ ଲାଗିଲା । ମନେ ମନେ ଭାବିଲେ ଆଉ କେଉଁ ଉପାୟ କରିବେ । ଶେଷରେ କିଛି ଉପାୟ ନପାଇ ବାଧ୍ୟ ହୋଇ ଦିନେ ଖାଦ୍ୟରେ ନିଶା ଔଷଧ ଖାଇ ଶୋଇପଡିଲେ ଯେ ଆଉ କେବେ ବି ଉଠିଲେ ନାହିଁ । ସେ ହାରିଯାଇ ଜୀବନ ଯୁଦ୍ଧରେ ମଧ୍ୟ ହାରିଗଲେ । ଏହା ପରେ ଆଉ କେହି ତାଙ୍କୁ ପଚାରନ୍ତି ନାହିଁ, ଶେଷରେ ତୁମେ ହାରିଗଲ ନା ?

ସତ୍ୟ ନାରାୟଣ ସାହୁ
ମୟୂରଭଂଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପକ୍ଷୀର ଡେଣା

ସ୍ନିଗ୍ଧା ପଟ୍ଟନାୟକ

"ବୋଉ ! ବୋଉ ! ଭୋକ ଲାଗିଲାଣି ଖାଇବାକୁ ଦେ ।" ହଠାତ୍ ମିନୁର କଥାରେ ଭାବନା ରାଇଜରୁ ଫେରି ପ୍ରକୃତିସ୍ଥ ହେଲା ଲଳିତା । ନଜର ବୁଲାଇ ଦେଖେ ତ, ଝିଅ ତା'ର ଚପଲ ଖୋଲି ଘରକୁ ଆସୁଛି । ତା'ର ପ୍ରଶ୍ନିଳ ଆଖିରେ ଅନେଇ କହିଲା, "ବୋଉ ! ତତେ ଏତେ ଡାକ ଦେଲିଣି, ମୋ କଥା ଶୁଣି ପାରୁନୁ ?" କିଛି କହିବା ଆଗରୁ ମିନୁକୁ ଛାତିରେ ଚାପିଧରି ମନର ସବୁ କୋହ ଆଉ ଦୁଃଖକୁ ଆଖିର ବାଡ଼ ଭାଙ୍ଗି ଲହରୀ ଆକାରରେ ମାଡ଼ି ଆସିବାକୁ ଅନୁମତି ଦେଲା ଯେପରି ଲଳିତା । ମିନୁ କିଛି ବୁଝିବା ଆଗରୁ ଲଳିତା ପଚାରିଲା, "ଆରେ ମା' ! ଏତେ ଡେରି କାହିଁ କଲୁ ? ତୁ ଠିକ୍ ଅଛୁ ତ ? କିଛି ଅସୁବିଧା ହେଲା କି ?" ବୋଉର ପାଟିରେ ହାତଦେଇ ମିନୁ କହିଲା, "ଟିକେ ଚୁପ୍ ତ ରହ । ଏକାବେଳେକେ ଏତେ କଥା ପଚାରିଲେ କ'ଣ କହିବି ଯେ ? ତତେ ପରା କହିକି ଯାଇଥିଲି ଆଜି ଆମ ସ୍କୁଲରେ ଖେଳ ପ୍ରତିଯୋଗିତା ହବ ବୋଲି, ସେଥିଲାଗି ଡେରି ହେଲା । ଏବେ ଖାଇବାକୁ ମତେ ଦେ, ମୋ ପେଟରେ ମୂଷାମାନେ ନାଚିଲେଣି ।"

ନିଜର ଭୁଲାମନକୁ ଦୋଷ ଦେଇ ସହଜ ହେଲା ଲଳିତା । କାନିରେ ଲୁହ ପୋଛି ଗଲା ଝିଅ ପାଇଁ ଖାଇବା ଆଣିବାକୁ । ଖାଇବା ବାଢୁ ବାଢୁ ଭାବନା ସୁଅରେ ପୁଣିଥରେ ଭାସିଗଲା ସେହି ଅଜଣା ଭୟର ରାଇଜକୁ । ନଅ ବରଷର ଝିଅ ତା'ର ମିନୁ । ଦୁଇ ବରଷର ହୋଇଥିଲା ସେ, ଯେତେବେଳେ ବାପା ତା'ର ତାକୁ ବାପଛେଉଣ୍ଡ କରି ଚାଲିଗଲେ । ସେବେଠାରୁ ଅନ୍ୟ ଘରେ କାମ କରି ଲଳିତା ନିଜର ଆଉ ତା' ଝିଅର ପେଟ ପୋଷୁଛି । ଅଭାବ, ଅନଟନ ଭିତରେ ତା'ର ସର୍ବସ୍ୱ କହିଲେ ମିନୁ । ଝିଅକୁ ମଣିଷ କରିବାର ସ୍ୱପ୍ନ ନେଇ ସେ ଆଗେଇ ଚାଲିଛି ଜୀବନ ପଥରେ । ବାପଛେଉଣ୍ଡ ଝିଅ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାମୀ ବିହୀନ ହୋଇ, ସମାଜର କଳୁଷିତ ଓ ଘୃଣ୍ୟଭରା ଚକ୍ଷୁରୁ ଉଭୟଙ୍କୁ ସୁରକ୍ଷା ଦେବାକୁ ସେ ଶତ ଚେଷ୍ଟା ଜାରି ରଖିଛି । ହେଲେ ମା' ମନ, ଝିଅର ବିଳମ୍ବ ହେବାରୁ କାହିଁ କେତେ ଆଶା ଆଶଙ୍କା ଭିତରେ ବୁଡ଼ି ଯାଇଥିଲା ସେ । ଗଲାକାଲି ପଡ଼ିଶାଘର ସରସୀ ବୋଉ ପାଖରୁ ଶୁଣିଥିଲା, କୁଆଡ଼େ ଆଜିକାଲି କଅଁଳା ପିଲା ବି ମୁକୁଳି ପାରୁନି କ୍ରୁର, ରାକ୍ଷସ କବଳରୁ । ତା' ପରଠୁ ମନେ ମନେ କେଉଁ ଅଜଣା ଭୟକୁ ଜାଗା ଦେଇ ସାରିଥିଲା ଲଳିତା, ନିଜ ଅଜାଣତରେ । ଆଉ ଆଜିର ଘଟଣା ତା' ଭୟକୁ ଦ୍ୱିଗୁଣିତ କରିଥିଲା ।

ଲୁହ ପୋଛି ପୋଛି ଖାଇବା ଆଣି ଖୁଆଇଲା ମିନୁକୁ । ଖାଉ ଖାଉ ମିନୁ ପଚାରିଲା, "ବୋଉ ! ତୁ କାଇଁ କାନ୍ଦୁଥିଲୁ ? ଏମିତି କେବେ ତ' ହେଇନି । କ'ଣ ହେଲା ଯେ ?" ଲଳିତା ଶବ୍ଦହୀନ ହୋଇ ପଡୁଥିଲା ଯେପରି । ମୃଦୁ ହସି ଝିଅକୁ କୋଳରେ ବସାଇ କହିଲା, "ନାଇଁରେ ମା', କିଛି ହେଇନି । ଜାଲରେ ପଡ଼ି ପକ୍ଷୀମାନେ କିପରି ଛଟପଟ ହେଉଛନ୍ତି, କାଲି ସରସୀ ଖୁଡ଼ିଘର ଟିଭିରେ ଦେଖି ଦେଇଥିଲି । ମନେ ପଡ଼ିଗଲା ତ, ସେଥିଲାଗି...।" "ଓହୋ ! ଏଇ କଥା ? ବୁଝିଲୁ ବୋଉ, ୟା ପାଇଁ ତ ଗୋଟେ ସହଜ ଉପାୟ ଅଛି । ଯଦି ସେ ପକ୍ଷୀମାନେ ଦାନାର ଲୋଭରେ ନପଡ଼ି ଉଡ଼ିକି ପଳେଇବେ, ତାହେଲେ ତ ସବୁ ଠିକ୍ ହେଇଯିବ ।" ଝିଅର କଥା ଶୁଣି ସ୍ମିତ ହସିଲା ଲଳିତା । ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଲା ତା'ର । ଭଗବାନ ଯଦି ସେହି ନୀରିହମାନଙ୍କୁ ଉଡ଼ିଯିବାର ଶକ୍ତି ଦେଇଥା'ନ୍ତେ, ତାହେଲେ... ? ? ?

ରାଇପୁର, ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିରହ ଶ୍ରାବଣୀ

ଦେବାଶିଷ ମାଇତି



ସମୟ ବଦଳେ, ଯେମିତି ମାସ ପରେ ମାସ ଦିନ ପରେ ଦିନ ମୁହୂର୍ତ୍ତରୁ ମୁହୂର୍ତ୍ତ ସବୁ ବଦଳେ, ସେହିପରି ଋତୁ ଯାଇ ଋତୁ ଫେରେ, ଆଜି ଧାରା ଶ୍ରାବଣ । ଚାଷୀ ଭାଇ ହଳ ଲଙ୍ଗଳ ଯୁଆଳି ଧରି ଗାଁ ମୁଣ୍ଡରେ, ମୁଶଳ ଧାରାରେ ଶ୍ରାବଣର ଖିଲି ଖିଲି ଗରଜି ଚକ୍ ମକ୍ ବିଜୁ ସହ ଘଡ଼ ଘଡିର ସମ୍ଭାର । ଆଃ କେଡ଼େ ଆନନ୍ଦ ପୁରପଲ୍ଲୀ, ସବୁଠି ଚଳ ଚଞ୍ଚଳ, ସେପଟେ ବଟକୃଷ୍ଣ ପାଙ୍ଗାରଟିଲର ଓ ମଧୁସୂଦନ ଟ୍ରାକ୍ଟର ଧରି, ପୁଣି ଶ୍ରାବଣୀର ଗୁଣୁ ଗୁଣୁ ଶବ୍ଦ ସତେ ଭାବରେ ଭାବରେ ବନ୍ଧା ଏ ଜୀବନ..। ସେଦିନ ଥିଲା ଶ୍ରାବଣର ଅମାବାସ୍ୟା ରଜନୀ ସମୟ ପ୍ରାୟ ଘ ୯.୧୦, ମୁସଳ ଧାରାରେ ପ୍ରଚଣ୍ଡ ବର୍ଷା ମାଡ଼ରେ ଜଣେ ଲୋକୋ ମଟର ସାଇକେଲ ଧରି ଷ୍ଟେସନ୍ ରୁ ଫେରୁଥିଲେ, ରେନକୋଟ ପିନ୍ଧି ଗାଡ଼ି ଲାଇଟ୍ ସହ ନିଛାଟିଆ ସଡ଼କ ଆଲୋକ ରେ ଚାଲିଥାନ୍ତି..।

ହଠାତ୍ କେହି ଜଣେ ହାତ ଠାରିଲା.., ବାବୁ.. ! ଟିକେ ନେଇଯିବ, ପ୍ରାଣକୃଷ୍ଣ ବାବୁ ଗାଡ଼ିଟିକୁ ବ୍ରେକ୍ କରି ଦେଖିଲେ, ଜଣେ ତରୁଣୀ ୨୦-୨୪ ବର୍ଷ ବୟସ । ବର୍ଷାରେ ଜୁଡୁବୁଡୁ ଓଦା ହୋଇ ଛିଡା ହୋଇଛି, ଖାଲି ବ୍ୟାଗ୍ କାନ୍ଧରେ ଆଉ କିଛି ନାହିଁ.., ଆରେ ତମେ ଏତେ ରାତିରେ ଝିଅ ଏକୁଟିଆ..। ଏଠି କଣ କରୁଛ ? ବାବୁ ମୋର ଘରକୁ ଯିବାର ଥିଲା, ବସ୍ ଫେଲ୍ ହେଇଗଲି, ପ୍ରଥମେ ଟିକେ ଡରିଗଲେ, ତାପରେ ଝିଅଟିର କଥା ଶୁଣି କହିଲେ ହଉ ଆସ । ଝିଅଟି ବସିଲା ପରେ ପ୍ରାଣକୃଷ୍ଣ ବାବୁ ଗାଡ଼ିକୁ ଗଡାଇଲେ । ଆଚ୍ଛା ଝିଅ. ତମେ ଏତେ ଡେରିରେ କଉଠି ଥିଲ ? ବାବୁ ! ମୁଁ ଏଇ ସେନାପତି କଲେଜ୍ ରେ ପାଠ ପଢ଼େ ୩ ଦିନ ଛୁଟି ଅଛି ତ ସେଥିଲାଗି ଘରକୁ ଯାଉଛି, ଘରେ ବାପା ଏକା, ଚାଷ କାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରନ୍ତି, ମୁଁ ଗଲେ ସାହାଯ୍ୟ କରିବି ରୁଆ କାମଟା ଲାଗି କି ସାରି ଦେଇ ଆସିବି.. ପ୍ରାଣ କୃଷ୍ଣ ବାବୁ ନୂଆ କରି ସାଙ୍ଗ ଘରକୁ ଆସିଛନ୍ତି, ସେ ବା କିପରି ଜାଣିବେ ଏ ସହରରେ କଲେଜ କଉଠି.. ?

ତା କଥା ଶୁଣି ବାବୁ ହସି ଦେଇ ଆଚ୍ଛା.. ! ବହୁତ୍ ସୁନ୍ଦର୍ କଥା, ହେଲେ ଝିଅ ତୁମ ନାମ କଣ.. ? ଝିଅଟି ଗୋଟେ ଅଜବ ପ୍ରକାର ହସିଦେଇ କହିଲା..। ମୋ ନାଁ... ଝରା ଶ୍ରାବଣୀ ବାବୁ । ତା ଅଜବ ହସ ଶୁଣି ଆଶ୍ଚର୍ଯ୍ୟ ହେଲେ ଆଉ କହିଲେ, ଆରେ ବାଃ ତୁମ କଥା ଯେମିତି ସୁନ୍ଦର୍, ନାଁ ଟା ବି ବହୁତ୍ ସୁନ୍ଦର୍.. ଏମିତି ଖୁସିରେ ରୁହ ସବୁବେଳେ, ବାପା ମା'ଙ୍କୁ ସାହାଯ୍ୟ କର ଆଉ ଜୀବନରେ ବଡ଼ ମଣିଷ ହୁଅ..।

ଏମିତି କଥା କହୁ କହୁ ଝିଅଟି କହିଲା.. ଆପଣ ଯେଉଁଠୁ ଆସିଲେ, ସେଇ ପଟେ ଗୋଟେ କଲେଜ୍ ଝିଅକୁ ନିଆଁ ଲଗେଇ ମାରି ଦେଇଛନ୍ତି..। ମୁଁ ଶୁଣିଛି ସେଠି କୁଆଡେ ସାର୍ ମାନେ ଭଲ ନୁହନ୍ତି, ଟିକେ ପାନରୁ ଚୂନ ଖସିଗଲେ ପିଲାମାନଙ୍କୁ ବଡ଼ ହଇରାଣ କରନ୍ତି, ସତ କି ବାବୁ ? ? ଆଉ ସବୁବେଳେ ନେତା, ମନ୍ତ୍ରୀ, ବଡ଼ ବାବୁ, ହାକିମ ମାନଙ୍କ ସହ ବସାଉଠା କରନ୍ତି, ମୋ ସାଙ୍ଗ କହୁଥିଲା କଲେଜ୍ ର ପ୍ରିନ୍ସିପାଲ ଆଉ ମୁଖ୍ୟ ପରିଚାଳକ ଦୁହେଁ ବହୁତ୍ ଅଜବ ଭଳି ମଣିଷ...। ହଁ ରେ ଝିଅ ମୁଁ କଲେଜ୍ ନାଁ ତ ଜାଣିନି ଷ୍ଟେସନରେ ଓଲ୍ଲେଇଲା ପରେ ଜାଣିଲି, କିନ୍ତୁ ଶୁଣିଥିଲି ଏଇଠି କଉଠି ଘଟଣା ଟି ଘଟିଛି..।

ଆହୁରି ସେ ଝିଅର ଚରିତ୍ର ଖରାପ୍ କଥା ଲୋକ କହିବାରୁ ସେ କାଳେ ସହି ପାରିଲାନି.. ସେଥିଲାଗି ଯନ୍ତ୍ରଣାରେ ମରିଗଲା..। ଆଚ୍ଛା ବାବୁ ସେ ଝିଅ କଣ ନିଜ ଇଚ୍ଛାରେ ମରି ପାରିବ.. ? ନା ତାକୁ ମାରି ଦେଇଛନ୍ତି..। ନା ନା ଝିଅ କିଛି ଗୋଟେ ଅଛି, ମୁଁ ଯେତିକି ଶୁଣିଛି ସେ ଝିଅ ଏତେ ବି ଖରାପ୍ ନ ଥିଲା..।

ହଁ କି.. ! ଆଉ କଣ ଶୁଣିଛ.. ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତିକି ବେଳେ ଚକ୍ ମକ୍ ବିଜୁଳି ମାରିଲା ଆଉ ବଡ଼ ଘଡ ଘଡି ମାରିଦେଲା.., ବର୍ଷା ଗତି ବହୁତ୍ ପ୍ରଖର ବି ଲାଗିଲା..। ସଙ୍ଗେ ସଙ୍ଗେ ସଡ଼କ ଆଲୁଅ ସବୁ ଲିଭିଗଲା..

ପ୍ରାଣକୃଷ୍ଣ ବାବୁ ଡରି ଚମକି ପଡିଲେ..। ଆରେ ବାବୁ.. ଡରନି ମୁଁ ଅଛି ପରା ଶ୍ରାବଣୀ..। ଏ ଶ୍ରାବଣ ର ମୁଶଳ ଧାରା କଣ ବା କରି ପାରିବ..।

ବାଃ.. ! ଝିଅ ତମେ ଏତେ ସାହସୀ ତମ ଭଳି ଝିଅ ଭଗବାନ ସମସ୍ତଙ୍କୁ ଦେଉ..।

ଶ୍ରାବଣୀ... ହୁଁ ଟିଏ ମାରିଦେଲା....ଗୋଟେ ବିକଟାଳ ଶବ୍ଦରେ, ଆଉ କହିଲା ଆପଣ ଠିକ୍ କହିଲେ ବାବୁ..। ଜାଣିଛ ବାବୁ ମୁଁ କିନ୍ତୁ ସେଇ ଝିଅ କଥା ଭୁଲି ପାରୁନି.. ଓଃ କି ଯନ୍ତ୍ରଣା, ଅସ୍ତବ୍ୟସ୍ତ ମନ, ବାପା ମା ସବୁ ଥାଇବି ସେ ଏକୁଟିଆ ଥିଲା.. ! ହେ ପ୍ରଭୁ ଏପରି କାହିଁକି କଲ..!??? ସେ ରାକ୍ଷସ ମଣିଷର ଦଣ୍ଡ କଣ..? ତୁମେ ଆସିବ..! ନିଶ୍ଚୟ ଆସିବ, ଏ ଶ୍ରାବଣରେ ନିଆଁ ଲାଗିବ, ଏ ମୁଶଳ ଧାରା ଜଳ ଯାହା ଦେହରେ ବାଜିବ ସେ ଜଳିବ, ସବୁ ପାପୀଙ୍କୁ ବିନାଶ କରିବ, ନ ହେଲେ ମୋ ଭଳି ଶ୍ରାବଣୀ... ଏତିକି କହି ଟିକେ ଆଖିର ଲୁହ ଆସିଗଲା.., ଏତିକି ଶୁଣି ପ୍ରାଣକୃଷ୍ଣ ବାବୁ କହିଲେ, ଝିଅ ଆମେ କଣ କରି ପାରିବା, ସମାଜ ସେମିତି ହେଇଚି । ଶ୍ରାବଣୀ ନିଆଁ ଭଳି ଜର୍ଜରିତ ରାଗରେ ବାବୁ ସିଧା ମାରିଦେବା ଦରକାର୍ । ହେଲେ ଝିଅ କେହି ଜଣେ ସାଥିରେ ଦରକାର୍ । ହଉ ମା ତମେ ଦୁଃଖ କରନି । କି କାନ୍ଦନି ରାତି ୧୦.୨୦ ହେଲାଣି । ଏତିକି କହିବା ମାତ୍ରେ ଶ୍ରାବଣୀ ଡାକ ବାବୁ ରୁହ ରୁହ ଏଇଠି ମୋ ଘର । ପ୍ରାଣକୃଷ୍ଣ ବାବୁ ଗାଡ଼ି ବ୍ରେକ୍ କଲେ । ଦେଖିଲେ ଶ୍ରାବଣୀ ବର୍ଷା ଜୁଡୁବୁଡୁରେ ଝାପସା ମୁଁହ ଦେଖାଯାଉଛି ଖାଲି ଓଦାଚୁଟି ଗୁଡା କେମିତି ଭୟଙ୍କର ଭଳି ହେଇଚି, ବାବୁ ଟିକେ ଡରିଗଲେ, କହିଲେ ଏ ଜଙ୍ଗଲରେ ଝିଅ ତୁମ ଘର କଉଠି ଦେଖାଯାଉନି ତ ? ଶ୍ରାବଣୀର ଉତ୍ତର ଖାଲି ଆଙ୍ଗୁଳି ଇସାରାରେ ଜଙ୍ଗଲ ଭିତରକୁ, ପ୍ରାଣକୃଷ୍ଣ ବାବୁ ଦେଖିଲେ ବହୁତ୍ ଦୂରରେ ଛୋଟ ଲଣ୍ଠନ ଆଲୁଅ ଭଳି ଗୋଟେ ଝୁଲୁଛି, ଚାରିପଟେ ଶିଆଳର ରଡ଼ି, ପେଚାର ବିକଟାଳ ଶବ୍ଦ.., ଶ୍ରାବଣୀ.. ବାବୁ ମୁଁ ଆସୁଛି..,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟେ ଅଜବ ସ୍ୱରରେ.., ପ୍ରାଣକୃଷ୍ଣ ବାବୁ ଏଥିରେ ଥରିବାକୁ ଲାଗିଲେ.. ପୁଣି ମନ ମାନୁ ନ ଥାଏ ଏକା ଝିଅଟା, କିନ୍ତୁ ସେତିକି ବେଳେ ଅଜବ ଗର୍ଜନ କରି ଶ୍ରାବଣର ମୁଶଳ ଧାରା ଅତି ପ୍ରଖର ବର୍ଷାର ତାଣ୍ଡବ ହୋଇଥିଲା, ବାବୁ ଗାଡି ସିଧା ଆଗକୁ ବଢ଼ିବାରେ ଲାଗିଲା.. ରାସ୍ତାରେ ପାଣିରେ ସୁଅ, ସୁନସାନ୍ କେହିନାହାନ୍ତି ଏ ବର୍ଷା ପୁଣି ବିଜୁଳୀ ଘଡଘଡି ବଢ଼ିବାରେ ଲାଗିଲା.. ସତେକି ସେ ସହର ଉପରେ ଶ୍ରାବଣର ଶ୍ରାବଣୀ ଦାଉ ସାଧୁଛି । ସବୁ ବ୍ୟାଗ୍ ପତ୍ର ଓଦା, ରେନ୍ କୋଟ ଭିତରେ ପାଣି ପୁରା ଭିଜା ବର୍ଷାରେ ପ୍ରାଣକୃଷ୍ଣ ବାବୁଙ୍କ ମନରେ ଉଙ୍କିମାରେ ସେ ଝିଅର କଥା, ତା ଭିତରେ କେତେ ଯେ ବେଦନା, ସତେ ଲାଗୁଥିଲା ତା ସହିତ ଏଇ ଜିନିଷ ଘଟି ଯାଇଛି..। ଏତିକି ବେଳେ ମାର୍କେଟ ପାଖା ପାଖି ହେବ ପୋଲିସ୍ ବାବୁଙ୍କ ଗାଡ଼ି ପହଁଚିଗଲା..। ଓ ବାବୁ.. ! କୁଆଡେ.. ? ଏତେ ରାତିରେ.. ? ସମୟ ଭଲ ନାହିଁ..। ପ୍ରାଣକୃଷ୍ଣ ବାବୁ କହିଲେ ସାର୍ ଟ୍ରେନ୍ ଲେଟ୍ ଥିଲା, ସେଥିଲାଗି ଡେରି, ମୋ ସାଙ୍ଗ ଘର ଏଇ ପଲ୍ଲୀ ମାର୍କେଟ କମ୍ପ୍ଲେକ୍ସରେ..., ଆଉ ମୋ ସଙ୍ଗେ ଗୋଟେ ଝିଅ ବି ଆସିଲା..। ସେନାପତି କଲେଜ୍ ପିଲା, ସେ ପୂର୍ବ ଗାଁରେ ଓହ୍ଲେଇ ଗଲା..। ପୋଲିସ୍ ବାବୁ ଆଶ୍ଚର୍ଯ୍ୟ.. ! କଉ ଝିଅ, ପୂର୍ବରେ କଉ ଗାଁ.. ? ଏଇ ୨୮ କିମି ଷ୍ଟେସନ୍ ରୁ ପଲ୍ଲୀ ମାର୍କେଟ ବାଟରେ ଖାଲି ସୁନ୍ ସାନ୍ ରାସ୍ତା ଆଉ ଜଙ୍ଗଲ, ଆମ ୧୫ ବର୍ଷ ଚାକିରି କାଳରେ କିଛି ଗାଁ ତ ଏ ରାସ୍ତାରେ ନାହିଁ.. ଆମେ ତ ଜାଣିନୁ..। ପ୍ରାଣକୃଷ୍ଣ ବାବୁ ଆଶ୍ଚର୍ଯ୍ୟ... ! ଆରେ ସେ ଝିଅ ମୋ ଗାଡ଼ିରେ ଆସିଲା.,.. ଅଫିସର୍.. ହଉ ଶୁଣ ପଳେଇ ଯାଅ, ଆମେ ଏବେ ସେନାପତି କଲେଜରୁ ଆସିଲୁ କଲେଜ ଏପଟେ, ସେପଟେ ନୁହଁ..। ୧୫ ଦିନ ହେଲାଣି ବନ୍ଦ୍ ଅଛି କେସ ଚାଲିଛି.., ସେ ଝିଅ ଯେଉଁ ମରିଯାଇଛି ନିଆଁ ଲଗେଇ.. ସେଥିଲାଗି । ପ୍ରାଣକୃଷ୍ଣ ବାବୁ ଡରିକି କମ୍ପିଗଲେ.., ବର୍ଷା ଜଳ ସହ ଗମ୍ ଗମ୍ ହୋଇ ଝାଳ ବୋହିଲା..।

ସତରେ କଣ ସେ ଝିଅ ନଥିଲା ! ନା ସେ ଝିଅ ସେଇ ମୃତ ଶ୍ରାବଣୀ, ସେଥିଲାଗି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତେ ଯନ୍ତ୍ରଣା କଥା, ଏତେ ବିରହ । ସେଥିଲାଗି ଆଜି ଏ ଶ୍ରାବଣର ମୁସଳ ଧାରା କଣ ତାଣ୍ଡବ କରୁଛି ନ୍ୟାୟ ପାଇଁ

ଏ ସମାଜରେ ପୁରୁଷ ଜାତି କଣ ସତରେ କାପୁରୁଷ ? ଶ୍ରାବଣୀର ବାପା ସରକାରଙ୍କ ୨୫ ଲକ୍ଷ ଟଙ୍କା ମାଗଣା ପାଇ କଣ ସବୁ ବେଦନା ଭୁଲିଗଲେ ? ହେଲେ ଶ୍ରାବଣୀ ତା ବାପାଙ୍କ ଦୁଃଖରେ ଦୁଃଖୀ ଥିଲା.. ପରିବାର ପାଇଁ ଚିନ୍ତିତ ଥିଲା.. ତାର ସବୁ ଦୁଃଖ ଚାପି ଦେଇ ବାପାଙ୍କୁ ସାହାଯ୍ୟର ହାତ ବଢ଼ାଇ ଥିଲା..। ପରିଣାମ ଆମ ସମାଜରେ କଣ ଏମିତି... ?

ଆଜି ଏ ମିଛମାୟା ପାପୀ ସଂସାରରେ ନୂଆ ଇତିହାସ ମହାପୁରୁଷ ଫକୀର ମୋହନଙ୍କ ଲେଖାର ନାୟିକା ରେବତୀ ମାନେ ଶ୍ରାବଣୀ... !

ଯଦି ନିଜ ମାତୃ ଭୂମିର କାହାକୁ ସୁରକ୍ଷିତ ରଖି ପାରୁନ, ତା ହେଲେ ଶତ ଧିକ୍

ତୁମ କଳିର ପୁରୁଷ ଜାତି, ଧିକ୍ ତୁମ ସମ୍ପୂର୍ଣ୍ଣ ନାରୀ ଜାତି, ଧିକ୍ ରେ କଳା ମୁଣ୍ଡିଆ.... ଗୋଟେ ଯନ୍ତ୍ରଣା ଶ୍ରାବଣୀ ର ଶବ୍ଦ..,

ହଁ...,ତୁମେ ବା କାଇଁ ବୁଝିବ.. ? ସେଟା ବୁଝିଲେ କାଳେ ନିଜେ ବିଚାର ବିଭାଗୀୟ ତାଲିକାରେ ଆସିଯିବ, ରାସ୍ତାରେ ଚାଲିଯିବ ନ ଶୁଣିଲା ଭଳି ଏଇ ତୁମ ଦୁର୍ଲଭ ମାନବ ଜନ୍ମ, ଗୋଟେ କଥା ମନ ରଖ, ଆଜି ସିନା ତୁମେ ଅଣଦେଖା କରି ଚାଲିଗଲ, କାଲି ତୁମକୁ ଉପର ବାଲା ଅଣଦେଖା କରିଦେବ, ସତ୍ କର୍ମ ଏଇଠି କରାଯାଏ, ନୁହେଁ ପୂଜା ପାଠରେ, ଖାଲି ଏମିତି ସାହାଯ୍ୟ ନୁହେଁ ଲୋକୋ ରାସ୍ତା କଡ଼ରେ ଦୁର୍ଘଟଣା ଗ୍ରସ୍ତ ହୋଇ ପଡୁଛନ୍ତି, ଉଠେଇ ପାଣି ଦେବା ଦୂରର କଥା, ପୋଲିସ୍ କେସ ଭୟରେ ସେମିତି ଅନେଇ ଚାଲି ଯାଉଛ,କେତେ ଦିନ ଏ ଜୀବନ... ? ଆଜି ଅଛି କାଲି ନାହିଁ, ଆମେ ମାନେ ଯଦି ସତ୍ ବାଟରେ ନ ରହିବା, ତା ହେଲେ ଏ ଦୁର୍ଲଭ ଜନ୍ମରେ ବଞ୍ଚିବା ମୂଲ୍ୟ ହୀନ...। ଖାଲି ଆଜିର କଲେଜ୍ ଛାତ୍ରୀ ଶ୍ରାବଣୀ ନୁହଁ, ଏମିତି ବହୁତ୍ ଶ୍ରାବଣୀ ଆଖିର ଲୁହହେଇ କେତେ ବାପା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମା ଙ୍କର ରହିଯାଇଛି ଏଇ ସମାଜରେ ଏବଂ ରହିଯିବ ଆଗକୁ ମଧ୍ୟ ସତର୍କ ନ ହେଲେ, କାଲି ରାକ୍ଷୀ ପୂର୍ଣ୍ଣିମା ସେ ଭାଇ ହାତ ଖାଲି ରହିବ, ଆଉ ଆଖି କଥା କହିବ ଖାଲି ଲୁହରେ..। ଗଭୀର ଆଘାତ ସେ ଭାଇ ଯାହାର ଶ୍ରାବଣୀ ଭଳି ଭଉଣୀଟିଏ ଏ ଦୁନିଆରେ ଅଛି, ତୁମେ ବି ଗୋଟେ କାହାର ଭାଇ ଥିଲ ନା କେମିତି ଶ୍ରାବଣୀର ଚିତ୍କାର ଶୁଭିଲା ନାହିଁ ତୁମକୁ, କଣ ମିଳିଲା ତୁମକୁ...

ଏମିତି ଦେଖୁ ଥିବ କାଲି ତୁମ ଭଉଣୀ ପାଳି ପଡ଼ିବନି କିଏ ଜାଣେ ସମୟ ଆସୁଛି.....।

ଏମିତି ରାଗ ଜର୍ଜରିତ ହୋଇ ଚାଲିଗଲେ ପ୍ରାଣକୃଷ୍ଣ ବାବୁ ଆଖିର ଲୁହ ଧାରାରେ..... ଏଇ ଶ୍ରାବଣର ବିରହ ଶ୍ରାବଣୀ କଥା ଭାବି ଭାବି...। ଆଉ ଶ୍ରାବଣର ବିରହ ଶ୍ରାବଣୀ ସ୍ୱରରେ.......,

ଏ ଦୁନିଆଁ ଦେଖିବ
କଳ୍କୀ ଆସିବ, ବୁଲିବ ଯେ
ବାର ହାତ ଖଣ୍ଡା..,,,
ଜଳିବ ଜଳିବ କଟା ମୁଣ୍ଡ ଯେ ଜଳିବ
ବିନାଶିବ ପାପୀ ଅପରାଧୀ ଗୁଣ୍ଡା...।

ସହିଦ୍ ଇରମ
ବାସୁଦେବପୁର ଭଦ୍ରଖ
୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୁହୁକ କଲମ

ଅଭୟ କୁଣ୍ଡ



ପାଟପୁର ଗାଁ ମୁଣ୍ଡରେ ଗୋଟିଏ ଛୋଟ ପରିବାର ବାସ କରନ୍ତି।ପରିବାରର ମୁଖ୍ୟ ହରିହର ବାବୁ । ହରିହରଙ୍କର ଗୋଟିଏ ମାତ୍ର ପୁତ୍ର ଚିକୁ । ସେ ପଞ୍ଚମ ଶ୍ରେଣୀରେ ଗାଁ ବିଦ୍ୟାଳୟରେ ପଢେ । ମାତ୍ର ପାଠ ପଢାରେ ବହୁତ୍ ଠକ । ପ୍ରତିଦିନ ବିଦ୍ୟାଳୟକୁ ଯାଏ ନାହିଁ । ଅକ୍ଷର ଲେଖା ଶିଖିନାହିଁ ଚିକୁ ଏପରିକି ନିଜର ନାମ ମଧ୍ୟ ଲେଖିପାରେ ନାହିଁ । ତା ସହ ପିଲାଟି ବାହାର ଲୋକମାନଙ୍କୁ ବହୁତ ଖରାପ ବ୍ୟବହାର ଦେଖାଏ । ବାପା ମା ବହୁତ୍ ବ୍ୟସ୍ତ ହୁଅନ୍ତି ତାର ବ୍ୟବହାର ଓ ଶିକ୍ଷାକୁ ନେଇ । ପିଲାଟି କିପରି ପାଠ ପଢ଼ିବ ଓ ଭଲ ବ୍ୟବହାର ଶିଖିବ ସେଥିପାଇଁ ସଦା ସର୍ବଦା ଚେଷ୍ଟା କରନ୍ତି ଦୁହେଁ । କିନ୍ତୁ କିଛି ବି ଫଳ ମିଳେ ନାହିଁ । ବିଦ୍ୟାଳୟରେ ସାଙ୍ଗସାଥୀଙ୍କ ସହ ମାଡ଼ଗୋଳ, ବିଦ୍ୟାଳୟର ଅସବାବପତ୍ର ଭଙ୍ଗାରୁଜା ବହିପତ୍ର ଚିରାଚିରି ଇତ୍ୟାଦି ତା'ର ବିଦ୍ୟାଳୟକୁ ଯିବା ଦିନର ମୁଖ୍ୟ କାର୍ଯ୍ୟ । ସେଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବହୁଥର ହରିହର ବାବୁଙ୍କୁ ଡାକି ତାଗିଦ୍ ମଧ୍ୟ କଲେଣି । ପିତା ମାତା ଦୁଇ ଜଣ ନାଚାର । କଣ ବା କରିବେ କିଛି ବି ଜାଣି ପାରୁନଥାନ୍ତି । ବହୁ ମନ୍ଦିର ବହୁ ଠାକୁର ପୂଜା ପୂଜି ମଧ୍ୟ କରିଥାନ୍ତି ପୁଅର ସ୍ୱଭାବରେ ପରିବର୍ତ୍ତନ ପାଇଁ ।

ଦିନେ ବାପା ମା ଓ ଚିକୁ ତିନି ଜଣ ଆର ଗାଁରେ ପାହାଡ ଉପରେ ଥିବା ମନ୍ଦିରକୁ ଯାଇଥାନ୍ତି । ମନ୍ଦିରରୁ ଫେରିବା ବାଟରେ ଜଣେ ସାଧୁ ସନ୍ନ୍ୟାସୀ ଦେଖାହେଲେ । ସାଧୁ ଜଣକ ଦମ୍ପତ୍ତିଙ୍କର ମନ ଦୁଃଖ ଦେଖି କାରଣ ପଚାରିଲେ । ହରିହର ବାବୁ ସବୁ ଘଟଣା ଖୋଲି କହିଲେ ସାଧୁ ବାବାଙ୍କୁ । ସାଧୁ ବାବା ପିଲାଟି ସହ ନିରୋଳାରେ କଥା ହେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି କହିଲେ । ଠିକ୍ ସେହିପରି ହେଲା । ପିଲାଟି ସହ ଏକୁଟିଆ କଥାବାର୍ତ୍ତା ହେଲେ ସାଧୁବାବା । ସାଧୁ ବାବାଙ୍କୁ ଦେଖି ପିଲାଟି ମୁଣ୍ଡିଆ ମାରିଲା ନାହିଁ । ବାବା ବ୍ୟସ୍ତ ନ ହୋଇ ପିଲାଟିକୁ କୋଳେଇ ଧରି ଅନେକ କଥା ବୁଝାଇଲେ ଓ କହିଲେ, "ହେ ବାଳକ ମୁଁ ତୁମକୁ ଏକ କୁହୁକ କଲମ ଦେବି । ସେହି କଲମଟି ତୁମର ସମସ୍ତ ମନସ୍କାମନା ପୂର୍ଣ୍ଣ କରିବ । ତୁମେ ସେହି କଲମଟି ନେବ କି ?" ପିଲାଟି କୁହୁକ କଲମର କଥା ଶୁଣି ନେବ ବୋଲି ରାଜି ହେଲା । ଆଗରୁ କୁହୁକ କଲମର ଗପ ସେ ଜେଜେ ବାପାଙ୍କ ପାଖରୁ ଶୁଣିଥିଲା । ସାଧୁ ଜଣଙ୍କ କହିଲେ ଏହି କଲମରେ ତୁମେ ଅନ୍ୟର ମଙ୍ଗଳ ପାଇଁ ଯାହା ଲେଖିବ ତାହା ଅବଶ୍ୟ ପୂରଣ ହେବ । କିନ୍ତୁ ମନେରଖ ଏହି କଲମରେ ତୁମେ ତୁମ ପାଇଁ କିଛି ବି ମାଗି ପାରିବ ନାହିଁ । ଯଦି ତୁମେ ନିଜ ପାଇଁ କିଛି ଲେଖ କିମ୍ବା ଅନ୍ୟର ଅମଙ୍ଗଳ ଲିପିବଦ୍ଧ କରିବ ତେବେ କୁହୁକ କଲମଟି ଆଉ କେବେ ବି କାର୍ଯ୍ୟ କରିବ ନାହିଁ । ପିଲାଟି ସାଧୁ ବାବାଙ୍କ ଠାରୁ ଯାଦୁ କଲମ ପାଇଁ ବହୁତ୍ ଖୁସି ଥାଏ । ଘରକୁ ଆସି ଚିନ୍ତାକଲା କଣ ଲେଖିବ ସେ ସେହି କଲମରେ । ମାତ୍ର ତାକୁ ତ ଲେଖା ଜଣାନାହିଁ । ସେଥିପାଇଁ ଚିକୁ ଭାବିଲା ସେ ନିୟମିତ ବିଦ୍ୟାଳୟକୁ ଯିବ ଓ ମନଦେଇ ପାଠ ପଢାପଢି କରିବ । ଏମିତି କିଛି ମାସ ପରେ ପିଲାଟି ସବୁ ଲେଖା ଲେଖି ଓ ପଢା ପଢି କରିପାରିଲା । ଏଥର ଭାବିଲା ସେ ସେହି କୁହୁକ କଲମରେ କିଛି ଲେଖିବ । ସେଥିପାଇଁ ତା ମନ ଭିତରେ ପ୍ରବଳ ଉତ୍ସାହ ଥାଏ ।

ସେଦିନ ବିଦ୍ୟାଳୟରୁ ଫେରୁଥାଏ ଚିକୁ । ବାଟରେ ଜଣେ ଅସହାୟ ବୃଦ୍ଧାଙ୍କୁ ଦେଖିଲା । ପିଲାଟିକୁ ଦେଖି ବୃଦ୍ଧା କିଛି ଖାଦ୍ୟ ଖାଇବା ପାଇଁ ମାଗିଲେ । ଚିକୁ ତା ବ୍ୟାଗ୍ ରେ ଥିବା ଟିଫିନ୍ ବକ୍ସ ଖୋଜିଲା କିନ୍ତୁ ଚିକୁ ପାଖରେ କିଛି ବି ପାଇଲା ନାହିଁ । ହଠାତ୍ ତାର ମନେ ପଡିଗଲା ସେହି କୁହୁକ କଲମର କଥା । ସେ ତା ବ୍ୟାଗରୁ କଲମଟି ବାହାର କରି ଖାତାରେ କିଛି ଖାଦ୍ୟର ନାମ ଲେଖିଲା । ଲେଖା ସାରିବା କ୍ଷଣି ତା ଟିଫିନ୍ ରେ ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ଖାଦ୍ୟ ପହଁଚିଗଲା ଓ ପିଲାଟି ସେହି ଖାଦ୍ୟ ବୃଦ୍ଧାଙ୍କୁ ଦେଇ ଘରକୁ ଫେରିଲା । ଘରେ ତାର ମାଆଙ୍କୁ ସବୁକଥା କହିଲା । ପୁଅର ଏଭଳି କାର୍ଯ୍ୟ ଦେଖି ମାଆ ବହୁତ୍ ଖୁସି ହେଲେ ଓ ଏହିପରି କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଲେ । ପିଲାଟି ଧୀରେ ଧୀରେ ଅନ୍ୟ ମାନଙ୍କୁ ସାହାଯ୍ୟ କରିବାକୁ ଲାଗିଲା । ଲେଖା ଲେଖି ଶିଖିଯିବାରୁ କୁହୁକ କଲମରେ ସବୁ କିଛି ଲେଖିପାରିଲା । ଗରିବ ଲୋକଙ୍କୁ ସାହାଯ୍ୟ କଲା । ମନ ଦେଇ ପାଠ ପଢ଼ି ବିଦ୍ୟାଳୟରେ ଭଲ ସ୍ଥାନ ଅଧିକାର କଲା । ତା ମଧ୍ୟରେ ସ୍ନେହ, ମମତା, ସୁବ୍ୟବହାର, ଈଶ୍ୱର ଭକ୍ତି ଓ ଅନେକ ଭଲ ଗୁଣ ବିକାଶ ହେବାକୁ ଲାଗିଲା ।

କିଛି ଦିନପରେ ସେହି ସାଧୁ ବାବା ଜଣଙ୍କ ସେହି ଗାଁକୁ ଭିକ୍ଷା ବୃତ୍ତିରେ ଆସିଥାନ୍ତି । ପୁଣି ବାଳକ ଚିକୁ ସହ ତାଙ୍କର ଭେଟ ହେଲା । ଏଥର କିନ୍ତୁ ଚିକୁ ବାବାଙ୍କୁ ଦେଖି ମୁଣ୍ଡ ନୁଆଇଁ ପ୍ରଣାମ ଜଣାଇଲା । ପିଲାଟିର ବ୍ୟବହାରରେ ପରିବର୍ତ୍ତନ ଦେଖି ସାଧୁ ବାବା ତାକୁ ଆଶୀର୍ବାଦ ପ୍ରଦାନ କଲେ ଓ ଜୀବନରେ ଭଲ ମଣିଷ ହେବାକୁ ଉପଦେଶ ଦେଲେ । ଆଚରଣଗତ ପରିବର୍ତ୍ତନ ପାଇଁ ଏହା ଏକ ଛୋଟ ଉପଦେଶ ମାତ୍ର ବଡ ସନ୍ଦେଶ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଢ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ ୯୫୫୬୭୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଥାବାଚିକା

ସୁନନ୍ଦା ମହାନ୍ତି



ଚିରକୁମାରୀ ପଦ୍ମକୁମାରୀ ପିଲାମାନଙ୍କୁ ଖୁବ ଭଲ ପାଉଥିଲେ । ପିଲାମାନେ ଅମୃତର ଶିଶୁ ବୋଲି କହି କଥାବାଚକ ପଦ୍ମକୁମାରୀ ସେ ଅଞ୍ଚଳରେ ଖୁବ ନାମ କମେଇଥିଲେ । ପଦ୍ମଫୁଲ ପରି ମୁହଁକୁ ସୁନ୍ଦର ପୌରାଣିକ ପୃଷ୍ଠଭୂମି ଆଧାରିତ ପ୍ରଶ୍ନର ଉତ୍ତରରେ ସମସ୍ତଙ୍କୁ ଯେମିତି ସମ୍ମୋହିତ କରି ରଖିବା କଳା ନେଇ ଜନ୍ମ ହୋଇଛନ୍ତି ସେ ବୋଲି ବାଟେ ଘାଟେ ପ୍ରଚାର, ପ୍ରସାର, ଆଲୋଚନା ଚାଲୁଥିଲା । ବ୍ୟକ୍ତିତ୍ୱ ମଧ୍ୟ ପଦ୍ମକୁମାରୀଙ୍କ ସ୍ୱତନ୍ତ୍ର ଥିଲା । ଗାଈ ପାଳନ ଓ ଗୋମାତା ସେବା ସହିତ ଅସହାୟ ବୃଦ୍ଧ ବୃଦ୍ଧାଙ୍କ ଆଶ୍ରୟଦାତ୍ରୀ ଥିଲେ ପଦ୍ମକୁମାରୀ । ଖାଲି କଣ ସେତିକି ! ଅସହାୟ ଶିଶୁମାନଙ୍କ ଯତ୍ନ ସହିତ ତାଙ୍କ ଚରିତ୍ର ଗଠନ ପାଇଁ ସବୁପ୍ରକାର ସୁବିଧା କରିଥିଲେ ସେ ଖୋଲିଥିବା ଆଶ୍ରମରେ । ତା ଭିତରେ ଦିବ୍ୟାଙ୍ଗ ଶିଶୁ ମାନଙ୍କୁ ସେ ଦିବ୍ୟ ସନ୍ତାନ ବୋଲି କହି ସେମାନଙ୍କ ଭିତରେ ଥିବା ଶକ୍ତି, ସାମର୍ଥ୍ୟ, ଯୋଗ୍ୟତା ତଥା ସୃଜନୀକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରୁଥିଲେ ।

ପଦ୍ମକୁମାରୀ ବୁଝିଥିଲେ ଶିଶୁ ମନ ଫୁଲ ପରି କୋମଳ । ଶାସ୍ତି ପରିବର୍ତ୍ତେ ଶିଶୁ ମନ ବୁଝି କାମ କଲେ ଭବିଷ୍ୟତରେ ସେ ଗୋଟେ ଭଲ ନାଗରିକ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ । ସେମିତି ଗୋଟିଏ ବାଳକ ଥିଲା କୁନା, ଯାହାକୁ କିଛି ଶୁଣା ଯାଉନଥିଲା । ସମସ୍ତଙ୍କୁ କିଛି କିଛି କାମ ମିଳିବା ପରି ତାକୁ ମଧ୍ୟ ଗାଈ ଗୋରୁଙ୍କୁ ସନ୍ଧ୍ୟାରୁ ରାତି ସାତଟା ପର୍ଯ୍ୟନ୍ତ ଜଗିବାକୁ କୁହାଯାଇଥିଲା । ସମାଜରେ ଖାଲି ଯେ ଭଲଲୋକ ରହିବେ କିଛି ମାନେ ନାହିଁ । ବହି ଧରି ପଢୁଥାଏ କୁନା । ଏହି ସମୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚୋରଟିଏ ଗାଈ ଫିଟାଇ କୁନା ଅଲକ୍ଷ୍ୟରେ ଗାଈଟିକୁ ଚୋରାଇ ନେବାକୁ ସ୍ଥିର କରି ଯୋଜନା ଅନୁସାରେ ସେ କାମଟି କରିବାରେ ଲାଗିପଡିଥାଏ । କୁନା ବୁଲିକି ଅନେଇଲେ ସିନା ଦେଖିବ ନଚେତ ତାକୁ କିଛି ଶୁଣାଯାଏନା ତ ଚୋରକୁ ସୁବିଧା ମିଳିଗଲା କିନ୍ତୁ ଗାଈର ହମା ହମା ଡାକରେ କି ଯାଦୁ ଥିଲା କେଜାଣି କୁନାକୁ ଲାଗିଲା କେହି ତାର ନାମ ଧରି ଯେମିତି କୁନା କୁନା ଡାକୁଛି ତ ସେ ଧାଇଁ ଯାଇ ମାଆ ବୋଲି ଡାକୁଥିବା ପଦ୍ମକୁମାରୀଙ୍କ ଆଗରେ କହିଲା ମତେ କେହି କୁନା କୁନା ବୋଲି ଡାକୁଥିବାର ମୁଁ ଶୁଣିପାରିଲେ ମଧ୍ୟ କାହାକୁ ଆଲୁଅ ଅନ୍ଧାର ଖେଳ ଭିତରେ ଦେଖିପାରୁନି । ପଦ୍ମକୁମାରୀ କିଛି ଭାବି କୁନା ସାଙ୍ଗରେ ଗୋମାତା ରହୁଥିବା ସ୍ଥାନକୁ ଆସି ଦେଖିଲେ ଗାଈଟି ଜୋରରେ ହମା ହମା ବୋଲି ରଡି ଛାଡୁଛି ତ ସଙ୍ଗେ ସଙ୍ଗେ ସତର୍କ ଘଣ୍ଟି ବାଜିଉଠିଲା । ପରିଚାରକ ମାନେ ଘେରି ଯାଇ ଚୋରକୁ ଧରିଲେ ଓ ଗୋମାତାଙ୍କୁ ଉଦ୍ଧାର କଲେ । ତା ପରଠୁ ପଦ୍ମକୁମାରୀ ଜାଣିସାରିଥିଲେ କୁନା ନିଶ୍ଚୟ ଶୁଣି ପାରିବ । ସତକୁ ସତ ଡାକ୍ତର କୁନା କାନ ପରୀକ୍ଷା କରି ଅସ୍ତ୍ରୋପଚାର କରିବା ପରେ କୁନାକୁ ଏବେ ଶୁଭୁଥିଲା ତ ସେ ଆଜି ହୋଲିରେ ସବୁପିଲାଙ୍କୁ ଏକତ୍ରିତ କରି ସମସ୍ତଙ୍କୁ ସତର୍କ କରିଦେଇଥିଲା କି କେମିକାଲ ରଙ୍ଗ ଖେଳିବା ଉଚିତ ନୁହେଁ । ଆଖି କାନ, ନାକ, ଚର୍ମ ଓ ପାଟିର ଯତ୍ନ ନେବା ପାଇଁ ବାଜରରେ ମିଳୁଥିବା ରଙ୍ଗ ନକିଣି ଗଛ ପତ୍ରରୁ ତିଆରି ହର୍ବାଲ ରଙ୍ଗ କିଣି ଖେଳିଲେ ସ୍ୱାସ୍ଥ୍ୟପ୍ରଦ ଓ ବିପଦ ନାହିଁ । ସିଆଡେ ପଦ୍ମକୁମାରୀ ମଧ୍ୟ କର୍ମଚାରୀମାନଙ୍କୁ ଲଗାଇ ହାତତିଆରି ଗୁଳ୍ମ ଠାରୁ ଦ୍ରୁମ ପର୍ଯ୍ୟନ୍ତ ଗଛର ପତ୍ରର ରସରେ ବିଶୁଦ୍ଧ ଫଗୁ ଯଥା ହଳଦୀ, ଅଁଳା, ବାହାଡା, ସାହାଡା ଇତ୍ୟାଦିରୁ ତିଆରି ଫଗୁ ମିଶାଇ ପିଲାଙ୍କ ହୋଲି ଖେଳ ପାଇଁ ପ୍ରସ୍ତୁତ କରି ରଖିଥିଲେ । ପଦ୍ମକୁମାରୀଙ୍କ ନିର୍ଦ୍ଦେଶରେ ପିଲାମାନେ ବଡ଼ମାନଙ୍କ ପାଦରେ ସେହି ରଙ୍ଗ ଦେଇ, ପ୍ରଣାମ କରି ହୋଲି ଖେଳିଥିଲେ ଏବର୍ଷ । ଏଣିକି ପଦ୍ମକୁମାରୀଙ୍କ ହାତଗଢ଼ା ଆଶ୍ରମରେ ରହି ମଣିଷ ପରି ମଣିଷ ହେବାକୁ ଅଧିକାଂଶ ମାଆ ବାପା ତାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିଲାଙ୍କୁ ଆଶ୍ରମର ଶୃଙ୍ଖଳିତ ଜୀବନ ଜାପନ କରିବାକୁ ଆଗ୍ରହ ପ୍ରକାଶ କରୁଥିଲା ବେଳେ ଗୋଟିଏ ନୂଆ ସମସ୍ୟା ଆସି ପହଁଞ୍ଚି ଥିଲା ପଦ୍ମକୁମାରୀଙ୍କ ପାଖେ ।

ପଦ୍ମକୁମାରୀଙ୍କ ପାଖକୁ ସେଦିନ ଆସିଥାଆନ୍ତି ଜଣେ ବୃଦ୍ଧ ଦମ୍ପତ୍ତି । ଯେଉଁମାନେ କି ବିବାହର ସିଲଭର ଜୁବଲି ପାଳନ କରି ସତୁରୀ ବର୍ଷରେ ପଦାର୍ପଣ କରିସାରିଥିଲେ ମଧ୍ୟ ବିଛେଦ ଚାହୁଁଥିଲେ । ଆଶ୍ଚର୍ଯ୍ୟ ହେଲେ ପଦ୍ମକୁମାରୀ । ଏମିତି ମାମଲା ତାଙ୍କ ଜୀବନରେ ପ୍ରଥମ ଥିଲା । ଅନେକ କୋର୍ଟ କଚେରୀ ବୁଲି ସାରିବା ପରେ ସେ ଦୁହେଁ ନିରାଶ ହୋଇ କଥାବାଚିକା ପଦ୍ମକୁମାରୀଙ୍କ ଶରଣ ପଶିଥିଲେ । ଯୋଉ ନ୍ୟାୟାଳୟକୁ ଯାଉଥିଲେ ସେଠାରେ ସେମାନଙ୍କୁ ବୁଝାସୁଝା କରି ଆପୋଷ ଆଲୋଚନା ମଧ୍ୟରେ ଅବଶିଷ୍ଟ ବାକି ଜୀବନ କାଟିଦେବାକୁ ପରାମର୍ଶ ଦେଇ ଘର ବସେଇବାକୁ ଚେଷ୍ଟା କରୁଥିଲେ ଜଜମାନେ । ଆଉ ନିଜ ଯୋଜନାରେ ଅସଫଳ ହୋଇ ପଦ୍ମକୁମାରୀଙ୍କ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ ସେ ହୁହେଁ । ପିଲାଙ୍କ ପାଇଁ ଆଜିଯାଏଁ ଦୁଇ ବିପରୀତଧର୍ମୀ ସ୍ୱାମୀ ସ୍ତ୍ରୀ ଏକାଠି ହୋଇ ନିଜର ସମସ୍ତ କର୍ତ୍ତବ୍ୟ ପାଳନ କରିସାରିବା ପରେ ଏବେ ନିଜ ପସନ୍ଦରେ, ନିଜ ମନ ଅନୁସାରେ ବଞ୍ଚିବାକୁ ଚାହୁଁଥିଲେ । ହରଡ଼ଘଣାରେ ପଡ଼ିଥିଲେ ପଦ୍ମକୁମାରୀ । ଏତେ ଅଭିଜ୍ଞ, ଜ୍ଞାନୀ, ଗୁଣୀ, ଅନୁଭୂତିସମ୍ପର୍ଣ୍ଣ ଦମ୍ପତ୍ତିଙ୍କ ବିଛେଦ କେମିତି ହେବ ସେ ବୁଝିନପାରି ତାଙ୍କ ଆଶ୍ରମରେ ଖାଲିଥିବା ଦୁଇ ଗୋଟି କୋଠରୀରେ ସେ ଦୁହିଁଙ୍କୁ ଅଲଗା ଅଲଗା ରହିବାକୁ ପରାମର୍ଶ ଦେଇଥିଲେ ।

ଦେଖାଗଲା ପ୍ରତିଟି କାର୍ଯ୍ୟରେ ଜଣେ ଅନ୍ୟ ଜଣଙ୍କ ଉପସ୍ଥିତି ଲୋଡୁଛି । ଯେମିତିକି ସକାଳୁ ଉଠୁ ଉଠୁ ସ୍ୱାମୀଙ୍କ ପସନ୍ଦର ଉଷୁମ ପାଣି ପ୍ରସ୍ତୁତ କରୁଛନ୍ତି ସ୍ତ୍ରୀ ତ ସେପଟେ ସ୍ୱାମୀ କାହାକୁ ପଚାରି ଚାଲିଛନ୍ତି ଆଜି ଯୋଗାଭ୍ୟାସ କରିବ ନାହିଁକି, ତୁମ ଆସନ ମୁଁ ପ୍ରସ୍ତୁତ କରିସାରିଛି ଯେ । ଏପଟେ ଗାଧେଇଲା ବେଳେ ଟର୍କିସ ଧରି ସ୍ତ୍ରୀ ଗାଧୁଆ ଘର କବାଟ ବାଡେଇ ନିରାଶ ହେଉଥିଲେ ତ ସେପଟେ ଗିଜର ଖୋଲି ସ୍ୱାମୀ କହୁଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଧେଇବ ଯାଅ । ପଦ୍ମକୁମାରୀ ବୁଝିସାରିଥିଲେ ଦୁହିଁଙ୍କ ପସନ୍ଦ ଭିନ୍ନ ଭିନ୍ନ ଥିଲେ ମଧ୍ୟ ଅଭ୍ୟାସ ବଶତଃ ଦୁହେଁ ଦୁହିଁଙ୍କର ହୋଇସାରିଛନ୍ତି । ଏ ଦୁହିଁଙ୍କୁ ଏକୁଟିଆ କରିବା କି ସମ୍ଭବ !

ନିୟତିର ନିର୍ଦ୍ଦେଶ ଥିଲା ଭିନ୍ନ । ସେଦିନ ଖୁବ ରାତିରେ ସ୍ୱାମୀ ସ୍ତ୍ରୀ ପରସ୍ପର ଭିତରେ କଥାବାର୍ତ୍ତା ହେଉ ହେଉ ସ୍ୱାମୀ କହୁଥିଲେ ମୁଁ ଇନ୍‌ସୁରାନ୍‌ସ କରାଇ ନେଇଛି ମୋ ଅନ୍ତେ ତୁମର କିଛି ଅସୁବିଧା ହେବନି । ସ୍ତ୍ରୀ ଏପଟେ କହୁଥିଲେ ମୋର କି ଅଭାବ ଅଛି ଯେ ତୁମେ ମୋ ପାଇଁ ଇନ୍‌ସୁରାନ୍‌ସ କରାଇଛ ବରଂ ମୁଁ ମରିଗଲା ପରେ ମୋ ମୁହଁରେ ପୁଅ ଝିଅ ନୁହଁନ୍ତି ବରଂ ତୁମେ ନିଆଁ ଟିକେ ଦେଇଦେବ । ସେମାନଙ୍କ କଥାବାର୍ତ୍ତାର ବିବରଣୀ ଟ୍ୟାପ କରି ଶୁଣୁଥିବା ପଦ୍ମକୁମାରୀ ଦେଖିଲେ ଦୁହିଁଙ୍କର କଥାବାର୍ତ୍ତା ହଠାତ ବନ୍ଦ ହୋଇଗଲା । ଦୁହିଁଙ୍କ ରୁମକୁ ପଶି ପଦ୍ମକୁମାରୀ ଦେଖିଥିଲେ ଦୁହିଁଙ୍କ ହାତରେ ରିସିଭର ଝୁଲି ରହିଥିଲେ ମଧ୍ୟ ଦେହରେ ଜୀବନ ନଥିଲା । ହୋଲିର ସକାଳ ପାଇଲା ବେଳକୁ ଦୁଇଟି କୋକେଇ ସାତରଙ୍ଗୀ ହୋଲିରେ ସଜେଇ ସ୍ୱର୍ଗଦ୍ୱାର ଅଭିମୁଖେ ଆଗେଇ ଯାଉଥିବା ବେଳେ ଅଶ୍ରୁ ରୋକି ହୋଇ ପାରୁନଥିଲା ଅନ୍ତେବାସୀଙ୍କ ଆଖିରୁ ।

ସାକ୍ଷୀଗୋପାଳ

ପୁରୀ

୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ମୋତେ ଭୂଲି ଯିବନି ତ

ନଳିନୀ ପ୍ରଭା ମିଶ୍ର



ଏ ମୋତେ ଭୂଲି ଯିବନି ତ ! ଏପରି କହିବା ପଛରେ କ'ଣ ଯେ କାରଣ ଥାଇପାରେ, ତୁମେ ନିଶ୍ଚୟ ସନ୍ଦେହର ଘେରରେ ପଡ଼ି ଯାଇଥିବ । ଏଠି ତୁମେ ଓ ମୁଁ । ମୁଁ ଆଉ ତୁମେ । ଦେଖ ଆକାଶ ସହିତ କିପରି ସାଗର ସହିତ ମିଶି ଏକ ମନ ଲୋଭା ଦୃଶ୍ୟ ସୃଷ୍ଟି କରୁଛି । ଆମ ପ୍ରେମ ଟା କାଚ ଗ୍ଲାସ ଭଳି କ୍ଷଣ ଭଙ୍ଗୁର ନୁହେଁ କି ଭଲ ପାଇବାର କ୍ଷଣିକ ଉଦ୍ଦାମତା ନୁହେଁ ।

ଜଣେ ଜଣକୁ ବୁଝି ପାରୁଥିବା ଶୃଙ୍ଖଳ ସମୟଟା ହିଁ ଆମ ଦୁହିଁଙ୍କ ପାଇଁ ପ୍ରକୃଷ୍ଟ ପ୍ରେମର ସ୍ୱାକ୍ଷର । କେବଳ ଦୈହିକ କାମନାର ଲାଳସାକୁ ଚରିତାର୍ଥ କରିବା ସକାଶେ ଆମରି ଏ ପ୍ରେମ ଉଦ୍ଦିଷ୍ଟ ନୁହେଁ, ବରଂ ଆମ ଭିତରେ ଥିବା ସୂକ୍ଷ୍ମ ଅନୁଭବର ପରାକାଷ୍ଠା ହିଁ ଆମ ପ୍ରେମ । ଯୁଗ ଯୁଗର ବନ୍ଧନ ଯେଉଁଠି ନିବିଡ଼ ହୁଏ ସେଠି ହିଁ ପ୍ରେମର ସାର୍ଥକତା ଆସେ ।

"ଏ କ'ଣ ଭାବୁଛ ?" ସ୍ୱରୂପ ଆଡକୁ ଅନାଇଲା ମୋନା । କିନ୍ତୁ ସ୍ୱରୂପ ନିରୁତ୍ତର । ତା 'ମନ ଭିତରେ ଦ୍ୱନ୍ଦ । କ'ଣ ବା କହି ଏ ପ୍ରଗଳଭା ଯୁବତୀକୁ ବୁଝାଇବ ? ପ୍ରେମରୁ ବିବାହ ସବୁବେଳେ ସମ୍ଭବ ହୋଇ ପାରିନଥାଏ । ସ୍ୱୀକୃତିବିହୀନ ବିବାହ ପ୍ରେମରେ ହିଁ ରହିଯାଏ ସ୍ମୃତିଟିଏ ହୋଇ । ଭଲ ପାଇବାର ଯେଉଁ ମହାର୍ଘ ମୂହୁର୍ତ୍ତର ଉପସ୍ଥିତି ତା କ'ଣ କେବେ ମାନସ ପଟରୁ ପୋଛି ହୁଏ ?

କେବଳ ଜଳିବାଟା ହିଁ ସାର ହୁଏ । ଏକ ପଟେ ତା'ର ପରିବାର ଅନ୍ୟ ପଟେ ମୋନା ଦୁଇଟି ଅଛିଣ୍ଡା ଗଣିତର ସୂତ୍ର । ଯାହାର ସମାଧାନ ବାହାର କରିବା ତା' ପକ୍ଷରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିହାତି କଠିନ ହୋଇ ପଡ଼ିଛି । ଅଦୂରରେ ଚିର ଅଶାନ୍ତ ମହୋଦଧି । ଚାରିପଟେ ବାଲି କେବଳ ବାଲି । ଲହରୀ ଆସି ହଠାତ୍ ସିକ୍ତ କରି ପୁଣି ଫେରି ଯାଉଛି । ସେଥିରେ ବେଳା ଭୂମିର କି ଆନନ୍ଦ ଶିହରଣ ଭରା ମନ ।

କି ଉତ୍ତର ଦେବ ମୋନାକୁ ? କେବଳ ମନ ଭିତରେ ଆନ୍ଦୋଳିତ ହୋଇ ଉଠୁଛି ସେ ଗୋଟିଏ କଥା, "ଏ ମୋତେ ଭୁଲି ଯିବନି ତ !"

ତାକୁ ନିଶ୍ଚିତ ଭାବେ କିଛି ସମାଧାନର ପନ୍ଥା ଖୋଜି ବାହାର କରିବାକୁ ପଡ଼ିବ । ଚାଲ ଏଥର ଫେରି ଯିବା ।

ମୋନାର ହାତ ଧରି ସ୍ୱରୂପ ଉଠି ଠିଆ ହେଲା, ପ୍ରେମ ପ୍ରତାରଣାର ଦୋଛକି ମଝିରେ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୁଲ ପାଇଁ ଦଣ୍ଡ

ଅଜୟ କୁମାର ରାଉତ

ସମୟ ପରିବର୍ତ୍ତନଶୀଳ । ସମୟର ସ୍ରୋତରେ ଆମେ ଖାପ୍ ଖୁଆଇ ଥାଉ । କାର୍ଯ୍ୟବ୍ୟସ୍ତତା ଭିତରେ ଆମେ କିଛି ନା କିଛି ଭୁଲ୍ କରିଆଉ । ପର ମୁହୂର୍ତ୍ତରେ ସେହି ଭୁଲ୍ ପାଇଁ ଆମେ ଦଣ୍ଡିତ ହେବାକୁ ପଡ଼େ । ଭୁଲ୍ ଓ ଦଣ୍ଡ ଦୁଇଟି ଯାକ ପରିପୂରକ । କାରଣ ସେ ସ୍ୱର୍ଗର ଲୋକ ହେଉ ବା ମର୍ତ୍ତ୍ୟର ଲୋକ । ଭୁଲ୍ ଯିଏ କରେ ତାକୁ ଶାସ୍ତି ବା ଦଣ୍ଡ ନିଶ୍ଚୟ ମିଳେ । ଦଣ୍ଡ ଯାହାକୁ ମିଳେ ସେହି ବ୍ୟକ୍ତି ଭବିଷ୍ୟତରେ ଯେପରି ଭୁଲ୍ ନ କରେ । ଏପରି ଘଟଣାଟି ହେଉଛି ମୋ ଜେଜେଙ୍କର ଜେଜେ ସମୟର ଘଟଣା, ଇଂରେଜ ଶାସନ ଆରମ୍ଭ ସମୟର ଘଟଣା । ଯାହାକି ଜେଜେଙ୍କ ଠାରୁ ଶୁଣିଥିଲି । ଆତ୍ମ ଗ୍ରାମର ପାଖ ବାଉଁଶ ଗଡିଆ । ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ । ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ବାସ କରନ୍ତି । ଉକ୍ତ ଗ୍ରାମରେ ଏକା ଦିନରେ ଜନ୍ମ ଗ୍ରହଣ କରିଥିଲେ ଓ ସେମାନଙ୍କର ନାମ ଥିଲା ରାମଚନ୍ଦ୍ର ପଣ୍ଡା ଓ ରାମକୃଷ୍ଣ ପଣ୍ଡା । ନାଏକ ଓ ପଣ୍ଡାକୁ ବାହାର କରିଦେଲେ ସେମାନଙ୍କର ଦୁହିଙ୍କର ନାମ ଦୈତାରୀ । ସେମାନଙ୍କର ଘର ପାଖା ପାଖି ସେମାନଙ୍କର ନିଜ ନିଜ ଜୀବନକୁ ଭଲ ଭାବରେ କେତେ ଭଲ କେତେ ମନ୍ଦ କାର୍ଯ୍ୟ କରି ଅତିବାହିତ କରିଦେଲେ । ଦୁଇ ଜଣଙ୍କର ପରିଣତି ବୟସ ହେଲା । ରାମଚନ୍ଦ୍ର ସ୍ୱଭାବତଃ ଟିକେ ଦୟା ପର, ପରୋପକାରୀ କିନ୍ତୁ ରାମକୃଷ୍ଣଙ୍କ ଗୁଣ ତାର ବିପରୀତ ଏବଂ କହିଲେ ନସରେ । ଗ୍ରାମବାସୀ ରାମକୃଷ୍ଣ ଉପରେ ଅସନ୍ତୁଷ୍ଟ ।

କିନ୍ତୁ କିଛି କହି ହେଉନଥାଏ । ଇତି ମଧ୍ୟରେ ଦିନକୁ ଦିନ ରାମକୃଷ୍ଣ ଅସାମାଜିକ କର୍ମ ଆଡ଼କୁ ଅଗ୍ରସର ହେଲେ । କାହାକୁ ମାର୍ ଧାର କଲେ ତ କାହା ଘରୁ ଚୋରି କଲେ । ବିଭିନ୍ନ ମାମଲା ରୁଜୁ ହୋଇଗଲା । ସମ୍ଭବତଃ ରାମଚନ୍ଦ୍ର ଓ ରାମକୃଷ୍ଣ ଏକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନେ ବିବାହ ହେଲା ଏବଂ ସେମାନଙ୍କର ପୁତ୍ର ଜନ୍ମ ଲାଭ ହେଲା । କିଛି ଦିନ ଧରି ରାମଚନ୍ଦ୍ର ଅସୁସ୍ଥ ହେବାରୁ ସେ ଲୋକ ଲୋଚନକୁ ନ ଆସିବାରୁ ରାମକୃଷ୍ଣ ମରିଗଲା ବୋଲି ସବୁ ଆଡ଼େ କହିଲା । ଗାଁ ଗଣ୍ଡାରେ ମିଛ ଖବରକୁ ବିଶ୍ୱାସ କରି ଯାଆନ୍ତି ଶୀଘ୍ର । ରାମଚନ୍ଦ୍ର ଘରକୁ ଯାଇ ଦେଖେ ତ ରାମଚନ୍ଦ୍ର ଶୟନ । ତାକୁ ଉଠାଇବାକୁ ଚେଷ୍ଟା କଲେ ମଧ୍ୟ ସେ ଉଠି ନ ପାରିବାରୁ ସମସ୍ତେ ଭାବିଲେ ସେ ମରିଗଲା ବୋଲି । ରାମଚନ୍ଦ୍ର ଘରେ ଜୋର୍ ସୋର୍ ରେ କନ୍ଦାକଟା ଆରମ୍ଭ ହେଲା କିଏ ମିଛରେ ତ କିଏ ସତରେ କିଏ ପ୍ରହସନ କରିବା ଭଳି ଜଣା ପଡୁଥାଏ । ମଝିରେ ମଝିରେ ସ୍ତ୍ରୀ ଲୋକମାନେ ଅଚେତ୍ ହେବା ଚାଲୁ ରହିଥାଏ । ସେମାନଙ୍କ ମଧ୍ୟରୁ ଜଣେ କି ଦୁଇ ଜଣ କାନ୍ଦିବା ଭଳି ଜଣା ପଡୁଥିଲା । ସତେ ଯେପରି ଏହା ଏକ ପରମ୍ପରା, କୋକେଇ ବନ୍ଧା ଆରମ୍ଭ ହେଲା । ବନ୍ଧା କୋକେଇରେ ରାମଚନ୍ଦ୍ର ଯଥାବିଧ "ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ" କହି ପଛେ ପଛେ ଗୋବର ପାଣି ପକାଇ ମଶାଣିକୁ ନିଆଗଲା । ମଶାଣି ନିକଟରେ ତାକୁ ନୂଆ ପରିଧାନ ପିନ୍ଧାଇ, ଖାଇବାକୁ ଦେଇ ଯୂଇ କାଠ ଉପରେ ଶୁଆଇ ଦିଆଗଲା । ମୁଖାଗ୍ନି ଦେବାକୁ ତାର ଏକ ମାତ୍ର ପୁଅ ଯୁଧିଷ୍ଠିର ଗଲା ବେଳକୁ ଯଥାବିଧି ଅନ୍ୟମାନେ କହିଲେ "ହେ ଦଶଦିଗପାଳେ, ଏହି ପିଣ୍ଡରେ ପ୍ରାଣ ଥିଲେ ଏହାକୁ ଉଠାଇ ଦିଅ" ଏହିପରି ତିନି ଥର କହିବାରୁ ଏକ ଧଳା ଲାଇଟ୍ ପରି ଚମକିବାରୁ ରାମଚନ୍ଦ୍ର ଯିଏକି ମନ୍ଥ ଯାଇଥିଲା ହଠାତ୍ କାଠ ଗୁଡ଼ିକ ଉପରେ ଉଠି ପଡ଼ି ବସିଲା । ସମସ୍ତେ ଆଶ୍ଚର୍ଯ୍ୟ । ତାର ପୁଅ ଯୁଧିଷ୍ଠିର ସହ ଅନ୍ୟ ଲୋକମାନେ ସ୍ତମ୍ଭିଭୂତାଭ । ଏହା କଣ ସମ୍ଭବ । ଆମ୍ଭେମାନେ କଣ ଦେଖୁଛୁ ରାମଚନ୍ଦ୍ର ପୁଅ ଦେହ ହାତ କ୍ଷୀପ୍ର ଗତିରେ ଥରିବାକୁ ଲାଗିଲା କିଛି ଭାବି ପାରୁ ନ ଥାଏ । ଜୋର୍ ରେ ଚିତ୍କାର କରି ନିଆଁ ହୁଳାଟିକୁ ଫିଙ୍ଗି ଦେଇ "ଭୂତ ଭୂତ" ଚିତ୍କାର କରି ଧାଇଁଲା, ଯେପରି ତାର ବାପାକୁ ମାରି ଦେଇଛି ଏବଂ ତାର ବାପା ଭୂତ ହୋଇ ଆମ ମାନଙ୍କୁ ମାରିବା ପାଇଁ ଆସିଛି । କଠାଡ଼ ଘନ ଅନ୍ଧକାର ହେବା ସହ ଆକାଶରେ ସୂର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖା ଯାଉନଥାଏ । ବିଜୁଳି ଓ ଘଡ଼ ଘଡି ଶବ୍ଦରେ ଏମାନେ ଭୟ ଭୀତ କଣ କରିବେ କିଛି ବାଟ ଦେଖା ଯାଉନଥାଏ । ଅନ୍ୟ ଲୋକମାନେ ମଧ୍ୟ "ଭୂତ" ବୋଲି ଚିତ୍କାର କରି ଧାଇଁବାକୁ ଲାଗିଲେ ଏହା ଦେଖୁ ଯୁଧୁଷ୍ଠିର ଧାଇଁବାକୁ ଲାଗିବାରୁ ରାମଚନ୍ଦ୍ର ଜୋର୍ ରେ କହୁଥାଏ "ମୁଁ ଭୂତ ନୁହେଁ, କେହି ଡର ନାହିଁ ।” ସେମାନଙ୍କ ଭିତରୁ ଜଣେ ପଚାରେ ରାମ ତୁ ବଞ୍ଚିଛୁ ? ରାମଚନ୍ଦ୍ର ତାପରେ କହିଲା, ମୋ କଥା ଛାଡ଼ ତୁମେ ମାନେ ଦେଖୁଚ ଯାଅ ସେ ଗାଡି ଧକ୍କାରେ ମରିଯାଇଥିବ । ଏକଥା ଶୁଣି ଜଣେ ଜଣେ ଖୋଜି ଯାଇ ଦେଖେତ ରାମକୃଷ୍ଣ ଗାଡି ଧକ୍କାରେ ମୃତ୍ୟୁ ବରଣ କରିଛି । ଏହା ସତ ଜାଣି ସମସ୍ତେ ଖୁସିରେ ରାମଚନ୍ଦ୍ରଙ୍କୁ ଘରକୁ ନେଇଗଲେ ଏବଂ ପଚାରିଲେ ରାମ ତୁ ମଲା ପରେ କେମିତି ବଞ୍ଚିଲୁ ? ଆଉ ତୁ ରାମକୃଷ୍ଣ କଥା କିପରି ଜାଣିଲୁ ? ରାମଚନ୍ଦ୍ର କହିଲା "କି ଦୃଶ୍ୟ କି ଯନ୍ତ୍ରଣା ତାହା କହି ହବନି, ମୁ ସତରେ ମରିଯାଇଥିଲି । ମୋତେ ଯମଦୂତମାନେ ଆସି ଯମପୁରକୁ ନେଇଗଲେ । କି ଦୃଶ୍ୟ ମୁଁ ଡରି ଯାଇଥିଲି, କିଛି ଭାବି ପାରୁନଥାଏ । ଏହା କଣ ସବୁ ଘଟୁଛି । ଏମିତି ଭୟଙ୍କର ରୂପ ଯିଏ ଦେଖିବ ସିଏ ସତରେ ମୃତ୍ୟୁବରଣ କରିବ ଭାଗ୍ୟ ବଶତଃ ମୁଁ ମରି ଯାଇଥିଲି । ମୋର ଦୋଷର ବିଚାର କରିବାକୁ ମୋତେ ତାଙ୍କର ସଭା ଦରବାରକୁ ନେଇଗଲେ । ମୁଁ ସବୁ ପ୍ରକାର । ଦଣ୍ଡ, ଯଥା- ଚାବୁକ ପ୍ରହାର, ଗରମ ତେଲରେ ଭଜା, ଅସ୍ତ୍ରଶସ୍ତ୍ରରେ କ୍ଷତ, ଅନ୍ଧକାର କୋଠରୀରେ ବନ୍ଦୀ ଇତ୍ୟାଦି ଦେଖୁଥାଏ, ଏବଂ ମୁଁ ଭାବୁଥାଏ ସେମାନେ ମୋତେ କେଉଁ ଆଡ଼େ ନେବେ ?

ସେମାନେ ମୋତେ ନେଇ ଭୟଙ୍କର ବିରାଟ ରାକ୍ଷସ ସଦୃଶ ଦେଖାଯାଉଥିବା ଯମରାଜାଙ୍କ ସାମ୍ନାରେ ନେଇ ଠିଆ କରାଇ ଦେଲେ । ତାଙ୍କର ଆଖୁ ଗୁଡ଼ିକ ସତେ ଯେପରି ନିଆଁ ପିଣ୍ଡୁଳା ଓ ତାଙ୍କର ଚାହାଁଣି ଏତେ ଭୟଙ୍କର ଥିଲା ଯେ ଯେପରି ସେ ମୋତେ ଗିଳିଦେଇ ହାକୁଟିବି ମାରିବେନି । ମୋର କେବଳ ଡରିବା ଛଡ଼ା କିଛି ଉପାୟ ନ ଥିଲା । ମୁଁ କିଛି ଜାଣି ପାରୁ ନ ଥାଏ । ମୁଁ ଛାନିଆରେ ପରିସ୍ରା କରି ପକାଇଲି ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯମରାଜ ମୋତେ ମୋ ନାଁ ପଚାରିବାରୁ, ମୁଁ ରାମଚନ୍ଦ୍ର ପଣ୍ଡା ବୋଲି କହିଲି, ଏହା ପରେ ମୋର ଦୋଷ ଜାଣିବା ପାଇଁ ତାଙ୍କର ହିସାବ ରକ୍ଷକ ଚିତ୍ରଗୁପ୍ତଙ୍କୁ ଆଦେଶ ଦେଲେ ଯିଏକି ମୁହଁରୁ ଜଣେ ମଦୁଆ ଭଳି ଦେଖା ଯାଉଥିଲେ ବି ରାଜକୀୟ ପୋଷାକ ପିନ୍ଧିଥିଲେ । ସେ କହିଲେ, "ପ୍ରଭୁ ! ମୋର ଗୋଟିଏ ଭୁଲ୍ ହୋଇଯାଇଛି ମୁଁ ରାମକୃଷ୍ଣ ପଣ୍ଡା ବଦଳରେ ଶାନ୍ତ ସରଳ ବ୍ୟକ୍ତିକୁ ରାମଚନ୍ଦ୍ର ପଣ୍ଡା ଆଣିବାକୁ ଦୂତମାନଙ୍କୁ ନିର୍ଦ୍ଦେଶ ଦେଇଥିଲି । କାରଣ ମୁଁ ଯେଉଁ ସମୟରେ ଅତ୍ୟଧିକ ସୁରା ପାନରେ ନିମଜ୍ଜିତ ଥିଲି ସେହି ସମୟରେ ରାମଚନ୍ଦ୍ର ତା ରାମକୃଷ୍ଣ ପଚାରିବାରୁ ମୁଁ ନିଶାରେ ଅତ୍ୟଧିକ କ୍ରୋଧିତ ହୋଇ ରାମଚନ୍ଦ୍ର ନାମ ପାଟିରୁ ବାହାରିଗଲା ଏବଂ ଏହା ମୁଁ ଭୁଲ୍ କରି ବସିଛି । ରାମଚନ୍ଦ୍ରର ଆୟୁଷ ଆହୁରି ୪ ବର୍ଷ ନଅ ମାସ ଦଶ ଦିନ ଅଛି । ଏହି କାର୍ଯ୍ୟ ପାଇଁ ମୋତେ କ୍ଷମା କରି ଦିଅନ୍ତୁ ମହାରାଜ । ଏତିକି ଶୁଣନ୍ତେ ମହାରାଜ ଅତ୍ୟଧିକ କ୍ରୋଧିତ ହୋଇଗଲେ ଏବଂ ଉଚ୍ଚ ସ୍ୱରରେ କହିଲେ ଭୁଲ୍ ର ପରିଣାମ ଦଣ୍ଡ, ସ୍ୱର୍ଗ ମର୍ତ୍ତ୍ୟ ଓ ପାତାଳରେ ଯିଏ ଭୁଲ୍ କାର୍ଯ୍ୟ କରେ ତାର ମଧ୍ୟ ଦଣ୍ଡ ନିଶ୍ଚିତ ଥାଏ । ଚିତ୍ରଗୁପ୍ତ । ତୁମେ ଭୁଲ୍ କରିଛ । ତୁମର ଦଣ୍ଡ ହେଲା ତୁମେ ଭବିଷ୍ୟତରେ ସୁରା ପାନ ତ ଦୂରର କଥା ସୁରାକୁ ଦେଖୁବ ନାହିଁ ଏବଂ ସିଂହାସନର ମାନ, ମର୍ଯ୍ୟାଦାକୁ କେବେ କ୍ଷୁଣ୍ଣ ନ କରିବା ସହ ଜନ୍ମ ମୃତ୍ୟୁର ହିସାବ ପ୍ରାଣୀ ଜଗତ ଅବା ଯାଏ ସବୁଦିନ ବିନା ତ୍ରୁଟିରେ ସମାପନ କରିବ । ଯଥାଶୀଘ୍ର ରାମଚନ୍ଦ୍ରର ଶରୀରକୁ ମଧ୍ୟ ତାର ଆତ୍ମାକୁ ପଠାଇ, ରାମକୃଷ୍ଣକୁ ଦୁର୍ଘଟଣା ଜନିତ ମୃତ୍ୟୁମୁଖରେ ପକାଇ ଯଥାଶୀଘ୍ର ଏଠାକୁ ଆଣ । ଚିତ୍ରଗୁପ୍ତ ବିଷର୍ଣ୍ଣ ମୁଖରେ କହିଲେ "ଯଥା ଆଜ୍ଞା ପ୍ରଭୁ ।" ଏହାପରେ ଚିତ୍ରଗୁପ୍ତଙ୍କ ଆଦେଶରେ ମୋତେ ଛାଡ଼ିଦେବା ପାଇଁ କହିବାରୁ ମୁଁ ଆସିବାକୁ ନାରାଜ ଏବଂ ମୁଁ ଜିଦ୍ ଧରି ବସିଲି । ଲୋକମାନେ ମୋତେ କଣ ଗ୍ରହଣ କରିବେ । ମୁଁ ଚଳିବି କେମିତି । ଲୋକମାନେ ଟାହି ଟାପରାରେ କେତେ କଣ କହି ପକାଇବେ । ଏତିକି ଯମରାଜା ଶୁଣି ରାମଚନ୍ଦ୍ରଙ୍କୁ ଗୋଟିଏ ବରଦାନ ଦେଲେ ସେ ଲୋକଙ୍କର ଭବିଷ୍ୟତ କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହି ପାରିବ କେବଳ ନିଜ ପରିବାରକୁ ଛାଡି । ରାମଚନ୍ଦ୍ରଙ୍କର ଏହି କଥାକୁ ଅନେକ ଲୋକ ବିଶ୍ୱାସ କଲେ ଓ ଅନେକ ଲୋକ "ବୁଢ଼ା ଲୋକଟିଏ, ମତି ଭ୍ରମ ହେଲାଣି" କହି ବିଶ୍ୱାସ କଲେ ନାହଁ ଓ ଅନେକ ମଧ୍ୟ "ଯମପୁରରୁ ଫେରନ୍ତା ବୁଢ଼ା" କହି ଥଟ୍ଟା କଲେ । ରାମଚନ୍ଦ୍ର ଭବିଷ୍ୟତ କଥା କହି ଭଲ ରୋଜଗାର କରିବାକୁ ଲାଗିଲା ଏବଂ ପରିବାର ସହ ତାର ସଂପର୍କ କ୍ଷୁଣ୍ଣ ହୋଇଗଲା । ବାପା ସମସ୍ତଙ୍କର କିନ୍ତୁ ନିଜ ଲୋକଙ୍କର କିଛି କରୁ ନାହାନ୍ତି । ଯିଏ ଭୁଲ୍ କର୍ମ କରେ ସିଏ ଦଣ୍ଡ ପାଏ । ସେଥିପାଇଁ ଭାଗବତରେ ଅଛି
"କର୍ମ କରିବା ଫଳ ପାଇ ପ୍ରାଣି ତା ଅବଶ୍ୟ ଭୁଞ୍ଜଇ ।"

ରାମକୃଷ୍ଣର ମିଥ୍ୟା ପ୍ରଚାର ନିଜ ଉପରେ ଭାରି ପଡ଼ିଲା ।

ଅଜୟ କୁମାର ରାଉତ,
ସମ୍ପାଦକ ଏବଂ ଆଇନଜୀବୀ,
କଟକ, ଦୁରଭାଷ :୮୨୪୯୪୩୦୩୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ


ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୂର୍ଯ୍ୟ ଏଠି ଉଇଁବାକୁ ଡେରି

ଶିବନାରାୟଣ ଦାସ



ସମ୍ପ୍ରତି ଆଜିର ପୃଥିବୀ ଏକ ବିଭିଷୀକାମୟ ବିଶ୍ୱବ୍ୟାପୀ ଯୁଦ୍ଧ ଓ ନର-ସଂହାରର ଝଡ-ଝଂଜା ଓ ବିକୃତି ଭିତର ଦେଇ ଗତି କରୁଛି । ଦେଶ ଦେଶ ଭିତରେ ଅସଂହତି ଏବଂ ଧର୍ମକୁ ଆଳ କରି ମଣିଷ ଭିତରର ପୈଶାଚିକ ପ୍ରବୃତ୍ତି ସମଗ୍ର ବିଶ୍ୱକୁ ଏକ ମୃତ୍ୟୁମୁଖୀ ଧ୍ୱଂସଲୀଳାର ତାଣ୍ଡବ ଆଡକୁ ଆଗେଇ ନେଉଛି । ସ୍ୱାର୍ଥାନ୍ଧ ଓ କ୍ଷମତା ଲୋଭି ମଣିଷ ଯେମିତି ଏକ ଅହଙ୍କାରୀ ସୈତାନୀ ଶକ୍ତିର ଆୟୁଧ ସାଜି ମଣିଷକୁ ହିଁ ତା'ର ପରମ ଶତ୍ରୁ ମନେ କରୁଛି; ଯାହାର ଫଳ ସ୍ୱରୂପ ଧର୍ମ ନାମରେ ଦ୍ୱନ୍ଦ୍ୱ ଓ ଦୁର୍ବଳ ଉପରେ ସବଳର ଅତ୍ୟାଚାର ପାଲଟିଛି ଆମର ନିତିଦିନିଆ ଘଟଣାବଳୀ । ଦୀର୍ଘ ତିନି ବର୍ଷ ଧରି ଚାଲିଥିବା ରୁଷିଆ ଓ ୟୁକ୍ରେନ ଭିତରେ ଯୁଦ୍ଧ, ବର୍ଷାଧିକ ବ୍ୟାପି ଲାଗିରହିଥିବା ଇସ୍ରାଏଲ ଏବଂ ପାଲେଷ୍ଟାନିୟ ହମାସଙ୍କ ଭିତରେ ହତ୍ୟା ଓ ସଂହାର, ଭାରତ-ପାକିସ୍ତାନ ଯୁଦ୍ଧ ଏବଂ ପହେଲଗାଓଁରେ ନିରୀହ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ନିର୍ମମ ଗୋଳାମାଡ଼ - ଏସବୁହିଁ ମଣିଷର ବର୍ବରତାର ରକ୍ତାକ୍ତ ସନ୍ତକ । ବିଶ୍ୱବ୍ୟାପି ଏକ ନୈରାଶ୍ୟ ଓ ହତାଶାର କଳା ବାଦଲ ଯେମିତି ମଣିଷକୁ ଗଭୀର ହତୋତ୍ସାହତା ଭିତରେ କବଳିତ କରି ପଙ୍ଗୁ ଆଉ ସ୍ଥବିର କରି ଚାଲିଛି । ନିଜର ମନ-ବୁଦ୍ଧିର ସର୍ବୋଚ ସୋପାନରେ ଛିଡା ହୋଇ ମଧ୍ୟ ଶାନ୍ତି ଏବଂ ସଂହତିର କୌଣସି ସମାଧାନ ମଣିଷ ଖୋଜି ପାଉନାହିଁ । ଏ କ୍ଷେତ୍ରରେ ଯାହା ଏକମାତ୍ର କରଣୀୟ, ତାହା ହେଲା ଅହଂର ଅଜ୍ଞାନତାରୁ ମୁକ୍ତି - ସମ୍ପୂର୍ଣ୍ଣ ସକାରତ୍ମକ ସାମଗ୍ରିକ ଆଶା ପୋଷଣ ସହ ଐକାନ୍ତିକ ଆସ୍ପୃହା ନେଇ ସେହି ବିଶ୍ୱମୟ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱାତୀତ ବ୍ୟାପକ ପରମ ଚେତନା ନିକଟରେ ପୂର୍ଣ୍ଣ ସମର୍ପଣ ଓ ଆକୁଳ ଆକୁତି ଏବଂ ପ୍ରାର୍ଥନା । କାରଣ, ଏକମାତ୍ର ଦିବ୍ୟ ଚେତନାର ହସ୍ତକ୍ଷେପ ହିଁ ମଣିଷର ସମସ୍ତ ଅହମକୃତ ବିକୃତି ଓ ବୈକଲ୍ୟରୁ ତାକୁ ମୁକ୍ତି ଦେଇ ପାରେ ।

"ସୂର୍ଯ୍ୟ ଏଠି ଉଇଁବାକୁ ଡେରି" ସେହି ଆନ୍ତରିକ ଅଭିପ୍ସାର ପ୍ରତିଧ୍ୱନି;

ଘୁମନ୍ତ ଶିଶୁ ଆରେ ଆଖି ଖୋଲ ବାରେ,<br>
ରାତି ତୋର ପାହିବାକୁ ବହୁ ଢ଼େରି ଏବେ -<br>
କାଳର କରାଳ ନିଶି ମାଡ଼ି ଆସେ ଏଠି<br>
ଈଗଲର ଡେଣା ମେଲି ଆକାଶ ଆବୋରି ।<br>
ଶଯ୍ୟା ଛାଡ଼ି ଉଠି ବସ ଜାଗି<br>
ଝାଡ଼ି ଦେଇ ଆଳସ୍ୟର ତମିସ୍ର-ସୁଷୁପ୍ତି,<br>
କି ବିଷମ ସଙ୍କଟର ଘଡି -<br>
ଗହନ ଏ ଅନ୍ଧକାର ଭେଦି<br>
ସୂର୍ଯ୍ୟୋଦୟ ତୋହ ପାଇଁ ବହୁ ବିଳମ୍ବିତ,<br>
କୁନା ମୋର  !<br>
ହୁଅ ତୁ ସତର୍କ,<br>
ତୋ ସକାଳ ଅଛି ବହୁ ଦୂରେ ।

ବେଳ ନାହିଁ, ବେଳ ନାହିଁ ଧନ<br>
ଶୋଇରହି ଦେଖିବାକୁ ସୁଖର ସପନ,<br>
ଚତୁର୍ଦିଗେ କଳା ଧୂଆଁ ବିଷାକ୍ତ ପବନ<br>
କୋମଳ ତୋ ଛାତି ତଳେ ଚରିଯିବ କ୍ଷଣେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୁଦ୍ଧ କରି ନିଃଶ୍ୱାସର ସ୍ୱଚ୍ଛନ୍ଦ ଆୟାମ,

ଆଖି ଖୋଲି ଉଠି ବସ ବାବୁ !

ଧୈର୍ଯ୍ୟ ଧର ସାହସ ସଞ୍ଚରି -

ତୋ ସକାଳ ଅନିଶ୍ଚିତ ଦୂରେ, ସୂର୍ଯ୍ୟ ଏଠି ଉଇଁବାକୁ ଡେରି ।

ଧ୍ୱଂସମୁଖୀ ପ୍ରଳୟ ଆହବେ

ଚାରିଦିଗେ ଶୁଭେ ଖାଲି କମାଣ ଗର୍ଜନ,

ଦିଶିଯାଏ ଅଗ୍ନ୍ୟୁତପାତ, ବୋମା ବିସ୍ଫୋରଣ,

ଭୟଂକରୀ ମୃତ୍ୟୁଲୀଳା ରଚି

ଧୂଳିସାତ ହୁଏ କେତେ ଅଟ୍ଟାଳିକା ପୁଣି

ପ୍ରାସାଦ ଓ କୋଠା-ବାଡ଼ି, ଘର-ଦ୍ୱାର ମାନ ।

ଲେଲିହାନ ଅଗ୍ନିଶିଖା ତଳେ

ଅସହାୟ ମଣିଷଙ୍କ ଶୁଭେ ଆର୍ତ୍ତନାଦ,

ଶିଶୁ, ଯୁବା, ନର-ନାରୀ ବୃଦ୍ଧଙ୍କ ସମେତ

ପଶୁ-ପକ୍ଷୀ ଯେତେ

ପଲକ ମାତ୍ରକେ ସବୁ ହୁଅନ୍ତି ନିଶ୍ଚିହ୍ନ ।

ବାବୁ ଆରେ ! ନିଦ ଆଖି ଖୋଲି ବସ ତୁହି,

କାଳ ରାତ୍ରି ନ ସରିବା ଯାଏ

ଧନ ମୋର ପଡ଼ନା ଘୁମାଇ ।

ମଣିଷ ସାଜିଛି ଆଜି ମଣିଷର ଚିର ଶତ୍ରୁ ଏଠି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧର୍ମ ଆଉ ଜାତି ନାମେ

ମଣିଷ କାଟୁଛି ପୁଣି ମଣିଷର ତଣ୍ଟି ।

କ୍ଷମତା ଓ ସାମ୍ରାଜ୍ୟର ଲୋଭେ

ଉଦ୍ଧାମ ପ୍ରାଣରେ ତାର ଜାଗିଛି ଅସୁର,

ଦୁର୍ବଳ ଉପରେ ଚାଲେ ସବଳର ଚିର ଅତ୍ୟାଚାର ।

ନାହିଁ ଏଠି ଯୁଦ୍ଧର ବିରାମ,

ବର୍ଷ ପରେ ବର୍ଷ ଦେଖେ ମଣିଷର ରକ୍ତାକ୍ତ ସଂଗ୍ରାମ ।

ବିଜ୍ଞାନୀ  ମଣିଷ ଆଜି ଦେଖୁନାହିଁ ସୃଷ୍ଟିର ସପନ,

ଧ୍ୱଂସଲୀଳା ରଚିବାକୁ

ଆକାଶେ ଉଡାଏ ତା'ର ମୃତ୍ୟୁରୂପୀ ଡ୍ରୋନ୍ ।

ଶହ ଶହ ମିସାଇଲ୍ ଫିଙ୍ଗି

ବିଦ୍ଧ କରେ ପ୍ରାଣବନ୍ତ ସବୁଜ ଧରତୀ,

ସୁନା ମୋର  ! ଯାଆନା ତୁ ଡରି,

ଶକ୍ତ କର ତୋ କୋମଳ ଛାତି,

ଏ ରାତି ପାହିବ ନିଶ୍ଚେ

ତୋ ଭିତରେ ବିଶ୍ୱାସର ଜଗାଅ ପ୍ରତୀତି ।

ଠୁଳ କରି ତୋ ଅନ୍ତରେ

ଅଭିପ୍ସାର ଆକୁଳ ଆକୃତି -

ଜଳାଅ ତୁ ଆସପ୍ତହାର

ଉର୍ଦ୍ଧ୍ୱମୁଖୀ ନିରନ୍ତର ଶିଖା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘୁମନ୍ତ ଶିଶୁ ଆରେ !

ବିନିଦ୍ର ରଜନୀ ଯାପି ଜଳାଅ ତୁ ଆଶାର ଆଲୋକ,

ପ୍ରାର୍ଥନାର ଅବିରାମ ସ୍ତୁତି

କଂଠେ ତୋ'ର ସ୍ଫୁରୁ ଅବିରତ ।

ଅଜ୍ଞାନ ପ୍ରସୂତ ଯେତେ କର୍ମ ଆଉ କର୍ମଫଳମାନ

ଅନ୍ଧ ମଣିଷର,

ନିର୍ବାପିତ କରିପାରେ ଏକା

ଶାଶ୍ୱତର କାଳଜୟୀ କୃପାର ସାଗର ।

ନୈରାଶ୍ୟର ଅନ୍ଧକାରେ ଯାଆନା ତୁ ବୁଡି -

ଅଝଟ ଅଶ୍ରୁ ତୋ'ର ଝରାଅନା ଧନ !

ଏମିତିକା ରାତି ନାହିଁ ଯହିଁ

ହେବନାହିଁ କେବେ ସୂର୍ଯ୍ୟୋଦୟ

ଆଉ ପୁଣି ସକାଳର ଭବ୍ୟ ଆଗମନ ।

ରାତି ତୋ'ର ଦୀର୍ଘ ଆଉ ଗଭୀର ସେପାଇଁ

ବାବୁ ଆରେ ଦୃଢ କର ମନ,

ଅଜ୍ଞାନର ଅନ୍ଧକାର ଭେଦି

ତୋ ରାତି ପାହିବ ନିଶ୍ଚୟ ।

ଆଶାର ଦିଗନ୍ତେ ଦୂରେ ରହ ତୁ'ରେ ଚାହିଁ,

ସମୁଜ୍ଜ୍ୱଳ ତୋ ସକାଳେ ଯେବେ

ଜ୍ଞାନଦୀପ୍ତ ଚେତନା ଆଲୋକେ

ସୂର୍ଯ୍ୟ ଏକ ଉଠୁଥିବ ଉଇଁ ।



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭକତର ସାହା

ସଞ୍ଜୀବ କୁମାର ଦାସ



ଏମିତି ଅପାର ମହିମା କାହାର ଆହେ  ଜଗତର ନାଥ
ତୋ ଦରଶନ ଆଶେ ଉଠିଯାଏ ହାତ ସୁମରି ଜଗନ୍ନାଥ ।
ହସ୍ତ ଯୁଗଳ ତୋ ପ୍ରଲମ୍ବିତ ସଦା  ଭକ୍ତର  ମଥା ଉପରେ
ପ୍ରତୀକ୍ଷା ଆଜି  ବଡ଼ ଦାଣ୍ଡେ କଳାଶ୍ରୀମୁଖ ଦେଖିବାକୁ ବାରେ ।
ଲଭିବିନି ମୁହିଁ ପୁନର୍ଜନ୍ମ କେବେ ରଥାରୂଢେ ତୋତେ ଦେଖି
ତୋ ଲଲାଟୁ ଉଭା ସେନେହ ଦର୍ଶନେ ଖୋସି ହୋଇଯାଏ ଆଖି ।
ପୁରୀର ହୃଦୟେ ନୀଳାଚଳ ଧାମେ  ତୋ  ମନ୍ଦିର ଅଛି  ଠିଆ
ମହିମା ତୋ ବ୍ୟାପ୍ତ କେତେଦୂର  ଅଟୁ ପରା  ଭାବ ବିନୋଦିଆ ।
ରତନବେଦୀରୁ ଜନ୍ମବେଦୀ ଆଡେ ଆଜି ତୋ ବାର୍ଷିକ ଯାତ
ଭାଇ ଭଉଣୀଙ୍କ  ସଂଗେ ଯିବାବେଳେ ଅଭିଭୂତ ହୁଏ ଭକ୍ତ ।
ପ୍ରେମର ଆଲୋକ ବିଞ୍ଛି ହୋଇଯାଏ ଶରଧା  ବାଲିରେ ତୋର
ତୋତେ ଦେଖିବାକୁ ଜନ ସମୁଦ୍ରେ  ନାହିଁ ଆଜି ବାଛ ବିଚାର ।
ତୋ କରୁଣା ରଥ ଗଡ଼ି ଗଡ଼ି ଯାଉ ଆଶୀର୍ବାଦ  ଆମ୍ଭେ ଦିଅ
ଜଗତେ ଶାନ୍ତି ବିରାଜୁ ଥାଉ ଦିଅ ଆମ ଧରାକୁ ଅଭୟ ।

ମର୍କତ ନଗର, କଟକ
୬୩୭୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରିୟତମା

ଗୋଲୋକବିହାରୀ ବେହେରା



ମୋ' ଜୀବନ ସାତସୁରେ ସଶବ୍ଦ କମ୍ପନ
ମୋ' ଦୁଃଖୀ ଜୀବନେ ତୁମେ ଅବ୍ୟକ୍ତ ସ୍ପନ୍ଦନ ।

ମୋ' ମନ ସଙ୍ଗୀତର ଅସରା ରାଗିଣୀ
ମୋ' ମନ କାବ୍ୟର ବିଦଗ୍ଧ ଚିନ୍ତାମଣି ।

ମୋ' ହୃଦ ସାଧା କାଗଜେ ଲେଖିଲ କବିତା
ମୋ' ସ୍ପନ୍ଦନେ ଭରିଦେଲ ସକାଳ ସବିତା ।

ମୋ' ମନ ମନ୍ଦିରେ ଜାଳି ପ୍ରେମର ଦୀପାଳି
ମୋ' ହୃଦୟେ ବୁହାଇଲ ପ୍ରୀତି ଚଇତାଳି ।

ମୋ' ଦୁଃଖ ନଇରେ ତୁମେ ଡ଼ଙ୍ଗାଟିଏ ହୋଇ
ମୋ' ହାତ ଧରିଲ ସୁଖ ବେଳା ଗଲା ଛୁଇଁ ।

ମୋ' ଧର୍ମ ମୋ' କର୍ମ, ମୋର ପ୍ରେମ ଆରାଧନା
ମୋ' ପାଇଁ ଯେ ସତ୍ୟ, ଶିବ ଶାନ୍ତିର ଭାବନା ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ

ଅନନ୍ତ ପଟେଲ



ଜୀବନ କୁ ବୁଝି ଆଗେଇ ଚାଲିଛି
ବଞ୍ଚିବାର ଆଶା ନେଇ
ଜାଣିନି ଏ ଆଖି କେଉଁ ଆଡେ ଯିବ
ମୋତେ ସେ କଢ଼େଇ ....
ସୁଖ କେବେ ତୋ ଚାହିଁ ନାହିଁ
ଅତୀତ ଥିଲା ମରୀଚିକା ମୋର
ଆଗକୁ ଭାବିବି କାହିଁ ?....
ସତ ଚେଷ୍ଟାସ୍ୱତ୍ତ୍ୱେ ଭୁଲି ହୁଏ ନାହିଁ
ଅତୀତର ଇତିହାସ
ଯେତେ ଭୁଲିଲେ ଭୁଲି ହୁଏ ନାହିଁ
ଯେତେ ବି କଲେ ପ୍ରୟାସ ....


ମିଠା ଅଭିମାନ ମନେ ମୋ ପଡୁଛି
ଖୋଜେ ଅନ୍ତର ମନେରେ
କିଛି ରାଗ ରୁଷା କଦେଇ ଦେଇଛି
ଲୁହ ଝରେ ଆଖି ଧାରେ....
ଦୁଇ ଓଲିର ଏ ମଣିଷ ଜିବନ
ଆସି ପୁଣି ଚାଲିଯିବ
ଜାଣିନ ପାରିବୁ ଜୀବନର ବାଟ
କେତେବେଳେ ସରିଯିବ.....
ଦିନର ଆଲୁଅ ସାଜିବ ଅନ୍ଧାର
ଆଖି ତୁ ବୁଜିଲା ପରେ
ନୀରବ ସାଯିବ ତୋ ପାଇଁ ଦୁନିଆ
ଭାସି ଯିବୁ ଲୁହ ଧାରେ....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଥର ହୃଦୟ

ସୁନିତା ଦାଶ



କାହାକୁ ଭଲ ପାଇବାର ଇଚ୍ଛାଟା ମୋର

ନଥାନ୍ତା କି,,,,,,,

ହୋଶରେ ରହିକି କାହା ପାଇଁ ବେହୋଶ

ନ ହୋଇଥାନ୍ତି କି,,,,

ମନଟା କୌଣସି ପଥର ହୃଦୟ ରଖୁଥିବା

ମଣିଷଟାଏ ପାଇଁ ଛଟପଟ

ହେଉନଥାନ୍ତା କି,,,,,,

ସେଇ ପଥର ହୃଦୟରେ ମୁଣ୍ଡ ପିଟିପିଟି

ନିଜକୁ ଲହୁଲୁହାଣ କରିନଥାନ୍ତି କି,,,,,,

ଶୁଣିଥିଲି ପ୍ରେମ ଓ ଭକ୍ତି ଆଗରେ ଭଗବାନ

ମଧ୍ୟ ହାର୍ ମାନନ୍ତି

ଭଲ ପାଇବାର ଶକ୍ତିରେ ଭଗବାନ ନିଜେ

ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି,,,,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହାରିଗଲ

ଅରୁଣ କୁମାର ଦାସ



ନ ଅରି ନାମ ବହି ନାରୀ ହୋଇଅଛ
ଜୀବନ ସଂଗ୍ରାମେ କିମ୍ପା ଦେଲ ପଛ ଘୁଂଚା ।୧
ମାତା କୁନ୍ତୀ, ଗାନ୍ଧାରୀ, ଦେବୀ ସତୀ ସୀତା
ସବୁ କିଛି ଭୂଲି ଜାଳି ହୋଇ ହେଲ ଚିତା ।୨
ପୂର୍ବ ସୁରୀ ଥିଲେ କେତେ ବୀରାଙ୍ଗନା
ନୀଳକଣ୍ଠ ପରି ସହିଗଲ ସବୁ ଯାତନା ।୩
ରାଣୀ ଲକ୍ଷ୍ମୀବାଇ ପ୍ରଶିକ୍ଷକ ହୋଇ
ସଂଚାରୁ ଥିଲ ଜୀବନ
ସେଇ ଜୀବନ ଆଜି ଜଳୁଛି ଜୁଇରେ
ଲୁହରେ ଭିଜଇ ନୟନ ।୪
ମଣିଷ ଜୀବନ ଅଟଇ ଦୁର୍ଲଭ
କିପରି ଜାଣିଲ ନାହିଁ
ପିତା ମାତା ମୁହଁ କିପରି ଭୂଲିଲ
ଶୋକ ସବାରୀରେ ସବାର ହୋଇ ।୫
ଲଢେଇ କଳା ଶିଖାଉ ଶିଖାଉ
ନିଜ ହାରିଲ ବାଜି
ଜନନୀ ଜଠରୁ ପାଇଛ ଯାତନା
ଅନଳରେ ହେଲ ଭାଜି ।୬
ପଞ୍ଚ ଭୂତରେ ବିଲୀନ ହୋଇବ
ଦଗ୍ଧୀଭୂତ ଶରୀର
ଜଳି ଯାଇଛି ଆଗରୁ ତ କାୟା
ଆତ୍ମା ରହିବ ଅମର ।୭

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା,
ଯାଜପୁର
୯୯୩୮୭୩୩୦୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ଜୀବନ ତୁମର

ଅଲେଖ ମେହେର



ଯେଣେ ଅନାଇଲେ ଇନ୍ଦ୍ରଜାଲ ସମ
ଉକୁଟେ ତୁମ ଲପନ,
କେମିତି କହିବି  ସାତ ପରବୋଲି
ବହୁଛ ହୋଇ ପବନ ।
ପାଇବାର ଆଶା ପ୍ରଜ୍ଜ୍ୱଳିତ କରି
ଜାଳିଛି ପ୍ରୀତି ଦୀପାଳି ,
ସାଗର ସନ୍ଧାନେ  ନିମ୍ନଗା  ଅଟନ
ଏକା ନାମ ଜପାମାଳି ।
ମୁହିଁ ତ ବୁଦ୍‌ବୁଦ  ତୁମ ଠାରୁ ଜନ୍ମି
ହରାଇବି ନିଜ ସତ୍ତା,
ଭଲପାଏ ବୋଲି  ବିହରିତେ ଖେଳେ
ନୀଶିଥର ନୀରବତା ।
ଯେତେ ଦୂରେ ଥିଲେ  ମଣିବ ନିଜର
ଉର ମାନେ ନାହିଁ ମନା,
ଜଗତ ମାୟାରେ  ନ ଲାଗୁ ଏ ଚିତ୍ତ
ଏହି ମୋର ନିରଜନା ।

ଦିନେ  ନାହିଁ ଦିନେ  କରିବି ନିଜର
ଜନମେ ଅବା ମରଣେ ,
ପ୍ରେମୀ ହୋଇ ପ୍ରେମ  ପାରାବାର  ଗର୍ଭେ
ବାହାରିଛି ସନ୍ତରଣେ ।
ସଂସାର ଐଶ୍ୱର୍ଯ୍ୟ  ବିମୁଗ୍ଧ ପ୍ରକୃତି
ଅଟେ ସବୁ ତୁମ ଦାନ,
ତବ ନିର୍ମାଣର  ଦରବକୁ ଜାଚି
ସାଜିଛି କିଏ ମହାନ  ?
ଟେକି ଦେଲି ହାତ ଅରପି ସର୍ବସ୍ୱ
ରଖ ଅବା ଦିଅ ମାରି,
ଏ କ୍ଷୁଦ୍ର ପରାଣ  ତୁମର ନାମରେ
ଆଜିଠାରୁ ଦେଲି  ହାରି ।

ବରପଦର,ଗୋବିନ୍ଦପୁର,ବରଗଡ

Listen to Odia Podcast Original at https://youtube.com/@drjyotiprasad

# ସ୍ୱାଧୀନତାର ସୂର୍ଯ୍ୟ ଆସିଛି ଉଇଁ

କୁଞ୍ଜବିହାରୀ ରାଉତ



"ସର୍ବେଷାମନୋ, ଜନନୀ ଭାରତ ଧରଣୀ କଳ୍ପଲେତୟମ୍'

' ବନ୍ଦେ ମାତରଂ, ବନ୍ଦେ ମାତରଂ, ବନ୍ଦେ ମାତରଂ '

'ସାରେଯାହାଁସେ ଆଛା ହିନ୍ଦୁସ୍ତାଁ ହମାରା ହମାରା'

' ବନ୍ଦେ ଭାରତ ଜନନୀ, ବନ୍ଦେ ଉତ୍କଳ ଜନନୀ '

' ଭାରତମାତା ର ଜୈତ୍ରୀ ଗାଥାର

ମୁର୍ଚ୍ଛନା ଛୁଟେ ଆକୁମାରୀ ହିମାଳୟ

ସବୁରି କଣ୍ଠେ ଗୋଟିଏ ସ୍ୱର

ଜୟ ଭାରତର ଜୟ,ଜୟ ଭାରତର ଜୟ ...

ହଜାରେ ବର୍ଷର ଅନ୍ଧାରୀ ଶାସନ ପରେ ରେ ଭାରତେ

ସ୍ୱାଧୀନତା ର ସୂର୍ଯ୍ୟ ଆସିଛି ଉଇଁ

ଜାତୀୟ ପତାକା ଲହରାଇ ଆମେ

ପ୍ରଣାମ କରୁଛୁ ଆମରି ମଥାକୁ ଛୁଇଁ ....

ନାଲି ଧଳା ପୁଣି ସବୁଜ ରଙ୍ଗର

ତ୍ରିରଙ୍ଗ ପତାକା ତୁହି

ଘୋଷୁଅଛୁ ଆଜି ସ୍ୱାଧୀନ ହୋଇଛି ଆମରି ଜନମ ଭୁଇଁ

ସୂଜଳା ସୁଫଳା ଶସ୍ୟ ଶ୍ୟାମଳା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ଯେ ଭାରତ ଭୂଇଁ

ଏଠି କେହି ସାନ ନାହିଁ କେହି ବଡ ନାହିଁ

ଗୋଟିଏ ମାଆର କୋଟିଏ ସନ୍ତାନ

ଆମେ ସବୁତ ଭଉଣୀ ଭାଇ

ରଞ୍ଜିତ ଅସୀ ଧାରେ, ଶତ୍ରୁର ରକତ ଗାରେ

ବିଜୟର ଟୀକା ଭାଲେ ବହି

ଏ ଜୀବନ ପଣ କରି,ହସି ହସି ଯିବୁ ମରି

ଜୈତ୍ରୀର ଧ୍ୱଜ୍ଜା ତୋଳି

ଶତ୍ରୁର କବର ଖୋଳି

ବୈରୀ ର ଶୋଣିତ ରେ,ଫୁଟାଇବୁ ରକ୍ତ ଜବା

ପୁଣି ଶାନ୍ତିର ସ୍ୱସ୍ଥ୍ୟୟିନୀ ମନ୍ତ୍ର ଗାଇଗାଇ

ଆମେରେ ସୈନିକ,ଶ୍ରମିକ ଦଳ,ଶିଳ୍ପୀକୁଳ, ଚାଷୀଭାଇ,

ଶସ୍ୟର କେଦାର ମାଳେ, ସୌଧ,ଖାଦାନ ତଳେ, କାରଖାନା ଧୁଆଁ ଧାରେ,

ଏ ଭାରତ ସରୋବରେ

ଫୁଟାଇବୁ ଆମେ କେତେ କେତେ ଶୁଭ୍ର ନୀଳ କଇଁ

ହେ ଭାରତମାତେ !

ସହିଦ୍ ର ତୀର୍ଥ ଭୂମି ତୀରୁ

ପ୍ରଣାମ କରୁଛୁ ଆମେ ଆମ ମଥା ନଇଁ

ଶପଥ କରୁଛୁ ଆମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୃତ୍ୟୁର ଜଳରେ ସନ୍ତରଣ କରିକରି

ତୋଳୁଥିବୁ,ଏ ପିଣ୍ଡରେ ପ୍ରାଣ ଥିବା ଯାକେ

ତୋହ ପାଇଁ ରକ୍ତ କମଳ କଇଁ...

ଜାତୀୟ ପତାକା ଲହରାଇ ଆମେ ପ୍ରଣାମ କରୁଛୁ ଆମରି ମଥାକୁ ଛୁଇଁ,......୨ଥର

ପ୍ଲଟ ନଂ ୧୪୮/୫,

ହମିରପୁର, ରାଉରକେଲା:୩,

ମୋ:୯୮୬୧୦୩୪୪୯୪



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବନ ମହୋତ୍ସବ

ରାମ ଚନ୍ଦ୍ର ପ୍ରଧାନ



ବନ କାନନେ ପ୍ରକୃତି କୋଳେ
ଲଗାଇ ସେନେହ ଭାବ
ପ୍ରତି ବରଷ ଜୁଲାଇ ମାସେ
ଆସେ ବନ ମହୋତ୍ସବ ।
ବନୀକରଣ ନୁହେଁ ସ୍ଲୋଗାନ
ଅଟେ ଜୀବନର ପଣ
ସେଲାଗି ସବୁ ଆସରେ ପିଲେ
କରିବା ବୃକ୍ଷ ରୋପଣ ।
ଚାରାଟେ ଆଣି ଦେବାରେ ପୋତି
ନେବା ମିଳିମିଶି ଯତ୍ନ
ବାଡ଼ ବାନ୍ଧିବା ସୁରକ୍ଷା ଦେବା
ସିଏ ପା' ଅମୂଲ୍ୟ ରତ୍ନ ।
ଚାରାଟି ବଢ଼ି ହୋଇଲେ ଗଛ
ସ୍ୱଚ୍ଛ ହେବ ପରିବେଶ
ଫୁଲ ଫୁଟିବ ଫଳ ଫଳିବ
ରହିବନି ଅବଶୋଷ ।

ଦୂଷିତ ବାୟୁ ଯିବ ଉଭେଇ
ଗଛ ନେବ ତା'କୁ ଶୋଷି
ଧରା ଦିଶିବ ଭାରି ସୁନ୍ଦର
ଜୀବଜନ୍ତୁ ହେବେ ଖୁସି ।
ତେଣୁ ପିଲାଏ ଯତନ କରି
ଲଗାଇବା ଆସ ଗଛ
ଗଛ ହସିଲେ ଆମେ ହସିବା
ଏଇ କଥା ନୁହେଁ ମିଛ ।

ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ: ୯୮୭୧୭୩୮୭୩୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବଡ଼ଦାଣ୍ଡେ ବିଜେ ଜଗନ୍ନାଥ

ଆଶିଷ କୁମାର ସାହୁ



ବଡଦାଣ୍ଡେ ଆଜି ବିଜେ ହୋଇଛନ୍ତି
ମହାପ୍ରଭୁ ଜଗନ୍ନାଥ,
ଚାରିଦିଗେ ଦିଶେ ଖୁସିର ଲହରୀ
ଭକ୍ତ ଙ୍କ ଗହଣେ ବିଜେ ନାଥ।। ୧।।

କଳା ବାମନର ରୂପ ଦର୍ଶନ ପାଇଁ
କେତେ ଦୂରୁ ଆସେ ଭକ୍ତ,
ପ୍ରେମର ଭାବନା ମନରେ ସାନ୍ତ୍ୱନା
ଆସି ଦେଖେ ଜଗତ ନାଥ।। ୨।।

ଦର୍ଶନ ଦେବାପାଇଁ ରତ୍ନ ସିଂହାସନୁ ଓହ୍ଲେଇ
ଆସିଛି ମୋ ଚକାଡୋଳା,
ହଲିହଲି ଝୁଲିଝୁଲି ଆସେ ମୋ ଠାକୁର
ନନ୍ଦିଘୋଷ ସଜ ହୋଇଛି ପରା।। ୩।।

ଆଗେ ବଡଭାଇ ତାପରେ ଭଉଣୀ
ଉଭା ହେଲେ ବଡଦାଣ୍ଡେ,
ପଛେପଛେ ଆସେ କାଳିଆ ଠାକୁର
ସୁନ୍ଦର କଳା ବାମନ ବେଶେ।। ୪।।

ଶଙ୍ଖ ହୁଳହୁଳି ଘଣ୍ଟ ଶବଦ ରେ
ଗୁଞ୍ଜରିତ ହୁଏ ଆକାଶ ସାରା,
ତୁଳସୀ ପତ୍ରର ବାସନାରେ ବାସେ
ଶ୍ରୀକ୍ଷେତ୍ର ଭୂମିର ପବନ ପରା।। ୫।।

ସ୍ନାହାନ ଯାତ୍ରା ରେ ସ୍ନାନ କରିଲେ
ଚତୁର୍ଧା ମୁରତି ସ୍ନାନ ମଣ୍ଡପରେ,
ଶହେଆଠ ଗରା ଜଳେ ସ୍ନାହାନ କରି
ଅଣସର ଘରେ ରହିଲେ ପରା।। ୬।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲୁରି ତୈଲ ମାଖିଲ ହେ ପ୍ରଭୁ
ସୁସ୍ଥ ହେଲ ଧୀରେଧୀରେ,
ଦର୍ଶନ ତୁମ ନପାଇ ଭକତ
ମନ ବ୍ୟାକୁଳ କରିଲ ଭଲେ।। ୭।।

ଏତେ ଦିନର ବିଚ୍ଛେଦପରେ
ଧାଇଁ ଆସିଲ ହେ କଥା ବୁଝିବାକୁ,
ଦର୍ଶନ ଦେବାକୁ ବାହାରି ପଡିଲ
ଚତୁର୍ଧା ମୂରତି ବଡଦାଣ୍ଡକୁ।। ୮।।

ନଅ ଦିନ ପାଇଁ ଯାତ୍ରା ଆରମ୍ଭିଲ
ପ୍ରିୟ ତୁମ ମାଉସୀ ଘରକୁ,
ଭାଇଭଉଣୀଙ୍କୁ ସଙ୍ଗରେ ଧରିଣ
ବିଜେ ହେଲ ତୁମେ ଗୁଣ୍ଡିଚା ପୁରକୁ।। ୯।।

ବାଟେ ଘାଟେ ତୁମେ ଅଟକିଲ ପ୍ରଭୁ
ଭେଟିବାକୁ ତୁମ ପ୍ରିୟ ଭକ୍ତଙ୍କୁ,
ସଂସାରରେ ତୁମେ ପ୍ରସିଦ୍ଧ ହେଲ
ଭେଟି ଭକ୍ତ ସାଲବେଗଙ୍କୁ।। ୧୦।।

ତୁମ ବାଟଚାହିଁ ବସିଥିବ ଆଜି
ଗୁଣ୍ଡିଚା ରାଣୀ ଦ୍ୱାର ଦେଶରେ,
ଆସିଲେ ତୁମକୁ ବରଣ କରିବ
ଖୁସି ଆନନ୍ଦରେ ନିଜ ମନ୍ଦିରେ।। ୧୧।।

ବେଶିଦିନ ପ୍ରଭୁ ରହିବନି ତୁମେ
ମାଉସୀ ମାଙ୍କ ସେନେହ ପାଇ,
ଭୁଲିଯିବ ନାହିଁ ଅର୍ଦ୍ଧାଙ୍ଗିନୀ ତୁମ
ଶ୍ରୀମନ୍ଦିରେ ଛନ୍ତି ଏକୁଟିଆ ହୋଇ।। ୧୨।।

ଆସିଲା ବେଳକୁ ଆଣିବ ସାଥିରେ
ମିଠା ରସଗୋଲା ତାଙ୍କରି ପାଇଁ,
ଅଭିମାନିଙ୍କର ମନକୁ ଜିତିବ
ମିଠା ରସଗୋଲା ଦେଇ ଚଖେଇ।। ୧୩।।

ସୁନ୍ଦର ସୃଷ୍ଟି ରେ ମୋ ସୁନ୍ଦର ଠାକୁର
ଆସିଛି ଭକ୍ତଙ୍କ ମନ ମୋହିବା ପାଇଁ,
ଯବନଙ୍କ ଉଦ୍ଧାର ହେତୁ ଛାଡି ଶ୍ରୀମନ୍ଦିର
ବିଜେହେଲେ ବଡଦାଣ୍ଡେ ଭାଇଭଉଣୀ।। ୧୪।।

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ-୮୧୪୪୧୧୫୨୬୩



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ମୋର ଠାକୁର

ସରସ୍ୱତୀ ମେହେର

ପ୍ରଭୁ ହେ ତୁମେ ଦୟାର ସାଗର
କରୁଣାର ସୀମା ନାହିଁ
ତୁମ ପରି ବନ୍ଧୁ ଏ ସାରା ଜଗତେ
ପାଇବି ମୁଁ ଅବା କାହିଁ ।
ଧନ୍ୟ ହେ ପ୍ରଭୁ ତୁମରି ଲୀଳା ଅପାର
ଏ ମାୟା ସଂସାରରେ ବୁଡୁଛି ମୋ ନାବ ଉଦ୍ଧରିଣ ମୋତେ ଧର ।
ପ୍ରଭୁ ହେ ତୁମେ ଡାକ ମୋର ଶୁଣ
ଦୀନବନ୍ଧୁ ଦୁଃଖହର୍ତା ହେ ନାରାୟଣ
ଅନାଥ କରିଦେଲେ ମୁଁ ଯିବି ଭାସି
ତୁମେ ମୋର ଠାକୁର ମୁଁ ତୁମ ଦାସି ।
ମଥାରେ ମୋର ହାତ ରଖିଦିଅ ହେ ଭାବଗ୍ରାହୀ
ଦାସି ପ୍ରତି ଦୟାକର ପ୍ରଭୁ ଦାସରଥି ।
ଭାବବିନୋଦିଆ ବୋଲି ଶୁଣିଛି ଠାକୁରେ
ମନକୁ ବୃନ୍ଦାବନ କରି ଖୋଜୁଛି ମନ ମନ୍ଦିରେ
ହୃଦୟ କହେ ତୁମେ ଅଛ ପାଖେ ପାଖେ ମୋର
ଅଭିମାନ କରିଛ କି କାଳିଆ ଠାକୁର ।

ସିନାପାଲି, ନୂଆପଡା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ପରିବେଶ ଜ୍ଞାନର ଉତ୍ସ

ପଙ୍କଜିନୀ ଉପାଧ୍ୟାୟ



ମାଆ ଗରଭରୁ ଉତୁରିଲା ପରେ
ଛୁଇଁଲି ମୁଁ ମାଟି ମାଆର କୋଳ
ପ୍ରଥମେ କଲି ମୁଁ କୁଆଁକୁଆଁ ରାବ
ଓଠରେ ମୋ ଭାଷା ଶବ୍ଦର ରୋଳ ।

ଶୈଶବ ଡେଇଁଲା ଏ କୋଳ ସେ କୋଳ
ସ୍ନେହ ସରାଗର ଅମୃତ ବେଳ
ଧୀରେଧୀରେ ମୁହିଁ କ୍ରମଶଃ ଗତିରେ
କେତେ ମଧୁମୟ ସ୍ୱର୍ଣ୍ଣ ସକାଳ ।

ମୋର ଚାରିପାଖ ସ୍ୱର୍ଣ୍ଣାଭ ପ୍ରକୃତି
ସବୁଜିମା ଭରା ଗିରି କାନନ
ଉପରେ ଆକାଶ ସୂର୍ଯ୍ୟ ଚନ୍ଦ୍ର ତାରା
ବସୁଧାରେ ସ୍ରୋତସ୍ୱିନୀ ଝରଣ ।

ନୀଳ ନୀଳିମାର ଭରା ଆକର୍ଷଣ
କେବେ ଆକାଶର ମେଘର ବର୍ଣ୍ଣ
ବରଷା ପରର ବଉଦ ଉହାଡୁ
ଇନ୍ଦ୍ରଧନୁ ରଙ୍ଗର ଶୋଭାବନ ।

ଫୁଲ ଉପବନ ଭ୍ରମର ଗୁଞ୍ଜନ
ମଧୁମକ୍ଷିକାର ମଧୁ ଶୋଷଣ
ପୁଲକ ପ୍ରବଣ ଶୋଭା ଦରଶନ
ସୌରଭ ସିଞ୍ଚନ ଫୁଲ ଫଗୁଣ ।

ଧୈର୍ଯ୍ୟ ସଂଯମ ଓ ସହନଶୀଳତା
ଶିଖିଛି ମୋ ମାଟି ମାଆର ଠାରୁ
ନାଚିଛି କୁଦିଛି କେତେ ମୁଁ ବୁଲିଛି
ଧରିଛି ବୁକୁରେ କେତେଯେ ତରୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଛ ଲତା କଥା ପଚାରନି ମୋତେ
ଖାଦ୍ୟ ବସ୍ତ୍ର ବାସ ସବୁ ତା ଦାନ
ପଶୁପକ୍ଷୀ ଗାନ ମୋ ମାନଭଞ୍ଜନ
ସେମାନେ ଜୀବନେ କେତେ ମହାନ ।

ଦାନ ମୁଁ ଶିଖିଛି ପାଣି ପବନରୁ
ଆକାଶରେ ଉଭା ସୂରୁଯ ଠାରୁ
ଅସୁସ୍ଥତା ମୋର ହୁଏ ଦୂରୀଭୂତ
ପତ୍ର ଚେର ରସ ପିଇ ଦେବାରୁ ।

ସମଭାବାପନ୍ନ ହୋଇଛି ଜୀବନେ
ଦେଖି ସୂରୁଯଙ୍କ ଅସ୍ତ ଉଦୟ
ସୁଖେ ଆହ୍ଲାଦିତ ଦୁଃଖେ ଅବସାଦ
ବିପଦ ଆପଦେ ନାହିଁ ମୋ ଭୟ ।

ପରିବେଶ ଆଉ ପରିବାର ଜନ
ସବୁଠାରୁ ମୋର ପ୍ରିୟ ମଣିଷ
ତାଙ୍କ ଶିକ୍ଷାଧାରା ଜୀବନ ପସରା
ସଂସ୍କାର ସଂସ୍କୃତି ଭାବ ବିଶେଷ ।

ମାଆ ମମତାର ଆଉ ପଣତର
ଉପମା କେମିତି ଦେବି ସତରେ
ସବୁ ନୀତି ରୀତି ତାହାଠାରୁ ସୃଷ୍ଟି
ସବୁଠାରୁ ଶ୍ରେଷ୍ଠ ସେ ଦୁନିଆରେ ।

ଆଖି ଯା ଦେଖୁଛି ମୋ ଚାରି ପାଖରେ
ଉଭା ଉଦ୍ଭିଦ ଓ ପ୍ରାଣୀ ଜଗତ
ଜ୍ଞାନର ଜାହ୍ନବୀ ସବୁଠାରୁ ଝରେ
ମୋର ପରିବେଶ ଜ୍ଞାନର ମିତ ।


ମହନୀୟ ସୃଷ୍ଟି ଭରା ଦିବ୍ୟଦୃଷ୍ଟି
ପରିବେଶ ଆମ ଜ୍ଞାନର ଖଣି
ଏ ଯେଉଁ ଜୀବନ ତାର ଅନୁଦାନ
ଆମ ମସ୍ତକର ସେ ଦିବ୍ୟମଣି ।

ମୋର ପରିବେଶ ଶିଖାଇଲା ମୋତେ
ସୁସ୍ଥ ଜୀବନର ଜୀବନଗାଥା
ପ୍ରଣତି ଢାଳୁଛି ତାର ପୟରରେ
ନ ଆସୁ ଜୀବନେ ଅଜସ୍ର ବ୍ୟଥା ।

Listen to Odia Podcast Original at https://youtube.com/@drjyotiprasad

# ସୌମ୍ୟାଶ୍ରୀ -ନିରବ ଅନ୍ଧାରର ଘଟଣା

ପ୍ରଲିପ୍ତା ଶତପଥୀ



ସୌମ୍ୟା ନାମ ଯେପରି ବନ୍ଧୁର ଲାଗେ,
ହୃଦୟ ଭିତରେ ଥିଲା ଅଗ୍ନି ରାଗେ ।
ନ ଥିଲା କଣ ଅଭିମାନ, ନ ଥିଲା ମାନ,
ଅନ୍ୟାୟରେ ହାରିଦେଲା ଏକ ନିରପରାଧ ପ୍ରାଣ ।

ସେ କୁହେଳିକା,ସବୁ ସହିଗଲେ,
ମୁଣ୍ଡ ନୁଆଁଇ ପାଠ ପଢୁଥିଲେ ।
ଏକ ଛାତ୍ରୀ – ଶିକ୍ଷା ଥିଲା ସ୍ୱପ୍ନ,
ନ ଜାଣିଲେ ତା' ପାଇଁ ଆସିବ ଶେଷ ଅନ୍ତ ।

କିଏ ଅଣଦେଖା କଲା ତାଙ୍କ ଦୁଃଖକୁ ?
କିଏ ଚେତିଲା ତାଙ୍କ ନୀରବ ଚିତ୍କାରକୁ ?
ଏହି ପ୍ରଶ୍ନ ରହିଯିବ ମାନବତା ପାଖେ,
ତାଙ୍କ ନିର୍ବାପିତ ଜ୍ୱାଳା ଆଜି ଜଳି ଚାଲିଛି ନବ ଅଭିନବେ ।

ନ ଥିଲା ତା' ଅପରାଧ, ନ ଥିଲା ତା' ଦୋଷ,
ତାଙ୍କ ଚୁପ୍ ହେବା ହେଲା ଆମ ସମାଜର ଲାଞ୍ଛନା ଘୋଷ ।
ଏ ମୃତ୍ୟୁ ନୁହଁ ଶେଷ – ଏ ହେଉଛି ଆହ୍ୱାନ,
ସାର୍ଥକ ଜୀବନ ହେଉ ଜୟ ଜୟକାର ଗାନ ।

ଭୀମ ଭୋଇ ମହାବିଦ୍ୟାଳୟ (ରେଢ଼ାଖୋଲ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପାନ ରସିକ ମୋ କଳା ସାଆନ୍ତ

ପ୍ରତିମା ପାତ୍ର

ପାନ ରସିକ ମୋର କଳା ସାଆନ୍ତ
ପାନ ଖାଏ ନିତି ହସି,
ହସ ଲାଖିଥାଏ ରଙ୍ଗ ଅଧରରେ
ରତ୍ନ ସିଂହାସନେ ବସି ।
ବହୁତ ସୁନ୍ଦର ତାର ରଙ୍ଗ ଅଧର
ସେଥିରେ ପାନ ରଙ୍ଗ ମିଶି,
ହସୁଥାଏ ଯେବେ ଭକତ ଦେଖି
ମନ ଯାଏ ମୋର ରସି ।
ରସିକ ନାଗର ସାଆନ୍ତ ଆମର
ଖାଏ ମିଠା ପାନ ଖଣ୍ଡ୍‌ତ,
ଖଣ୍ଡ୍‌ତିଆ ହାତ ଗୋଡ ଦେଖିବାକୁ
ଭକତ ହୁଅନ୍ତି ରୁଣ୍ଡ୍‌ତ ।
ଆସିଥିଲା ଏକ ଦକ୍ଷିଣାତ୍ୟ ଭକ୍ତ
ଦେଖିବାକୁ ଜଗନ୍ନାଥ ,
କମଳ ଲୋଚନ ମାୟାରେ ପଡି ସେ
ଶ୍ରୀକ୍ଷେତ୍ରେ ରହିଲା ଭକ୍ତ ।

ସଞ୍ଚିତ ଧନ ସରିବା ପରେ ସେହି
ପାନ ଭାଙ୍ଗି ବିକ୍ରି କଲା ,
ଦେଉଳ ପାଶରେ ପ୍ରଭୁ ନାମ ସ୍ମରି
ଆନନ୍ଦେ ଦିନ କାଟିଲା ।
ଏକ ଦିନ ଆସିଲେ ଦୁଇ କୁମର
ଧଳାକଳା ରଙ୍ଗ ତାହାର,
ପାନ ମାଗି ଖାଇ ବୋଇଲେ , ବାପା
ପାଉଣା ଦେବେ ଆମର ।
ବିକାଳି ନିତି ଦେଇ ପାନ ଖିଲ
ହେଲା ବିରକ୍ତ ସେ ଦିନ ,
କହିଲା ଡାକି ଆଣ ନିଜ ତାତକୁ
ନାହିଁ ଯଦି ଦିଅ ଧନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧନ ବଦଳରେ ଉତରିୟ ଦେଇ

ବୋଇଲେ ତାତ ଆସିବେ,

ହାତୀ ଘୋଡା ଥିବ ତାହାଙ୍କ ସାଥିରେ

ପାଲିଙ୍କି ରେ ବସିଥିବେ ।

ଆର ଦିନ ପଣ୍ଡା ପ୍ରସାଦ ବାଢିଣ

କାଳିଆ ମୁଖ ଦେଖିଲେ,

ବସନ ନଦେଖି ହୋଇଲେ ବିବ୍ରତ

ବୃତାନ୍ତ ରାଜା ଜାଣିଲେ ।

ଥାଡ ବାଟ ସହ ଅଇଲେ ନୃପତି

ପାଶେ ଗଲା ପାନବାଲା,

ବୋଇଲା ସେହି, ଦିଅ ପାନର ମୂଲ

ଖାଉଛନ୍ତି ତୁମ୍ଭ ପିଲା ।

ଉତରିୟ ଦେଖ ବାଳକ ଦ୍ୱୟର

ଦିଅ କିମତ ପାନର ,

ନୃପତି ଦେଖିଲେ ପ୍ରଭୁଙ୍କ ବସନ

ଯୋଡିଲେ ନିଜର କର ।

ଅଶ୍ରୁ ଝରାଇ ବୋଇଲେ ଶ୍ରେଷ୍ଠ ତୁମ୍ଭେ

ଉତ୍ତମ ତୁମ୍ଭ ଭକତି ,

ଜଗନ୍ନାଥ ପାନ ଖାଇଲେ ତୁମ୍ଭଠୁ

ଭକ୍ତିରେ ଅଛି ଶକତି ।

ବରଗଡ

ମୋବାଇଲ : ୯୯୩୭୪୫୩୦୯୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁହିତା ଦହନ

ଆଦ୍ୟାଶା ଦାଶ



ଦେଖୁଛ ବ୍ୟାସେ ! ତୁମ ଜନ୍ମ ଭୂମି ଆଜି କାନ୍ଦି ଉଠୁଛି।
ମହାବିଦ୍ୟାଳୟ ପ୍ରାଙ୍ଗଣ ମର୍ମାହତ ହେଉଛି,
ନୁହେଁ ସେ ରେବତୀ ସାରିଆ କଥା ବି କହୁନି ,
କଲେଜ୍ ଛାତ୍ରୀ ଟି ଆଜି ଜଳି ଯାଉଛି ।
ସତୀତ୍ୱକୁ ରକ୍ଷା କରିବାକୁ ଯାଇ ସ୍ୱଦେହ ଅନଳେ ଦେଇଛି ଜାଳି ।

ଦେଖୁଛ ବ୍ୟାସେ ! ତୁମ ସ୍ୱପ୍ନର ସହର ଆଜି କଳଙ୍କିତ ହୋଇଛି
ନେତା ଆଜି ଏଠି ବିଧାତା ସାଜିଛି
ପ୍ରଶାସନ ଏଠି ମୁକ ସାଜିଛି,
ରକ୍ଷକ ଭକ୍ଷକ ସାଜିଛି, ହତ ଭାଗିନି ଏଠି ନ୍ୟାୟ ମାଗୁଛି ।
ମାଆ କାନ୍ଦେ ବାହୁନି ବହୁନି, ଫାଟି ଯାଉଛି ବାପାର ଛାତି
ସମବେଦନା ନାଁରେ ଏଠି ଚାଲେ ରାଜନୀତି ।

ଦେଖୁଛ ବ୍ୟାସେ ! ତୁମର ଅନ୍ୟ ଏକ ରେବତୀ ଆଜି ଜଳି ଯାଉଛି
ତୁମ ଠୁ ବି ହୃଦଥରା ଗଳ୍ପ ରଚିଛି ।
ପ୍ରଶାସନ ଏଠି ବଧିର ସାଜିଛି, ନ୍ୟାୟେ ମାଗି ମାଗି ସେ ଥକି ପଡ଼ିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଗଜ କାଳୀର ସ୍ୱପ୍ନ ଅଧୁରା ରହିଛି, ଦେହର ଚମଡା ପୋଡ଼ି ପାଉଁଶ ହୋଇଛି ।

ସତୀ ଆଜି ଅଗ୍ନି ପରୀକ୍ଷା ଦେଇଛି,

ସତୀତ୍ୱ କୁ ବଞ୍ଚାଇବାକୁ ନିଜକୁ ଜଳି ଦେଇଛି ।

ନୁହେଁ ଏହା କେଉଁ ଗଳ୍ପ ର କାହାଣୀ ନୁହେଁ ଗାଳ୍ପିକା ମନ ର ଲେଖନୀ,

ଏକ ସଦ୍ୟ ସତ୍ୟ କୁଆଁରୀ ନାୟିକାର ଜୀବନୀ ।

+୩ ପ୍ରଥମ ବର୍ଷ କଳା (ଓଡିଆ ସମ୍ମାନ)

ବାବା ଭୈରବାନନ୍ଦ ମହାବିଦ୍ୟାଳୟ, ଚଣ୍ଡୀଖୋଲ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜନ୍ମ ନେଲେ ଶ୍ରୀକୃଷ୍ଣ ମୁରାରୀ

ସ୍ମୃତି ପ୍ରିୟଦର୍ଶିନୀ ପ୍ରଧାନ



କଂସ ବଢ଼େ ଅଧର୍ମ ଶିରେ,
ଭୟ ରଖିଛି ସମସ୍ତ ହୃଦୟ ମଧୁରେ ।
ଜନ୍ମ ନେବେ ବିଷ୍ଣୁ ଭୂମି ତଳେ,
ଦେବକୀ ଗର୍ଭେ ଅବତାର ଚଳେ ।

ଅଷ୍ଟମ ଗର୍ଭ ଶିଶୁ ଶ୍ରୀକୃଷ୍ଣ,
ଜନ୍ମିଲେ ମାଧବ ଚିର ପବିତ୍ର ।
ଅନ୍ଧାର ଶିଶୁ ଉଜାଳି ଗଲେ,
କୃପା ସମୁଦ୍ର ମାଉଁ ଅଂକ ଝଲେ ।

ଯଶୋଦା ଗ୍ରହଣ ଶିଶୁକୁ ନେଲେ,
ଦେବକୀ ତନୟ ବୃଜରେ ବସିଲେ ।
ନନ୍ଦ ଘରେ ଆନନ୍ଦ ଧ୍ୱନି ଉଠି,
ଗୋପ ଗୋପୀ ରେ ହସି ଅଳି ଗଛି ।

ବାଳ କୃଷ୍ଣ ଲୀଳା ନୀଳ ଧାରା,
ପୁତନା ବଧ ତାଳେ ଶୁର କାନ୍ତା ।

ଶକଟ ବିଦାରଣ ଚକ୍ରର ରେଖା,
ତୃଣାବର୍ତ୍ତ ଭାସିଗଲା ଗତିରେ ମେଖା ।

ନନ୍ଦଘାଟ ଯେଉଁଠି ମାଖନ ଚୋର,
ହସନ୍ତି ଯଶୋଦା ଦେଖି ହରି ହସ ।
ଗୋପୀ ମନ ତା'ରେ ମନ ରଖନ୍ତି,
ନୟନେ ଦିନେ ଶ୍ରୀକୃଷ୍ଣ ଦେଖନ୍ତି ।

ବୃନ୍ଦାବନରେ ଲୀଳା ଅପାର,
ଫୁଲ ବେଳେ ଶୁଣି ମୁରଲି ଧ୍ୱନି ଭର ।
ରାସ ରେ ଝୁମେ ଗୋପୀ ମଣି,
ନୈତିକ ଭାବ ଯେ ଶୁଦ୍ଧ ପ୍ରେମ ଗୁଣି ।


ପୂରଣ, ଜଗତସିଂହପୁର, ୭୫୪୧୦୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମ ଗତି

ଦଶରଥ ମାଝୀ



ମୋବାଇଲ୍'ରେ କଥା ହୋଇକି
ପ୍ରେମ କରୁଛ ଲୁଚି
ପ୍ରେମ ମନରେ ପାଗଳ ହୋଇ
ସବୁ ଦଉଛ ଯାଚି (୧)

ପ୍ରେମ କରିବା ଖରାପ ନୁହେଁ
ଜାଣି ପାରୁଛି ମୁଇଁ
ଭବିଷ୍ୟତକୁ ଦୃଷ୍ଟି ଦେଇକି
ପ୍ରେମ କରରେ ଭାଇ (୨)

ଯେତେବେଳେରେ ପେଟର କଥା
କରିବୁ ଯେବେ ଚିନ୍ତା
ପ୍ରେମ ମନଟା ଭାଙ୍ଗି ଯିବାରେ
ହଜି ଯିବାରେ ଚେତା (୩)

ଯେତେବେଳେରେ ଭାଙ୍ଗି ଗଲେରେ
ରସ ରସିଆ ପ୍ରେମ
ହିଂସା କ୍ରୋଧଟି ମାଡି ଆସିବ
ପାଲଟି ଯିବୁ ଯମ (୪)

ବୁଦ୍ଧି ଅକଲ ହଜି ଗଲେରେ
ଚିନ୍ତାରେ ହେବୁ ଘାରି
ମାନସିକକୁ ହରାଇ ଦେଇ
ନିଜକୁ ଦେବୁ ମାରି (୫)

ପ୍ରେମ କରିବ ସଭେ ମଣିଷ
ଭବିଷ୍ୟତକୁ ରଖି
ଜଣାଇ ଦେଲି କଲମ ମୁନେ
ପଦେ କବିତା ଲେଖି (୬)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଝିପି ଝିପି ବର୍ଷା !

ଅଜିତ କୁମାର ରାଉତ



କୋଇଲିର ସ୍ୱନ ଶୁଭୁଚି
ଝିପିଝିପି ବରଷା
ଶ୍ରାବଣର ଧାରା ଝରୁଛି
ଚାଷୀ ପାଇଁ ଭରସା  !

କୃଷକ ଆନନ୍ଦ ହେଉଛି
ଚାଷ ଭଲ ହୋଇବ
ବୈଜ୍ଞାନିକ ରୀତି ନୀତିରେ
ଚାଷୀ ଚାଷ କରିବ  !

ପକ୍ଷୀ କୋଳାହଳ କରନ୍ତି
ଡ଼ାଳ ଡ଼ାଳ ରେ ଉଡି
କି ମଧୁର ସୁର ତାଙ୍କରି
ଭେକ କରୁଛି ରଡ଼ି  !

କଳା କଳା ମେଘ ଦିଶୁଛି
ନାହିଁ ସୂର୍ଯ୍ୟ ଦର୍ଶନ
ଅନ୍ଧାର ହୋଇଛି ଧରିତ୍ରୀ
ବେଙ୍ଗ ଫୁଲା ଜନମ  !

କାଉଁରିଆ ଯାଏ ମନ୍ଦିର
ଧରି କାଉଁରୀ ଭାର
ପରିଧାନ ଢ଼େଉ ବର୍ଣ୍ଣର
ଦୃଶ୍ୟ ବଡ଼ ସୁନ୍ଦର  !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିବାୟ ଓମ୍ ର ଗୁଞ୍ଜନ
ବର୍ଷା ଧାରା ଶ୍ରାବଣ
ଅତି ପୁଲକିତ କରୁଛି
ଦେଖି କାଉଁରୀ ଗଣ !

ଜଳମଗ୍ନ ଚତୁର୍ଦ୍ଦିଗ ଯେ
ଧଳା ଧଳା ଦିଶୁଛି
ନଦୀ ନାଳ ପୁଷ୍କରିଣୀ ରେ
ଜଳ ଭରି ରହିଛି !

ଟ୍ରାକ୍ଟର ଜମିରେ ଚାଲୁଛି
ଚାଷୀ ଚାଷ କରୁଛି
ଖୁସିର ସଙ୍ଗୀତ ଶୁଭୁଚି
ଗୀତ ଚାଷୀ ଗାଉଛି !

ସଭାପତି ଉତ୍କଳ ସମ୍ମିଳନୀ, ଗ୍ରାମ-କଳାବାଡିଆ,
ପୋ-ରାଜନଗର, ଜିଲ୍ଲା-ଷଢ଼େଇକଳା-ଖରସୁଆଁ,
ଝାଡ଼ଖଣ୍ଡ ରାଜ୍ୟ (୬୨୦୫୩୪୩୫୬୯)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାଇ ଚଢ଼େଇ

ସୌଦାମିନୀ ସାହୁ



ବାଇ ଚଢେଇର ବାଇଆ ବସାଟା
 ବାଆ କଲେ ଦୋହଲୁଛି,
ଜ୍ଞାତି ପରିଜନ ନପାଇ ତା ମନ
 ସଦା ଅଥୟ ହେଉଛି ।

ନିରିମାଖି ହୋଇ ତାର ସାଥୀ ପାଇଁ
 ବିଚଳିତ ହେଉ ଅଛି,
ନଇକୂଳେ କେବେ ପୋଖରୀ ତୁଠରେ
 ଅପେକ୍ଷା ସେ କରିଅଛି ।

ଅନ୍ଧୁଣୀ ଝରଣା ସାଜିଛି ସେ ସଦା
 ବାଟ ଅବାଟ ମାନୁନି,
ତା ପ୍ରିୟ ପରିଜନ ଲେଉଟାଣି ବାଟେ
 ପଲକ ତାର ପଡୁନି ।

ଚଢେଇ ଜାଣିଛି ଦିନ ଆଲୁଅରେ
 ତାରା ମାନେ ଦିଶିବେନି,
ବାଦଲ ଉଢାଳେ ସୂରଜ ଥିଲେ ବି
 ଯେପରି ଦେଖି ହୁଏନି ।

ଆପଣା ସ୍ୱାର୍ଥରେ ଜ୍ଞାତିମାନେ ଥାଇ
 ହେଉଥାନ୍ତି ଆତଯାତ,
ଆପଣା କେନ୍ଦ୍ରରେ ଭଉଁରି ଭିତରେ
 ଥାଏ ସେମାନଙ୍କ ସ୍ୱାର୍ଥ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାର୍ଥର ବଳୟ ଯେତିକି ଦୁର୍ଭେଦ୍ୟ
ସେତିକି. ଏଠି ଅଲଂଘ୍ୟ,
ସେହି ବଳୟରୁ ମୁକୁଳି ଫେରିବା
ହୋଇଯାଏ ଅସମ୍ଭବ ।

ଚଢେଇର ମନେ ଅତୁଟ ବିଶ୍ୱାସ
ମନରେ ଭରସା ପାଏ,
ଘନକୁହୁଡି ଯେ ସିନ୍ଦୁରା ଫାଟିଲେ
ଯେସନେ ଦୂରେଇଯାଏ ।

ବିଶ୍ୱାସ ଡାଳରେ ବସାସେ ବାନ୍ଧିଛି
ଦୃଢ ଇଚ୍ଛାଶକ୍ତି ବଳେ,
ବାଇ ଚଢେଇର ବାଇଆ ବସାରେ
ସପନର ଆଶା ଝୁଲେ ।

ସଫା, ଟାଙ୍ଗୀ, କଟକ
ମୋ: ୯୬୬୮୫୪୫୭୧୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସବୁ ମୋ ପାଇଁ ଆଶିଷ

ଦିବାକର ନାୟକ



ଝଡି ପବନରେ ମନ୍ଦିର ପାହାଚେ
ଛତା ଗଲା ମୋ ଓଲଟି,
କୋହଲା ପବନେ ଥରି ଦେହ ମନ
ଗଲା ବରଫ ପାଲଟି ॥

ଖରା ବରଷାକୁ ଭରସା ଇଏ ମୋ
ସାଙ୍ଗ ସହଚର ପରି
କେଡେ ଯତନରେ ସାଇତି ରଖିଛି
ଚିରିଲେ ସିଲେଇ କରି ॥

ଚୁପୁରୁ ଚୁପୁରୁ କେଡ଼େ ମଉଜରେ
ଆସୁଥିଲି ମୁଁ ଏକା,
କୁଆଡେ ଥିଲା ଏ ଚପଳ ପବନ
ସାଇଁ କିନା ଦେଲା ଧକ୍କା ॥

ଭାବିଲି ଏମିତି ମୋ ଜଗା କି କାଳେ
ଗରୁଡରେ ଯାଉଥିବେ,
ଡେଣା ବାଜି କାଳେ ଓଲଟିଲା ଛତା
ଦୋଷ କରିଥିଲି କେବେ ॥

ମନ ପୁଣି କହେ ପବନ ନୁହେଁ ସେ
ଜଗାର ଅଦେଖା ଛୁଆଁ,
ସେ ଛୁଆଁରେ ସତେ ଧୋଇ ଗଲା ମୋର
ପାପ ତାପ ମୋହ ମାୟା ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ଦିନେ ବି ବରଷା ପବନ
ପେଷିଥିଲେ ନାରାୟଣ,
ଶିକାରୀ କବଳୁ ଉଦ୍ଧାରି ଥିଲେ ସେ
କାତର ମୃଗୁଣୀ ପ୍ରାଣ ॥

ଦ୍ୱାପରରେ ଇନ୍ଦ୍ର ଦାଉ ସାଧିବାକୁ
ବର୍ଷା କରିଥିଲେ ଗୋପେ,
ଗୋପ ରଖିଥିଲେ ଗୋବର୍ଦ୍ଧନ ଟେକି
କହ୍ନେଇ ଅଙ୍ଗୁଳି ଟିପେ ॥

ବରଷା ପବନ ବହୁଲେ ବିନାଶ
ବିହୁନେ ବି ସର୍ବନାଶ,
ସବୁ ତ ପ୍ରଭୁଙ୍କ ଇଛାରେ ଚାଳିତ
ସବୁ ମୋ ପାଇଁ ଆଶିଷ ॥

ପାଟପୁର, କନିସି, ଗଞ୍ଜାମ
ମୋ:୯୯୩୮୬ ୧୯୯୮୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉଠ ତାନ୍ତ୍ରିକ

ମନୋରଞ୍ଜନ ସୁରୁଜାଳ



ଉଠ ତାନ୍ତ୍ରିକ ଅଭିମନ୍ତ୍ରିତ ତନ୍ତ୍ର-ନାୟକ ସାଜି
ଗଣ-ତାନ୍ତ୍ରିକ ଅବଲୁଣ୍ଠିତ ପ୍ରଶ୍ନ ପଚାରେ ଆଜି ॥

ତେଜି ଆତ୍ମୀୟ ଅଗ୍ନି ପ୍ରଖରେ ଆତ୍ମ-ଆହୂତି ବରି
ଯୌବନ ଜାଳି ଦଗ୍ଧ ନିଆଁରେ ସ୍ୱାଧୀନ ମନ୍ତ୍ର ଧରି ॥
ଶତ ଶତ ବୀର ଉନ୍ନତ ଶୀର ବକ୍ଷ ଯାତନା ସହି
ଲୋକ ତନ୍ତ୍ରର ଅମୃତ ଗାଥା ମୁକ୍ତିର ଧ୍ୱଜ ବାହୀ ॥
ଉଠ ତାନ୍ତ୍ରିକ ଅଭିମନ୍ତ୍ରିତ ତନ୍ତ୍ର-ନାୟକ ସାଜି
ଗଣ-ତାନ୍ତ୍ରିକ ଅବଲୁଣ୍ଠିତ ପ୍ରଶ୍ନ ପଚାରେ ଆଜି ॥

ପୂର୍ବଜ ଗୌରବ ଅସ୍ମିତା ତେଜ ଉଜ୍ଜ୍ୱଳ ଇତିହାସ
ଭୋଗବାଦର ତ୍ୟାଗ ଖଡ୍ଗରେ ସଞ୍ଚିତ ଅବଶେଷ ॥
ରାଜା-ରାଜୁଡା ଶାସନ ତନ୍ତ୍ର ରାଜା-ଋଷିର ଏ ଦେଶ
ପ୍ରଜା ମଙ୍ଗଳ ହିତୈଷୀ ଚିନ୍ତା ସଦେବ ଉଦାର ବେଶ ॥
ଉଠ ତାନ୍ତ୍ରିକ ଅଭିମନ୍ତ୍ରିତ ତନ୍ତ୍ର ନାୟକ ସାଜି
ଗଣ-ତାନ୍ତ୍ରିକ ଅବଲୁଣ୍ଠିତ ପ୍ରଶ୍ନ ପଚାରେ ଆଜି ॥
ବୁକୁ ଚିରି ମାଆ ଜନ୍ମି ତାହାରେ ଦାମ୍ଭିକ ଅବଧୂତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସିଂହ ଗର୍ଜନ ଆତ୍ମ ସମ୍ମାନ କରିଗଲେ ପ୍ରାଣପାତ ॥
ଶୃଙ୍ଖଳ ଛିଡି ମୃତ୍ୟୁରେ ଲଢ଼ି ଧନ୍ୟ ତା' ଜୀବନ ଦାନ
ଭୂଲୁଣ୍ଠିତ ଆଜି ପ୍ରାଣର ପଣ ବିସର୍ଜିତ ଜନ-ଗଣ ॥
ଉଠ ତାନ୍ତ୍ରିକ ଅଭିମନ୍ତ୍ରିତ ତନ୍ତ୍ର ନାୟକ ସାଜି
ଗଣ-ତାନ୍ତ୍ରିକ ଅବଲୁଣ୍ଠିତ ପ୍ରଶ୍ନ ପଚାରେ ଆଜି ॥

ସ୍ୱର୍ଣ୍ଣ ପ୍ରାଚୀର ଭଗ୍ନ ଛାତିର ମାଆମାଟି ହୀନିମାନି
ଅତ୍ୟାଚାରେ ସ୍ପନ୍ଦନ ଧାରେ ନୀତି ଥିଲା ସୁଲତାନୀ ॥
ଔଦ୍ଧତ ଘୋରୀ ନାଦିରି ଖିଲିଜି ଔରଙ୍ଗା ଅବଦଲୀ
ମୋଗଲ ଦସ୍ୟୁ ଧୂର୍ତ୍ତ ବଣିକ ପାଦେ ପକେଇଲେ ଦଳି ॥
ଉଠ ତାନ୍ତ୍ରିକ ଅଭିମନ୍ତ୍ରିତ ତନ୍ତ୍ର ନାୟକ ସାଜି
ଗଣ-ତାନ୍ତ୍ରିକ ଅବଲୁଣ୍ଠିତ ପ୍ରଶ୍ନ ପଚାରେ ଆଜି ॥

ଆମରି ଆସ୍ଥା ଆମ ବ୍ୟବସ୍ଥା ଭାଙ୍ଗି କରିଗଲେ ଚୁନା
ଚୋର-ତସ୍କର ମୂର୍ତ୍ତୀ ସମେତ ବୋହି ନେଲେ ହୀରା ସୁନା ॥
ବାର-ବାର ଧୀର ଆଉ କେତେବାର ଲୁଣ୍ଠିତ ହେବ କହ
ତନ୍ଦ୍ରା ସପନ ତେଜି ବୀର ଉଠ ଘାରିଛି କି କେଉଁ ମୋହ !!
ଉଠ ତାନ୍ତ୍ରିକ ଅଭିମନ୍ତ୍ରିତ ତନ୍ତ୍ର ନାୟକ ସାଜି
ଗଣ-ତାନ୍ତ୍ରିକ ଅବଲୁଣ୍ଠିତ ପ୍ରଶ୍ନ ପଚାରେ ଆଜି ॥

ଆଇଁଲପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନର ସାର

ପ୍ରଶାନ୍ତ ବ୍ରହ୍ମା



ଜୀବନରେ ଯେତେ ଆସୁ ଦୁଃଖ ସୁଖ
ସହନ କରିବୁ ବାବା
ବୃକ୍ଷେ ହେଉ ଅବା ପର୍ବତେ ବଞ୍ଚିବୁ
ଅନ୍ୟ କାହାପାଇଁ ଅବା ।

ଅନ୍ୟ ଉପକାର ନିମିତ୍ତ ମାତର
ହେଜୁଥିବୁ ଏହି ମତେ
ଆହାର ଗ୍ରହଣ କରିବୁ ବାବୁରେ
ପ୍ରାଣରକ୍ଷାର ନିମିତ୍ତେ ।

ଗ୍ରହଣ କରିବୁ ଭଲକଥା ସବୁ
ଲିପ୍ତ ନୋହିବୁ କାହିଁ
ମଧୁର ବଚନ କହିଣ ସଭିଙ୍କୁ
ମନ ନେଉଥିବୁ ମୋହି ।

ଦେହଠାରୁ ଆତ୍ମା ପାର୍ଥକ୍ୟ ଜାଣିଲେ
ଚିହ୍ନିବୁ ସଂସାର ତେବେ
ଅତ୍ୟଧିକ ସ୍ନେହ କରିବୁ ନାହିଁ ତୁ
ମାନିବେ ନାହିଁ ସେ କେବେ ।

ଗ୍ରହଣ କରିବୁ କେତେକ ବିଷୟ
ଆବଶ୍ୟକ ଅନୁସାରେ
ଯୋଗ୍ୟତା ଦେଖିଣ ଦାନ ତୁ କରିବୁ
ସଦା ଆନନ୍ଦ ମନରେ ।

ସନ୍ତୁଷ୍ଟ ହୋଇବୁ ଆହାରରେ ସଦା
ଯେଉଁଠି ଯେପରି ମିଳେ
ସର୍ବଦା ପ୍ରସନ୍ନ ସବୁଠି ରହିବୁ
ବିକ୍ଷୁବ୍ଧ ନହେବୁତୁ ହେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚୋରିନାରୀ ଲୋଭ କେବେନକରିବୁ
ଇନ୍ଦ୍ରିୟ ସୁଖ ପାଇଁ
କାଷ୍ଠ ପାଷାଣ କି ମୂର୍ତ୍ତିକା ନାରୀକୁ
ସ୍ପର୍ଶ କରିବୁ ନାହିଁ ।

ଶାସ୍ତ୍ରରୁ ସାର ଯେ ସଂଗ୍ରହ କରିବୁ
ନ କରିବୁ କେବେ ହେଳା
ସମ୍ମାନ ସହିତ ସଂସାରେ ବଞ୍ଚିବୁ
ନହେଲେ ବୁଡିବ ଭେଳା ।

ଜୀବନରେ ଜିହ୍ୱା ଆଶା ନ ରଖିଣ
ଦମନ ସଦା କରିବୁ
ଧନର ଲୋଭକୁ ନରଖି ଜୀବନେ
ସମ୍ମାନରେ ଯେ ବଞ୍ଚିଥିବୁ ।

ମାନ ଅପମାନୁଁ ରହିବୁ ଉର୍ଦ୍ଧ୍ୱରେ
ଆତ୍ମାନନ୍ଦ ରେ ବଞ୍ଚି
ଏକାନ୍ତେ ବସିଣ ଉଚିତ ଭାବିଲେ
ସାରାନ୍‌ସ ପାରିବୁ ସଞ୍ଚି ।

ଆସନକୁ ଶୁଦ୍ଧି ଆଚମନ କରି
ନିଶ୍ୱାସକୁ ଯେ ଜିଣିବୁ
ବଇରାଗ  ଲାଭ ପ୍ରାପ୍ତି ଯେବେ ହେବୁ
ପରମାତ୍ମା ଙ୍କୁ ଦେଖିବୁ।

ଏକାକୀ ରହିବୁ ଅଳପ କହିବୁ
ଗୁମ୍ଫା ରେ ବାସ କରିବୁ
ଈଶ୍ୱର ଚିନ୍ତନ କରୁଥିବୁ ସଦା
ବୈକୁଣ୍ଠ ପ୍ରାପ୍ତି ଯେ ହେବୁ।

ଈଶ୍ୱରଙ୍କ ଶକ୍ତି ଅଛିତ ନିଶ୍ଚିତ
ଏକଥା ଗୋଟିକ ସତ୍ୟ
ଈଶ୍ୱରଙ୍କ ବିନା ଆଉ ସବୁ ମିଥ୍ୟା
ଏହା ଭାଗବତ ତଥ୍ୟ ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବ୍ୟାସେ ଦେଖୁଛ ?

ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା



ସେ ମହାବିଦ୍ୟାଳୟରେ ନିଆଁ ଲାଗିଛି
ସେ ନିଆଁରେ ଆଜି କିଏ ଜଳୁଛି ?
କେଉଁ ରେବତୀ ସାରିଆ କଥା କହୁନି
ସେ କଲେଜ ଛାତ୍ରୀ ଆଜି ଜଳି ଯାଉଛି
ସତୀତ୍ୱକୁ ରକ୍ଷା କରିବାକୁ ଯାଇ
ସ୍ୱଦେହ ଅନଳେ ଦଗ୍ଧ କରିଛି
ଏଠି ନେତା ବିଧାତାର ରୂପ ନେଇଛି
ପ୍ରଶାସନ ଏଠି ଆଖି ବୁଜିଛି

ବ୍ୟାସେ ଦେଖୁଛ.....
କେହି ତୁମଠୁ ମାର୍ମିକ ଗଳ୍ପ ରଚିଛି
କେହି ତୁମଠୁ ବି ମାର୍ମିକ ଗଳ୍ପ ରଚିଛି
କାହାଣି ରେ ହୃଦ ହାଣି ହେଉଛି
ଶିକ୍ଷକ କୁତ୍ସିତ ଫର୍ଦ୍ଦ ଲେଖିଛି
କାଲି କାଗଜର ବାସ୍ନା ଆଜି
ପେଟ୍ରୋଲ ଗନ୍ଧରେ ଫାଟି ପଡୁଛି

ବ୍ୟାସେ ଦେଖୁଛ...
ତୁମ ଜନ୍ମଭୂମି ଆଜି ସ୍ତବ୍ଧ ହୋଇଛି
ଚମଡ଼ା ତରଳି ଠୋପା ଠୋପା ହୋଇ
ଏଇ ମାଟି ଦେହେ ଲାଗି ରହିଛି
ସେ କଲେଜ୍ କାନ୍ଥ ବି କମ୍ପି ଉଠିଛି
ପୋଡ଼ା ଗନ୍ଧ ସବୁ ଶୋଷି ନେଇଛି
ସେ ଛାତ୍ରୀର ଚିତ୍କାର ବକ୍ଷେ ବାନ୍ଧିଛି
ତଥାପି ଅନେକ ପ୍ରଶ୍ନ ଉଠିଛି
ସେ ଆତ୍ମହତ୍ୟା କରି କଣ ପାଇଛି
ଆରେ ନ୍ୟାୟ ମାଗି ମାଗି ଥକି ପଡ଼ିଛି
ନ୍ୟାୟ ମାଗି ମାଗି ଥକି ପଡ଼ିଛି...
ପ୍ରଶାସନ ଏଠି ମୂକ ସାଜିଛି
ସହି ନପାରି ସେ ମୃତ୍ୟୁ ବାଛିଚି
ବ୍ୟାସେ ଦେଖୁଛ......
ସହିନପାରି ସେ ମୃତ୍ୟୁ ବାଛିଚି ।

ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ

ସେବକ ବସନ୍ତ କୁମାର ମହାପାତ୍ର



ଜୀବନ ଜଞ୍ଜାଳ ସଞ୍ଜ ଓ ସକାଳେ
ହୁଏ ଗୁଣନ ହରଣ ।
ପ୍ରାଣରେ ପ୍ରାଣ ର ଗତି ଓ ଦୁର୍ଗତି
ହୁଏ  ଫେଡ଼ାଣ ମିଶାଣ ।

ହସ ଲୁହ ଭରା ଭାର ଭରି ସରି
ଜୀବନ ଗୀତିକା ଗାଏ ।
ପର୍ଯ୍ୟାୟ ପର୍ଯ୍ୟାୟ ଫର୍ଦ୍ଦ ଫର୍ଦ୍ଦ ହୋଇ
ଆବୃତ୍ତି ହେଉଣ ଥାଏ ।

ସଂସ୍କାର ସଂସ୍କୃତି ମହା ଅନୁଭୂତି
କର୍ତ୍ତବ୍ୟ ପାଳନ କରେ ।
ବଡ଼ରେ ଆଦର ସାନରେ ସେନେହ
ହୃଦେ ପ୍ରତିକ୍ଷଣ ଭରେ ।

ନମ୍ରତା ପରିକା ବିଶେଷ ପ୍ରକୃତି
ଭାରତେ ପରିଲକ୍ଷିତ ।
ଦୁଇ କର ଯୋଡ଼ି ପ୍ରଣିପାତ କରୁ
ଏହା ପ୍ରଭୁଙ୍କ ଚରିତ ।

ଝାଡ଼ଖଣ୍ଡ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶକୁନି

ନୀଳମଣି ଚାନ୍ଦ



କେବେଠୁଁ ଫେରିଗଲାଣି ଦ୍ୱାପର
ସମାପ୍ତ ହୋଇଥିବା
ମହାଭାରତ ଯୁଦ୍ଧ
ପୁରାଣର ଗାଥା ଭଳି
ସତ୍ୟଯୁଗ ଆସିଯିବ ଆସିଯିବର ବିଶ୍ୱାସ
ଏବେ ଚାଲିଥିବା ଯୁଗଟିର ନାଁ କଳି ।

ଶକୁନି ଜାତୀୟ ଚାରାରୁ
ଅନେକ ଚାରା
ଶକୁନି ଜାତୀୟ  ଧାରରୁ
ମେଲିଛି ଅନେକ ଝରଣା
ଶକୁନିର ହସ ,ମୋନାଲିସାର ହସ ନୁହଁ
ତଥାପି  ଏଠି ଅନେକ ଶକୁନି
କରନ୍ତି ରାଜତ୍ୱ
ସେମାନଙ୍କର ଯଥେଷ୍ଟ ପ୍ରଭୁତ୍ୱ ।

କିଛି ଦୁର୍ଯ୍ୟୋଧନର ଅନ୍ନରେ
ପ୍ରତିପାଳିତ ଶକୁନିମାନେ
ଆମକୁ ଧ୍ୱଂସ ବିଧ୍ୱଂସ୍ତ କରିଚାଲନ୍ତି
ସେମାନେ ସବୁବେଳେ
ପରଦାର ଆଢୁଆଳରେ
ଶୁଭେନି ନେପଥ୍ୟରେ କୋଳାହଳ
ଚୁପ୍ ରୁହ ଏଠି ଶକୁନି ପ୍ରବଳ ।


୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କ

ବିନୟ ମହାପାତ୍ର



'ବନ୍ଧନ' ଭାରି ଭଲ ଲାଗେ,
ଯଦି ସିଏ, ତୁମର ସେ ମିଠା ମିଠା
ପ୍ରଣୟର ବନ୍ଧନ ହୁଏ ।
ବନ୍ଧନ ଇଏ କେମିତି ବନ୍ଧନ ସତେ,
ନା' କିଛି ଡୋରି ନା କିଛି ଗଣ୍ଠି,
ହେଲେ କେତେ ମଝଭୂତ ଫାଶ !
ସହଜରେ ଖୋଲି ହୁଏ ନାହିଁ,
ଛିଣ୍ଡେଇ ଦେବାକୁ କେବେ,
ହୁଏନା ସାହସ ।

କିଏ ବା କାହିଁକି ଚାହିଁବ,
କଲିଜାକୁ ଜାଳି ଦେବା ପାଇଁ ?
ଶରୀର ତ ନିର୍ଲଜ ସତେ,
ସବୁ କିଛି ସହି ଯିବ,
ନିର୍ମୋହୀ ସାଧୁଟିଏ ପରି ।
ହେଲେ, ହୃଦୟ ତ ଫାଟି ଯିବ,
ଶହସ୍ର ଟୁକୁଡା ହୋଇ,
ଏଣେ ତେଣେ ଛିଟିକି ପଡିବ
ସୁତା ଛିଣ୍ଡା ମୁକ୍ତାର ଦାନା
ଗୋଟି ଗୋଟି କରି,
ବିଛାଡି ପଡିବ ଅବା
ଅସହାୟ କରକାର ସରି ।

ଏଇ ବନ୍ଧନ,
କେତେ ଯେ କୋମଳ,
ସରମୀ ଲତାଟିଏ ସତେ,
ଗୁଡେଇ ତୁଡେଇ ହୁଏ,
ପ୍ରିୟ ଅଙ୍ଗ ସଙ୍ଗ ପାଇଁ,
ସତେ ଅବା ଲୋଡୁଥାଏ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦରଦୀ ପ୍ରେମର, ନରମ ହୃଦୟଟିଏ ।
ବନ୍ଧନ ଏ ପାରଦର୍ଶୀ କାଚଘର,
କଠିନ ବହୁତ, ହେଲେ
ଭାଙ୍ଗି ରୁଜି ଟୁକୁଡା ଟୁକୁଡା ହୁଏ,
ସହି ପାରେ ନାହିଁ
ସନ୍ଦେହର ଟିକିଏ ଆଘାତ
କେବେ ଯଦି ଲାଗି ଯାଏ ।

ସମ୍ପର୍କର ବନ୍ଧନ,
ମନୋରମ ଜତୁଗୃହଟିଏ,
ଘଡିକରେ ଧୁଉ ଧୁଉ ଜଳି ଯାଏ,
ଅହଂକାର/ଭୁଲ ବୁଝାମଣାର
ଦିଆସିଲି କାଠି ସଙ୍ଘର୍ଷରେ ।
ସମ୍ପର୍କର ବନ୍ଧନ ସବୁ
ଯେତିକି ମଜଭୂତ ଲାଗେ,
ସେତିକି ସହଜ ଭଙ୍ଗୁର,
ଛିଣ୍ଡି ଗଲେ ସୁତା ଖିଅ ଥରେ,
ଯୋଡେ ନାହିଁ ଆଉ
ଏତେ ସହଜରେ ।

ବନ୍ଧନ ଏ ଅମୂଲ୍ୟ ଜଗତେ,
ମୋଲ ତୋଲ ଖାଇ ଯାଏ,
ଅସଲ ଲାଭାଂଶ ପ୍ରେମରେ ।
ସମ୍ପର୍କକୁ ସାଇତି ରଖ,
ନିଜ ଛାତିରେ ଲଗାଇ,
ନିଜ ହୃଦୟରେ,
ଅମୂଲ୍ୟ, ମହାର୍ଘ୍ୟ ସମ୍ପଦ
ସିଏ ଏଇ ମଣିଷ ଜୀବନରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବେଳାଭୂଇଁ

ଅଭିଷେକ ମହାପାତ୍ର



ତୁମେ ଯେତେଥର ଛଟପଟ ହେଇ
ବାଡ଼େଇ ହୁଅ ମୋ ଦେହରେ,
ମୁଁ ସେତେବାର ସାଙ୍କୁଡି ଯାଇ
ଦେଖାଇ ଦିଏ ପିଠି ,
ସେତେବାର ଧୋଇଯାଇ
ତପ୍ତରୁ ଶୀତଳ ସାଜି ଉଠେ
ତୁମ ସ୍ନିଗ୍ଧ ଛୁଆଁ ରେ ।

ତୁମ କାନେ ଯେତେ ବାର କାନ୍ଦ ଶୁଭେ
ଯେତେବାର ତୁମେ ନାଚି ଉଠ ଅଶାନ୍ତ ରେ
ସେତେବାର କୁଳ ଚୁମି ଅପେକ୍ଷାରେ -
ଦିନ ମୋର ଅନ୍ତ ହୁଏ ;
ଯାବତୀୟ ଜଞ୍ଜାଳରେ ।

ଝଡ, ପବନ, ଯାବତୀୟ ଅଚିହ୍ନା ଆତ୍ମୀୟଙ୍କ
ସାନିଧ୍ୟରେ ମୋର ଦିନ ହୁଏ ,
ରାତିରେ ପୁଣି ଛଟପଟ -
କ୍ଳାନ୍ତ ଏ ଶରୀରକୁ ଅକ୍ଳାନ୍ତରେ ତୁମକୁ ସମର୍ପି ଦିଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମେ କେମିତି ଏତେ ନିଷ୍ଠୁର କେଜାଣି !!!!
ପିଲାଝିଲାଙ୍କ ଜଞ୍ଜାଳ କୁ ପିଠି କରି
ନିତି ଆସି ନିତି ପୁଣି ଫେରିଯିବା ,
ସଙ୍କୋଚ ସ୍ୱାର୍ଥ ସବୁକୁ ଜଳାଞ୍ଜଳି ଦେଇ
ତୁମକୁ କେମିତି ଆସେ ଫୁତ୍କାରିବା ?

ବେଳେବେଳେ ମୁଁ ଡରିଯାଏ !!!
ଡରିଯାଏ , ମୁଁ ନିଶ୍ଚିହ୍ନ ହେବା ଭୟରେ ।

ଝାଉଁବନ ,ଜହ୍ନରାତି ସବୁ ଥାଇ
ବେଳେବେଳେ ମାତି ଉଠେ ମାତାଲ୍ ପବନ ।

ଲାଗେ ତୁମେ ମିଶିଯିବ ମୋ ଛାତିରେ ,
କାହିଁକି କେଜାଣି ମୋତେ ବେଳେବେଳେ ଭୟ ଲାଗେ
ତୁମ ଭୟଙ୍କର ଗର୍ଜନରେ ,

କାଳେ ତୁମେ କୂଳ ଲଙ୍ଘିଯିବ ବିନା ଦ୍ୱିଧା
ଆଉ ବିନା ସଙ୍କୋଚରେ !!!

ଗ୍ରାମ - ରାମଦାସପୁର, ପୋଷ୍ଟ- କୋଲଣଗିରି
ଭାୟା - ଇନ୍ଦୁପୁର, ଜିଲ୍ଲା - ଯାଜପୁର
ପିନ୍ -୭୫୪୨୧୪
ଜନ୍ମ ତାରିଖ- ୦୩-୦୬-୨୦୦୦
ମୋବାଇଲ -୮୭୩୭୨୧୦୩୭୪
ଇ-ମେଲ- abhisekmohapatra0167@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୋଟି ଗୋଟି ସବୁ ମନେ ପଡ଼େ

ହରେରାମ ପଣ୍ଡା



କାହିଁ କେତେ ଦୂରେ ରହିଲାଣି ଯାଇଁ
ମୋ ପିଲାଦିନର ପୁରୁଣା କଥା ,
ଗୋଟି ଗୋଟି ଆଜି ସବୁ ମନେପଡେ
ଲାଗୁଛି ମନକୁ ଦାରୁଣ ବ୍ୟଥା ।
ଝାଟିମାଟି ଘର, ଚିତା ପକା କାନ୍ଥ
ଆଗରେ ଗୁହାଳ, ଠାକୁର ଘର ,
ଚାଳରେ କଖାରୁ, ପୋଇ ଡଙ୍କ ପୁଣି
ବାଡ଼ିରେ ପରିବା କେତେ ପ୍ରକାର ।
ବୋଉ ହାତରନ୍ଧା ଡାଲି, ଶାଗଭଜା ,
ମାଛ ଚୁଡୁଚୁଡା, ପତର ପୋଡ଼ା ,
ପରବ ଦିନରେ କେତେ ପିଠାପଣା
ଚକୁଳି, ଏଣ୍ଡୁରୀ, ମଣ୍ଡା, କାକରା ।
ଦୁନିଆଁ ଦାଣ୍ଡରେ ଚାଲିବାକୁ ବାବା
ଶିଖାଇଛନ୍ତି ମୋ ହାତକୁ ଧରି ,
କେତେବେଳେ କିଛି ଦୋଷ କରି ପୁଣି
ତାଙ୍କଠାରୁ କେତେ ଖାଇଛି ଗାଳି ।
ସାଙ୍ଗ ସାଥି ହୋଇ ସ୍କୁଲକୁ ଯାଇଛୁଁ
ବେଏଗ ବସ୍ତାନି ନେଇ କାନ୍ଧରେ ,
ବରଷା ଦିନରେ କାଗଜର ଡଙ୍ଗା
ଭସେଇଛୁ କେତେ ପାଣି ସୁଅରେ ।
ରଜରେ ବାଗୁଡ଼ି, ଫଗୁଣରେ ହୋଲି
କୀର୍ତ୍ତନ, ଜନ୍ତାଳ, ପାରେନା ଭୁଲି ,
ଲଗାଇଛୁ ଗଛ ମଙ୍ଗଳା ଡିହରେ
କରିଛୁ ନାଟକ ସଭିଏଁ ମିଳି ।
କେତେ ରାଗରୁଷା, ମାନ ଅଭିମାନ ,
ରହିଲାଣି ଯାଇଁ କେତେ ଦୂରରେ ,
ଭୁଲି ନାହିଁ ମନୁଁ ଭୁଲି ହେବ ନାହିଁ
ଗୋଟି ଗୋଟି ସବୁ ମନରେ ପଡେ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ, ମେରଦା କାଟିଆଛକ , ଯାଜପୁର ।
ଦୂରଭାଷ : ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ରୂପ ଦେଖି

ଜୟନ୍ତ କୁମାର ମଲ୍ଲିକ



ତୁମ ରୂପ ଦେଖି ଆଖିଯାଏ ଲାଖି
ମନରେ ପୀରତି ବାସେ
ଆମ ମିଳନରେ ମଧୁର ମୁହୂର୍ତ୍ତ
ଭାବନାକୁ ଫେରି ଆସେ ।
ଇଚ୍ଛାହୁଏ ତୁମ ସାଥେ ଗପିବାକୁ
ପୁରୁଣା ଦିନର କଥା
ଆମ ବିଛେଦର ଅଶୁଭ ଦିନଟି
ଭାରାକାନ୍ତ କରେ ମଥା ।
ଫଗୁଣ ଆସୁଛି କୋଇଲି ଭାଷୁଚି
ତୁମେ ଆସୁନାହଁ ଖାଲି
ଆମ ପ୍ରେମ ଏବେ ପାଲଟି ଯାଇଛି
ସାହାରାର ମରୁବାଲି ।
ଫୁଲ ଓଠେ ଗେଲ କରେ ପ୍ରଜାପତି
ଭ୍ରମର ବି ମଧୁ ଶୋଷେ
ପୀରତି ତୃଷାରେ ଝୁରି ମରୁଅଛି
ମୁଉଁ ଆଜି କେଉଁ ଦୋଷେ ।

ଶୂରଡିହ,ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ:-୯୪୩୭୮୭୫୭୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କେବେ ସେମିତି ନ ହେବି

ନିରଞ୍ଜନ ସାହୁ



ଭାବୁଛ କି ତୁମେ ତୁମ କଥା ଶୁଣି
ତୁମକୁ ଦୂରେଇ ଦେବି
ସତ କହୁଛି ମୁଁ ତୁମ ପରି ମୁହିଁ
କେବେ ସେମିତି ନ ହେବି ?

ଯାହାକୁ ଦିନେ ମୁଁ ହୃଦୟକୁ ଖୋଲି
ଏତେ ପାଇଥିଲି ଭଲ
ଯିଏ କହିଥିଲା ମୋର ପାଇଁ ତୁମେ
ହେଉଅଛ କଲବଲ
ମୋତେ ପାଇବାକୁ ଯିଏ ଆଶା କରି
ଶିବ ପାଦ ଥିଲା ସେବି ।

ସୁବିଧା ଦେଖିକି ଫାଇଦା ନେଇନି
କଦାପି ନେବାର ନାହିଁ
ଗୋଟେ ଜନ୍ମ କ'ଣ ସାତ ଜନ୍ମ ପାଇଁ
ତୁମ ବାଟ ଥିବି ଚାହିଁ
ଏହି ଜନମର ଦୁଃଖ ସହିବାକୁ
ମୁହଁ ମୁଁ ଫେରଇ ନେବି ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ:-- ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଆ ଜାତିର ମାଆ

ପ୍ରଦୀପ୍ତ କୁମାର ଦାସ



ପୂଜ୍ୟା ରମାଦେବୀ ଚୌଧୁରୀ ଥିଲେ ତ
ଓଡ଼ିଆ ଜାତିର ମାଆ -
ମୁକ୍ତି ସଂଗ୍ରାମର ବଢ଼ିଲା ନଈରେ
ସାଜିଥିଲେ ନିଜେ ନାଆ,
ଗୋପାଳ ବଲ୍ଲଭ ଦାସ ଥିଲେ ପିତା
ବସନ୍ତ କୁମାରୀ ମାତା -
ଉଭୟଙ୍କ କୋଳେ କରି ଲୀଳା ଖେଳା
ଦେଇଥିଲେ ଶାନ୍ତି ବାର୍ତ୍ତା,
ଅଠରଶ ଅନେଶ୍ୱତ ଡ଼ିସେମ୍ବର
ତିନି ତାରିଖରେ ସେତ -
କଟକ ଜିଲ୍ଲାର ସତ୍ୟଭାମାପୁରେ
ଜନ୍ମିଥିଲେ ଧରି ନେତ,
ଉତ୍କଳଗୌରବ ମଧୁସୂଦନ ଯେ
ଥିଲେ ତାଙ୍କ ବଡ଼ବାପା -
ସାରା ରାଇଜରେ ଥିଲେ ଜଣାଶୁଣା
ତାଙ୍କ କଲେକ୍ଟର ବାପା,
ଓଡ଼ିଆ ସଂସ୍କୃତ ହିନ୍ଦୀ ବଙ୍ଗଳାଦି
ଭାଷାକୁ ଆୟତ୍ତ କରି -
ଘରୋଇ ଭାବରେ ପଢ଼ି ମନଦେଇ
ହୃଦେ ଥିଲେ ଜ୍ଞାନ ଭରି,
ଗୋପବନ୍ଧୁ ଚଉଧୁରୀ ବାବୁ ଥିଲେ
ତାଙ୍କର ସୁଯୋଗ୍ୟ ପତି -
ଦୁହିତା ସାଜିଣ ଦୁଇକୁଳ ହିତେ
ବଳାଇ ଥିଲେ ସେ ମତି -
ତାଙ୍କରି କୋଳରେ ଜାତ ହୋଇଥିଲେ
ଅନ୍ନପୂର୍ଣ୍ଣା ମନ୍ମୋହନ -
ସୁକନ୍ୟା ସୁପୁତ୍ର ଭାବେ ଦୁଇଜଣ
ଥିଲେ ତାଙ୍କ ପ୍ରାଣଧନ,
ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରମା -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବୀ ହୋଇ ପ୍ରଭାବିତ -
ମୁକ୍ତି ସଂଗ୍ରାମର ପବିତ୍ର ପଥରେ
ହେଉଥିଲେ ପ୍ରଧାବିତ,
ବହୁ ଦାମୀ ତିଜ ସାଥେ ଦୁଇଶହ
ଭରି ସ୍ଵର୍ଣ୍ଣ ଅଳଙ୍କାର -
ଗାନ୍ଧୀଙ୍କ ସ୍ୱରାଜ ପାଣ୍ଠି ପାଇଁ ସେଯେ
ଦେଇଥିଲେ ଉପହାର,
ଶସ୍ତା ଦେଶୀ ଶାଢ଼ୀ ପିନ୍ଧି ଶରଧାରେ
ମାତିଥିଲେ ସଂଗ୍ରାମରେ -
ବିଦେଶୀ ଜିନିଷ ବରଜନ ପାଇଁ
କହୁଥିଲେ ଘରେ ଘରେ -
ଆଇନ୍ ଅମାନ୍ୟ ଆନ୍ଦୋଳନ ଅବା
ଲବଣ ସତ୍ୟାଗ୍ରହ -
ସବୁଥିରେ ଥିଲେ ସିଏତ ସଂପୃକ୍ତ
ରଖିଥିଲେ ତ ଆଗ୍ରହ,
ଗାନ୍ଧୀଙ୍କର ହିନ୍ଦୀ ଭାଷଣ ଶୁଣିକି
କହୁଥିଲେ ଓଡ଼ିଆରେ -

ଆଶ୍ରମ ସ୍ଥାପନ କରିଥିଲେ ଗୋଟେ
ସେସମୟେ ବରୀ ଠାରେ,
ଭୂଦାନ ଯଜ୍ଞଟି ସଫଳତା ଲାଭ
କରିଥିଲା ତାଙ୍କ ଲାଗି -
ଦେଶ ଜାତି ହିତେ ନିଜ ଚିନ୍ତା ଭୁଲି
ସାଜିଥିଲା ଶ୍ରେଷ୍ଠ ତ୍ୟାଗୀ,
ଚୀନ୍ ଭାରତର ସମର ସମୟେ
ଯବାନଙ୍କ ସେବା କରି -
ମୁ ମୂର୍ଷୁ ମାନଙ୍କୁ ବଞ୍ଚାଇ ଥିଲେ ସେ
ଅନ୍ତରେ ମମତା ଭରି,
ଭାରତୀୟ ଗଣତନ୍ତ୍ରର ସମ୍ମାନ
ରକ୍ଷା କରିବାର ପାଇଁ -
ସଂଗ୍ରାମୀ ନାରୀ ନେତିରୀ ଭାବରେ
ଯାଇଥିଲେ ସେତ ଧାଇଁ -
ଆଦର୍ଶ ସ୍ଥାନୀୟା ନାରୀ ଭାବେ ଅଗ୍ର-
ଗଣ୍ୟା ଥିଲେ ରମାଦେବୀ -
ସଭିଏଁ କହନ୍ତି ସାରା ଓଡ଼ିଶାରେ
ସେ ସଚ୍ଚା ସମାଜସେବୀ ।

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର
ମୋ - ୯୪୩୭୮୫୪୧୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାଧବ ବୋହୁ

ସୁନିତା ମହାନ୍ତି



ଗ୍ରୀଷ୍ମ ଚାଲିଗଲା ବରଷା ଆସିଲା
ବହିଲା ଶୀତଳ ବାଆ
ଧରଣୀ ହସିଲା ଓଦା ସରସର
ପଣତ ଭିଜାଇ ଆହା ।

ସବୁଜିମା ନେଇ ହସୁଛି ଧରଣୀ
ମୁକ୍ତି ତାର ଉତ୍ତାପରୁ
ଘାସ ବୁଦା ସବୁ ସବୁଜ ରଙ୍ଗରେ
ମହକ ଚହଟେ ଫୁଲରୁ ।

ସେହି ଫୁଲେ ବସି ସାଧବ ବୋହୂଟି
ନାଲି ଟୁକୁ ଟୁକୁ ଦେହ
ଥିରି ଥିରି ଚାଲି ରାଜ କୁମାରୀର
ଦେଖିଲେ ଲାଗଇ ମୋହ ।

ଭାରି ଇଛା ହୁଏ ଧରିବାକୁ ତାକୁ
ହାତ ଲାଗି ଉଡି ଯାଏ
କିଏ ସେ ଗଢିଛି ରାଜ କୁମାରୀ କୁ
ପଚାର ଲାଜେଇ ଯାଏ ।

ସାଧବ ବୋହୁ ଯେ ଭାରି ସୁଲକ୍ଷଣି
ସୂଚାଏ ଶୁଭ ବାରତା
ଅଧିକ ଫସଲ ହୋଇବ ରାଜ୍ୟରେ
ଅଛି ଆମ ଲୋକ କଥା ।

ରୂପ ଲାବଣ୍ୟକୁ ବିହି ଗଢ଼ିଛି ଯେ
ସାଧବ ବୋହୂ ନାମଟି
ଧରଣୀ ମାଆର କୋଳେ ଖେଳି ବୁଲି
ମୌସୁମୀ ଦେଇଛି ଭେଟି ।

ଆଜି ଅଛି କାଲି ଲୁଚି ଯିବ କାହିଁ
ଧରଣୀ ମାଆ କୋଳରେ
ଦେଖିବା ସପନ ହେବ ସେ ଆଗକୁ
ମୌସୁମୀରେ ମନ ଝୁରେ ।

କେନ୍ଦ୍ରାପଡ଼ା, ଆଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଫଳତାର ଚାବିକାଠି

ବସନ୍ତ କୁମାର ପ୍ରଧାନ



ସଫଳତାର ଚାବିକାଠି ଅଟେ
ଆମରି ଏହି ଯେ ମନ,
ଦୃଢ଼ ଇଛା ଶକ୍ତି ପୁରୁଷାର୍ଥ ବଳେ
ଅସାଧ୍ୟ ହୁଏ ସାଧନ ।୦।

ଏହି ମନ ଯଦି ହୁଏ ଦୁରୁବଳ
ଜୀବନରେ କେବେ ମିଳେନା ସୁଫଳ,
ଆତ୍ମ ବିଶ୍ୱାସର ଅସୀମ ଶକତି
ହୋଇଥାଏ ପ୍ରୟୋଜନ ।୧।

ଯେତେ ବାଧା ବିଘ୍ନ ଆସୁ ଏ ଜୀବନେ
ଅଗ୍ନି ପରୀକ୍ଷା ଦେବା ହେବ ଦିନେ,
ଆସୁ ଦୁଃସମୟ ନୋହି ଅସହାୟ
ହୋଇବା ଆମେ କଠିନ ।୨।

ଇଚ୍ଛା ଶକ୍ତି ଠାରୁ ନାହିଁ କିଛି ଶ୍ରେଷ୍ଠ
ସେହିତ ଦେଖାଏ ଆଲୋକର ବାଟ,
ଯେତେ ସେ କଠିନ ହେଉ ପରିସ୍ଥିତି
ହେବା ଆମେ ଶକ୍ତିମାନ ।୩।

ହରିହରପୁର, ଛେଣ୍ଡିପଦା, ଅନଗୁଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଖିରୁ ଖୋଲିଲି ପଟି

ଶିଶିର କୁମାର ପଣ୍ଡା



କରି କରାଉଛ ତୁମେ ତୁମେ ସିନା ପ୍ରଭୁ
ହେଲେ ମୁଁ ହେଉଛି ଘାଣ୍ଟି
ଯେତେ ଚାହିଁଲେ ବି ମୁକୁଳି ପାରୁନି
ତୁମେ ଧରୁଅଛ ଆଣ୍ଟି ।
ଏଇତ ସଂସାର ମାୟା
ପିଲା ଥିଲାବେଳେ ଭାରି ଭଲଥିଲି
ଏବେ କହିଲେଣି ବାୟା ।

ମଶାଣୀରେ ବାମ ପାଦ ମୋ ରହିଛି
ଡାହାଣ ରହିଛି ଘରେ
କେତେବେଳେ କିଏ ହୁଗୁଳା ହୋଇବ
ସେକଥା ଭାବି ମୁଁ ଡରେ ।
ଚାହିଁଲେ ପାରୁନି ଜାଣି
ପିଲାପିଲି ,ନାତି , ନାତୁଣୀଙ୍କ ମୋହ
ଜବର ଧରୁଛି ଟାଣି ।

ଭଲ ଲାଗୁନାହିଁ ଆଉ ଏ ବନ୍ଧନ
ଅରଜିଲି ଯେତେ ଯାହା
ଶେଷକାଳେ ସବୁ ବୁଝି ମୁଁ ପାରୁଛି
ବାହାରେ ଦୁନିଆଁ ବାହା ।
ଆଖିରୁ ଖୋଲିଲି ପଟି
ନେଇଯାଅ ପ୍ରଭୁ ତୁମରି ପାଖକୁ
ବୟସ ଗଲାଣି ହଟି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୂର୍ଣ୍ଣଚ୍ଛେଦ

ସବିତା ନାୟକ



ମନର ସେଇ "ପ୍ରଶ୍ନଚିହ୍ନ"
ଯେବେ ସଂପୂର୍ଣ୍ଣ "ପୂର୍ଣ୍ଣଚ୍ଛେଦ"ରେ ପରିଣତ ହେବ,
ସେବେ ହୁଏତ "ମିଳନ" ନହେଲେ "ବିଚ୍ଛେଦ"
ମୋ'ରି ଦ୍ୱାର ଖଟଖଟେଇବ।
ଆଉ ହୁଏତ ସବୁଦିନ ପାଇଁ "ବିଦାୟ" ଚିଠା ଲେଖାହେବ,
ଯାହା ଅପ୍ରେରିତ ରହିବ।
ନା ଥିବ "ତୁମେ" ଆଉ ନା ଥିବି "ମୁଁ" ।
କିନ୍ତୁ ହଁ "ତୁମେ" ତ ରହିବ ଜୀବିତ ମୋ କାଳିରେ,
"ମୋତେ" କିନ୍ତୁ ଲିଭା ଯିବ ନଚେତ୍ କାଢି ଦେଇ ଫିଙ୍ଗା ହେବ ତୁମ "ପ୍ରେୟସୀ ପ୍ରଣୟରେ..."
ସେ ଆବଦ୍ଧ କରିନେବ ତୁମକୁ ସବୁଦିନପାଇଁ
ଆଉ ମୁଁ
ସ୍ମୃତିରେ ସାଉଁଟୁଥିବି ଅତୀତକୁ, ଜାବୁଡ଼ି ଧରି ସେସବୁ ଲେଖାକୁ ଗଭୀର ଚୁମ୍ବନଟେ ଦେଇ, ଲୁହରେ ଓଦା ହେଉଥିବା ଦୁହେଁ ବାସ୍ତବେ "ମୁଁ" ଆଉ ଅବାସ୍ତବେ ସ୍ମୃତି ଜରିଆରେ "ତୁମେ" ।
ସେ ନାହିଁନଥିବାର ଯନ୍ତ୍ରଣା ତୁମକୁ ଅଜଣା...
ଗୋଟେ "ଅନ୍ତିମ ବିଦାୟ"ର ପତ୍ର
ଏମିତି ଅପ୍ରେରିତ ରହିଯିବ।
ମୋ ମନର ସେଇ "ପ୍ରଶ୍ନଚିହ୍ନ",
ଯେବେ ସଂପୂର୍ଣ୍ଣ "ପୂର୍ଣ୍ଣଚ୍ଛେଦ"ରେ ପହଞ୍ଚିବ...

ଜିଲ୍ଲା:- କେନ୍ଦୁଝର,ଗ ଗ୍ରାମ–ଟୁଣ୍ଡୁଟୁଣା
ପୋ:–ସରେଇ,ଥାନା:–ଚମ୍ପୁଆ, ପିନ:–୭୫୮୦୪୧

Listen to Odia Podcast Original at https://youtube.com/@drjyotiprasad

# ଦରଦୀ

ବିନୟ ମିଶ୍ର



ଦରଦୀ କି କେବେ

ଦରଦ ଦିଅଇ

ଦର ଦର ପ୍ରୀତି ତାର,

ନିଜେ ସିନା ଜଳେ ଜଳାଏନା କାରେ

ଦରଦୀ ହୃଦୟ ତାର, ।

ବନ୍ଧୁତାର ଶିରୀ

ସମ୍ପର୍କର ଝର

ମମତା ବନ୍ଧନ ପ୍ରୀତି,

ଦରଦୀ ପ୍ରାଣକୁ

ଶିକ୍ତ କରୁଥାଏ

ମଧୁ ସ୍ୱପ୍ନେ ବିତେ ରାତି ।

କୋହ ଦିଏ ନାହିଁ ମୋହରେ ସେ ବନ୍ଧା

ଖୋଜୁଥାଏ ଖାଲି ମନ,

ଶରୀର ପଛକେ

ଦୂରେ ରହିଥାଉ

ସମ୍ବନ୍ଧ ତାହାର ପ୍ରାଣ ।

ନିଆଳ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

# ଜଗତରେ ଦେଖିନାହିଁ ଏମିତି ଠାକୁର

ଇତିଶ୍ରୀ ଶତପଥୀ



ଶ୍ରୀମନ୍ଦିରେ ବିରାଜିତ ମୋ ଜଗା କାଳିଆ
ହୃଦ ଜିଣି ନିଏ ଭାବ ବିନୋଦିଆ ।।

ତୁଳସୀ ତୁଳସୀ ବାସ ଛୁଟେ ଶ୍ରୀକ୍ଷେତ୍ର ଧାମ
କଳ୍ପବଟେ ବସି ଭଜୁଥିବି ଶ୍ରୀହରି ନାମ ।।

ତୋ ପୟର ଧୂଳି ମଥାରେ ବୋଳି ମୁହିଁ
ଜୀବନର ଚଲାପଥେ ଚାଲିବି ସାଇଁ ।।

ତୁମ ସାମ୍ରାଜ୍ୟରେ ଟିକି ସୁମନଟେ ମୁହିଁ
ମୋ ହୃଦ ସ୍ପନ୍ଦନ ତବ ପାଦ ପଦ୍ମେ ଥାଉ ରହି ।।

ଜଗତରେ ଦେଖିନାହିଁ ଏମିତି ଠାକୁର ଟିଏ
ହସ୍ତ ନଥାଇ ମଧ୍ୟ ମହାବାହୁ ବୋଲାଉ ଥାଏ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ଡଃ ତାନଶ୍ରୀ ପାଣିଗ୍ରାହୀ



ମାନବ ଅଟଇ ଈଶ୍ୱରଙ୍କ ସୃଷ୍ଟି
ତା ଜୀବନ ମୂଲ୍ୟବାନ
ଜୀବନ ରାସ୍ତାରେ କେତେ ଝଡ଼ ଝଞ୍ଜା
ବିଚଳିତ କରେ ମନ...

ଦୁର୍ବଳ ହୋଇ  ଖୋଜେ ସେ ସାହାରା
ହୋଇଯାଏ ବାଟବଣା
ଆଶାର ଶୈଶଙ୍କ ହୋଇ ଯାଏ ଚୁନା
ମନ ହୁଏ ଆନମନା...

ଭାବର ନଈରେ ନିରାଶା ଜୁଆର
ଅଜାଣତେ ଯାଏ ଆସି
ବଞ୍ଚିବାର ଆଶା କ୍ଷଣିକ ମିଳାଏ
ଆନ୍ଦୋଳିତ ହୁଏ ବେଶୀ...

ଅସହାୟ ମନ ଲୁଚାଇ କାନ୍ଦେ
କାହାକୁ କହେ ନାଁ କିଛି
ନିଜ ଶରୀରକୁ ଦିଏ ସେ ଯାତନା
ମୃତ୍ୟୁକୁ କରେ ସାଥୀ...

ଜନ୍ମ ଓ ମୃତ୍ୟୁ ପୂର୍ବ ନିର୍ଦ୍ଧାରିତ
ବିଧାତାଙ୍କ ବରଦାନ
ଆତ୍ମହତ୍ୟା ଏକ ଘୃଣ୍ୟ ଅପରାଧ
କରିବା ନାହିଁ ଗ୍ରହଣ...

ଆତ୍ମହତ୍ୟା ନୁହେଁ ସମାଧାନ ରାସ୍ତା
ଅଟଇ ସେ ମହାପାପ
ଧୈର୍ଯ୍ୟ ସାହସ ଦୃଢ ମନୋବଳେ
ଜାଳିବା ବିଜୟ ଦୀପ ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ଦେବେନ୍ଦ୍ର ନାୟକ



ଆତ୍ମହତ୍ୟା ମହାପାପ ଜାଣି ମଧ୍ୟ
ଶ୍ରେଷ୍ଠ ଜୀବ ଏ ମଣିଷ
କେଉଁ କର୍ମ ଫଳ ପାଇଁ କରି ବସେ
ଆତ୍ମହତ୍ୟା ଭଳି ଦୋଷ ।
ମଣିଷ ଜୀବନେ ଉତ୍ଥାନ ପତନ
ଆସିଥାଏ କର୍ମ ନେଇ
ଚଉରାଅଶୀ ଥର ଜନ୍ମ ନେଇଥାଏ
ଈଶ୍ୱରଙ୍କ ବାଣୀ ଏହି ।
ଶ୍ରେଷ୍ଠ ଜୀବ ହୋଇଥିଲେ ବି ମଣିଷ
ଭୋଗେ ଅସହ୍ୟ ଯନ୍ତ୍ରଣା
ସେହି ଯନ୍ତ୍ରଣାକୁ ବେଶି ଭାବିନେଇ
ହୋଇଯାଏ ବାଟବଣା ।
କଣ କରିବି ମୁଁ କେମିତି ବଞ୍ଚିବି
ଏହି କଥା ଭାବି ଭାବି
ବଞ୍ଚିବାର ଚାବି ଖୋଲି ପାରେନାହିଁ
ହଜାଏ ନିଜର ଛବି ।
କିଏ ପରିବାର କିଏ ସମାଜରୁ
ପାଏ ଅସହ୍ୟ ଆଘାତ
ଆତ୍ମହତ୍ୟା ରାସ୍ତା ଆପଣାନ୍ତି ପୁଣି
ହରାନ୍ତି ନିଜ ଅସ୍ତିତ୍ୱ ।
ଆୟୁଷର ବଳ ଯଦି ଥାଏ କାର
ମରୁମରୁ ବଞ୍ଚି ଯାଏ
ଅନେକ ଯନ୍ତ୍ରଣା ପାଇଥାଏ କିନ୍ତୁ
ଯାହା ଦେଖେଇ ନ ହୁଏ ।
ସମସ୍ତଙ୍କୁ ମୋର ଅନୁରୋଧ ଏକ
ନ ଯାଅ ଏହି ପଥରେ
ଚାଲିଯିବା ଲୋକ ଚାଲିଯାଏ ସିନା
ଅନେକ ଆତ୍ମାଙ୍କୁ ମାରେ ।
ସବୁ ସମସ୍ୟାର ସମାଧାନ ବାଟ
ଆତ୍ମହତ୍ୟା ରେ ନଥାଏ
ମଣିଷ ଜନମ ଦେଇଛନ୍ତି ପ୍ରଭୁ
ଏ କଥା ନ ଭୁଲ କିଏ ।

ମିଟୁଆଣୀ,ଠାକୁରମୁଣ୍ଡା,ମୟୂରଭଞ୍ଜ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

କଳ୍ପନା ବିଦ୍ଧାଣୀ



ଆତ୍ମହତ୍ୟା-------

ଅପରାଧ ଡାଏରୀର

ଅନ୍ୟ ଏକ ଘୃଣ୍ୟ ପୃଷ୍ଠା ସାଜି

ଲହୁରେ ଲେଖା ସେ ଶବ୍ଦ

ଆଖିର ଲୁହରେ ଭିଜି ଭିଜି।

ଆତ୍ମହତ୍ୟା--------

ଅନୁଚିତ ଅମାନବୀୟ

ଜୀବନର ଭୁଲ୍ ସିଦ୍ଧାନ୍ତ

ଦୁର୍ବଳ ମୂହୂର୍ତ୍ତର ଭୁଲ୍ ପାଇଁ

ହୃଦୟରେ କରେ ବିରାଟ କ୍ଷତ।

ଆତ୍ମହତ୍ୟା--------

ସୃଷ୍ଟିର ବିରୁଦ୍ଧାଚରଣର

ଏକ ଜ୍ୱଳନ୍ତ ଉଦାହରଣ

ପାଗଳାମୀର ପରିଭାଷା କୁ ନେଇ

ସେ ଏକ ମୂଖ୍ୟ କାରଣ ।

ଆତ୍ମହତ୍ୟା------

ଅସହାୟ, ବିବଶତା ଭରା

ନିଃସଙ୍ଗ ବିଳାପର ବାର୍ତ୍ତା

ବିଚାରର ଚକ୍ର ବିହ୍ୟୁରେ

ବୁଦ୍ଧି, ବିବେକର ହତ୍ୟା ।


ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ସଂଯୁକ୍ତା ସାହୁ



ଏ ସୃଷ୍ଟିରେ ମଣିଷ ଜୀବନ ଦୁର୍ଲ୍ଲଭ
ବିଧି ବିଧାତାଙ୍କ ଉପହାର
ସବୁ ଦେଇଦେଇଛନ୍ତି ନିର୍ବିଘ୍ନରେ
କରିବାକୁ ଯେତେ ବ୍ୟବହାର ।
ଜ୍ଞାନ,ବୁଦ୍ଧି,ବିବେକ,ଧୈର୍ଯ୍ୟ,ବିଚାର
ସହନଶୀଳତାର ଗୁଣ
ସତ୍ୟ ,ଧର୍ମ , ଶାନ୍ତି, ପ୍ରେମ,ସଦିଚ୍ଛା
ପୁଣି ସୁନ୍ଦର ଚରିତ୍ରବାନ୍।
କଳ୍ପନାରେ ବଞ୍ଚିବା କି ବାସ୍ତବରେ
ବିଚରଣ କରିବା ସ୍ୱପ୍ନରେ
ଏ ସବୁକୁ ସ୍ଥିର ମୁଣ୍ଡରେ ଚିନ୍ତା କରି
ଚାଲିବା ଉଚିତ ବାଟରେ।
କାମନା ,ବାସନା,ବନ୍ଧନ ମୋହରେ
ପଡ଼ି ଘାଣ୍ଟି ହେଉଥିଲେ
ମାନସିକ ଆବେଗ ବଢ଼ି ବଢ଼ି ଯାଏ
ଯଦି ବିଫଳ ହୋଇଗଲେ ।
ମାନସିକତା ଅବାଟରେ ଯାଉ ଯାଉ
ଆତ୍ମହତ୍ୟାକୁ ବାଛି ନେଉଛି
ସମୟ ଏବେ ଉଶୃଙ୍ଖଳ ଭରା ରେ
ବିଚାର ଶକ୍ତି କମି ଯାଉଛି ।
ଜନମ ନେଇଛ କଣ ନିଜ ହାତରେ
ନିଜେ ମରିବା ପାଇଁ ?
କିଛି ନ ଭାବି ଅଯଥାରେ କାହିଁକି
ଏମିତି ବିକଳ୍ପ ନେଇ ।
ତୁମେ ଏ ସୁନ୍ଦର ପୃଥିବୀକୁ ଆସିଛ
କର୍ମ କରି ଜୀବନ କାଟିବା
କାହା ପାଇଁ କିଛି ଭଲ କାର୍ଯ୍ୟ କରି
ଏ ସଂସାରୁ ବିଦାୟ ନେବା ।
ତେଣୁ କେବେ ବି ଆତ୍ମହତ୍ୟା ପଥ
ବରିବାକୁ ଯାଅ ନାହିଁ
ଯେତିକି ସମୟ ରହିଛ ଧରଣୀରେ
ଅବରୋଧ ଯାଅ ଡେଇଁ ।

ରାହାମା, ଜଗତସିଂହପୁର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ବସନ୍ତ କୁମାର ପାଣୀ



ମର୍ତ୍ତ୍ୟରେ ମାନବ ଜନ୍ମ ଭଗବାନଙ୍କ ଦାନ,
ଅନେକ ଜନ୍ମ ତପସ୍ୟାର ଫଳ ମାନବ ଜନ୍ମ,
ତାହାକୁ ଏତେ ସହଜରେ ଶେଷ କରିଦେବା
ଆମେ କେଉଁ ଅଧିକାରରେ ।
ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ
ସମ୍ମୁଖୀନ ହେବାକୁ ପଡେ ଭିନ୍ନ ଭିନ୍ନ ପରୀକ୍ଷାର,
କଷଟି ପଥରରେ ସୁନା ପରଖିଲା ପରି
ଭଗବାନ ପରୀକ୍ଷା ନେଉଥାଆନ୍ତି ଆମର
ଦୁଃଖ ଯନ୍ତ୍ରଣା କଷ୍ଟ ମାନ ଅପମାନର କଷଟି ପଥରରେ,
ଧୈର୍ଯ୍ୟର ସହ ଯିଏ ସହିଯାଏ
ଜୀବନର ପ୍ରତ୍ୟେକ ଘାତ ପ୍ରତିଘାତକୁ
ସିଏ ହିଁ ପ୍ରକୃତ ସୁନା
ବିଜୟର ଟିକା ଶୋଭାପାଏ ତାହାର ମସ୍ତକରେ ।
ଦୁଃଖ ଯନ୍ତ୍ରଣା କ'ଣ ଆସିନଥିଲା ସୀତାଙ୍କ ଜୀବନରେ,
ଅପମାନ କ'ଣ ହୋଇ ନଥିଲା କୁଳବଧୂ ଦ୍ରୌପଦୀଙ୍କୁ,
ସେ କ'ଣ ଚାହିଁଥିଲେ କରି ପାରିନଥାନ୍ତେ ଆତ୍ମହତ୍ୟା,
ଆମେ ତାଙ୍କଠାରୁ କେଉଁ ଗୁଣରେ ବଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମର ଅପମାନ, ଆମର ଦୁଃଖ କ'ଣ ତାଙ୍କଠାରୁ ଅଧିକ ।

ତେବେ ଆମର ଧୈର୍ଯ୍ୟର ବନ୍ଧ ଏତେ ଦୁର୍ବଳ କାହିଁକି,

ଆମେ ଆଜି କାହିଁକି ବାଛି ନେଉଛୁ

ଏପରି ଘୃଣିତ ପଥକୁ

ଏପରି ଅଭିଶପ୍ତ ବିଚାରକୁ ।

ପିତାମାତା,ଭାଇ ବନ୍ଧୁ, ପ୍ରିୟ ପରିଜନ ପାଇଁ

ରହିଛି ଆମର କିଛି କର୍ତ୍ତବ୍ୟ,

ଆମଠାରୁ ବିଶେଷ କିଛି ଆଶା କରିଥାଆନ୍ତି ସେମାନେ ।

ସର୍ବୋପରି ଭଗବାନଙ୍କର ପ୍ରେରିତ ଜୀବ ଭାବରେ

ତାଙ୍କର ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବା

ଆମର ପରମ କର୍ତ୍ତବ୍ୟ ।

ତେଣୁ,

ହେ ଜୀବଜଗତର ଶ୍ରେଷ୍ଠ ଜୀବ, ମାନବ !

ଆତ୍ମହତ୍ୟା କରି ଆତ୍ମାର ହତ୍ୟା କରନା

ଭଗବାନଙ୍କ ନିକଟରେ ନିଜକୁ ଦୋଷୀ ସାବ୍ୟସ୍ତ କରନା ।

ଆତ୍ମହତ୍ୟା ମୁକ୍ତିର ପଥ ନୁହେଁ

ବରଂ ନର୍କର ଦ୍ୱାର ।

ଭେରୁଣିଆ, ଢେଙ୍କାନାଳ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ରୀତାରାଣୀ ଦାଶ



ମନୁଷ୍ୟ ଚେତନା ବ୍ୟକ୍ତିକୈନ୍ଦ୍ରିକତା
ଆକାଶଚୁମ୍ବୀ ଆଶାରେ
ମନ,ଦେହ,ବୁଦ୍ଧି ଇନ୍ଦ୍ରିୟର ସ୍ତର
ଅଟକି ଯାଏ ନିମ୍ନରେ
ସେ ଆତ୍ମ ହତ୍ୟାର ଶିକାର,
ହାରି ଜୀବନରେ ଜୀବନ ହରାଏ
କପଟ ପଶା ଖେଳରେ ।୧

ଜଡ ଚେତନାର ସମ୍ମିଶ୍ରିତ ପ୍ରାଣ
ପ୍ରକୃତିର ଅବଦାନ
ସଫଳତା ଆଉ ବିଫଳତା ଦ୍ୱାହି
ବିନାଶିବା ଭୀରୁ ଗୁଣ
ଆଶା ନିରାଶା ଦୁଃଖ ସୁଖ,
ଆବେଗରେ ବାନ୍ଧି ନୈରାଶରେ ଛନ୍ଦି
ଭୁଲଇ ବୁଦ୍ଧି ବିବେକ ।୨

ମାନସିକ ଚାପ ଆଶାହୀନ ଭାଗ୍ୟ
ମନର ଅସନ୍ତୁଳିତା
ଉପାୟ ନ ପାଇ ଅସହାୟ ବୋଧେ
ବାଛିନିଏ ମୃତ୍ୟୁ ରାସ୍ତା
ଚାନ୍ଦମୁହଁ ଯେ ସୌମ୍ୟାଶ୍ରୀ,
ଆରମ୍ଭ ହୋଇନି ଜୀବନର ଯୁଦ୍ଧ
ଚକ୍ରବ୍ୟୂହେ ଗଲା ଫସି ।୩

ଚପଳ ମତିରେ ସହି ପାରିଲାନି
କୁଇଙ୍ଗିତ ଗୁରୁଙ୍କର
ସାଙ୍ଗ ସାଥୀଙ୍କର ଟାହି ଓ ଟାପରା
ବିଗାଡିଲା ମଥା ତାର
କେନ୍ଦ୍ରୀଭୂତେ ଚରିତ୍ରର,
କଳଙ୍କର ଦାଗ ଲଗାଇ ହସିଲେ
କରିଲେ ଅପପ୍ରଚାର ।୪

ଶିକ୍ଷାଳୟ ଅଟେ ମନ୍ଦିର ସଦୃଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେବତା ତହିଁରେ ଗୁରୁ
କୁଦୃଷ୍ଟି କୁବାକ୍ୟ ପ୍ରଭାବରେ ବାଧ୍ୟ
ଜଳାଇ ମାରି ମୂଳରୁ
କଳିରେ ବିପରୀତ ନୀତି,
ଶାଗୁଣା ବିଲୁଆ ଚିକିତ୍ସକ ସାଜି
ଆତ୍ମଦାହର ନିଷ୍ପତି ।୫
ସର୍ବ ଗୁଣେ ସୁନା ଥିଲୁ ସୁଲକ୍ଷଣା
ମନୋହାରୀ ଝିଅ ତୁହି
ଆତ୍ମହତ୍ୟା ଅଟେ ମହାପାପ ବୋଲି
ଜାଣି କି ନଥିଲୁ ସେହି
ବାର ମୁହଁରେ ସତର କଥା,
ଛଅ ମାସ କାଳ ନିର୍ଯ୍ୟାତନା ସହି
ଘୁରି ହୋଇଲୁ କି କ୍ଲାନ୍ତା ।୬
ନାରୀ ଦେହ ଲୋଭୀ ନର ରାକ୍ଷସର
କବଳୁ ମୁକତି ପାଇଁ
ନ୍ୟାୟ ପାଇଲାନି ଆଇନ ଦ୍ୱାରରୁ
ଅବେଳରେ ଗଲା ଶୋଇ
ଆତ୍ମହତ୍ୟା ସେ କରିଦେଲା,
ଛୁଇଁବା ଲାଳସା ସ୍ୱପ୍ନ କରିଦେଇ
ନିଜ ଦେହ ଜଳାଇଲା ।୭
ଦଗ୍ଧ ଶରୀରର ଭିଡିଓ କରିଲେ
ଡାକ୍ତର ମିଥ୍ୟା ଚେହେରା
ଏମ୍‌ସ ପଠାଇବା ରାଜନୀତି ଥିଲା
ସବୁ ଏକଭାଡ଼ି ପାରା
ପ୍ରବଞ୍ଚନା ସବୁ ପାପୀର,
ସକଳେ ଭୁଲିଲେ ଏ କଳିଯୁଗରେ
ବଶିଭୂତ ଯେ ଅର୍ଥର ।୮
ବାପାମାଆ କୋଳ ଖାଲି କରି ଗଲୁ
ଦେଇ ଆଜୀବନ ଲୁହ
ଆତ୍ମହତ୍ୟା କଷ୍ଟ କାହା ପ୍ରାଣ ନେବ
ହରାଇ ତାଙ୍କର ଝିଅ
ନିଜ ଅସମ୍ମାନ ଜ୍ୱାଳାରେ,
ଭୁଲ ପଥଟିଏ ବାଛିନେଲୁ ତୁହି
ଜୀବନର ପ୍ରାରମ୍ଭରେ ।୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ସନ୍ତୋଷିନୀ ଦାଶ



ନିଜେ ବଞ୍ଚିରହି କରି ପାରିଥିଲେ
ଦୋଷୀକୁ ଦଣ୍ଡ ବିଧାନ
ତେବେ ସିନା ଝିଅ ହୋଇ ପାରିଥାନ୍ତା
ସମସ୍ୟାର ସମାଧାନ

ନିଜ ଉପରେ ତୁ ଅଭିମାନ କରି
କଲୁ ଜୀବନର ଇତି
ତୋ ମୃତ୍ୟୁକୁ ନେଇ କେତେ ଆଲୋଚନା
ଚାଲେ ଶସ୍ତା ରାଜନୀତି

ଆତ୍ମହତ୍ୟା କେବେ ନୁହଇ ଲୋ ଝିଅ
ସମସ୍ୟାର ସମାଧାନ
ଏ କଥାକୁ ବୁଝି ନ ପାରି ତୁ ଆଜି
ହେଲୁ କେତେ ହୀନିମାନ

ପିତାମାତା କଥା ଭାବିଲୁନି ଥରେ
କରିଲୁ ତାଙ୍କୁ ଅନାଥ
ଭୋକିଲା ଥିଲେ ବି ତୋର ବିନା ତାଙ୍କ
ପାଟିକୁ ଯିବ କି ଭାତ ?

କେତେ ଆଶା କରି ବଢାଇ ଥିଲେ ସେ
ରଖିବୁ ତାଙ୍କର ନାମ
ଆତ୍ମହତ୍ୟା କରି ସାରି ଦେଲୁ ସବୁ
ବିଧି ହେଲା ସତେ ବାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଡ଼େ ମୂଲ୍ୟବାନ ମଣିଷ ଜୀବନ
ବିଧାତାଙ୍କ ବରଦାନ
ବୁଝି ନ ପାରିକି ଆଜି ଯୁବଗୋଷ୍ଠୀ
ମଣୁଛନ୍ତି ମୂଲ୍ୟହୀନ

ଧୈର୍ଯ୍ୟ ଆଉ ଦୃଢ଼ ମନୋବଳ ରଖି
ସମସ୍ୟାର ସମାଧାନ
କରି ପାରିଲେ ହିଁ ସାର୍ଥକ ହୋଇବ
ମହୀରେ ଏହି ଜୀବନ

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ଶୋଭାମୟୀ ପତ୍ରୀ



ଆଲୋ ହେ ବୋକି,

ତତେ ଆଉ କେତେ ଦିନ ଲାଗିବ ନିଜକୁ ଚିହ୍ନିବାକୁ କହ ତ ?

ତୁ କୋମଳ ସତ କିନ୍ତୁ ଦୁର୍ବଳା ନୁହେଁ କି ଅବଳା ନୁହେଁ,

ତୁ ପରା ନିର୍ଭୟା.....,

ତୁ ସତ୍ୟ, ଦ୍ୱାପର, ତ୍ରେତୟା, କଳି ଆଦି ଯୁଗମାନଙ୍କ ସମିଶ୍ରଣର ଦେବୀଟିଏ,

ତୁ ପରା ଯୁଗାନ୍ତକାରୀ ଯୋଗଜନ୍ମା.....

ତୁ କାଳୀ,ତୁ ଯାଜ୍ଞସେନି, ତୁ ଲକ୍ଷ୍ମୀବାଇ ତୁ ଗାର୍ଗୀ,

ନିଜକୁ ସୁରକ୍ଷା ଦେବାପାଇଁ ତୋର ପୁଣି କେଉଁ ଅସ୍ତ୍ରର ପ୍ରୟୋଜନ,

ତୁ ପୁଣି ଖୋଜୁଛୁ କାହାର ସାହାରା.... ?

କେମିତି ବିନିଯାଉଛୁ ତୁ ଏତେ ଅସହାୟା,

ଏଇଥି ପାଇଁ କଣ ସମାଜ ସାଙ୍ଗରେ ଯୁଝି ତତେ ଘନ ଅନ୍ଧାରରୁ ଅଣାଯାଇଥିଲା ଶିକ୍ଷାର ଆଲୋକ ପଥକୁ......,

କୋଉ ଅଭିଧାନରୁ ଟାଣିଆଣି ସେଇ ଶବ୍ଦ ଗୁଡା ଖଞ୍ଜି ଦେଇଛୁ ତୋ ମଗଜ ଭିତରେ,

ଆତ୍ମହତ୍ୟା, ଆତ୍ମହୁତି.........,

ମାନୁଛି ଯୁଗ ଯୁଗରୁ ତୁ ସଂଘର୍ଷମୟୀ ହେଲେ ପେଟ୍ରୋଲ, କିରୋସିନି, ଏସିଡ୍ ଏସବୁ ତୋର ଶେଷ ପରିଣତି ନୁହେଁ ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବେ କେବେ ତ ନିଜକୁ ବିଶ୍ଳେଷଣ କରି କି ଦେଖ୍,

ତୋ ଭିତରେ  ମହଜୁଦ ଅଦମ୍ୟ ଶକ୍ତି ସାହସ ହିଁ ସଂସାରର ସମସ୍ତ ଦୁଷ୍ଟ ଶକ୍ତିମାନଙ୍କୁ ଆୟତକରିବାକୁ ଯଥେଷ୍ଟ ।

ତୋ ଆଖିରୁ ଝରୁଥିବା ଲୁହ ପାଇଁ କାହାରି ହାତ, ପଣତ କି କାହାରି ଦୟାର ଆବଶ୍ୟକତା ପଡିବ ନାହିଁ,

ତୁ ଏକା ହିଁ ଚଉଦପା  ।

ପୋଛି ଦେ ତୋ ଛାତିକଳାପଟରୁ ସଙ୍କୋଚ, ଡର,ଭୟଆଦିଙ୍କୁ,

ଲିଭାଇ ଦେ ତୋ ଚିନ୍ତନରେ ଥିବା ମୁକ୍ତିମାର୍ଗର ନକ୍ସା,

ଆତ୍ମହତ୍ୟା, ଆତ୍ମହୁତି  ଆଦି କଳଙ୍କିତ ଶବ୍ଦମାନ ତୋ ଆଗରେ ଖୁବ୍ ନଗନ୍ୟ ହୋଇପଡିବ  ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆତ୍ମହତ୍ୟା

ରତ୍ନ ମହାନ୍ତି



ଜନମ ମରଣ ନୁହେଁ କା ଅଧୀନ
ବାଟେ ଆସେ ବାଟେ ଯାଏ
ତଥାପି ମଣିଷ ଘାଣ୍ଟି ହେଉଥାଏ
ଜୀବନ ଥିବାର ଯାଏ . (୧)

ବିବେକ ଓ ବୁଦ୍ଧି ଖଟାଇ ମଣିଷ
ଭଲ ମନ୍ଦ କର୍ମ କରେ
ପ୍ରଂଶସାରେ ମନ ହୁଅଇ ଆନନ୍ଦ
ଅପବାଦେ ଦୁଃଖ ସରେ (୨)

ଦୁନିଆଁ ଟା ପରା ସ୍ୱାର୍ଥପର ଅଟେ
ସ୍ୱାର୍ଥ ପଛେ ଧାଇଁ ଧାଇଁ
ସ୍ୱାର୍ଥରେ କାହାର ବାଧା ଉପୁଜିଲେ
ଅପବାଦ ଦେଇଥାଇ (୩)

ମାନ ଅପମାନ ବୋଝ ବୋହି ବୋହି
କଳଙ୍କର ଟୀକା ଲାଗେ
ଜୀବନ ପଥରେ ଚାଲି ଚାଲି ସିଏ
ଜୀବନେ ଯନ୍ତ୍ରଣା ଭୋଗେ (୪)

ମରଣଠୁ କଷ୍ଟ ଅଟେ ଅପବାଦ
ସହି ହୁଏ ନାହିଁ ପରା
ଶେଷେ ଆତ୍ମହତ୍ୟା କରଇ ସିଏରେ
ତ୍ୟାଗ କରିଯାଏ ଧରା (୫)

ଆତ୍ମହତ୍ୟା କରି ଜାଳି ଦିଅଇରେ
ମଣିଷ ପଣିଆ ସବୁ
ଜୀବନରେ ଭରେ ନୈରାଶ ବାଦରେ
କାହାକୁ ବା ଦୋଷ ଦେବୁ (୬)

ଆତ୍ମହତ୍ୟା ଅପବାଦ ଛଡାଏରେ
ଜୀବନର ସୁଖ ଶାନ୍ତି
ନିନ୍ଦା ଅପବାଦ ମିଳେ ସମାଜରୁ
ଭରେ ଜୀବନେ ଅଶାନ୍ତି (୭)


ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ବିଦ୍ୟୁତପ୍ରଭା ମିଶ୍ର



ଭାଙ୍ଗିପଡେ ଯେବେ ହୃଦୟକାହାର
ଆହା ସାହା ନାହିଁ ମିଳେ
ଆତ୍ମହତ୍ୟା ପଥ ଆପଣାଇ ଥାନ୍ତି
ଅନେକ ଜୀବନ କାଳେ ।
ଆତ୍ମହତ୍ୟା ନୁହେଁ କେବେ ଶେଷ ପନ୍ଥା
ବୁଝିବା ଉଚିତ ସର୍ବେ,
ଦୋଷୀ ର ଦୋଷକୁ ପ୍ରମାଣ ନକଲେ
ନ୍ୟାୟମିଳେ ନାହିଁ କେବେ ।
ଶାନ୍ତି ପାଇବ କି ଆତ୍ମାଟି ତୁମର
ଆତ୍ମହତ୍ୟା ପଥେ ଯାଇ,
ସ୍ୱର ଉତ୍ତୋଳନ ନକରିବ ଯଦି
ଲାଭ କିଛି ମିଳେ ନାହିଁ ।
ଯୁଝିବା ଉଚିତ ଅନ୍ୟାୟ ସହିତ
ଦିନେ ସତ ଯିବ ଜଣା,
ମୁହଁ କୁ ଖୋଲିଲେ ଜାଣିବେ ସଭିଏଁ
ଦୋଷ ଟି କାହାର ସିନା ।
ଏକଜୁଟ ହୁଅମୋ ଭଉଣୀ ଭାଇ
ହାତରେ ହାତ ମିଳାଅ,
ଅନ୍ୟାୟ ନସହି ଅନ୍ୟାୟୀ ମାନଙ୍କ
ମୁହଁରେ ଜବାବ ଦିଅ ।।
ଏକତା ଅଟଇ ସବୁର ମନ୍ତ୍ର
ରଖନା କିଛି ଲୁଚାଇ,
ଚରିତ୍ରଟି ଠାରୁ ଜୀବନରେ ବଡ଼
ଆଉତ କିଛି ରେ ନାହିଁ ।
ମାନବ ଜୀବନ ଅଟଇ ଦୁର୍ଲଭ
ହାର ନାହିଁ ଅବେଳରେ,
ଯୁଝିବା ଉଚିତ ନିଜ ପାଇଁ ସଦା
ଧୈର୍ଯ୍ୟ ଧରି ହୃଦୟରେ ।
ଈଶ୍ୱର ଅଛନ୍ତି ତୁମ ସପକ୍ଷରେ
ମନୋବଳ ହାର ନାହିଁ,.
ଦୋଷୀକୁ ନିଶ୍ଚୟ ଦଣ୍ଡ ଦେବେ ପ୍ରଭୁ
କର୍ମରେ ତାଙ୍କ ଦେଖାଇ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ଭାସ୍କର ରାଉତ



ଜନମ ମରଣ ପୂର୍ବ ନିର୍ଦ୍ଧାରଣ
ତହୁଁ ଅନ୍ୟଥା ନୋହିବ
ଆସିବା ପଥକୁ ଯିବାର ପଥକୁ
କେହି ରୋକି ନପାରିବ।
ଆଧୁନିକ ହୋଇ କହନ୍ତି ବଢ଼ାଇ
ବିଜ୍ଞାନ ଆଜି ଉନ୍ନତ
ବିଜ୍ଞାନ ବଳରେ ଜୀବ ବଞ୍ଚି ପାରେ
ଏକଥା ଅଟଇ ସତ।
ଚିକିତ୍ସକ ଯେତେ ଲାଗିଣ ସମସ୍ତେ
କହନ୍ତି ଉନ୍ନତି କରେ
ତହୁଁ କିଛି କ୍ଷଣ ଅବା କିଛିଦିନ
ଅନ୍ତେ ସେ ମୃତ୍ୟୁକୁ ବରେ।

ଆତ୍ମ ହତ୍ୟା କରି ନପାରେ କେ ମରି
ଅଛନ୍ତି ସେ ବଞ୍ଚିକରି
ସମୟ ସାରଣି ନିର୍ଦ୍ଧାରିତ ପୁଣି
ଚାଲିଥାଏ ସେତ ଘୂରି।
ସମୟ ସରିଲେ ଫେରିଯିବ ଭଲେ
ରୋକି ନ ପାରନ୍ତି କେହି
ସମୟ ଥିଲେ ଟି କେ ତାକୁ ନେବଟି
ଶମନ ଦେଖି ଡରଇ।
ସମୟ ଟି ଯେହି କାଳ ସାଜି ସେହି
ଅଘଟଣ କୁ ଘଟାଇ
ମହାକାଳ ରୂପେ ଆସିଣ ସମୀପେ
ତାହାକୁ କୋଳେଇ ନେଇ।
ଏ ମାୟା ସଂସାରେ ମାୟା ପଟଳରେ
ଛନ୍ଦି ହୋଇ ଏହି ନର
ବିଭିନ୍ନ ପ୍ରକାର କରନ୍ତି ବିଚାର
ମୃତ୍ୟୁ ହୋଇଲେ କାହାର।

ଦେବମାୟା ଭବନ, ଶେରଗଡ଼,ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆତ୍ମହତ୍ୟା

କାହ୍ନୁ ଚରଣ ପାଣିଗ୍ରାହୀ



ମଣିଷ ଜୀବନ ଅଟଇ ଦୁର୍ଲଭ
ଈଶ୍ୱରଙ୍କ କୃପା ଲଭି
ଜୀବନ ଯାତ୍ରାରେ ସହାୟକ ହୁଏ
ଅତୀତକୁ ଅନୁଭବି

ବିବେକ ବୁଦ୍ଧି ଅଟଇ ଦୁଇ ବଡ ଶକ୍ତି
ଦେଇଥାଏ ମନେ ଶାନ୍ତି
ଠିକଣା ସମୟେ ପ୍ରୟୋଗ କରିଲେ
ମିଳେ ଆତ୍ମଶାନ୍ତି ଓ ପ୍ରଶାନ୍ତି

ସତ୍ ଚିନ୍ତନ ସଦାଚାର ବିଚାର ବଳେ
ନଥାଏ ଅସାଧ୍ୟ କିଛି
ମନୋବଳ ଯଦି ଭାଙ୍ଗି ଯାଏ ଥରେ
ମାଡି ଆସେ ଦୁର୍ଗତି

ନକାରାତ୍ମକ ଭାବନା ମନରେ ପଶଇ
ସୁସ୍ଥ ମନେ ଅଲକ୍ଷ୍ମୀ ବସେ
କେତେ କେତେ କୁଭାବନା ଜନମି
ଜୀବନେ ଜଞ୍ଜାଳ ଗ୍ରାସେ

ଆଶା ନିରାଶା ଜୀବନ ଛନ୍ଦେ ଭରା
ବୁକୁର ବ୍ୟଥା ଲୁହ ଅସରା
କେବେ ପୁନେଇ ତ କେବେ ଉଆଁସ
ଏ ତ ଜୀବନ ଗତିଧାରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁର୍ବଳ ମୁହୂର୍ତ୍ତେ ହୃଦୟ ଫାଟି ପଡେ
ଭଲମନ୍ଦ ବୁଝି ନପାରି
ଚରମ ନିଷ୍ପତ୍ତି ଆପଣେଇ ଚକିତ କରେ
ଆତ୍ମହତ୍ୟାକୁ ନିଏ ଆଦରି

ସବୁ ଭାବନା, ପରିକଳ୍ପନା ଆଶା ସ୍ୱପ୍ନ
କ୍ଷଣିକରେ ଶେଷହୁଏ
ଆତ୍ମୀୟ ସୋଦର ଆଖିରେ ଲୁହ ଝରାଇ
ନିନ୍ଦା ଆପଣେଇ ନିଏ

ଜୀବନ ର ଚଲାପଥ ଅଟେ କଣ୍ଟକିତ
ନୁହଁଇ ସୁଗମ ସହଜ
ସାବଧାନ ହୋଇ ଅତିକ୍ରମ କରିବାରେ
ଜୀବନେ ମିଳେ ଆନନ୍ଦ

ମନ ତଳର ଗହନ ଉଦବେଳନରେ
କୋହର ଢେଉ ଉଠଇ
ସମ୍ଭାଳି ନପାରି ତୁଛ ମଣେ ଜୀବନ
ଆତ୍ମହତ୍ୟା କରି ବସଇ

ଆତ୍ମହତ୍ୟା ନୁହେଁ ସମାଧାନ ରାସ୍ତା
ଲଢିବାରେ ସଫଳତା
ଜୀବନ ସଂଗ୍ରାମେ ଜୟ ପରାଜୟ
ଆସିବାରେ କିପାଁ ବ୍ୟସ୍ତତା

ଆତ୍ମହତ୍ୟା ଅଟେ ଦୁର୍ବଳ ମାନସିକତା
ନିବୃତ୍ତ ରହିବା ଏଥୁ
ଧୈର୍ଯ୍ୟ ସାହାସ ଜୀବନ ଯାତ୍ରା ରେ
ଭରି ଦେଇଥାଏ ବେପଥୁ

ସତ୍ୟବିହାର ରସୁଲଗଡ଼, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତ୍ମହତ୍ୟା

ପ୍ରେମଲତା ଦେବୀ



ଆତ୍ମ ହତ୍ୟା ନୁହ ଖାଲି ନିଜ ହତ୍ୟା
ମରଣ ସ୍ୱଇଚ୍ଛା ଜାତ
ମରଣ ତ ପରା ଅବଶ୍ୟମ୍ଭାବୀ
ଅଟଇ ଟି ମହାପାପ ।
ଜୀବନ ଯୁଦ୍ଧରେ ପରାଜିତ ନର
କରଇ ଆତ୍ମ ହନନ
ପଳାୟନ କରେ ଜୀବନ ଯୁଦ୍ଧରୁ
କରି ଆତ୍ମାକୁ ହନନ୍ ।
ଜାଣେନା ବିଚାର ଆତ୍ମହତ୍ୟା କଲେ
ଅଛି ଅନ୍ୟ ଜନ୍ମ ମାନ
ଭୋଗିବ ନିଶ୍ଚିତ ନିଜ କର୍ମ ଫଳ
ଚାରିଗୁଣ କରି ଜାଣ ।
ମନୁଷ୍ୟ ଜନ୍ମର ସାର୍ଥକତା ସେଠି
ଯେଉଁଠି ମଣିଷ ପଣ
ଦୟା କ୍ଷମା ସତ୍ୟ ସେବା ତ୍ୟାଗ ସବୁ
ମିଳିବ ସେଥି ସୁଫଳ ।

ଯେଉଁ ନର କରେ ମିଥ୍ୟା ଆଚରଣ
ସେ ଯେ ଏକ ଘାତି
କୃପଣ, ଦୂର୍ଦ୍ଧସ୍, ନିର୍ଦ୍ଦୟ ସବୁ ତ
ରହିଥାନ୍ତି ମହପାପୀ ।
ଶରୀର ତ୍ୟଗିବା ନୁହ ଆତ୍ମ ହତ୍ୟା
ଯାହାକି ଅତି ନଗଣ୍ୟ
ମାନବ ପଣିଆ ହରାଇବସିବା
ଅଟେ ଆତ୍ମହତ୍ୟାସମ ।
ଦୁର୍ବଳ ସମୟ ଦୁର୍ବଳ ମନ କୁ
କିଞ୍ଚିତ କରିଲେ କାବୁ
ଆତ୍ମ ହତ୍ୟା ସମ ଘୋର ପାତକରୁ
କିଞ୍ଚିତ ରକ୍ଷା ପାଇବୁ ।

ଆନ୍ଧ୍ରପ୍ରଦେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରଭୁ ତୁମ ଅପେକ୍ଷାରେ...

ସୁମିତ୍ରା ନାଏକ



ପ୍ରଭୁ ତୁମ ଅପେକ୍ଷାରେ......
କାହିଁ କେତେ ଦିନୁ ଅପେକ୍ଷା କରିଛି ମଣିମା
କେବେ ଲାଗିବ ତୁମ ଡୋରି,
ମନ ମୋହର ବ୍ୟାକୁଳ ହେଲାଣି
ଦେଖିବାକୁ ତୋର ଶ୍ରୀକ୍ଷେତ୍ର ପୁରୀ ।।

ଦୁଃଖସୁଖ ମିଶା ଏଇ ମୋ ଜୀବନେ
ତୁ ହିଁ ଏକା ନାୟକ
ତୁମେ ଯଦି ମୋତେ କରିବ ଅଣଦେଖା
କିଏ ହେବ ସହାୟକ ।।

ମିଛମାୟା ସଂସାରେ ଲାଗୁନାହିଁ ମନ
ଖୋଜୁଛି କାଳିଆ ତୋତେ
କେତେ ଆଉ ମୋର ପରୀକ୍ଷା ନେବୁ ତୁ
କୋଳକରି ନେ ମୋତେ ।।

ଜଗତଟା ସାରା ଶୁଭୁଅଛି ସିନା
ଜୟ ଜଗନ୍ନାଥ ନାମ
ଦୁଃଖର ଭାରକୁ ସହି ମୁଁ ପାରେନା
ରକ୍ଷା କର ଜଗନ୍ନାଥ ।।


ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ଦେଇ ବଡ଼ ସାହସୀ

ପ୍ରଦୀପ ମହାନ୍ତ



ସ୍ମୃତିର ସୂତା ଘିଅ ମିଶା ନଇଟିକୁ ଯେବେ...
ଡେଇଁ ଡେଇଁ ହୁଏ ପାର !
ତୋ କଥା ଦେଇ ବହୁ ମନେପଡେ...
ହୋଇଯାଏ ଅଟତ ଆକୁଟ ତୋର !! ୧

ସେହି କଥା ଦେଇ ଭାରି ମନେପଡେ..
ଯେବେ ତୁ କନ୍ଦେଇ ଦେଉ !
ମାଆ ପରି ପୁଣି ହସେଇ ବାକୁ ତୁ...
କିଛିବି କରି ଥାଉ !! ୨

ବଡ଼ ଦେଇ ପୁଣି ସାଙ୍ଗ ତୁ ମୋର...
ଲାଗେ ମୋତେ ସବୁ ବେଳେ !
ସବୁ ବିପଦରେ ତୋତେ ମୁଁ ଦେଖେ ଲୋ...
... ତୁ ଅଛୁ ଦେବୀ ଭଉଣୀ,
ମୋ ପାଖେ ସବୁ ବେଳେ !! ୩

ଅଭାବରେ ଥିଲେ ମୁଁ...
ତୁ ତୋ ଅଧିକ ସାଜୁ ଦାଉ !
ମୋ ପକେଟରେ ପଇସା ନୋ ଥିଲେ...
ତୁ" ଭରି କରି ଦେଉ !! ୪

ରାଗ ପାଇଁ ନୁହଁ ପ୍ରେମ ପାଇଁ ତୁହି...
ହକ ଜମେବାକୁ ତାରୁ !
ସେହି କାରଣ ତୋ' ମୋତେ ଆକର୍ଷିତ...
ଏ ସମ୍ପର୍କ କେବେ ନ' ସରୁ !! ୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ ମିଥ୍ୟା କେତେ ମୋ ଅଭିମାନ...
ସହି ଯାଇଛୁ ତୋ ତୁହି !
ମୋ ହୃଦୟର କଥା. ଓଠରୁ ନୋ' ଶୁଣି...
ବୁଝି ଯାଉଥାଉ ଏକା... ତୁହି !! ୬

ଘର ଅଗଣାର ଗୋଲାପ ସହିତ...
ତୁ ତା' ପରି ନରମ !
ପୁଣି' ମୋ ଉପରକୁ କଥା ଉଠିଗଲେ...
ହୋଇ ଉଠୁ ତୁହି ଗରମ !! ୭

ମୋ ଜୀବନର ପ୍ରଥମ ଶିକ୍ଷିକା...
ତୁ ଧରାଇଲୁ ଖଡ଼ି !
ତୋ ପାଇଁ ମୁଁ କିଛିବି କରିବି...
ତୁ କହିଲେ" ମୁଁ ଯିବି ଉଡ଼ି !! ୮

ତୋ ଆଖିର ଲୁହ ମୁଁ ଦେଖିନୋ ପାରଇଁ...
ତୋ ଖୁସି ପାରଇ ଦେଖି !
ମୁଁ ହସି ହସି କେବେ ମରିବି ତୋ କୂଳେ...
ଦିନ ଗଣେ ପୁଣି ସମୟ ମୁଁ ଦେଖି, ଦେଖି !! ୯

ତୋର ହସ ଭରା ଓଠ ଲୋ...
ଯେବେ ମୁଁ ତୋ ପାଖେ ବସେ !
ତୋର ଦୁଃଖ କଥା ଶୁଣି...
ଉପୁରୀୟା ମୁହିଁ ଖିଲି ଖିଲି ପୁଣି ହସେ !! ୧୦

ତୋ' ନାମ ପାଇଁ ମୋତେ ତୋ ଚିହ୍ନନ୍ତି...
ଏ ଟୋକା ତାର ଭାଇ !
ମିଛରେ କାରଣ ପୁଣି ବାହାନା ଲୋ...
ମୋତେ ମାରୁ ବୋଲି 'ମୁଁ ତୋର ସାନ ଭାଇ' !! ୧୧

କହିବି ତୋ ମୁହିଁ କଣ କହିବି ଲୋ...
କାଳୀ ମୋର ସରି ଯିବ !
ତୋ ବିଷୟରେ କାହିବାକୁ ଗଲେ..
'ଏ କବିତା କେବେ ନ' ସରିବ..
ଆଉ ଏ କବିତା କେବେ ନ' ସରିବ !! ୧୨

ଯୋଗାଯୋଗ - ୮୨୬୦୫୪୨୬୧୦
ଗ୍ରାମ - ଗିରିଙ୍ଗାମାଳି (କଦୁଅବନ୍ଦି)
ପୋ - କାଙ୍କଡ଼ପାଳ, ବ୍ଲକ୍ - ସୁକିନ୍ଦା
ପିନ୍ କୋଡ - ୭୫୫୦୧୮, ଜିଲ୍ଲା - ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଘୁଷୁରୀକୁ ପାଚିଲା କଦଳୀ

ରମେଶ ଟାକ୍ରୀ



ଭିନ୍ନ ଭିନ୍ନ ପ୍ରାଣୀ ତାଙ୍କ ମନ ଜାଣି
ଆହାର ନିଦ୍ରା ବି ରହିଛି
ସମସ୍ତଙ୍କ ପାଇଁ ଅଲଗା ଅଲଗା
ବଞ୍ଚିବା ବ୍ୟବସ୍ଥା ହୋଇଛି ।୧।

ଆହାର ବିହାର ଭିନ୍ନ ପ୍ରକାରର
ପଶୁ ପକ୍ଷୀ ପାଇଁ ରହିଛି
ବାସସ୍ଥାନ ମାନ ହୋଇଥାଏ ଭିନ୍ନ
ବିଶ୍ରାମ ବ୍ୟବସ୍ଥା ରହିଛି ।୨।

ଯିଏ ଯେଉଁ ପରି ଥାଆନ୍ତି ସେପରି
ଆଉକି ପାରିବ ବଦଳି
ଘୁଷୁରୀ ମୁହଁରେ ଦେଲେ ଆଦରରେ
ଖାଏ କି ପାଚିଲା କଦଳୀ ।୩।

ମଧୁର ଆହାର ନୁହେଁ ଟି ତହାର
ସେ ଖାଦ୍ୟକି ତାକୁ ରୁଚିବ
ମାଇଲା ଖାଇବା କାଦୁଏ ଗଡ଼ିବା
ଅଭ୍ୟାସ କୁଆଡ଼େ ଛାଡ଼ିବ ।୪।

ନିର୍ମଳ ଜଳରେ ସ୍ନାନ କର୍ମ ପରେ
ସଫା ସ୍ଥାନେ ଯଦି ରଖିବ
ତହିରେ ତାହାର ନଥାଏ ଆଦର
ପଙ୍କ କାଦୁଅରେ ଲୋଟିବ ।୫।

ସୃଷ୍ଟିର ରହସ୍ୟ ବୁଝିଲେ ଅବଶ୍ୟ
ଏମିତି କାହିଁକି କହିବା
ନିଜ ପାଇଁ ଖାଦ୍ୟ ଅନ୍ୟକୁ ଅଖାଦ୍ୟ
ଏହାତ ବୁଝାଇ ପାରିବା ।୬।

ଏ ବି ଇ ଓ ତେନ୍ତୁଲିଖୁଣ୍ଟି
ନବରଙ୍ଗପୁର


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୁଲିଯିବା ଆମ ତିକ୍ତ ଅତୀତ

ବିନୋଦିନୀ ଦାଶ



କଲେ ରୋମନ୍ଥନ ସୁଖଦଃ ସ୍ମୃତିକୁ
ସିନା ତନମନ ପୂରେ ଖୁସିରେ
ଭୁଲି ଯିବା ତାକୁ ଯଥାର୍ଥ ନୁହେଁ କି
ଯେଉଁ ଅତୀତ କି ତିକ୍ତତା ଭରେ ।

ବିତି ଯାଇଥିବା ସେହି ସ୍ମୃତିସବୁ
ଅଲୋଡା ଭାବିକି ପାରିଲେ ତ୍ୟାଗି
ବର୍ତ୍ତମାନ ଭବିଷ୍ୟତର ଜୀବନ
ହୋଇବ ନିଶ୍ଚୟ ସୁଖର ଭାଗୀ ।

ନିଜଠି ରଖିଲେ ବିଶ୍ୱାସ ଭରସା
ମନରୁ ସେସବୁ ହେବ ପାଶୋର
ଅବସାଦ କିବା ଅବସୋସ କେବେ
ଦେଖା ଦେବ ନାହିଁ ଜୀବନେ କା'ର ।

ଚାଲିଲେ ସମୟ ପରିସ୍ଥିତି ସହ
କେହି ବି ନିଇତି ତାଳ ମିଳାଇ
ହଜି ଯିବ ସେହି ପୁରୁଣା ଅତୀତ
ଯାହା ମନରେ ଯନ୍ତ୍ରଣା ଭରଇ ।

ମିଳିବ ନିଜକୁ ଅସୀମ ସାନ୍ତ୍ୱନା
ହୃଦୟ ସତେ କି ପାବନ ଗଙ୍ଗା
ସ୍ୱଚ୍ଛ ଆଉ ସୁସ୍ଥ ମନଟିଏ ଧରି
ଦିଶିବ କାହାର ମୁଖ ବି ରଙ୍ଗା ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିର୍ମଳ ନୀତି : ଖୁସି

ନିର୍ମଳ ନାୟକ



ଖୋଜୁଥିଲି  ଅଭିଧାନେ..
କଣ ହେବ ଖୁସି ମାନେ..
ହସ ଖୁସି  ପାରିଜନେ...
ଅନ୍ୟ ଖୁସିରେ  ସପନେ  ! !

ତିତିଲି ଫୁଲ  ସାମନେ...
ଗୁଣୁଗୁଣୁ  ସ୍ୱୟଂ ସ୍ୱନେ..
ମଧୁପ ଜମା ବାହାନେ..
ଫୁଲ ରୁଷେ ଅଭିମାନେ  ! !

ବାଲୁତ ର ଲବେ ହସି...
ଚୁତ ଡାଳେ ଶୋଭା କଷି
ତପସ୍ୟା ରେ ଅବା ଋଷି...
ସଂଗୀତ ସ୍ୱନେ ସରସୀ  ! !

ଅସିଲି ମାନେ ଖୋଜିଲି..
ଆତ୍ମସନ୍ତୁଷ୍ଟି  ପାଇଲି...
ଆତ୍ମିକ ଏକ ଜାଣିଲି..
ଅନ୍ୟ କୁ ଖୁସି ବାଣ୍ଟିଲି  ! !

ଈଶ୍ୱର ପ୍ରେମେ ପାଇଲି..
ଆତ୍ମ ଚିନ୍ତନ  ଜାଣିଲି..
ବୌଦ୍ଧବାଣୀ ପଢ଼ିଥିଲି..
କାମନା କୁ ବିନାଶିଲି   ! !

ଖୁସି ଅଟେ ମୂଲ୍ୟବାନ..
ଆତ୍ମସନ୍ତୋଷ ରେ ଧ୍ୟାନ
ପରିଜନରେ ବଣ୍ଟନ...
ପ୍ରାପ୍ତି କର ମହା ପୁଣ୍ୟ  ! !

୧୫୧, ନାଗାର୍ଜୁନ କଲୋନୀ
ନାରା ରୋଡ, ଜରିପଟକା
ନାଗପୁର ମହାରାଷ୍ଟ୍ର ୪୪୦୦୧୪
୮୨୭୫୩୩୭୮୦

Listen to Odia Podcast Original at https://youtube.com/@drjyotiprasad

# ଅଧୁରା ସ୍ୱପ୍ନ

ଗଗନ ବିହାରୀ ଷଡ଼ଙ୍ଗୀ



ସ୍ୱପ୍ନ ଦେଖିବାଟା, କେଡେ ଯେ ମହାନ
ଜୀବନ ହୁଏ ସାର୍ଥକ,
ସ୍ୱପ୍ନ ବାଟ କାଢ଼ି, ସୌରଭ ବିତରି
ଭରେ ଟି ନାନା ମହକ ।୧

ସବୁ ସ୍ୱପ୍ନ କେବେ, ପୂରଣ ହୁଏନି
କିଛି ରହେ ଟି ଅଧୁରା,
ସ୍ୱପ୍ନ ଦେଖି ତାର, ସଙ୍ଗେ କର୍ମ ବଳେ
ଅଚିରେ ହୁଅଇ ପୂରା ।୨

ମାତା ପିତା ଦୁହେଁ, ଦେଖିଥିଲେ ସ୍ୱପ୍ନ
ରୀତି ନୀତି ଶିକ୍ଷା ଦେଇ,
ସମ୍ପୂର୍ଣ୍ଣ ସଂସ୍କାରେ, ସନ୍ତାନେ ଗଢ଼ିବେ
କାଉଁରୀ କାଠି ଛୁଆଁଇ ।୩

ପେଟ ଭୋକ ମାରି, ସାତ ସିଆଁ ପିନ୍ଧି
ଭଲ ମୋ ପିଲେ ଖାଇଲେ,
ହେବେ ସେ ଅଜୟ, ରଖିବେ ସମ୍ମାନ
ମୁଣ୍ଡ କୁ ହାତ ପାଇଲେ ।୪

ଛୋଟ ବଡ ଭେଦ, ଭାବକୁ ଭୁଲିବେ
ଭାବ ଭକ୍ତି ସ୍ନେହେ ମଜି,
କୁଳ ଗଉରବ, ମାନ ମହତ କୁ
ରଖିବେ ଉଚ୍ଚରେ ସାଜି ।୫

ଦୀନଦୁଃଖୀଜନେ,ସେବାଭାବ ମନେ
ହୋଇବ ସଦା ଉଦ୍ରେକ,
ମାନବ ସେବା ହିଁ, ମାଧବର ସେବା
କରି ରଖିବେ ଟି ଟେକ ।୬

ସମୟ ଗଡିଲା, କାଳଟି ଗ୍ରାସିଲା
ସପନ କୁ ରାତି କାହିଁ ?
ସ୍ୱପ୍ନ ମାନ ତାଙ୍କ, ଅଧୁରା ରହିଲା
ଶେଷ ଇଛା ଗଲା ରହି ।୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥାପି ପିଲାଏ,     ଭାବିଲେ ମନରେ
    ପୂର୍ଣ୍ଣ ହେବ  ଶେଷ ଇଛା,
ଶ୍ରଦ୍ଧା ଭକ୍ତି ପ୍ରେମେ,  ଗୁଣ ଅନୁପମେ
    ପୂର୍ଣ୍ଣ କଲେ ମନ ବାଞ୍ଛା ।୮
ମାତା ପିତାଙ୍କର,      ସୁକୃତ କର୍ମର
    ହେଲା ଏବେ ଫଳବତୀ,
ତାଙ୍କରି ପଦାଙ୍କ,      ଅନୁସରଣରେ
    ତାଙ୍କ ସ୍ୱପ୍ନ ଆଣେ ପ୍ରୀତି ।୯

ବ୍ଲକ କଲୋନୀ, ଆଠଗଡ, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୋକେଇ

ମଲ୍ଲିକ ସିଂହ୍



ମାଟିର ଶରୀର ମାଟିରେ ମିଶିଵ
ପଞ୍ଚଭୂତେ ହେବ ଲୀନ
ଏନ୍ତୁଡ଼ି ଠୁ ଜୁଇ ସମୟ ଅବଧି
ଜୀବନ ଟା ମୋହାଛନ୍ନ ।

ଶୂନ୍ୟ ହାତେ ଆସି ଶୂନ୍ୟରୁ ଓହ୍ଲାଇ
ଶୁନେ ଯିବୁ ଶୂନ୍ୟ ପୁର
ବୃଥାଟାରେ କିଆଁ ନେତି ନେତି ହୋଇ
ଭ୍ରମି ହେଉ ବାର ବାର ?

ବୁଝିନୁ କି ସତ୍ୟ ସୃଷ୍ଟିର ମହତ୍ୱ
ଦେବତା ଜନ୍ମିଲେ ମରେ
ରହିନାହିଁ କେହି ରହିବେନି କେହି
ଭବରଙ୍ଗ ଭୁମି ତଳେ ।

ମିଛେ ମୋର ମୋର ସଭିଏଁ ନିଜର
ଛୁଟିଲେ ଘଟ କେ ନାହିଁ
ମୁର୍ଦ୍ଦାର ବୋଲାଇ ଦାହ କରିଦେବେ
ଡରିବେ ଦେଖି ତୋ ଛାଇ ।

ଧନ, ଦାରା, ସୁତ ଆବର ସମସ୍ତ
ଯେତେ ଅର୍ଜିଥିବୁ ତୁହି
କିଛି ହିଁ ତୋ ପାଇଁ ନହେବେ ଭାଜନ
ଏକା ଏକା ଯିବୁ ତୁହି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗରବକୁ ଥୋଇ ସରବ ଚିତ୍ତ ରେ
ଯଦି ଦେଇଥିବୁ ସୁଖ
ନୟନୁ ଲୋତକ  ଝରାଇ ତୋ ପାଇଁ
 କରୁ ଥିବେ ମନ ଦୁଃଖ ।

କୋକେଇରେ ଚଢି  ଗଲାବେଳେ ତୁହି
 ଜନେ ହେବେ କୁହା କୁହି
ପାପ ଓ ପୁଣ୍ୟ ର ପରିଧି ରୁ ମୁକ୍ତି
ହୋଇବୁ ତୁ ଯଶୋଦେହୀ ।

ଛ"ଖଣ୍ଡ କାଠ ରେ ଚାରି କାନ୍ଧ ଦେଇ
 ନେବେ ମଡ଼ାସଙ୍ଗୀ ଭାଇ
ସାତ ଘେରା ଦେଇ ରାମ ନାମ ସତ୍ୟ
ହରିବୋଲ ଦେଇ ଦେଇ।

ଜୋରକଣୀ, ଜଟଣୀ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜକୁ କଦାପି କରନା ଛୋଟ

ସନ୍ତୋଷ କୁମାର ସାହୁ



ଆଶା ଓ ବିଶ୍ୱାସ ଜୀବନେ ସର୍ବଦା
ଦେଖାଏ ସୁଗମ ବାଟ
ଫୁଲ ଠାରୁ ମଧ୍ୟ ଅତି ମନୋହର
ସଂସାରେ ଜୀବନ ହାଟ...

ଭୟଭୀତ ହେଲେ ସପନ ଭାଙ୍ଗିବ
ନିଜକୁ ଲାଗିବ ଛୋଟ
ନିର୍ଭୟ ଧର୍ଯ୍ୟରେ ମନକୁ ବାନ୍ଧିଲେ
ଦେଖିବା ବିଜୟ ବାଟ...

କାହା ସଫଳତା ଦେଖି କେବେ ନିଜେ
ମନକୁ ନଦେବା ମାରି
ନିଜ ମନବଳେ ଅଗ୍ରସର ହେବ
ଲକ୍ଷ୍ୟର ପଥକୁ ଧରି....

ସଫଳ ବିଫଳ ସୁଖ ଦୁଃଖ ସବୁ
ଜୀବନର ଚକ୍ର ପରି
ଉଚ୍ଚମନା ହୁଅ ଅସମ୍ଭବ ଯେତେ
ସମ୍ଭବ ଆଣିବ ଧରି...

ଛୋଟ ଗଛଟିଏ ଦିନେ ବଡ଼ହୋଇ
ଦେଖାଏ ତା କରାମତି
କ୍ଷୁଦ୍ର ଦୀପଟିଏ ତିମିର ହଟାଇ
ଆଲୋକିତ କରେ ରାତି...

ନିଜକୁ କଦାପି କରନାହିଁ ଛୋଟ
ସମାଲୋଚନା କୁ ଶୁଣି
ତୁମରି ଭିତରେ ଭରସାର ମନ୍ତ୍ର
ହୃଦୟରେ ଦିଅ ବୁଣି...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କି ଭାଗ୍ୟ

ଉମାକାନ୍ତ ଦାସ



କେଉଁ ଭାଗ୍ୟ ବଳେ
ଏ ଧରା ଧାମରେ
କବିଟିଏ କଲୁ ତୁହି,
କେଉଁ କାଳବଳେ
ଅଧମ ଭାଗ୍ୟରେ
ପାଠ କିଛି ଦେଲୁ ନାହିଁ ।।

ଶିକ୍ଷିତ ସମାଜେ
ସରମରେ ମରେ
ଏ କି କଲୁ ବିରଜାଇ,
ଯାହା ତୋର ଇଚ୍ଛା
ତୋହରି ଇଚ୍ଛାରେ
ବିଞ୍ଚିଛି ଜୀବନ ନେଇ ।।

କାହାଣୀ, କବିତା
ମୋ ମନ ମାଟିରେ
ଉଙ୍କି ଯେବେ ମାରୁଥାଇ,
ତୋ ନାମ ସୁମରି
କାଗଜ ବକ୍ଷରେ
ଶବଦକୁ ଦିଏ ଥୋଇ ।।

ପଦ୍‌ଯର ପାଦକ
ଅଷ୍ଟ ରତନରେ
ତା ରୂପ ଚମକୁ ଥାଇ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇନ୍ଦ୍ରଧନୁ ପରି
ଶୋଭଇ ଗଗନେ
ସାତ ରଙ୍ଗକୁ ତା ନେଇ ।।

ଦେଇ ନାହୁଁ ଜ୍ଞାନ
ଦେଇ ନାହୁଁ ଧନ
ଦୁଃଖିତ ନୁହଁଇ ମୁହିଁ
ହାତ,ଗୋଡ,ଆଖି
ରଖିଛୁ ସଶକ୍ତ
ଭୟଭୀତ ହୁଏ ନାହିଁ।।

ଦୟାରେ ତୋହରି
ସଂସାର ମୋହରି
ଭୋକେ କେବେ ରୁହେ ନାହିଁ,
ତୁହି ମାଆ ବିରଜା
ମୁଁ ଦାସ ତୋହର
ବଞ୍ଚିବି ତୋ ପାଦ ଧ୍ୟାୟି ।।

ଲାଲବାଗ, ଖାନନଗର, ଯାଜପୁର
ମୋ : ୯୮୭୩୨୩୬୪୪୧



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ହୃଦୟରେ ତୁମେ

ଲକ୍ଷ୍ମୀଆମ୍ମା ନନ୍ଦଡ଼ା

ପ୍ରିୟତ୍ତମ ମୋର,,,,

ହୃଦୟ ମନ୍ଦିର ସାଇତି ରଖିଛି

ତୁମ ପଟ୍ଟଚିତ୍ର

ନୀରବରେ ନିରୋଳାରେ ଯେବେ

ମୋ ଭିତର ମୁଁ ଚାହିଁଦିଏ

ଚମକି ଯାଇ ଶିହରଣ  ସାରା ଶରୀର

ଉଛୁଳି ଉଠେ ଉଲ୍ଲାସ ଭରି,

କୋମଳ ଶ୍ୟାମଳ କମନୀୟ ରୂପ

ତନ୍ଦ୍ରା ଭରା ଚକ୍ଷୁ ଯୁଗଳ,

କୋଟି ଜନ୍ମର ପୁଣ୍ୟଫଳ ମୋର

ହେ ହୃଦୟେଶ୍ୱର,

ସେ ନୟନ ମତେ ଚାହିଁ ଥିବ ଯେବେ

ସଜାଇ ହେବି ଅଙ୍ଗ ମୋର,

ମୁଣ୍ଡେ ଜୁଡ଼ା ବାନ୍ଧି

କବରୀରେ କୁସୁମ ସଜାଇ

ଲଲାଟେ ସିନ୍ଦୁର ବିନ୍ଦୁ

ଆଇନା ଦେଖି ହସି ଦେବି ସାଥୀ

ତୁମେ ଭରିଦେଇଥିବା

ସିନ୍ଥିରେ ପବିତ୍ର ସିନ୍ଦୁର ଦେଖି

ସଦା ସଦ୍ୟ ହୋଇ ଝକ ଝକ ଦିଶୁଥାଉ

ପାଦରେ ନୁପୁର,ପୁଣି ଅଳତା ଗାର,

ମଲ୍ଲୀ ଗଜରା ସୁବାସ ଯେତେ

ତୁମେ ଆସିବ କ୍ଳାନ୍ତ ଶରୀର ନେଇ,

ଚାହିଁଥିବି ଦ୍ୱାରବନ୍ଧ ଧାର କୁ

ଆଉଜି ହୋଇ ଦୂର ଦିଗବଳୟକୁ ଚାହିଁ

ଦୋଲକାଏ ପବନ ମୋ ମୁଖ ମଣ୍ଡଳ

ଅସ୍ତବ୍ୟସ୍ତ କରି କେଶ ଯେତେ,

ତୁମେ ଆସିଯାଅ ଧୀରେ ସୁସ୍ତେ

ପ୍ରାଣ ପାଇଯାଏ ସେଇକ୍ଷଣି କାହିଁକି କେଜାଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟ ମନ୍ଦିର ମୁରତି ସାମ୍ନା ରେ ଦେଖି
କଜଳ ନୟନ ଦୁଇ ଲାଜେଇ ଯାଏ
ମାଘ ଶୀତ ଲାଗେ ନିଦାଘ ତାତି,
ଟିପି ଟିପି ସ୍ୱେଦ ବିନ୍ଦୁ ସବୁ
ସିନ୍ଦୁର ବିନ୍ଦୁ ସହ ମିଶି ଚିକ ଚିକ
ଚମକ ଦିଅନ୍ତି ସେ କ୍ଷଣି,
କହିଦିଅ ତୁମେ ହସି ହସି ଫିଂ କରି
ଡେରି ହେଲାଣି କି ସଖୀ ! ? ?
ଧରିନେଇ ହାତ ପାପୁଲି ମୋର
ଗଣିଦେବ ଶଙ୍ଖା ଚୁଡ଼ିର ଅଙ୍କ ଯେତେ
ପରଷି ଥିବି ତୁମ ପସନ୍ଦର
ଖାଦ୍ୟ ଭରିଦେଇ ମନ ଥାଳିରେ
ତୁମ ସହ ପ୍ରୀତି ମିଷ୍ଟାନ୍ନ ପରଷି ପରଷି
ଗାଉଥିବା ପ୍ରେମର ଗଜଲ
ଗାଉଥିବା ପ୍ରେମର ଗଜଲ ! !

ବ୍ରହ୍ମପୁର, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କୁମୁଦିନୀ

ବେଣୁଧର ସୁତାର



ଚାରୁ ହାସିନୀ ମୁଁ ସଲିଳ ବାସିନୀ
ସୁଧାକର ପ୍ରିୟତମା
ସୌନ୍ଦର୍ଯ୍ୟତମା ମୁଁ
ଲାବଣ୍ୟ ମଞ୍ଜୁଳା
ଶଭ୍ରମୟୀ ଅନୁପମା ।।

ପ୍ରକୃତି ସ୍ୱରୂପା ମୁହିଁ ଦିବ୍ୟରୂପା
ଚାରୁ ହାସ୍ୟ ଲାସ୍ୟମୟୀ
ନବନୀତ ଅଙ୍ଗୀ ତୁଷାର ଧଳା
ନିଖିଳର ପ୍ରାଣ ଜୟୀ ।।

ମୁହିଁ ପ୍ରଣୟିନୀ ସୁଧାଂଶୁ ମୋହିନୀ
ନିଶିଥର ଫୁଲମତୀ
କୁମୁଦବତୀ ମୁଁ ପ୍ରକୃତି ତନୟା
ନିଶାକର ହୃଦ ଜ୍ୟୋତି ।।

କାମନା ଲୀଳାର କମନୀୟ ଛନ୍ଦ
ପ୍ରେମର ମୁକ୍ତା ବଳୀ
ଚାନ୍ଦ ଜୋଛନାର କାଉଁରୀପରଶେ
ଫୁଟେ ମୁଁ କୁମୁଦ କଳି ।।

ଜୀବନ ଯୌବନ ଅଭିସାରି ମନ
ଯାହା ପାଇଁ ଅଭିପ୍ରେତ
ମନ ସୌଦାଗର ପ୍ରଣୟ ରାସରେ
ତନୁ ମୋର ସମର୍ପିତ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୂର ନୀଳବ୍ୟୋମ ଦୂରେ ପ୍ରିୟତମ
ଧରଣୀରେ ମଧୁ ରାତି
ଶୃଙ୍ଗାର ରଚେ ମୁଁ ସାଜି ଅଭିସାରୀ
ଲଭିବାକୁ ପ୍ରିୟ ପ୍ରୀତି ।।

ମୋରଅଙ୍ଗରାଗ ସଙ୍ଗେନେଇଭୃଙ୍ଗ
ବଜାଏ ପ୍ରେମର ବୀଣା
ଲଳିତ ମଧୁର ମଦନ ଶୃଙ୍ଗାର
ମୃଦୁଳ ମୋ ରେଣୁକଣା ।।

ବିଦିଶା ଯାମିନୀ କେ ସୁର କାମିନୀ
ପ୍ରେମେ କାନ୍ତ ଯାନ୍ତି ଭ୍ରମି
ପ୍ରିୟା ହୋଇମୁହିଁ କେମନ୍ତେଭାବିବି
ପ୍ରିୟ ମୋ ବିପଥଗାମୀ ।।

କାନ୍ତ ତନୁକ୍ଷୀଣ ନୟନେ ଦେଖିଣ
ହୃଦେ ମୋ ବଢ଼ଇ ଜ୍ୱାଳା
ବିଜନ ବିଥିରେ ସ୍ୱପ୍ନ ଭାଙ୍ଗେଦେଖି
ଚାନ୍ଦ କୋଳେ ଚନ୍ଦ୍ରକଳା ।।

ଚିର ସୁକୁମାର ସେ ସୌମ୍ୟସୁନ୍ଦର
କାନ୍ତ ମୋ ସରଗ ଶଶି
ପ୍ରୀତି ପୀୟୂଷର ପ୍ରଣୟ ରାସରେ
ପରାଣ ଦିଅନ୍ତି ତୋଷି ।।

ଅମାବାସ୍ୟା ତିଥି ବିରହିଣୀ ରାତି
ପ୍ରିୟ ଲୁଚି ଯାନ୍ତି ଦୂରେ
ଅଭିସାରିକା ମୁଁ ପ୍ରୀତି ପ୍ରତୀକ୍ଷାରେ
ଅଭିମାନୀ ଅନ୍ତଃପୁରେ ।।

ଯୁଗେଯୁଗେ ପ୍ରୀତି ଅଭେଦଆମର
ଉପମା ଜଗତେ ନାହିଁ
ସେଥିପାଇଁ ସୋମ କୁମୁଦ ବାନ୍ଧବ
ଚନ୍ଦ୍ର ପ୍ରିୟା ମୁଁ ଯେ କଇଁ ।।

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଣାଣ

ଉତ୍ତରା ନାୟକ



କାହାକୁ ଦେଇଛି ସର, ଲବଣି ସେ
କା ପାଇଁ ପେଜ ତୋରାଣି
କାହାକୁ କରିଛି ରାଇଜର ରାଜା
କାହାର ପତ୍ର ଛାଉଣୀ
ସବୁ କରେ ସିନା ଜାଣି ଶୁଣି
କିଏ ଭିକାରୁଣୀ, ବାର ବାଉରାଣୀ
କାହାକୁ କରିଛି ରାଣୀ
କପାଳ ଲିଖନ, ଭୋଗ କରେ ପ୍ରାଣୀ
ଦେଖୁଥାଇ କ୍ଷେତ୍ରମଣି
ଯାହା ଇଛା ତାର କରେ
ଭାବରେ ଡାକିଲେ ଆସଇ ପାଖକୁ
ଅଭାବରେ ରହେ ଦୂରେ
ତାର ପଥ ଚାହିଁ ବସିଅଛି
ଲୁହ ଢାଳି ଢାଳି ବେଳ ସରିଗଲା
ପାରୁନି ତାକୁ ମୁରୁଛି
ଦିନେ ହେଲେ ମୋର ପାଖକୁ ଆସିବ
ମନେ ଆଣ୍ଟ କରିଅଛି
ମହାଶୟଙ୍କୁ ବିନମ୍ର ପ୍ରଣତି
ଜୟ ଜଗନ୍ନାଥ, ଜୟ ସାଇରମ
ଭଜୁ ଅଛି ଦିନ ରାତି ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତାକୁ ପ୍ରଶ୍ନଟିଏ

ହୃଷିକେଶ ପ୍ରଧାନ



କବିତା ନେଇଛି
ହୃଦୟ, ସମୟ ଆଉ
ଜୀବନ ସଙ୍ଗୀତର ସ୍ୱର ଲୟ ତାଳ ।
ଘୁଣ ପୋକ ପରି ଖାଇଛି ଝୁଣି ଝୁଣି
ପୋରିହା ଦୁର୍ବଳ କରିଛି
ଶକ୍ତ ଶାଳ ବୃକ୍ଷ ପରି
ଦୀର୍ଘଦେହୀ କବିକୁ
ଅସ୍ଥିକଙ୍କାଳସାର ।
ପ୍ରେମିକା ମାଗେ ହୃଦୟ
ବନ୍ଧୁ ମାଗେ ଦରଦୀ ବନ୍ଧୁତା
କିନ୍ତୁ କବିର ହୃଦୟକୁ
ଅକ୍ତିଆର କରି ନେଇଛି କବିତା ।
କବିତା କବଳିତ କବି ଧମନୀର
ରକ୍ତ ସଞ୍ଚାଳନ,
ହୃତପିଣ୍ଡରୁ ପବନ ରୂପୀ ଅମ୍ଳଜାନ ।

ଦିନ ରାତି ଋତୁ ଅଋତୁ,
ସମୟ ଅସମୟ କିଛି ମାନେନା
କାଳ ଅକାଳର ଉର୍ଦ୍ଧ୍ୱରେ
ତନ୍ମୟ ଭାବ ଭୋଳା ଭାବରେ
ନିଆଁଗିଳା ଦୁଃସାହସ
ହିଂସ୍ର ଜୀବଜନ୍ତୁ ପାଟିରେ ହାତ ରଖେ
ନାଗ ଲାଞ୍ଜରେ ପାଦ ରଖେ
ଅମଡ଼ା ବାଟ ଚାଲିବାକୁ ।
କାଳର କି କୋଳାହଳର
ଡାକରାକୁ ଉପେକ୍ଷା କରି,
ଚିନ୍ତା ଆଉ ଭାବନାର ପଲଙ୍କ ପଦ୍ମରେ
ଲୁଚିରହିଥିବା କଳା ଭଅଁର ପରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିକୁ ଆପାଦାମସ୍ତକ ଗ୍ରାସ କରି
କବିତାର କ୍ଷୁଧା ତୃଷା ମେଣ୍ଟେ ନାହିଁ
କୁମ୍ଭକର୍ଣ୍ଣର ଅଜେୟ ନିଦ୍ରା ପରି।
ଇନ୍ଦ୍ରଜାଲରେ ଛନ୍ଦିହୁଏ
ଭୋଜ ବିଦ୍ୟାର ଭେଲିକି ପରି
ନୂଆ ଶିକାର ଅନ୍ୱେଷଣର ଅପେକ୍ଷା
ବୁଢ଼ିଆଣି ବୁଣି ଥିବା ଜାଲ ପାତି।
 କୁହ କବିତା,
କାହିଁକି ଏମିତି ହୁଏ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂତପୁତ୍ର କର୍ଣ୍ଣ

ବିଜୟ ପାତ୍ର



ଧର୍ମକ୍ଷେତ୍ର କୁରୁକ୍ଷେତ୍ର
ରକ୍ତଭିଜା ମହା ସମରରେ
କୋଟିକୋଟି ନୀରିହ ଜୀବନ
ବଳିପଡେ କାହାର ସ୍ୱାର୍ଥରେ ।।
କୌରବ ପାଣ୍ଡବ ଗଣ
ନିଜନିଜ ଅଧିକାର ପାଇଁ
ପୁଣ୍ୟଭୂମି ଭାରତ ମାଟିରେ
ବୁହାଇଲେ ରକତର ନଈ।।
ଯିଏ ବି ରହିବେ ବଞ୍ଚି
ହସ୍ତିନାରେ ହେବେ ନରପତି
ଲକ୍ଷଲକ୍ଷ ସିମନ୍ତିନୀ ନାରୀ
କେଉଁ ସ୍ୱାର୍ଥେ ବୈଧବ୍ୟ ଭୋଗନ୍ତି ।।
ମରଣର ଯନ୍ତ୍ରଣା ଶଯ୍ୟାରେ
ପ୍ରଶ୍ନକର୍ତ୍ତା ସୂତପୁତ୍ର କର୍ଣ୍ଣ
ଏସବୁର ତୁମେ ସୂତ୍ରଧର
ମିଛ କିବା କୁହ ହେ ଶ୍ରୀକୃଷ୍ଣ ।।

ତୁମେ ତ ଅପରାଜେୟ
ପୁଣ୍ୟବନ୍ତ ମହାଦାନୀ କର୍ଣ୍ଣ
କୁରୁକ୍ଷେତ୍ର ସମର ବିନା କି
ଧର୍ମର କି ହେବ ସଂସ୍ଥାପନ ।।
ଦାନବଳେ ଜ୍ଞାନୀ ତୁମେ
ପୁଣ୍ୟ ତୁମ ଛୁଇଁଛି ଶିଖର
ତୁମ୍ଭଠାରୁ କିଏ ବା ଅଧିକ
ମୋ ଲୀଳାକୁ ବୁଝିଛି ହେ ବୀର।।
ବୁଝିଛି ବିଝିଛି ମୁଁ ପ୍ରଭୁ
ଚିହ୍ନିଛି ମୁଁ ତୁମକୁ ଯୋଗେଶ
ମୃତ୍ୟୁର ଏ ଅନ୍ତିମ ଶଯ୍ୟାରେ
ରହିଗଲା ଏକ ଅବଶୋଷ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜନ୍ମରୁ ମୃତ୍ୟୁଶଯ୍ୟା ଯାଏଁ
ଛଳନାର ଶିକାର ହୋଇଛି
ମାତା କୁନ୍ତି ଲଜ୍ଜା ଢାଙ୍କିବାକୁ
ନଦୀସ୍ରୋତେ ଭସାଇ ଦେଇଛି ।।
ସୂତପୁତ୍ର ବୋଲି ଗୁରୁ ଦ୍ରୋଣ
ଶିଷ୍ୟତ୍ୱରୁ କରିଲେ ବଞ୍ଚିତ
ଦ୍ରୌପଦୀଙ୍କ ସ୍ୱୟଂବରରେ ହେଲି
ଲାଞ୍ଛିତ ମୁଁ ଥାଇ ବି ସାମର୍ଥ୍ୟ ।।
ପିତୃଦତ୍ତ କବଚ କୁଣ୍ଡଳ
ଛଳନାରେ ବାସବ ହରିଲେ
ଶକ୍ତିହୀନ ହୋଇ ଏବେ ମୁହିଁ
ଶୋଇଛି ଯେ ମରଣ ଶେଯରେ ।।
ସୂର୍ଯ୍ୟଦେବ ପିତା ଯା'ର
ସତୀ କୁନ୍ତି ଯାହାଙ୍କ ଜନନୀ
ବଞ୍ଚିଲି ମୁଁ କାହିଁକି ହେ କୃଷ୍ଣ
ସୂତପୁତ୍ର ପରିଚୟ ଘେନି ।।

ଧନ୍ୟ ତୁମେ ମହାଦାନୀ କର୍ଣ୍ଣ
ଦ୍ୱାପରର ଶ୍ରେଷ୍ଠ ଧନୁର୍ଦ୍ଧର
ଜାତି ଧର୍ମ ଉର୍ଦ୍ଧ୍ୱରେ ଯେ ତୁମେ
ମାଗିନିଅ ମାଗିନିଅ ବର ।।
ତୁମେ ପରା ଅନ୍ତର୍ଯ୍ୟାମୀ
ଦେବ ଯଦି ଦିଅ ଏହି ବର
ଜାତି ଧର୍ମ ଉଚ୍ଚନୀଚ ଭେଦ
ନରହୁ ହେ ଆଗାମୀ ଯୁଗର ।।
ଜୁଇ ମୋର ଜଳିବ ହେ ପ୍ରଭୁ
ପାପଶୂନ୍ୟ ପୁଣ୍ୟଭୂମି ପରେ
ତୁମେ ଥିବ ଜୁଇପାଶେ ମୋର
ନିସ୍ତରିବି ତୁମ ଦର୍ଶନରେ।।
ଏମିତିକା କାହିଁ କଛି କର୍ଣ୍ଣ
ପାପଶୂନ୍ୟ ଭୂମି ଏ ବିଶ୍ୱରେ
ଇଚ୍ଛା ତୁମ ପୂରାଇବି କର୍ଣ୍ଣ
ଜୁଇ ତୁମ ଜଳିବ ମୋ
ପୁଣ୍ୟ ପାପୁଲିରେ ।।

ଆଳି, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗୋବିନ୍ଦ ହେ



ଉଭା ହେଲେ ଉଷାରାଣୀ ହେ

ଡାକ ଦେଲା କାକ ପିକ ହେ

. ଗୋବିନ୍ଦ

ଅପେକ୍ଷା ତୁମ ପାଇଁ ଦେଖ ତୁମ ଭକ୍ତ

. ଗୋବିନ୍ଦ ହେ,

ଖେଳିବାକୁ ଚକା ଭଉଁରୀ

. ଗୋବିନ୍ଦ ହେ,

ତୁମେ ଆଉ ମୁଁ ଏ ଭିତରେ ଅବିଚ୍ଛିନ୍ନ

. ହୋଇଯାଉ

ଜୀବନର କାଳିମା ପରଦା

ଖୋଲିଯାଉ ଆଖିର ପରଳ

. ଫିଟିଯାଉ ପାଦୁ ଲୁହା ବେଡି

. ଆଉ ହାତ କଡ଼ି

ଉଡିଯାଉ ମନର ଶଙ୍କା

ଲିଭିଯାଉ ସନ୍ଦେହର ରେଖା

ପ୍ରଶ୍ନବାଚୀ ନ ଥିବ ପରିଚୟ

. ଜିଜ୍ଞାସାରେ ହେ ଗୋବିନ୍ଦ !

ଅବସାନ ହୋଇଯାଉ ମିଳନର

ବ୍ୟାକୁଳତା,ଉତ୍କଣ୍ଠା,ଅଭିମାନ

ଖଣ୍ଡିତାର ଦୁଃଖ,

ପ୍ରଣୟୀ,ପ୍ରଣୟିନୀଙ୍କର ହୃଦୟର

ଆଲୋଡନ,ସୃଷ୍ଟି ହୋଇ ନେଇଯାଉ

ପ୍ରାଣ ସ୍ପର୍ଶୀ,

ବିଛିନ୍ନ ସ୍ଥଳରୁ ଆସିଯାଉ ପରିପୂର୍ଣ୍ଣତା

ହୋଇଯାଉ ଆତ୍ମ ସମର୍ପଣ

ତୁମେ ହେବ ମୁଁ ଆଉ ମୁଁ ହେବି ତୁମେ

ହେ ଗୋବିନ୍ଦ,,,,,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଶିଯିବା ଗଗନ ପବନେ

ହାତେ ହାତ ଛନ୍ଦି ଖେଳିବା କୁ

ଚକା ଭଉଁରୀ,,,,,,

ଏ ଦାସୀ ଚାହିଁଥିବ ତୁମ ଶ୍ରୀଚରଣ ନାଥ

ତୁମେ ଧରିଥିବ ନିଶ୍ଚେ ମୋହରି ହାତ

ପିଣ୍ଡ ବ୍ରହ୍ମାଣ୍ଡ ହୋଇବ ଏକ

. ନିରାକାର ପରଂବ୍ରହ୍ମ ଶୁଭୁଥିବ

ଓଁ କାର ହେ ଗୋବିନ୍ଦ

ଶୁଭୁଥିବ ଓଁ କାର !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିରହ ପ୍ରେମ

ଭବାନୀ ଶଙ୍କର ଦାଶ



ବିରହର ମଜା ନିଆରା ଅଟଇ ,
ଦୁଇ ପ୍ରେମୀ ଏକ ହେଲେ
ମନ ମରୁଭୂମେ ପ୍ରିତିର ସମୁଦ୍ରେ ,
ପ୍ରଣୟ ଜୁଆର ଖେଳେ ।
ପ୍ରତୀକ୍ଷାର କୋଳେ ଶ୍ରଦ୍ଧାର ଭାଷା,
ମନରେ ଆଣଇ ଅସୁମାର ଖୁସି
ପୁରୁଣା ଦିନର ସ୍ମୃତି ସିନ୍ଦୁକରେ,
ଭାବରଙ୍ଗ  ରଙ୍ଗେଇ ଦିଏ ଆସି ।
ଭୋକିଲା ପେଟର ନିଦ ହଜିଯାଏ,
ଅପେକ୍ଷାରେ ହେଲେ ବାଧା
ବିକ୍ଷିପ୍ତ ମନ୍ଦିରେ ସଜଡା ସପନ,
ମନେ ରହିଯାଏ ଅଧା ।
ଏ ଜୀବନ ଜନ୍ମ ଆମରି ପରା,
ନୁହେଁ ବରଷ କି ମାସ
ସାତଜନ୍ମକୁ ବାନ୍ଧିଛି ମୁଁ ତୁମ ଭାବନା,
ଏ ଜନ୍ମେ ନହୋଇବ ଶେଷ ।

ଗୌରାଦେଇପୁର, କୋଦଳା,
ଗଞ୍ଜାମ, ଓଡିଶା, ୭୬୧୦୩୨
୯୯୧୬୮୭୬୮୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଡୋରି ଥରେ ତୋର ଲଗେଇ ଦେ...

ନଳିନୀ ଦାଶ



ଡୋରି ଥରେ ତୋର ଲଗେଇ ଦେଏରେ
ଟାଣିବି ତୋ ନନ୍ଦିଘୋଷ
ଭକତ ମେଳରେ ଚାହିଁ ରହିଥିବି
ଦେଖିବି ବାମନବେଶ ।
ବହୁ ଦୂରୁ ଚାଲି ଆସିଛି ଧନରେ
ଚିହ୍ନିକି ପାରିବୁ ମୋତେ
କୋଟିକୋଟି ଭକ୍ତ ତୋ କରୁଣା ପାଇଁ
ବ୍ୟାକୁଳ ହୋଇବେ ଚିତ୍ତେ ।
ତୁଣ୍ଡେ ଘୋଷୁଥିବି ଜୟ ଜଗନ୍ନାଥ
ଦୁଇ ହାତ ଯୋଡ଼ିଥିବି
ବାମନ ବେଶରେ ତୋର ଦରଶନ
ପାଇଲେ ମୁଁ ଧନ୍ୟ ହେବି ।

ଶରଧା ବାଲି ମୁଁ ମଥାରେ ବୋଳିବି
ଦେଖିବି ତୋ କଳାମୁଖ
ଲୁହ ଢାଳିଦେଇ ତୋ ଆଗେ କାଳିଆ
ଜଣାଇବି ମୋର ଦୁଃଖ ।
ଦୁଃଖୀ ଜନବନ୍ଧୁ ବୋଲାଉ ତୁହିରେ
ଜଗତେ ଉଡୁଛି ନେତ
ଦୁଃଖ ସାଗରରେ ଭାସିଗଲା ବେଳେ
ଧରି ନେବୁ ମୋର ହାତ ।


ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦେଖିବି ବାହୁଡ଼ା ତୋର

ମନୁମୟ ସାହୁ



ଭାବି ଥିଲି ତତେ ପାରିବିନି ଦେଖି
ହଟିଆ ସାଆନ୍ତ ମୋର,
ଡୋରି ଲଗାଇକି ଭିଡ଼ି ତୁ ଆଣିଲୁ
ଦେଖିବି ବାହୁଡ଼ା ତୋର ।

ମନେ ମନେ ତତେ ଡାକୁଥିଲି କେବେ
ନେବୁ ତୋ ପାଖକୁ ଟାଣି,
ବର୍ଷା ଝଡ଼ ଝାଞ୍ଜି ରୋକି ନ ପାରିଲା
ବଡ଼ ଦାଣ୍ଡ ଦେଲୁ ଆଣି ।

ମନ ମୋ ଅଥୟ ଅବିଚଳ ରଥ
ଦେଖିବାକୁ ଟିକେ ତତେ,
କାଳିଆ ମୋ ଦେହେ କି କଳା ବୋଳିଲୁ
ଭାବେ ରଙ୍ଗେଇଲୁ ଏତେ ।

ମନୁଆ ବୋଲି ମୁଁ ଜାଣି ଥିଲି ତତେ
ଭାବବିନୋଦିଆ ମୋର,
ଡୋରି ଲଗେଇକି ଭିଡ଼ି ତୁ ଆଣିଲୁ
ଦେଖିବି ବାହୁଡ଼ା ତୋର ।

ଭାଇ ଭଉଣୀଙ୍କି ସାଥୀରେ ନେଇକି
ଦର୍ଶନ ମୋତେ ତୁ ଦବୁ,
କୋଟି କୋଟି ଜନ ଦୁଃଖ ହରି ପୁଣି
ନିଜ ଗୃହେ ଫେରି ଯିବୁ ।

କେତେ ଅଭିଯୋଗ ଶୁଣେଇଛି ତତେ
ଏକାନ୍ତ ରେ କାଳେ କାଳେ,
ଜଗତକରତା ଅହେ ଦୁଃଖହର୍ତା
ଜାଗା ଦେବୁ ପାଦ ତଳେ ।

ବୌଦ୍ଧ ଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଁ ଚାହେଁନା

ଅନସୂୟା ଲେଙ୍କା



ମୁଁ ଚାହେଁନା....

ବିଲକୁଲ୍ ବି ଚାହେଁନା

ପ୍ରେମିକା ରୁ ପତ୍ନୀ ହେବା

ମୁଁ ରୁକ୍ମିଣୀ ନୁହେଁ

ରାଧା ହେବାକୁ ଚାହେଁ

କାହିଁକି ନାଁ,

ପ୍ରେମ ତ ଅପ୍ରାପ୍ତିରେ ଥାଏ

ଯାହା ବୋଧେ ମୁଁ ଚାହେଁ

ରୁକ୍ମିଣୀ ହୋଇ ତ କେବଳ

ଅଧିକାର ସାବ୍ୟସ୍ତ କରିହୁଏ...

ମୁଁ ଚାହେଁ ନା

ବିଲକୁଲ ବି ଚାହେଁନା

ତୁମ ପ୍ରେୟସୀରୁ

ପାଟବଂଶୀ ହେବା

କାହିଁକି ନାଁ,

ମୋତେ ତ ତୁମ

ମୁରଲୀର ସ୍ୱର ହିଁ ଲୋଡା.....

ସ୍ଥାନ- ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜିର ରେବତୀ

ଆକୁଳାନନ୍ଦ ପୃଷ୍ଟି



ଗୁରୁ ଗଉରବ ଚୂଲିକି ଗଲାଣି
ଗୁରୁ ମାଗୁଛନ୍ତି ଫେଭର
ଗୁରୁ ହୋଇଲେଣି ରସିକ ନାଗର
ଗୁଣ ମଣି ଗୁଣ ସାଗର ।

ରୂପରେ କନ୍ଦର୍ପ ଚରିତ୍ର ନ ଥାଉ
ରଖିଛନ୍ତି ଦାଢ଼ି ନିଶ
ଛାତ୍ରୀଙ୍କୁ ପଟାନ୍ତି ନ ହେଲେ ଡରାନ୍ତି
କରିବାକୁ ରଙ୍ଗ ରାସ ।

ମାନିଲେ ଦିଅନ୍ତି ଶହେରୁ ଶହେ
ନ ମାନିଲେ ଫଳ ଶୂନ
ଗୁହାରି କରିଲେ ଶୁଣନ୍ତି ନି କେହି
ତୁଛା ଅରଣ୍ୟ ରୋଦନ ।

ଫକୀର ମୋହନ କଲେଜ ଘଟଣା
ଏ କଥା ଦିଏ ସୂଚାଇ
ଏବେ ବି ରେବତୀ ଜିଅନ୍ତା ଜଳନ୍ତି
ବଞ୍ଚିବାର ରାହା ନାହିଁ ।

ସଂଖ୍ୟା ସର୍ବସ୍ୱ ଗଣତନ୍ତ୍ର ଦେଶ
ଭଲ ହେଉ ଅବା ଭେଲ
ସଂଖ୍ୟା ସମର୍ଥନ ଯଦି ନ ମିଳିଲା
ଜୀବ ଥାଉ ଥାଉ ମଲ ।

ସୌମ୍ୟାଶ୍ରୀ ଆଣିଲେ ସତ୍ୟ ଅଭିଯୋଗ
ସାକ୍ଷୀ ପ୍ରମାଣ ନାହିଁ
ଅଧ୍ୟକ୍ଷ ମଣିମା ତାଛଲ୍ୟ କଲେ
ଗାଳି ମନ୍ଦ ନିନ୍ଦା ଦେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ୍ତ୍ରୀ ବିଧାୟକ ସାଂସଦ ପୁଲିସ୍
ଶୁଣିଲେନି ଅଭିଯୋଗ
ସାଙ୍ଗସାଥି ସବୁ ପରିହାସ କଲେ
ଲଗାଇ କଳଙ୍କ ଦାଗ ।

ରାସ୍ତାରେ ଝିଅ ଚାଲି ପାରିଲାନି
ଶ୍ରେଣୀ ପ୍ରବେଶ ମନା
ପରୀକ୍ଷାରୁ ସିଏ ବଞ୍ଚିତ ହେବ
ଲାଞ୍ଛନା ଖାଲି ଲାଞ୍ଛନା ।

କଲେଜ୍ ନାମରେ କାଳି ଲଗାଇଲ
ମିଥ୍ୟା ଅଭିଯୋଗ କରି
ଅଧ୍ୟକ୍ଷ କହିଲେ ସୁଧୁରି ଯାଅ
ନ ହେଲେ ପଡ଼ିବ ଭାରି ।

ସହିବାର ସୀମା ଟପିଯିବା ପରେ
ଆତ୍ମାହୁତି ସୌମ୍ୟା ଦେଲା
ପେଟ୍ରୋଲ ଢ଼ାଳି ନିଜ ଶରୀରରେ
ଅଗ୍ନି ସଂଯୋଗ କଲା ।

ଅଧ୍ୟକ୍ଷ ଅଧ୍ୟାପକ
ଜେଲ୍ ଭିତରେ ଟିଭି ପରଦାରେ
ନିଜ କଳା ମୁଖ ଦେଖ
ତୁମ ପାଇଁ କେତେ ଉତ୍କଳ ଜନତା
କରୁଛନ୍ତି ଦୁଃଖ ଶୋକ ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ
ମୋ ୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ଏକା ମୋର ସାହା ଭରସା

ବାସନ୍ତୀ ଲତା ଜେନା



ତୁମେ ଏକା ମୋର ସହା ଓ ଭରସା
ତୁମେ ମୋ ଜୀବନ ଜ୍ୟୋତି
ତୁମ ଶ୍ରୀପୟରେ ମନ ମୋର ରହୁ
ଏତିକି କରେ ମିନତୀ ।0।
ଏଭବ ସାଗର ଦୁଃଖ ଦରିଆରୁ
ପରଂ ବ୍ରହ୍ମ ପାରି କର
କିଞ୍ଚିତେ କରୁଣା ଢାଳି ଦିଅ ପ୍ରଭୁ
ମନୋବାଞ୍ଛା ପୂର୍ଣ୍ଣ କର
ମନ ମନ୍ଦିରରେ ତୁମ ଛବି ମୋର
ତୁମ ନାମେ ମିଳେ ଶାନ୍ତି
ତୁମେ ଏକ ମୋର ସହା..... ।୧।
ତୁମେ ମୋ ବିଶ୍ୱାସ ତୁମେ ମୋ ନିଃଶ୍ୱାସ
ତୁମେ ମୋ ହୃଦ ସ୍ପନ୍ଦନ
ତୁମେ ଲୀଳାମୟ ମୋ ପ୍ରାଣ ଆଧାର
ତୁମ ପାଇଁ ମୋ ଜୀବନ
ଭାବନାରେ ତୁମେ ଚିନ୍ତନରେ ତୁମେ
ତୁମେ ମୋ ମନ ପ୍ରଶାନ୍ତି
ତୁମେ ଏକା ମୋର.......।୨।
ସଂସାର ଗଢିଛ ସମ୍ଭାବନା ଭରି
ଭରିଛ ଦୁଃଖ ଯାତନା
ସତ୍ୟ ଧର୍ମ ପଥେ ପଥିକ ହେବି ମୁଁ
ନ ହୋଇବି ଆନ ମନା
ପାଖେ ପାଖେ ରହି ବାଟ ବତାଇବ
ନ ହେଉ ଅନ୍ଧାର ରାତି
ତୁମେ ଏକ ମୋର..... ।୩।

ଗାନ୍ଧୀନଗର, ପୋଷ୍ଟ/ ଜିଲ୍ଲା: ନବରଙ୍ଗପୁର
୮୨୫୮୨୫୫୯୭୯



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଦଳା ଯୁଗ

ବସନ୍ତ କୁମାର ମଲ୍ଲିକ



ପୁରୁଣା ଦିନର ସେ ବାଲ୍ୟକାଳ
ପାଣି କାଦୁଆରେ ଥିଲା ସେ ଖେଳ ।

ଲୁଚାଛୁପି ଖେଳେ ଥିଲା କି ମଜା
ଖେଳୁଥିଲୁ ମିଶି ରାଣୀ ଓ ରାଜା ।

ଖସିଗଲେ ଗୋଡ ଆଘାତ ଲାଗେ
ମାଁ ହାଥ ସ୍ପର୍ଶରେ ଆରାମ ଲାଗେ ।

ଖାଉଥିଲୁ ମୁଢି, ପଖାଳ, ସାଗ
ନଥିଲା ସୁଗାର କି ବି.ପି ରୋଗ ।

ଏବେ କିନ୍ତୁ ଖାଉ ପିଜ୍ଜା ଓ ବର୍ଗର
ଜମାନା ଚାଲିଛି ସିଟିସ୍କାନର ।

ସକାଳେ ଦଳିଆ, ମାଣ୍ଡିଆ, ଓ଼ଟ୍‌ସ
ସନ୍ଧ୍ୟାରେ ସ୍ୱିଗିରେ ଉଡାଇ ନୋଟ ।

ଯେତେ ଧନ ସେତେ ରୋଗ ଦେହରେ
ଶବ ପଡ଼ିରହେ ଆଇସିୟୁ ରେ ।

ସହେ ଆଠ ସବୁବେଳେ ବୁଲଇ
ଯିଏ ଯେତେ ଖର୍ଚ୍ଚ କରି ପାରଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଣ୍ଡ ଟେକି ଚାଲୁଥିଲୁ ରାସ୍ତାରେ
ଏବେ ଲାଖେ ମୋବାଇଲ ସ୍କ୍ରିନ ଉପରେ ।

ଖେଳିବାକୁ ମନ ନାହିଁ ମାଟିରେ
ସବୁ ଗେମ୍ ପରା ଆପ୍ସ ଭିତରେ ।
ବାପା ଥିଲେ ପରିଚୟ ଆମର
ଏବେ ପରିଚୟ ଆଧାର କାର୍ଡର ।

କାହା ସାଥେ କେହି ନାହାନ୍ତି ଆଉ
ସ୍ନେହ, ପ୍ରେମ, ଭକ୍ତି ଉର୍ଦ୍ଧରେ ରହୁ ।

ସେଇ ଗଛ ତଳ ଅଜଣା ଆଜି
ଯାଉ ଥିଲୁ ବର୍ଷା ପାଣି ରେ ଭିଜି ।

ଆଜି ନ ଭିଜି ଭି ଖାଉଛୁ ତୋଲୋ
ଭୁଲିଲୁ ଗରମ ସୋରିଷ ତେଲ ।

ଭାବନା, ଆନନ୍ଦ ନାହିଁ ସେ କଥା
ବେସୁରେ ଏଲେକ୍ଟ୍ରିକ ଜୀବନ ଗାଥା ।

ଯାଉଥିଲୁ ବନ୍ଧୁ ବାନ୍ଧବ ଘରେ
ଏବେ ସମ୍ପର୍କ ଟି ହ୍ୱାଟସେପ ରେ ।

ଯୁଗ ଯାଇଅଛି  ଏବେ ବଦଳି
ଯନ୍ତ୍ର ଦେଇଛି ଆମକୁ ଗିଳି ।

ସେବେ ଭଲ ଥିଲା କି ଏବେ କୁହ
ପଚାରୁଛି ବନ୍ଧୁ ଜବାବ ଦିଅ ।

ବାରିପଦା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୌମ୍ୟାଶ୍ରୀ ପୃଥିବୀ ଆଜି ନିଶିଥ କାହିଁକି

ଦଣ୍ଡାସି ପ୍ରଧାନ



ଯେଉଁଠି ସୂର୍ଯ୍ୟ ଫେରାଇ ନେଇପାରେ  ନାହିଁ
ତା'ର ଉଷୁମ କିରଣ
ମୋର ଏ ପୃଥିବୀ ବୁକରୁ
ବରଂ ନବ ଅରୁଣ ଅତନ୍ଦ୍ରିତ ପ୍ରକାଶ ଫେଇ
ସାନନ୍ଦେ ଅସ୍ତ ଯାଏ ସକାଳରୁ ସଞ୍ଜ;
ଆଉ ଏକ ପରିପୂର୍ଣ୍ଣ ପ୍ରଭାତର ଅରୁଣିମା ସାଇତି।
ଚାନ୍ଦ ବି ବିଛେଇ ଚାଲିଛି
ଜୋସ୍ନା ତରଙ୍ଗାୟିତ  ବିବିଧ ବିନ୍ୟାସ;
ମୈଇତ୍ରୀ-ପ୍ରୀତିର ମୃଦୁ ଗୁଞ୍ଜରଣ
ସମୃଦ୍ଧ ମୁଖରିତ ମଧୁର ମାହୋଲ, ସୃଷ୍ଟି ସଞ୍ଚାରଣ  --।
ପ୍ରାଣ ପ୍ରସୂ  ବାଆ  !
ବାଆଁରେଇ  ପାରେ ନାହିଁ  ତା'ର
ମୁଲାୟମ ପରଶ ଅପୂର୍ବ ଭବ୍ୟ ସମ୍ଭାର
ମହମହ ବାସ୍ନାୟିତ ସୃଜନ
ଦିବ୍ୟ ନିରନ୍ତର ସୁଲଳିତ ପ୍ରବାହ ।
ତେବେ ବି
ସୌମ୍ୟା ଶ୍ରୀ ପୃଥିବୀ, ଆଜି ନିଶୀଥ ଧରିତ୍ରୀ କାହିଁକି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ଝରିଣୀ ତଟିନୀ

ସମ୍ମିଳନ ନିଶାର କୁଳୁକୁଳୁ ଉତଫୁଲ୍ଲିତ ନାଦରେ

ନଦ ନଦୀରେ ଲମ୍ଫ ଦେଇ ଲମ୍ବିଥାଏ

ସାଗର ପର୍ଯ୍ୟନ୍ତ ସାଗ୍ରହା ଫୁଲେଇ---

ଭୀମ ଭୈରବ ସାଗର ବି

ଅହର୍ନିଶ  ଲହଲହ  ଲହଡିର

ଭଙ୍ଗା ଗଢା ଛଟକ ଯୋଗାଡି ଲୋଟୁଥାଏ ଚରଣ ଧୋଇ।

ତରାଙ୍ଗାୟିତ ନୀଳ ଢେଉ ଚିକ୍କଣ ପଠା ଛୁଇଁ

ଧାଇଁ ଚାଲିଛି ନିରନ୍ତର ,

ରୂପା ମୁକ୍ତା ଛିଟାର ଚରମ ଆନନ୍ଦ ଆଶ୍ଲେଷ  ଅହରହ –

ଆକାଶର ମେଘ ,

ବିଜୁଳିର ଚମତ୍କାର ଝଲକ

ପାହାଡର ମାଙ୍ଗଳିକ ନିର୍ବିବାଦ ଆକର୍ଷଣ

ରିମଝିମ ବର୍ଷାର ନୂତନତ୍ୱ କୁ ଆହ୍ୱାନ,

ସଜାଇବାକୁ ବିମୋହିତା ସୌଭାଗ୍ୟ ଭଣ୍ଡାର

ତେବେ ବି;

ସୌମ୍ୟା ଶ୍ରୀ ପୃଥିବୀ, ଆଜି  ନିଶୀଥ ଧରିତ୍ରୀ କାହିଁକି  ?

ନବ ଦୁର୍ବାଦଳ ସାଦବଳ ଶ୍ୟାମଳ

ଭରିଦିଏ ପ୍ରାଣେ ପ୍ରାଣେ ଅଫୁରନ୍ତି ପରମ ଆନନ୍ଦ

ରୂପ-ରସ-ରସାୟନ ଗନ୍ଧର ସୁଲଭ୍ୟ ପ୍ରତିଭୂ ପତିଆରା

ଆଜି କାହିଁକି ଦୁଷ୍କର୍ମ କଳଙ୍କେ କଳୁଷିତ  ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃସାହସ ଅତିକ୍ରମିତ ମୁହୂର୍ତ୍ତେ ମୁହୂର୍ତ୍ତ !!

କେତେଯେ ସୌମ୍ୟାଶ୍ରୀ ପିଡ଼ୀତାମାନଙ୍କ

ଅନ୍ଧ ଦରବାରେ ଅସହାୟପଣ ଆତ୍ମାହୁତି,

ଅରିଷ୍ଟ ଅଲୋକ୍ୟ ପୂର୍ଣ୍ଣାହୁତି।

ସର୍ବନାଶର ପ୍ରଳୟ ଦୁର୍ଗତି ! ପରିତ୍ରାଣର ଅତୃପ୍ତିପ୍ରଦ ଗ୍ଲାନି ,

ଅସଭ୍ୟ ଅସାଧୁ ଅସଦାଚରଣ ମାନେନା ଥଳକୂଳ

ସମନ୍ଧ,ସମ୍ପର୍କ,ବର୍ଣ୍ଣ,ବର୍ଗ ଅବା ବୟସ ବୈଷମ୍ୟ।

ଆଜିର ସମାଜ

ସଂସ୍କୃତିକ ପ୍ରଦୂଷଣ ଗନ୍ଧରେ ଅହରହ ପ୍ରଦୂଷିତ।

ମୋର ସ୍ୱୟଂ ସମ୍ପର୍ଣ୍ଣା ପୃଥ୍ୱୀ ଜନନୀ ଚିହ୍ନରୁଛି,

ଭିନ୍ନ ଏକ ଭୟରେ ।

ଶିକ୍ଷାନୁଷ୍ଠାନ ଠୁଁ କୂଳ ବେଳା ସାଗର/

ଈଶ୍ୱର ଆରାଧନା ପୀଠ

ଗୀର୍ଜା ଗୁରୁଦ୍ୱାର ମଠ ମନ୍ଦିର

ଅରଣ୍ୟରୁ ଅନ୍ତରୀକ୍ଷ ଯାଏଁ

ଜରାୟୁ ଜରା ଗୃହରୁ ଜଗମୋହନ ପର୍ଯ୍ୟନ୍ତ

କାହିଁ ବି ବାଦ ପଡ଼େ ନାହିଁ

ବର୍ବରତାର ବିଭତ୍ସ ତାଣ୍ଡବ।

ପାଶବିକ ଅତ୍ୟାଚାର

ନିତିଦିନ ଅନୀତିର କୁଢକୁଢ ଖବର ଉତ୍ପାତ ଉତ୍ ଶୃଙ୍ଖଳ

ଅମାନବୀୟ ଉଦ୍ ବେଳନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବଳ ନିରୀହ ନିରୋଳା ପ୍ରାଣ କୁ ନେଇ

ଗଦାଏ ଅବାଞ୍ଛିତ ଅସଭ୍ୟ ଭୋଗ ର ଭୋକ।

କାହିଁକି ଏ ବିପ୍ରୀତ ?

ଆତ୍ମୀୟ ଅନ୍ତରର ବିଳାପ ବୋବାଳି

ଅନନ୍ତାଳୟ ଯାଏଁ ।

ବାଃ ବାଃ ରେ ସଭ୍ଯ ଅମିତ ପରାକ୍ରମୀ

ନୀରବିତ ମୁକ ମଣିଷ

ଧନ୍ୟ ଧନ୍ୟ ତୁମ ଅମୃତ ଉତ୍ସର୍ଗିକୃତ

ଉତ୍ତର ଦାୟାଦ ଦାୟିତ୍ୱ !!

ଐଶ୍ୱର୍ଯ୍ୟର ନିରୂପମ ଅମୋଘ ଅସ୍ତ୍ର ଆପଣାଇ

ମୋର ଏ ମାଟି ମାଆର ସୋହାଗ ସିନ୍ଦୂର

ସୁରକ୍ଷିତ ପ୍ରତିବଦ୍ଧତା କୁ ନେଇ

ତା'ର ବଞ୍ଚିବାର ଅଧିକାର ନିମିତ୍ତ

ଶତ କୋଟି ପ୍ରଶ୍ନ ଚିହ୍ନ

ସୌମ୍ୟାଶ୍ରୀ ପୃଥିବୀ ଆଜି ନିଶୀଥ ଧରିତ୍ରୀ କାହିଁକି ??***

ସାହିତ୍ୟ ସମ୍ପାଦକ,

ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ ,

ପାତ୍ରପୁର ଗଞ୍ଜାମ । ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆନନ୍ଦ

ବିଶ୍ୱରଞ୍ଜନ ମହାନ୍ତି



ବର୍ଷା ଯେବେ ହେବ ଖରା ହୁଏନା
ଖରା ଯେବେ ହେବ ବର୍ଷା ହୁଏନା ।

ଯେବେ ଖରା ବର୍ଷା ଦୁହେଁ ଥାଆନ୍ତି
ବିଲୁଆ ନନା ଆମ ବାହା ହୁଅନ୍ତି ।

ଖରା ବର୍ଷା ଯେବେ ହୁଅନ୍ତି କଥା
ବଗିଚାରେ ମୋର ବଢ଼ନ୍ତି ଲତା ।

ନଭରୁ ସୂର୍ଯ୍ୟାଲୋକ ଭୂମିରୁ ଜଳ
ଓ ମୋ ପ୍ରଚେଷ୍ଟା ତାଙ୍କ ବଢାଏ ବଳ ।

ପିମ୍ପୁଡି ଯେ ଖାଆନ୍ତି ମୋ ଲତା ଅଗ
କୀଟନାଶକ ମାଡରେ ପାଆନ୍ତି ସ୍ୱର୍ଗ ।

ତେଲୁଣି ପୋକ ଅବା ସୁଖୀ ଝିଣ୍ଟିକା
ଦେଖନ୍ତି ମୋ ଲତାର ଫୁଲ କଳିକା ।

ଆମ୍ବ ବୃକ୍ଷେ ବସା ମଧ୍ୟେ ଥିବା ଚଢେଇ
ପୋକଙ୍କୁ ନେଇଯାଏ ଥଣ୍ଟ ବଢ଼େଇ ।

ଅଣ୍ଡାରୁ ନିର୍ଗତ ସଦ୍ୟ ପକ୍ଷୀ ଶାବକ
ଖାଇ ସେ ପୋକଜୋକ ହୁଏ ଯୁବକ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତାଙ୍କର କାକଳି ହୁଏ ମଧୁର ସଙ୍ଗୀତ
ଶୁଣି ଭାଡ଼ିରୁ ପରିବା ହୁଏ ନିର୍ଗତ ।

ମୋ ସଙ୍ଗେ କଥା ହୁଏ ନୀଳ ଗଗନ
ତାଙ୍କ ସଙ୍ଗେ କଥା ହୁଅନ୍ତି ପାଣି ପବନ ।

ଢାଳି ଦିଅନ୍ତି ଚିଜ ତାଙ୍କ ଆବଶ୍ୟକୀୟ
କରିବା ପାଇଁ ଜୀବନ ମୋ ସୁଖମୟ ।

ଆଉ ଦେବା ପାଇଁ ଆନନ୍ଦ ମୋତେ
ପରିବା ବାଣ୍ଟିବା ପାଇଁ ସାଙ୍ଗଙ୍କୁ କେତେ ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଝରକା ସେପଟେ

କିରନ୍ ସ୍ୱାଇଁ



ଝରକା ସେପଟେ ବର୍ଷା
ଅନାବନା ଘାସବୁଦା ମୂଳେ
ଅବିରତ ଧାରା
ଏବଂ କେତେକ ପାଣିର ଫୋଟକା
ବତୁରା କାଗଜ ଡଙ୍ଗାଟିଏ
ଅଭିମାନୀ ହୋଇ
ନୀରବ ।

ଚିତ୍ରିତ କେତେ ସବୁଜ ଆଲପନା
ଖରା ବରଷାର ସୁଷମାରେ
ସବୁ ସ୍ୱପ୍ନ ସୁରଭିତ
ଏବଂ କେତେକ ଭଙ୍ଗାରୁଜା
ଦୀର୍ଘ ଦିନର ମାଟି ବଖରାର
ସହନଶୀଳତା
ମୂଷଳ ଧାରା ଓ
ମାଟି ଅତଡ଼ାରେ
କ୍ଷଣକେ ଧୂଳିସାତ୍ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷା

ରାଜେଶ କୁମାର ଆରୁଖ



ବଦଳିଗଲା ଆକାଶର ମାନ,
ନୀଳ ଚାଦର ତଳେ ମେଘର ଅଭିଯାନ ।
ଚନ୍ଦ୍ରମା ଲୁଚିଲା ମେଘର ପଛନ୍ତେ,
ମାଟି ମନ ମିଶିଗଲା ବର୍ଷା ପ୍ରେମ ଗୀତେ ।

ପ୍ରଥମ ବୁନ୍ଦା ପଡିଲା ମାଟି ଉପରେ,
ମାଟିର ସୁଗନ୍ଧ ଘେରିଲା ପ୍ରକୃତିରେ ।
ଚାଷୀ ହସିଗଲେ ଆଶାରେ ଭରି,
ଧାନ ମଞ୍ଜରୀ ନୃତ୍ୟ କରେ ଶିରି ଶିରି ।

ଝରିଯିବା ବୁନ୍ଦା ମିଶିଯାଏ ଭିତରେ,
ପ୍ରେମ, ବିରହ, ବିଚାର ଓ ସମ୍ପର୍କରେ ।
ବର୍ଷରେ ଥାଏ ଏକ ପୁନର୍ଜନ୍ମ ଧୁନ,
ପୁରୁଣାକୁ ଧୋଇ ଦିଏ ନୂଆ ଜୀବନ ।

ନଦୀର ଚଳନ ଯେଉଁ ରହେ ସରଳ,
ବର୍ଷା ଶିଖାଏ ଜୀବନ ହେଉଛି ଚଞ୍ଚଳ ।
କେବେ ମୁସଳ ଧାରା, କେବେ ନିରବ,
ସମୟର ଚଳିତ ଗାଥା ହେଉଛି ଅଜର ।

ବର୍ଷା ଜଣାଏ ଏହି ସତ୍ୟ କଥା,
ଯେ ଅନ୍ତରେ ଅଛି କିଛି ଅକୁହା କଥା ।
ଭାବନାରେ ତିଆରି ଏହି ଜଳ ରେଖା ,
ଅନୁଭବ ହେଉଛି ଜୀବନର ସର୍ବୋତ୍ତମ ଶିକ୍ଷା ।

କନିଷ୍ଠ ରାଜସ୍ୱ ସହାୟକ, ହିଞ୍ଜିଳିକାଟୁ, ଗଂଜାମ
ମୋ- ୯୧୭୮୮୭୮୭୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାଧୀନତା

ଅମୃତନାରାୟଣ ଶତପଥୀ



ଫରଫର ଉଡେ ଆଜି ଜାତୀୟ ପତାକା,

ବହୁ ବର୍ଷ ହେବ ଭାରତ ପାଇଛି ସ୍ୱାଧୀନତା ।(୧)

ସ୍ୱାଧୀନତା ପାଇଁ କେତେ ସଂଘର୍ଷ ବଳିଦାନ,

କେତେ କେତେ ମହାପୁରୁଷଙ୍କ ତ୍ୟାଗ ସମର୍ପଣ ।(୨)

କାହିଁ କେତେ ପ୍ରକାରର ଦୃଢ ମତି ନେଇ,

ଫିରିଙ୍ଗିକୁ ବିଦା କଲେ ସର୍ବେ ଭଗ୍ନୀ ଭାଇ ।(୩)

ସ୍ୱାଧୀନ ଶେଷରେ ଦେଶ ହେଲା ଅଗଷ୍ଟରେ,

୧୯୪୭ ମସିହା ପନ୍ଦର ତାରିଖରେ ।(୪)

ସେହି ଦିନ ଠାରୁ ପ୍ରତି ବର୍ଷରେ ସ୍ମୃତି ଚାରଣ,

ସ୍ୱାଧୀନତା ଦିବସର ହୁଅଇ ପାଳନ ।(୫)

ପତାକା ଉତ୍ତୋଳନ ସହ ଜାତୀୟ ସଂଗୀତ ଗାନ,

ଦେଶାତ୍ମବୋଧ ସଂଗୀତ ବକ୍ତୃତା, ସ୍ଲୋଗାନ ।(୬)

ସ୍ୱାଧୀନତାକୁ ସ୍ୱାଧୀନ ଚିତ୍ତରେ ପାଳନ କରିବା ପାଇଁ,

କିଛି ଲୋକଙ୍କର ପୁଣି କୁଣ୍ଠାବୋଧ କାହିଁ ? (୭)

କାହିଁକି ସ୍ୱାଧୀନତା ଦିବସକୁ ଭାବି ଛୁଟି ଟିଏ,

ଆଳସ୍ୟ ପରାଏ ମନୁଷ୍ୟ ଘରେ ଶୋଇଥାଏ ।(୮)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଧୀନତା ଦିବସର କରେନି ପାଳନ,

ଏପରିକି ସ୍ୱାଧୀନ୍ନ ଚେତନାର କରେନି ଚିନ୍ତନ।(୯)

ସ୍ୱାଧୀନ ଭାରତର ସ୍ୱାଧୀନତା ଅଟେ ସମସ୍ତଙ୍କ ପାଇଁ,

ଦେଶର ଐକ୍ୟ ଅଖଣ୍ଡତା ବଜାୟ ରଖିବା ପଡିବାନି ନଇଁ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ଅର୍ଦ୍ଧନାରୀଶ୍ୱର

ବର୍ଷାରାଣୀ ପ୍ରଧାନ



ଭୋଳାନାଥ, ଭୁଲି କି ପାର ଭକତ ସୁଖ,
ତୁମ ଆଶିଷେ ଦୁଃଖୀ ଜୀବନେ ରହେନି ଦୁଃଖ ।

ତୁମେ ହର୍ତ୍ତା, ତୁମେ କର୍ତ୍ତା, ତୁମେ ମୋ ଆରାଧ୍ୟ ଦେବତା,
ତୁମେ ହର୍ତ୍ତା, ତୁମେ କର୍ତ୍ତା, ତୁମେ ହିଁ ତ ସୃଷ୍ଟି ନିର୍ମାତା ।

କୋହଭରା କାହାଣୀଟେ ଦେଲ କାଇଁ ମୋତେ,
ନିରାକାର ତୁମେ ହିଁ ତ ଶ୍ରେଷ୍ଠତମ ନାଟ୍ୟକାର ।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର ।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର ।

ସବୁଠି ଅନ୍ଧାର, ମୋତେ ଦିଶୁନାହିଁ ପଥ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଥ ଦେଖାଅ ପ୍ରଭୁ ହେ, ଧରି ମୋର ହାତ ।

ପରୀକ୍ଷା ନିଏ ଆଜି ଏ ସମୟ ପ୍ରତିକୂଳ,
ବିଶ୍ୱାସ ତୁମେ ମୋର, ତୁମ ନାମ ମୋରି ବଳ ।

ଜାଣିନି,  କ'ଣ ତୁମ ଲେଖା ଭାଗ୍ୟରେ ମୋର,
ଜାଣିଛି ମୁଁ ହରିବିନି କେବେ, ତୁମ କରୁଣା ଅପାର ।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର ।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର ।

ରୋଗୀଟିଏ ମୁଁ, ତୁମେ ଶ୍ରେଷ୍ଠତମ ବଇଦ,
ଅଳ୍ପାୟୁ ଆୟୁଷ୍ମାନ ସବୁ ହୁଏ ସମ୍ଭବ ।

ନାହିଁ କିଛି ମୋ ପାଖରେ ଦେବାକୁ ତୁମକୁ,
ସମର୍ପୁଛି ମୋ ଜୀବନ ପ୍ରଭୁ ଲାଗିଲା ତୁମକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବୁଝା ସନ୍ତାନ ଟେ ମୁଁ ତୁମର ହେ ଈଶ୍ୱର,
ଦୋଷ ମୋର କ୍ଷମା କର, ଭକତିକୁ କର ସ୍ୱୀକାର ।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର ।

ତୁମେ ମାତା, ତୁମେ ପିତା, ତୁମେ ଅର୍ଦ୍ଧନାରୀଶ୍ୱର,
ନାଥ ତୁମେ ପ୍ରଭୁ ଏ ଭକତ ଜୀବନର ।

ବର୍ଷାରାଣୀ ପ୍ରଧାନ
ଝାରବନ୍ଧ, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜନ୍ମାଷ୍ଟମୀ ଉତ୍ସବର ମହତ୍ତ୍ୱ

ନିହାର ରଞ୍ଜନ ସାବତ



## ଜନ୍ମାଷ୍ଟମୀ ଉତ୍ସବର ମହତ୍ତ୍ୱ ଏବଂ ମାନବଜାତି ପାଇଁ ଏହାର ବାର୍ତ୍ତା

ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ଜନ୍ମାଷ୍ଟମୀ ହିନ୍ଦୁ ମାନଙ୍କର ଏକ ପ୍ରମୁଖ ଉତ୍ସବ ଭାବରେ ପାଳନ କରାଯାଏ । ଏହା ଭାଦ୍ରବ ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ, ରୋହିଣୀ ନକ୍ଷତ୍ର ସମୟରେ ପାଳିତ ହୁଏ । ଓଡ଼ିଶା ସମେତ ସମଗ୍ର ଭାରତରେ ଏହି ଉତ୍ସବ ଅତ୍ୟନ୍ତ ଉତ୍ସାହ ଓ ଭକ୍ତି ସହିତ ପାଳନ କରାଯାଏ । ଶ୍ରୀକୃଷ୍ଣଙ୍କ ଜନ୍ମ କାହାଣୀ ମାନବ ଜୀବନକୁ ନୈତିକତା, ଧର୍ମ ଓ କର୍ମର ପଥରେ ଆଲୋକିତ କରିଥାଏ । ଭଗବାନ ଶ୍ରୀକୃଷ୍ଣ ସୃଷ୍ଟି ପାଳନକର୍ତ୍ତା ବିଷ୍ଣୁଙ୍କ ଅଷ୍ଟମ ଅବତାର ଭାବେ ପରିଗଣିତ । ସେ ଦ୍ୱାପର ଯୁଗରେ ମଥୁରାରେ ପିତା ବସୁଦେବଙ୍କ ଔରସରେ ମାତା ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମ ସମୟରେ ମଥୁରାରେ କଂସର ଅତ୍ୟାଚାର ଚରମ ସୀମାରେ ଥିଲା । ଦେବକୀଙ୍କ ଭାଇ କଂସ, ତାଙ୍କ ଅଷ୍ଟମ ଗର୍ଭରୁ ଜାତ ପୁତ୍ରଙ୍କ ଦ୍ୱାରା ମୃତ୍ୟୁ ହେବ ବୋଲି ଶୂନ୍ୟବାଣୀ ଶୁଣି ଦେବକୀ ଓ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରି ରଖିଥିଲେ। କିନ୍ତୁ, ଦୈବୀ ଶକ୍ତିର କୃପାରେ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ବସୁଦେବ ତାଙ୍କୁ ଗୋକୁଳରେ ନନ୍ଦ ଓ ଯଶୋଦାଙ୍କ ନିକଟରେ ପହଞ୍ଚାଇ ଦେଇଥିଲେ। ଶ୍ରୀକୃଷ୍ଣଙ୍କ ଜୀବନ ଏକ ମହାକାବ୍ୟ। ତାଙ୍କର ଲହୁଣୀ ଚୋରି, ଗୋପୀମାନଙ୍କ ସହ ରାସଲୀଳା ପରି ବାଲ୍ୟଲୀଳା, ଏବଂ କଂସ ବଧ ଇତ୍ୟାଦି ଘଟଣାର ହିନ୍ଦୁ ସଂସ୍କୃତିରେ ଗଭୀର ଆଧ୍ୟାତ୍ମିକ ଓ ନୈତିକ ତାତ୍ପର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିଛି। ତାଙ୍କଦ୍ୱାରା ଅର୍ଜୁନଙ୍କୁ ପ୍ରଦାନ କରାଯାଇଥିବା ଗୀତାଜ୍ଞାନ, ହିନ୍ଦୁ ଦର୍ଶନର ଏକ ଅମୂଲ୍ୟ ରତ୍ନ। ଏହା କର୍ମଯୋଗ, ଭକ୍ତିଯୋଗ ଓ ଜ୍ଞାନଯୋଗର ମାର୍ଗ ଦେଖାଇ ମାନବଜାତିକୁ ମୁକ୍ତିର ପଥ ପ୍ରଦର୍ଶନ କରିଛି ।

ହିନ୍ଦୁ ସମାଜରେ ଜନ୍ମାଷ୍ଟମୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ସାମାଜିକ ଏକତା, ସାଂସ୍କୃତିକ ଐତିହ୍ୟ ଏବଂ ଆଧ୍ୟାତ୍ମିକ ଚେତନାର ଏକ ପ୍ରତୀକ । ଏହି ଉତ୍ସବ ମାନବଜାତିକୁ ଶ୍ରୀକୃଷ୍ଣଙ୍କ ଜୀବନ ଓ ଉପଦେଶରୁ ଶିକ୍ଷା ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ । ଜନ୍ମାଷ୍ଟମୀ ହିନ୍ଦୁ ସମାଜରେ ଭକ୍ତିର ଏକ ମହାନ ଉତ୍ସବ । ଏହି ଦିବସରେ ଭକ୍ତମାନେ ଉପବାସ ରଖି, ଶ୍ରୀକୃଷ୍ଣଙ୍କ ପୂଜା କରି ଏବଂ ଭାଗବତ ପାଠ କରି ତାଙ୍କ କୃପା ପାଇଁ ପ୍ରାର୍ଥନା କରନ୍ତି । ଶ୍ରୀକୃଷ୍ଣଙ୍କ ବାଲ୍ୟ ରୂପ ବାଳଗୋପାଳଙ୍କ ପୂଜା ସହିତ ଅନେକ ସ୍ଥାନରେ ଝୁଲଣ ଯାତ୍ରା ଆୟୋଜିତ ହୁଏ । ଶ୍ରୀକୃଷ୍ଣଙ୍କ ଲୀଳାମୟ ଜୀବନ ଭକ୍ତମାନଙ୍କୁ ଏକ ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରିଥାଏ । ଜନ୍ମାଷ୍ଟମୀ ସମାଜରେ ଏକତା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ । ଏହି ଉତ୍ସବ ସମୟରେ ଲୋକମାନେ ଏକତ୍ରିତ ହୋଇ ପୂଜା, କୀର୍ତ୍ତନ, ନୃତ୍ୟ ଓ ନାଟକ ମାଧ୍ୟମରେ ଶ୍ରୀକୃଷ୍ଣଙ୍କ ଲୀଳା ଅଭିନୟ କରନ୍ତି । ଅନେକ ସ୍ଥାନରେ ରାସଲୀଳା ଓ କୃଷ୍ଣଲୀଳା ଆୟୋଜନ କରାଯାଏ, ଯାହା ସମାଜରେ ସାମୂହିକ ସହଭାଗୀତାକୁ ପ୍ରୋତ୍ସାହିତ କରିଥାଏ । ଏହା ସମାଜରେ ସମତା ଓ ଭାଇଚାରାର ଭାବନା ଜାଗ୍ରତ କରେ ।

ଜନ୍ମାଷ୍ଟମୀ ହିନ୍ଦୁ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ।

ଆଧୁନିକ ଯୁଗରେ, ଯେତେବେଳେ ମାନବଜାତି ବିଷୟ ବାସନା, ଅନୈତିକତା ଓ ଆଧ୍ୟାତ୍ମିକ ଶୂନ୍ୟତାରେ ଜର୍ଜରିତ, ଶ୍ରୀକୃଷ୍ଣଙ୍କ ଜୀବନ ଓ ଉପଦେଶ ଏକ ଆଲୋକବର୍ତ୍ତିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରି କାର୍ଯ୍ୟ କରେ । ଜନ୍ମାଷ୍ଟମୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ମାନବଜାତିକୁ ନୈତିକତା, ସତ୍ୟ ଓ ଧର୍ମର ପଥରେ ଚାଲିବାକୁ ପ୍ରେରଣା ଦେଇଥାଏ । ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ କର୍ମଯୋଗର ମହତ୍ତ୍ୱ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ । ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋସ୍ତ୍ୱକର୍ମଣି ।" ଅର୍ଥାତ୍ ତୁମେ କର୍ମ କରିବାକୁ ଅଧିକାରୀ, କିନ୍ତୁ କର୍ମଫଳ ପ୍ରତି ଆସକ୍ତ ହୁଅ ନାହିଁ । ଆଧୁନିକ ଯୁଗରେ, ଯେତେବେଳେ ମଣିଷ ଫଳ ପାଇଁ ଅତ୍ୟଧିକ ଆସକ୍ତ ହୋଇପଡୁଛି, ସେତେବେଳେ ଏହି ମହତ ବାର୍ତ୍ତା ଅତ୍ୟନ୍ତ ପ୍ରାସଙ୍ଗିକ ଯାହା ଆମକୁ ନିଷ୍କାମ କର୍ମ କରିବାକୁ ପ୍ରେରଣା ଦେଇଥାଏ ।

ଶ୍ରୀକୃଷ୍ଣଙ୍କ ଭକ୍ତି ମାନବଜାତିକୁ ସମର୍ପଣ ଓ ଶାନ୍ତିର ପଥ ଦେଖାଇଥାଏ । ଆଧୁନିକ ଯୁଗରେ, ଯେତେବେଳେ ମଣିଷ ଭୌତିକ ସୁଖ ପଛରେ ଦୌଡୁଛି, ଶ୍ରୀକୃଷ୍ଣଙ୍କ ଭକ୍ତି ଆମକୁ ଆଧ୍ୟାତ୍ମିକ ସୁଖ ଓ ଅନ୍ତର୍ନିହିତ ଶାନ୍ତି ପ୍ରାପ୍ତିର ମାର୍ଗ ଦେଖାଇଥାଏ । ଜନ୍ମାଷ୍ଟମୀ ଆମକୁ ସମର୍ପଣର ମହତ୍ତ୍ୱ ଶିଖାଇଥାଏ । ଶ୍ରୀକୃଷ୍ଣଙ୍କ ଜୀବନ ସତ୍ୟ ଓ ନ୍ୟାୟର ପଥରେ ଚାଲିବାର ଏକ ଜ୍ୱଳନ୍ତ ଉଦାହରଣ । କଂସ, ଜରାସନ୍ଧ ପରି ଅସୁରମାନଙ୍କୁ ବଧ, ଏବଂ ମହାଭାରତ ଯୁଦ୍ଧ ମାଧ୍ୟମରେ ସେ ଧର୍ମର ସ୍ଥାପନା କରିଥିଲେ । ଆଜିର ଯୁଗରେ, ଯେତେବେଳେ ଅନ୍ୟାୟ, ଦୁର୍ନୀତି ଓ ଅସତ୍ୟ ବ୍ୟାପୁଛି, ଶ୍ରୀକୃଷ୍ଣଙ୍କ ଜୀବନ ଆମକୁ ସତ୍ୟ ଓ ନ୍ୟାୟ ପାଇଁ ଲଢ଼ିବାକୁ ପ୍ରେରଣା ଦେଇଥାଏ ।

ଶ୍ରୀକୃଷ୍ଣଙ୍କ ଜୀବନ ଧାରା ପ୍ରକୃତି ଓ ପରିବେଶ ପ୍ରତି ଗଭୀର ପ୍ରୀତିର ଏକ ଉଦାହରଣ । ଗୋବର୍ଦ୍ଧନ ପର୍ବତକୁ ପୂଜା କରି ସେ ପ୍ରକୃତିକୁ ସମ୍ମାନ କରିବାର ବାର୍ତ୍ତା ଦେଇଥିଲେ ଯାହା ଆଧୁନିକ ଯୁଗରେ ଆମକୁ ପ୍ରକୃତିର ସଂରକ୍ଷଣ ଓ ସମ୍ମାନ କରିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେରଣା ଦେଇଥାଏ । ସାଂସ୍କୃତିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜନ୍ମାଷ୍ଟମୀ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉତ୍ସବ । ଶ୍ରୀକୃଷ୍ଣଙ୍କ ଜୀବନ କାହାଣୀ ଓ ଉପଦେଶ ଆମକୁ ସତ୍ୟ, ଧର୍ମ, ନ୍ୟାୟ ଓ ଭକ୍ତିର ପଥରେ ଚାଲିବାକୁ ପ୍ରେରଣା ଦେଇଥାଏ । ଆଧୁନିକ ଯୁଗରେ, ଜନ୍ମାଷ୍ଟମୀ ଆମକୁ ନୈତିକତା, ସମର୍ପଣ ଓ ପ୍ରକୃତି ପ୍ରୀତିର ବାର୍ତ୍ତା ଦେଇ ମାନବଜାତିକୁ ଏକ ସୁନ୍ଦର ଭବିଷ୍ୟତ ଗଠନ କରିବାକୁ ପ୍ରେରଣା ଦେଇଥାଏ । ଏହି ଉତ୍ସବ ଆମକୁ ମନେ କରାଇ ଦିଏ ଯେ ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଗ୍ରହଣ କରି ଆମେ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ କରିପାରିବା ।

ନିହାର ରଞ୍ଜନ ସାବତ
ସଂଗଣକ ବିଜ୍ଞାନ ଏବଂ ପ୍ରଯୋଗ ବିଭାଗ
ସୂଚନା ପ୍ରୌଦ୍ୟୋଗିକ ତଥା ପ୍ରବନ୍ଧନ ଶିକ୍ଷା ମହାବିଦ୍ୟାଳୟ (ସାଇମ)
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଭ୍ରାମ୍ୟଭାଷ : +୯୧ ୯୬୬୭୦୧୧୯୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାକ୍ଷୀପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା

ଆଶୁତୋଷ ନାୟକ



ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ । ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶେଷ୍ଠଜୀବ ମନୁଷ୍ୟ । ନିଜର ବୃଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ । ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୁର୍ଲଭ । ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ସତ୍ୟ ସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ

Listen to Odia Podcast Original at https://youtube.com/@drjyotiprasad

ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି

"ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।"
ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ,
ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ ।
ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ ।
ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ,
ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ ।
ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚ଼ରିତ୍ର ହିନ୍ଦୁର ।
ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ ।
ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।
ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ ।
ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।"

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ "ଧର୍ମ" ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ ।

ରାକ୍ଷୀପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ । ଆମ ହିନ୍ଦୁସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ । ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ । ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିକୁ ପରିହାର କରି ହିନ୍ଦୁ ଦେବାଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି । ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚିତ୍ରତା । ଏହାକୁ ଅସ୍ୱୀକାର କରି ହେବନାହିଁ । ଅନେକ  ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ଠାପର । ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବୈଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି ।

ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଈଶ୍ୱରୀୟ ବାର୍ତ୍ତା ରହିଛି । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତ୍ତି, ମାନ ମର୍ଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭ୍ରାତା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ । ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୃଦ୍ଧିମାନର ଡିଣ୍ଡିମ ପିଟୁଥିବା କଳିଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁଚ୍ଛ ହେଇଯାଇଛି, ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ଆବିଳତା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି । ତା ପାଇଁ ସମ୍ପର୍କ ମୂଲ୍ୟହୀନ ହେଇଯାଇଛି ।

ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି । ନିଜର ଅଲିଅଳି ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନ କୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ  ତାଙ୍କର ସବୁ ଇଚ୍ଛା ପୂର୍ଣ୍ଣ କରିଛନ୍ତି । ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା । ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୁତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ । ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ବି ନିଜ ଭଉଣୀର ମାନ ରକ୍ଷା କରିବା, ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ।

ଆଶୁତୋଷ ନାୟକ

ଗୋପାଳପୁର,, ବାଲେଶ୍ୱର,,

୭୦୨୦୭୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁରାଣରେ ବୋଲବମ୍ ଯାତ୍ରା

ନିତ୍ୟ ରଞ୍ଜନ ନନ୍ଦ



ମହାବଳୀ ଭୀମ ଓ ଅର୍ଜୁନ ଦୁହେଁ ମହାଭାରତର ପ୍ରଖ୍ୟାତ ଯୋଦ୍ଧା । ଭୀମ ମହାନ ଗଦାଧର ଭାବେ ଓ ଅର୍ଜୁନ ମହାନ୍ ଧନୁର୍ଧର ଭାବେ ଖ୍ୟାତ । ଦୁହେଁ ଥିଲେ ଭଗବାନ ଶଙ୍କରଙ୍କର ପରମଭକ୍ତ । ଅର୍ଜୁନ ମହାଦେବଙ୍କୁ ତୁଷ୍ଟକରି ପାଶୁପତ ଅସ୍ତ୍ର ଲାଭ କରିଥିଲେ । ଭୀମ ମଧ୍ୟ ନିଷ୍ଠାର ସହ ଭଗବାନ୍ ଶିବଙ୍କ ପୁଜା କରୁଥଲେ । ଭୀମ ଓ ଅର୍ଜୁନଙ୍କ ପୁଜାପଦ୍ଧତି କିନ୍ତୁ ଥିଲା, ପରସ୍ପର ଠାରୁ ଭିନ୍ନ । ଅର୍ଜୁନ ବୈଦିକ କର୍ମକାଣ୍ଡ ଲୋକାଚାର ପଦ୍ଧତିରେ ଶଙ୍କରଙ୍କ ପୂଜା କରୁଥିଲା ବେଳେ, ଭୀମ ପ୍ରତିଦିନ କେବଳ ମାତ୍ର କିଛି ସମୟ ଧ୍ୟାନସ୍ଥ ରହି ମହାଦେବଙ୍କ ମାନସିକ ପୂଜା କରୁଥିଲେ । ଭୀମଙ୍କର ଏଭଳି ସରଳ ପୂଜା କେହି ଜାଣି ପାରୁ ନଥିଲେ । ସେ ମହାଦେବଙ୍କର ଜଣେ ବଡ଼ଭକ୍ତ ବୋଲି ମଧ୍ୟ କେହି ଜାଣି ନଥାନ୍ତି ।

କିନ୍ତୁ ଏହା ଶ୍ରୀକୃଷ୍ଣ ଜାଣିଥିଲେ ।

ଶ୍ରୀକୃଷ୍ଣ ତ ପ୍ରିୟ ସଖା ଅର୍ଜୁନଙ୍କ ମତି ଗତିକୁ ପ୍ରତି ମୁହୂର୍ତ୍ତରେ ପରଖିଥାନ୍ତି । ପ୍ରଭୁ ଦିନେ ଲକ୍ଷ୍ୟ କଲେ ଶିବଙ୍କ ପୂଜା ଉପାସନା ନେଇ, ଅର୍ଜୁନଙ୍କ ମନରେ ଟିକିଏ ଅହଂଭାବ ଉଙ୍କିମାରୁଛି । ମନେ ମନେ ସେ ଭାବନ୍ତି, ଭାଇ ଭୀମ, ବୟସରେ ମୋ ଠାରୁ ବଡ଼, ଗଦାଯୁଦ୍ଧରେ ପ୍ରବୀଣ ମଧ୍ୟ । ମାତ୍ର ପୂଜା ପାଠରେ ମୁଁ ହିଁ ଅଗ୍ରଣୀ । ଶ୍ରୀକୃଷ୍ଣ ଅର୍ଜୁନଙ୍କ ଏହି ଅହଙ୍କାର ମନ ମଧ୍ୟରେ ରଖିଥାନ୍ତି ।

ଦିନେ ସେ ଅର୍ଜୁନଙ୍କୁ କହିଲେ, ସଖେ ! କୈଳାଶକୁ ଯାଇ ଚାଲ ଭଗବାନ୍ ଶିବଙ୍କ ଦର୍ଶନ କରିଆସିବା । ସଖାଙ୍କ କଥା ଶୁଣି ଅର୍ଜୁନ ଅତି ଆନନ୍ଦରେ ସଙ୍ଗେ ସଙ୍ଗେ ବାହାରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଡ଼ିଲେ ଏବଂ କିଛି ସମୟ ଯାତ୍ରା ପରେ ଦୁହେଁ ଯାଇ ଶିବପୁରୀ କୈଳାଶରେ ପହଞ୍ଚି ଗଲେ । କୈଳାଶରେ ପହଞ୍ଚି ଅର୍ଜୁନ ଭକ୍ତି ଗଦଗଦ ହୋଇ ଶିବଲିଙ୍ଗରେ ଲକ୍ଷେ ସ୍ୱର୍ଣ୍ଣଚମ୍ପା ଓ ଲକ୍ଷେ ବେଲପତ୍ର ଚଢ଼ାଇଲେ । ପୁଣି ଲକ୍ଷେ କୁମ୍ଭ ଜାହ୍ନବୀ ଜଳରେ ଶିବ ଲିଙ୍ଗଙ୍କୁ ଜଳଶାୟୀ କଲେ ।

ବାକିରହିଲା ଶିବଙ୍କ ଦର୍ଶନ । କୃଷ୍ଣ କହିଲେ, ସଖା ଚାଲ ପାଖରେ ରମଣୀୟ ମାନସରୋବର ରହିଛି ଟିକିଏ ଦର୍ଶନ କରି ଆସିବା । ସରୋବରର ହଂସ କାରଣ୍ଡବ କୁଜିତ ସ୍ୱଚ୍ଛ ଜଳରେ ଟିକିଏ ସ୍ନାନ କରି ମନ ପ୍ରଫୁଲ୍ଲିତ କରିବା ।

ଉଭୟ ମାନସରୋବର ଦିଗରେ ଅଗ୍ରସର ହେଉଥାନ୍ତି ହଠାତ୍ ଦେଖିଲେ ପର୍ବତାକାରର ସ୍ୱର୍ଣ୍ଣଚମ୍ପା ଶଗଡ଼ରେ ଲଦା ହୋଇ ଆସୁଛି । ପୁଣି ଆଉ କିଛି ଶଗଡ଼ରେ ପର୍ବତାକାର ବେଲପତ୍ର ଲଦା ହୋଇଛି ଓ ଆଉ କେତେକ ଶଗଡ଼ରେ ଅସଂଖ୍ୟ କୁମ୍ଭ ଭର୍ତ୍ତି ଗଙ୍ଗାଜଳ ଲଦା ହୋଇଛି । ଏହା ଦେଖି ଅର୍ଜୁନଙ୍କ ବିସ୍ମୟର ସୀମା ରହିଲାନାହିଁ । ଆଶ୍ଚର୍ଯ୍ୟ ଅଭିଭୂତ ହୋଇ ସେ ଭାବୁଥାନ୍ତି, ଏସବୁ ଯାଉଛି କୁଆଡ଼େ । ପୁଣି ଏହାକୁ କିଏ ପଠାଉଛି ।

ଏମିତି ଚିନ୍ତା କରି ସେ ଶଗଡ଼ିଆମାନଙ୍କୁ ଏକଥା ପଚାରିଲେ । ଶଗଡ଼ିଆ କହିଲେ, ବାଟ ଛାଡ଼ ହୋ, ତୁମ ପ୍ରଶ୍ନର ଉତ୍ତର ଦେବାକୁ ଆମ ପାଖରେ ବେଳ ନାହିଁ । ରାତି ପାହିଲେ, ଲକ୍ଷେ ଚମ୍ପା, ଲକ୍ଷେ ବେଲ ପତ୍ର, ଲକ୍ଷେ କୁମ୍ଭ ଗଙ୍ଗାଜଳ, ମହାଦେବଙ୍କୁ ଲାଗି ହେବ । ଏବେ ପରା, ଭଗବାନ୍ ଶଙ୍କରଙ୍କ ଶ୍ରାବଣ ଅଭିଷେକ ଚାଲିଛି । ଏ କଥା କଅଣ ତୁମକୁ ଜଣା ନାହିଁ । ସେଥିପାଇଁ ଆମେ ନଖାଇ ନପିଇ ଲାଗି ପଡ଼ିଛୁ । ଅର୍ଜୁନ ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ । ସେ ପୁଣି ନମ୍ର ହୋଇ ପଚାରିଲେ, "ଭାଇ ତେବେ ମୋତେ ଖାଲି ଟିକିଏ ବତାଇଦିଅ କେଉଁ ମହାତ୍ମା ଏ ସବୁର ଆୟୋଜନ କରିଛନ୍ତି ?" ବିରକ୍ତ ହୋଇ ଶଗଡ଼ିଆମାନେ କହିଲେ, ଆହେ ତୁମେ ଜାଣିନାହଁ, ପ୍ରତିଦିନ ପା ମହାବଳୀ ଭୀମ, ମହାଦେବଙ୍କ ପାଇଁ ଏଭଳି ପୂଜା ସାମଗ୍ରୀ ପଠାଇଥାନ୍ତି । ଆମେ ବର୍ଷସାରା ତାଙ୍କରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାମରେ ଲାଗି ରହିଛୁ । ଏହା ଶୁଣି ଅର୍ଜୁନ କୃଷ୍ଣଙ୍କ ଆଡ଼େ ବିସ୍ମୟ ବିସ୍ଫାରିତ ନେତ୍ରରେ ଚାହିଁଲେ । ପ୍ରଭୁଙ୍କ ଅଧରରେ ଫୁଟି ଉଠିଲା ସେହି ଭୁବନ ମୋହନ ହସ । ଶ୍ରୀକୃଷ୍ଣ କହିଲେ, ସଖେ ! ତୁମର ଜ୍ୟେଷ୍ଠ ଭ୍ରାତାଙ୍କ ଶିବଭକ୍ତି ଓ ଶିବ ପୂଜନ ଦେଖିଲ ତ ! ଏ ସବୁ ଦେଖି କଅଣ ତୁମେ ଆନନ୍ଦିତ ହେଉ ନାହଁ କି !!!

ଯୋଡ଼ହସ୍ତ ହୋଇ ଅର୍ଜୁନ କହିଲେ, "ସଖା ! କର୍ମକାଣ୍ଡରେ ବିଶ୍ୱାସ ନରଖି ମଧ୍ୟ, ଭାଇ ଭୀମସେନ କିପରି ମହାଦେବଙ୍କ ପୂଜା କରୁଛନ୍ତି, ତାହା ମୁଁ ସ୍ୱଚକ୍ଷୁରେ ଦେଖିଲି । ଆଜି ମୋର ସମସ୍ତ ଅହଙ୍କାର ଦୂର ହୋଇଛି ।

ଏପରି ଥିଲେ ଶିବଭକ୍ତ ଭୀମ । କୁହାଯାଏ ବିରାଟ ନଗରରେ ପାଣ୍ଡବମାନେ ଅଜ୍ଞାତ ବାସ କରୁଥିଲା ବେଳେ ଭୀମ ଯେତେବେଳେ ଛଦ୍ମ ପାଚକ ଭାବେ କାର୍ଯ୍ୟ କରୁଥିଲେ ସେତେବେଳେ ସେ ଅନ୍ୟ ସାଥି ସୂପକାରମାନଙ୍କୁ ନେଇ ଗୁପ୍ତରେ ଶିବ ଅଭିଷେକ ପାଇଁ ଯାତ୍ରା କରୁଥିଲେ । ସେହି ଯାତ୍ରା କାଉଡ଼ିଆ ଯାତ୍ରା ରୂପେ ପରିଚିତ ହୋଇଥିଲା ।

ଡ଼ି ଏଲ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର

ମୋ - ୯୪୩୭୨୧୮୪୨୪

Listen to Odia Podcast Original at https://youtube.com/@drjyotiprasad

# ମଣିଷ ଚିହ୍ନିବ

ସୁଧାଂଶୁ ଶେଖର ଦ୍ୱିବେଦୀ



ଏଠି ଆଜି ସମସ୍ତେ କୃତ୍ରିମ ଚେହେରା ଧରି ବୁଲୁଛନ୍ତି । ସମସ୍ତଙ୍କ ଚେହେରାରେ ମୁଖା ଲାଗିଛି । ଯେଉଁ ମଣିଷ ବାହାରେ ଯାହା ଦେଖା ଯାଆନ୍ତି ଭିତରେ ସେପରି ନୁହନ୍ତି । ଯାହା ଭିତରେ ଦେଖାଯାଆନ୍ତି ତାହା ବାହାରେ ନୁହନ୍ତି । ଦୁନିଆ ବଜାରରେ ଚେହେରାର ଗୋଦାମ ଲାଗିଯାଇଛି । ମଣିଷ ଚିହ୍ନିବା ବଡ଼ ମୁସ୍କିଲ୍ ହୋଇପଡିଛି । ମଣିଷ ଆକୃତି ଭିତରେ ମଣିଷ ଭଳି ମଣିଷଟିଏ ମିଳୁନାହିଁ । ଆଉ ଯେଉଁ ମଣିଷ ମିଳୁଛନ୍ତି ଚେହେରାରେ ମୁଖା ଲଗେଇ ରଖିଛନ୍ତି । ପ୍ରାମାଣିକ ରୂପେ ଜାଣି ହେଉନାହିଁ ସେ ମଣିଷ ନା ବହୁରୂପୀ ? ମୁଖା ପଛରେ ଯେଉଁ ଚେହେରା ଛପିରହିଛି ଚିହ୍ନିବା ସମସ୍ତଙ୍କ ପାଇଁ ଏକ ଅଜବ ପ୍ରଶ୍ନ ହୋଇ ପଡିଛି । ଆଜିଯାଏଁ ସେଭଳି କୌଣସି ଯନ୍ତ୍ର ଉଦ୍ଭାବନ ହୋଇ ନାହିଁ ଯାହା ସାହାଯ୍ୟରେ ଅସଲ ଚେହେରାକୁ ପରୀକ୍ଷା-ନିରୀକ୍ଷା କରି ଚିହ୍ନଟ କରିହେବ ! କୃତ୍ରିମ ଚେହେରାର ସାମ୍ରାଜ୍ୟ ସବୁଆଡେ ବ୍ୟାପ୍ତ । ଦୁନିଆର ଭିଡ଼ ଭିତରେ ଅସଲି ଚେହେରା ଖୋଜି ହେଉନାହିଁ । ଖୋଜିବା ଲୋକ ମଧ୍ୟ ଏମିତି ଯେ ସ୍ୱୟଂ ମୁଖା ଲଗେଇ ରଖିଛନ୍ତି । ମିଛ ଚେହେରା ଆଢୁଆଳରେ ଜୀବନ ଜିଇଁବା ବୋଧହୁଏ ଆମମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି । କୃତ୍ରିମ ଚେହେରା ଲଗେଇ ଜିଇଁ ଚାଲିଛେ କିନ୍ତୁ ଅସଲ ଚେହେରାକୁ ଖୋଜିବା ଲାଗି ପ୍ରୟାସ ଜାରି ରଖିଛୁ । କେହି କେହି ଭାବିଥାନ୍ତି ମନ୍ଦିର, ଗୁରୁଦ୍ୱାରା, ମସଜିଦ, ଚର୍ଚ୍ଚକୁ ଯାଉଥିବା ଲୋକମାନେ ଅସଲି ଚେହେରା ଧରି ଯାଇଥାନ୍ତି । ସଭା ସତସଙ୍ଗକୁ ଯାଉଥିବା ନେତା, ମନ୍ତ୍ରୀ ଓ ଭକ୍ତବୃନ୍ଦ ବୋଧହୁଏ ନିଜ ଚେହେରାକୁ ଘରେ ରଖି ଯାଇଥାନ୍ତି । ଏମତି ବି ଶୁଣାଯାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଗବାନଙ୍କ ନିକଟକୁ ମିଛ ଚେହେରା ନେଇ ଯାଆନ୍ତି ନାହିଁ । ଆମେମାନେ ଧାର୍ମିକ ସ୍ଥଳ, ପ୍ରବଚନ ସ୍ଥଳ କିବା ସତ୍ ସଙ୍ଗକୁ ଗଲେ ବୁଝିଯାଉ ଯେ ଈଶ୍ୱରଙ୍କ ପାଖେ ପହଞ୍ଚିଗଲୁ । କିନ୍ତୁ ବୁଝିହୁଏନି ଯେଉଁ ମୁଖା ଲଗେଇ ସେସବୁ ସ୍ଥାନକୁ ଆମେ ଯାଉ ତାହା ଆମ ଚେହେରାରୁ ଯେ ପର୍ଯ୍ୟନ୍ତ ନିଷ୍କାସିତ ହୋଇନାହିଁ ସେପର୍ଯ୍ୟନ୍ତ କେଉଁଠି ବି ପହଞ୍ଚି ପାରିବୁ ନାହିଁ । ମନ୍ଦିର, ମସଜିଦ୍ ଓ ଧର୍ମ ସ୍ଥଳରେ ଉପସ୍ଥିତ ହୋଇ କୌଣସି ବ୍ୟକ୍ତି ଅନ୍ୟର ମନରେ ଭ୍ରମ ସୃଷ୍ଟି କରିପାରେ କିନ୍ତୁ ମନୁଷ୍ୟର ସେଇ ବେଳେ ପରିଚୟ ମିଳେ ଯେବେ ସେ ମୁଖାକୁ ଖୋଲି ଫିଙ୍ଗିଦିଏ । ଭିତର ଓ ବାହାରର ଭେଦ ଭାବକୁ ଶେଷ କରିଦିଏ ।

ଅନେକ ଲୋକ ବାହାରେ ଖୁବ୍ ସୌମ୍ୟ ଦେଖାଯାଆନ୍ତି, ମୁହଁରେ ସ୍ମିତ ହାସ୍ୟ ରଖି ଆଦର ଭାବ ବ୍ୟକ୍ତ କରି ବିନମ୍ରତା ସହ ଉପସ୍ଥିତ ହୋଇଯାଆନ୍ତି । ପରନ୍ତୁ ତାଙ୍କ ମନ ମଧ୍ୟରେ ଅନ୍ୟପ୍ରତି କି ପ୍ରକାର ଭାବନା ଥାଏ ଆମେମାନେ ଅନଭିଜ୍ଞ ଥାଉ । ପ୍ରକୃତ କଥା ହେଉଛି ତାଙ୍କୁ ଚିହ୍ନିବା ପାଇଁ ଆମ ନିକଟରେ ବାରୋମିଟର ନଥାଏ । ଏଭଳି ସ୍ଥିତିରେ ଆମେ ତାଙ୍କୁ ସଭ୍ୟ ଏବଂ ଖୁବ୍ ଭଲ ମଣିଷ ବୋଲି ଭାବିନେଉ । କେହି ରାମଙ୍କ ମନ୍ଦିରକୁ ଯାଇ ଚନ୍ଦନ ତିଳକ ଲଗାଇ ନେଲେ, କେହି ଭଜନ ସନ୍ଧ୍ୟାକୁ ଯାଇ ଭଜନ ତାଳରେ ଭାବ ବିଭୋର ହେଲେ, କେବେ କୌଣସି ପ୍ରବଚନ ସ୍ଥାନରେ ବିସି ଘଣ୍ଟା ଘଣ୍ଟା ପ୍ରବଚନ ଶୁଣିନେଲେ, କାହା ସହିତ ଦୁଇପଦ ମଧୁର କଥା ଭାଷା ହୋଇଗଲେ, ଆମେ ସବୁ ଅନୁଭବ କରୁ ତାଙ୍କ ଭଳି ଭଲ ମଣିଷ ଦୁନିଆରେ ଆଉ କେହି ନାହିଁ । ହେଲେ ପ୍ରକୃତ ଜୀବନରେ ଘର-ପରିବାର, ବନ୍ଧୁ-କୁଟୁମ୍ବ ସହିତ ତାଙ୍କର ଅସଲ ପରିଚୟ ଭିନ୍ନ ପ୍ରକାର ଥାଏ । ବାହାରକୁ ବାହାରିଲେ ମୁଖା ପିନ୍ଧି ବାହାରିଥାନ୍ତି । ସେଭଳି ଲୋକଙ୍କୁ ଚିହ୍ନିବା ସମସ୍ତଙ୍କ ପାଇଁ ବଡ଼ ଅସମ୍ଭବ ହୋଇ ପଡେ । ଏହିପରି ଉଦାରତା ମୂର୍ତ୍ତିମାନ ହୋଇ ଅନେକ ନିଜ ଚେହେରାରେ ମୁଖା ଲଗେଇ ଅନ୍ୟକୁ ଅସୁବିଧାରେ ପକାଇଥାନ୍ତି । କେହି ବିଦ୍ୱାନ ହେବାର ନକଲି ଚେହେରା ଲଗେଇ ଥାଏ, ଆଉ କେହି ସମାଜ ସେବକ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧର୍ମାତ୍ମା ହେବାର ମୁଖା ଲଗେଇଥାନ୍ତି ।

ଆଜି ପ୍ରତ୍ୟେକ ନିଜ ନିଜର ଅସଲ ଚେହେରାକୁ ଛପେଇବା ପାଇଁ ଉପାୟ ଖୋଜି ଚାଲିଛନ୍ତି । ଏହାସତ୍ତ୍ୱେ ସେମାନେ ଏତେ ସାବଧାନରେ କାର୍ଯ୍ୟ କରନ୍ତି ଯେପରି ଅନ୍ୟକାହାକୁ ନିଜର ପ୍ରକୃତ ଚେହେରା ଜଣାପଡି ନଯାଉ । ଯାହାଙ୍କୁ ଧର୍ମାତ୍ମା ବୋଲି ଭାବିଥିଲୁ ତାଙ୍କର ଅସଲ ଚେହେରା ଧରା ପଡିଯିବାପରେ ଜଣାପଡେ ଏଭଳି ଦୁଷ୍ଟାତ୍ମାକୁ ଖୋଜିଲେ ମିଳିବେ ନାହିଁ । ଯାହାକୁ ସମାଜସେବୀ ଭାବିଥିଲୁ ସେ ନିଜର ସେବା କରିବାର କୌଶଳକୁ ଅକ୍ତିଆର କରି ସମସ୍ତଙ୍କ ସମ୍ମୁଖରେ ଛଳନାର ଅଭିନୟ କରିଚାଲିଥିଲା । ଶିଶୁ କଲ୍ୟାଣ, ନାରୀ କଲ୍ୟାଣ, ଅନାଥାଶ୍ରମ, ବୃଦ୍ଧାଶ୍ରମ ନାମରେ ଅନେକ ଗୁଡିଏ ସଂସ୍ଥା ଆମ ଦେଶରେ ଅଛି । କେବେ ଯଦି ସେସବୁ ସଂସ୍ଥାରେ ପୋଲିସ କେଶ ହୁଏ ଜଣାପଡେ ସେସବୁ ସଂସ୍ଥାର ଉତ୍ତରାଧିକାରୀମାନେ ଜନସାଧାରଣଙ୍କ ପ୍ରତି କେତେ କଲ୍ୟାଣ କରୁଛନ୍ତି! କେହି ବୃଦ୍ଧାଶ୍ରମ ନାମରେ ନିଜ ଘରକୁ ଭରିବାରେ ଲାଗିଛି ତ କେହି ନାରୀ କଲ୍ୟାଣ ନାମରେ ନାରୀ ନିର୍ଯ୍ୟାତନାର ମୁଖ୍ୟ ପୁରୋଧା ସାଜୁଛି । ସମସ୍ତେ ନିଜ ନିଜ ଢଙ୍ଗରେ ଯେ ଯାହା କାମରେ ଲାଗିପଡିଛନ୍ତି । ତଥାପି ସମସ୍ତେ ଗୋଟିଏ ଭାଡ଼ିର ପାରା ନୁହଁନ୍ତି । ଖୋଜିଲେ ଏବେ ବି ଭଲ ମଣିଷର ଅଭାବ ନାହିଁ । ବୋଧହୁଏ ସେଇମାନଙ୍କ ପାଇଁ ଦୁନିଆରେ ସୁଖ, ଶାନ୍ତି, ପୂଣ୍ୟ, ଧର୍ମ ଆଦି ସୁବ୍ୟବସ୍ଥିତ ଅଛି । ନହେଲେ ବ୍ରହ୍ମାଣ୍ଡର ଗତି, ସ୍ଥିତି, ପ୍ରଗତି ଅଚଳ ହୋଇଯାଆନ୍ତା!

ବିସି-୭୪,ସଲ୍ଟ ଲେକ୍,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୋଟିଏ ଛୋଟ ପଦକ୍ଷେପ : ଆପୋଲୋ ୧୧

ଅସିତ ମହାନ୍ତି



ଚନ୍ଦ୍ରରେ ପ୍ରଥମ ମାନବ ଅବତରଣ କରିବା ଲକ୍ଷ୍ୟରେ 'ଆପୋଲୋ -୧୧' ଜୁଲାଇ ୧୬, ୧୯୬୯ରେ ସକାଳ ୮:୩୨ରେ କେନ୍ଦ୍ରୀୟ ଦିବାଲୋକ ସମୟ (CDT)ରେ ଉତକ୍ଷେପଣ କରାଯାଇଥିଲା । କମାଣ୍ଡର ନୀଲ ଆର୍ମଷ୍ଟ୍ରଙ୍ଗ, କମାଣ୍ଡ ମଡ୍ୟୁଲ୍ ପାଇଲଟ୍ ମାଇକେଲ୍ କଲିନ୍ସ ଏବଂ ଲୁନାର୍ ମଡ୍ୟୁଲ୍ ପାଇଲଟ୍ ଏଡୱିନ୍ "ବଜ୍" ଆଲଡ୍ରିନ୍ ଜୁଲାଇ ୧୯ ତାରିଖ ଅପରାହ୍ଣରେ ଚନ୍ଦ୍ର କକ୍ଷପଥରେ ପ୍ରବେଶ କରିଥିଲେ । ପରଦିନ, ଆର୍ମଷ୍ଟ୍ରଙ୍ଗ ଏବଂ ଆଲଡ୍ରିନ୍ ଲୁନାର୍ ମଡ୍ୟୁଲ୍, ଇଗଲ୍ ରେ ଚନ୍ଦ୍ର ପୃଷ୍ଠକୁ ସେମାନଙ୍କର ଅବତରଣ ଆରମ୍ଭ କରନ୍ତି । ଶାନ୍ତ ସାଗରରେ ଯୋଜନାବଦ୍ଧ ଅବତରଣ ସ୍ଥାନକୁ ଏକ ସମତଳ, ସୁରକ୍ଷିତ ସ୍ଥାନ ଭାବରେ ଚୟନ କରାଯାଇଥିଲା ଏବଂ ଚନ୍ଦ୍ରଠାରୁ ୧୦ ମାଇଲ୍ ଉଚ୍ଚତାରେ ଆପୋଲୋ ୧୦ ଦ୍ୱାରା ସର୍ଭେ କରାଯାଇଥିଲା ।

ତଥାପି, ମିଶନରେ ପୂର୍ବରୁ ଏକ ନାଭିଗେସନ୍ ତ୍ରୁଟି ଯୋଗୁଁ ଇଗଲ୍ ଯୋଜନାବଦ୍ଧ ଅବତରଣ ସ୍ଥାନଠାରୁ ପ୍ରାୟ ୭ କିଲୋମିଟର ଦୂରରେ ଥିଲା । ୧୨.୬ ମିନିଟ୍-ଲମ୍ବା ଚାଳିତ ଅବତରଣ ସମୟରେ, ମୋଟ ପାଞ୍ଚଟି ଅପ୍ରତ୍ୟାଶିତ କମ୍ପ୍ୟୁଟର ଆଲାର୍ମ ଥିଲା । ଏହି ସମସ୍ତ ଆଲାର୍ମ ସୂଚାଇଥିଲା ଯେ ଇଗଲର କମ୍ପ୍ୟୁଟର ସିଷ୍ଟମ ଓଭରଲୋଡ୍ ହୋଇଯାଇଥିଲା, କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ, ମିଶନ୍ କଣ୍ଟ୍ରୋଲ୍ ସିଦ୍ଧାନ୍ତରେ ପହଞ୍ଚିଥିଲା ଯେ ଅବତରଣ ଜାରି ରଖିବା ସୁରକ୍ଷିତ । ଏହି ଆଲାର୍ମଗୁଡ଼ିକ ମଧ୍ୟରୁ ଶେଷ ଆଲାର୍ମ ଅବତରଣର ତିନି ମିନିଟ୍ ପୂର୍ବରୁ ହୋଇଥିଲା, ଯେତେବେଳେ ଚାଳକ ଦଳ ପୃଷ୍ଠରୁ ୫୦୦ ମିଟରରୁ କମ୍ ଉଚ୍ଚରେ ଥିଲେ । ନାଭିଗେସନ୍ ତ୍ରୁଟି ଯୋଗୁଁ, କମ୍ପ୍ୟୁଟର ପଶ୍ଚିମ କ୍ରେଟରକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘେରି ରହିଥିବା ଦୁର୍ଗମ, ପଥର-ପୂର୍ଣ୍ଣ ଇଜେକ୍ଟା କ୍ଷେତ୍ରରେ ଏକ ଅସୁରକ୍ଷିତ ଟଚଡାଉନ୍ ପଏଣ୍ଟ ଆଡକୁ ମହାକାଶଯାନକୁ ମାର୍ଗଦର୍ଶନ କରୁଥିଲା । ଆର୍ମଷ୍ଟ୍ରଙ୍ଗ ମାନୁଆଲ୍ ନିୟନ୍ତ୍ରଣ ନେଇଥିଲେ ଏବଂ ଗର୍ତ୍ତର ବାହାରେ ଏକ ସୁରକ୍ଷିତ ଅବତରଣ ସ୍ଥାନକୁ ଉଡ଼ିଥିଲେ । ଅପରାହ୍ଣ ୩:୧୭ CDT(Central Daylight Time)ରେ, ସେ ସେମାନଙ୍କର ସୁରକ୍ଷିତ ଅବତରଣ ଘୋଷଣା କରିଥିଲେ, "ହ୍ୟୁଷ୍ଟନ୍, ଟ୍ରାଙ୍କୁଲିଟି ବେସ୍ । ଇଗଲ୍ ଅବତରଣ କରିଛି ।" ଅବତରଣ ସମୟରେ, ମିଶନ୍ କଣ୍ଟ୍ରୋଲ୍ ଭାବିଥିଲା ଯେ ଅବତରଣ ପର୍ଯ୍ୟାୟରେ ମହାକାଶଯାନର ମାତ୍ର ୧୭ ସେକେଣ୍ଡ ଇନ୍ଧନ ବାକି ଥିଲା । ତଥାପି, ମିଶନ୍ ପରବର୍ତ୍ତୀ ବିଶ୍ଳେଷଣ ଦେଖାଇଥିଲା ଯେ ଆର୍ମଷ୍ଟ୍ରଙ୍ଗଙ୍କ ସୁରକ୍ଷିତ ଅବତରଣ ସ୍ଥାନ ଖୋଜିବା ସମୟରେ ଇନ୍ଧନ ଟାଙ୍କିରେ ସ୍ଲୋଶିଂ ଇନ୍ଧନ ଗଜ୍ ଏକ ଭୁଲ ରିଡିଂ ଦେଇଥିଲା । ଇଗଲ୍ ପ୍ରକୃତରେ ତଳକୁ ଛୁଇଁବା ସମୟରେ ପ୍ରାୟ ୪୫ ସେକେଣ୍ଡ ଇନ୍ଧନ ବାକି ଥିଲା । ଇଗଲ୍‌ର ସିଷ୍ଟମ ଗୁଡ଼ିକର ଯାଞ୍ଚ ପରେ, ଆର୍ମଷ୍ଟ୍ରଙ୍ଗ ଏବଂ ଆଲଡ୍ରିନ୍ ସେମାନଙ୍କର ଚନ୍ଦ୍ରଯାତ୍ରା ପାଇଁ ପ୍ରସ୍ତୁତ ହେଲେ । ରାତି ୯:୫୬ CDTରେ, ଆର୍ମଷ୍ଟ୍ରଙ୍ଗ ଚନ୍ଦ୍ରପୃଷ୍ଠରେ ପାଦ ରଖିଲେ, "ଏହା ମଣିଷ ପାଇଁ ଏକ ଛୋଟ ପଦକ୍ଷେପ, ମାନବଜାତି ପାଇଁ ଏକ ବିରାଟ ଲମ୍ଫ ।" ଆଲଡ୍ରିନ୍ କିଛି ସମୟ ପରେ ଏହା ଅନୁସରଣ କଲେ । ଏହି ପ୍ରଥମ ଚନ୍ଦ୍ରଯାତ୍ରାର ଅବଧି ମାତ୍ର ୨ ଘଣ୍ଟା ୩୧ ମିନିଟ୍ ମଧ୍ୟରେ ସୀମିତ ଥିଲା, ଏବଂ ଦଳ ଇଗଲ୍‌ଠାରୁ ୬୦ ମିଟର ଦୂରତା ମଧ୍ୟରେ ରହିଲେ । ଆର୍ମଷ୍ଟ୍ରଙ୍ଗ ଏବଂ ଆଲଡ୍ରିନ୍ ୨୧.୬ କିଲୋଗ୍ରାମ ନମୁନା ସଂଗ୍ରହ କରିଥିଲେ ଏବଂ ଚନ୍ଦ୍ର ଭୂମିକମ୍ପ ମାପିବା ପାଇଁ ଏକ ଭୂକମ୍ପମାପକ, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ସଠିକ୍ ମାପ ସକ୍ଷମ କରିବା ପାଇଁ ଏକ ଲେଜର ରେଟ୍ରୋରିଫ୍ଲେକ୍ଟର ଏବଂ ସୌର ପବନର ନମୁନା ସଂଗ୍ରହ କରିବା ପାଇଁ ଏକ ଡିଭାଇସ୍ ନିୟୋଜିତ କରିଥିଲେ । ସେମାନେ ଯୁକ୍ତରାଷ୍ଟ୍ର ପତାକା ସ୍ଥାପନ କରିବା, ଚନ୍ଦ୍ର ମଡ୍ୟୁଲ୍‌ରେ ଏକ ସ୍ମାରକୀ ଫଳକ ଉନ୍ମୋଚନ କରିବା ଏବଂ ରାଷ୍ଟ୍ରପତି ରିଚାର୍ଡ ନିକ୍ସନଙ୍କ ସହ ଏକ ସଂକ୍ଷିପ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଲୋଚନା କରିବା ସମେତ ଆନୁଷ୍ଠାନିକ କର୍ତ୍ତବ୍ୟ ମଧ୍ୟ କରିଥିଲେ । ଚନ୍ଦ୍ର ଅବତରଣ ସମୟରେ, କଲିନ୍ସ କମାଣ୍ଡ ମଡ୍ୟୁଲ୍, କଲମ୍ବିଆରେ ଚନ୍ଦ୍ର କକ୍ଷପଥରେ ରହିଥିଲେ । ଚନ୍ଦ୍ରରେ ମାତ୍ର ୨୧.୬ ଘଣ୍ଟା ପରେ, ଇଗଲ୍‌ର ଆରୋହଣ ପର୍ଯ୍ୟାୟ ଚନ୍ଦ୍ର କକ୍ଷପଥକୁ ଫେରି ଆସିଲା ଏବଂ କଲମ୍ବିଆରେ ପୁନର୍ବାର ଯୋଗଦେଲା । ମୋଟ ଉପରେ, ଆପୋଲୋ ୧୧ ଚନ୍ଦ୍ର କକ୍ଷପଥରେ ୨.୫ ଦିନ ବିତାଇଲା, ଚନ୍ଦ୍ରକୁ ୩୧ ଥର ପରିକ୍ରମା କଲା । ୮ ଦିନ ୩ ଘଣ୍ଟା ଉଡ଼ାଣ ପରେ ବିମାନ କର୍ମଚାରୀମାନେ ୨୪ ଜୁଲାଇରେ ହାୱାଇର ଦକ୍ଷିଣ-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଅବତରଣ କରି ସୁରକ୍ଷିତ ଭାବରେ ପୃଥିବୀକୁ ଫେରି ଆସିଲେ । ଯଦିଓ ବୈଜ୍ଞାନିକମାନେ ଚନ୍ଦ୍ରରେ ଜୀବନ ଥିବା ଅସମ୍ଭବ ବୋଲି ଭାବିଥିଲେ, ତଥାପି ଦଳକୁ ୨୧ ଦିନ ପାଇଁ ଜୈବିକ ପୃଥକୀକରଣରେ ରଖାଯାଇଥିଲା । ମିଶନ ପରବର୍ତ୍ତୀ ବିଶ୍ଲେଷଣରୁ ଜଣାପଡିଛି ଯେ ଆପୋଲୋ ୧୧ ନମୁନାରେ ଦୁଇଟି ପ୍ରାଥମିକ ପଥର ପ୍ରକାର ଥିଲା । ତରଳିତ ମ୍ୟାଗ୍ମାର ଘନୀଭୂତ ହେବା ଦ୍ୱାରା ବାସାଲ୍ଟ ଗଠିତ ହୁଏ । ଆପୋଲୋ ୧୧ ବାସାଲ୍ଟ ୩.୬ ରୁ ୩.୯ ବିଲିୟନ ବର୍ଷ ପୂର୍ବେ ଗଠିତ ହୋଇଥିଲା ଏବଂ ଟାଇଟାନିୟମ ଉପାଦାନରେ ଅସାଧାରଣ ଭାବରେ ସମୃଦ୍ଧ । ବ୍ରେସିଆସ୍ ଅନ୍ୟ ପଥରର ଖଣ୍ଡରେ ଗଠିତ । ଚନ୍ଦ୍ରରେ, ବସ୍ତୁଗୁଡ଼ିକୁ ପ୍ରଭାବିତ କରି ଭାଙ୍ଗି ଯାଇଥିବା ପଥରରୁ ବ୍ରେସିଆସ୍ ସୃଷ୍ଟି ହୁଏ । ଚନ୍ଦ୍ର ନମୁନାଗୁଡ଼ିକର ବିଶ୍ଲେଷଣ ମଧ୍ୟ ନିଶ୍ଚିତ କରିଛି ଯେ ସେଗୁଡ଼ିକ ପ୍ରକୃତରେ ନିର୍ଜୀବ ଥିଲେ ଏବଂ ଜଳର କୌଣସି ପ୍ରମାଣ ଦେଖାଇ ନଥିଲେ ।

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର , ଯାଜପୁର
୯୪୩୭୨୮୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିର୍ଲିପ୍ତ ଭାବର ଜୀବନ

ମନୋଜ କୁମାର ଭୋଇ



ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, କର୍ମ କର, କିନ୍ତୁ ଫଳ ଉପରେ ତୁମର ଅଧିକାର ରଖିନାହିଁ । ଏହି ଉପଦେଶ ନିର୍ଲିପ୍ତତାର ମୂଳ ତତ୍ତ୍ୱ ଅଟେ । ବୌଦ୍ଧ ଧର୍ମ ମଧ୍ୟ ନିର୍ଲିପ୍ତ ଭାବକୁ ମୋକ୍ଷ ପାଇଁ ଅବଶ୍ୟକ ବୋଲି ମାନି ଥାଏ । ସାଧନା, ଧ୍ୟାନ ଓ ନିଜ ପ୍ରବୃତ୍ତି ଉପରେ ନିୟନ୍ତ୍ରଣ ଦ୍ୱାରା ଏହି ଗୁଣ ସବୁ ଅନ୍ୟାୟସରେ ଉନ୍ମୋଚିତ ହୋଇଥାଏ ।

ନିର୍ଲିପ୍ତତା ଅର୍ଥାତ ଅନାସକ୍ତି ହେଉଛି ଏମିତି ଏକ ମାନସିକ ଅବସ୍ଥା, ଯେଉଁଠି ମନୁଷ୍ୟ ଜଗତର ସୁଖ, ଦୁଃଖ, ଲାଭ, ହାନି, ଯଶ, ଅପଯଶ ପ୍ରତି ନିଜର ଭାବନାକୁ ବାନ୍ଧି ରଖେ ନାହିଁ । ଏହି ଧାରଣା ବ୍ରହ୍ମଜ୍ଞାନ, ଧ୍ୟାନ ଏବଂ ମାନସିକ ଶାନ୍ତି ପାଇଁ ଅତ୍ୟନ୍ତ ଜରୁରୀ । ନିର୍ଲିପ୍ତ ଭାବ ମାନେ କୌଣସି ଜିନିଷ ପ୍ରତି ରୁଚି ନ ଥିବା ନୁହେଁ, ବରଂ ଏହା ଅର୍ଥ ହେଉଛି ଯାହା ଘଟୁଛି, ତାହାକୁ ସ୍ୱୀକାର କରିବା, ଦୁଃଖରେ ଭାଙ୍ଗି ପଡ଼ିବା ନୁହେଁ ଓ ସୁଖରେ ଅତି ଆନନ୍ଦିତ ହେଇ ଅନ୍ୟମାନଙ୍କୁ ଅବହେଳା କରିବା ନୁହେଁ । ଏହା ମନୁଷ୍ୟଙ୍କୁ ଅନ୍ତଃଶାନ୍ତି ପ୍ରଦାନ କରିଥାଏ ।

ଆଧୁନିକ ଯୁଗର ମନୁଷ୍ୟ ତ୍ୱରିତ ଲାଭ, ନିଜ ସ୍ୱାର୍ଥ, ଓ ସାମଗ୍ରୀକ ସୁଖ ପଛରେ ଦୌଡ଼ି ଚାଲିଛି । ଫଳସ୍ୱରୂପ, ଅସନ୍ତୋଷ, ଅଶାନ୍ତି ଓ ଆତ୍ମହନନର ପ୍ରବୃତ୍ତି ବଢ଼ିବାରେ ଲାଗିଛି । ଏପରି ପରିସ୍ଥିତିରେ ନିର୍ଲିପ୍ତତା ଲୋକଙ୍କୁ ସତ୍ୟ ଜୀବନର ମୂଲ୍ୟ ବୁଝାଇପାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଦୁଃଖ ମଧ୍ୟରେ ବି ଶାନ୍ତି ଅନୁଭବ କରିବା ଶିଖାଇପାରେ ।

ନିର୍ଲିପ୍ତତା ମଣିଷର କୌଣସି ଦୁର୍ବଳ ମାନସିକତା ନୁହେଁ, ଏହା ହେଉଛି ଜୀବନକୁ ଦେଖିବାର ଏକ ଶକ୍ତିଶାଳୀ ଭାବନା । ଯେଉଁ ଜନ ନିର୍ଲିପ୍ତ ଭାବନାରେ ଜୀବନ ନିର୍ବାହ କରନ୍ତି, ସେମାନେ ଜୀବନର ସମସ୍ତ ଅନୁଭୂତିକୁ ସ୍ୱାଭାବିକ ଭାବରେ ଗ୍ରହଣ କରନ୍ତି । ଏହି ମାନସିକତା ଆମକୁ ସମଦର୍ଶୀତା ଭାବ, ଶାନ୍ତ ତଥା ଦୃଢ଼ ଜୀବନ ଦେଇପାରେ ।

ଶ୍ରୀକୃଷ୍ଣ କହନ୍ତି ନିର୍ଲିପ୍ତ ହୁଅ, କିନ୍ତୁ ନିଷ୍କ୍ରିୟ ନୁହେଁ । ଜୀବନକୁ ଜିଅଁ, କିନ୍ତୁ ତାହାରେ ଲୁପ୍ତ ହୋଇ ଯାଅ ନାହିଁ ।

ଜ୍ୟୋସ୍ନା ନିବାସ

ଟିକାବାଲି, କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଘଟିପାରେ ଏହା ଏଇ ଭାରତରେ

ସଞ୍ଜୀବ କୁମାର ଦାସ



ଘଟଣା ପ୍ରବାହରେ ମୁହୂର୍ତ୍ତରୁ ମୁହୂର୍ତ୍ତକୁ ଘଟି ଯାଉଚି ଅନେକ ଘଟଣା । ସେ ସବୁର ହିସାବ ରଖିବା ସମ୍ଭବପର ନ ହେଲେ ବି ଗୁରୁତ୍ୱପୂର୍ଣ୍ଣ ବିଷୟାବଳୀ ଲିପିବଦ୍ଧ ରହୁଚି । ତାହାରି ଭିତରେ ଯାହାକୁ ଆମେ ସାମାନ୍ୟ କଥା କହି ଏଡେଇ ଦେଉ, ତାହାର ଗୁରୁତ୍ୱ କିଛି କମ୍ ନୁହଁ । ଏମିତି ଏକ ଆଶ୍ଚର୍ଯ୍ୟ ଲାଗିଲେ ବି ସତ ଘଟଣାଟିଏ ଏବେ ବିହାର ପ୍ରଦେଶର ପାଟନା ଜିଲ୍ଲା ଅନ୍ତର୍ଗତ ମାସାହୁଡ଼ି ନଗର ପରିଷଦରେ ଦେଖିବାକୁ ମିଳିଛି । ଘଟଣାଟିକୁ ଟିକିନିଖି ଭାବେ ଲୋକଲୋଚନକୁ ଆଣିଛନ୍ତି ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ।

ଘଟଣାକ୍ରମ ଉପରେ ଦୃଷ୍ଟି ନିକ୍ଷେପ କରିବା । ବିହାରରେ ରାଜ୍ୟ ବିଧାନସଭା ନିର୍ବାଚନ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ହେବ । ସମ୍ପ୍ରତି ଜୁଲାଇ ୨୫ ତାରିଖରେ ସମାପ୍ତ ହୋଇଥିବା ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ ଆଇ ଆର) ଅର୍ଥାତ୍ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି । ଚଳିତ ଅଗଷ୍ଟ ୧ ତାରିଖ ଦିନ ଭାରତୀୟ ନିର୍ବାଚନ କମିଶନ ଏହାର ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ବିହାର ପାଇଁ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିଛନ୍ତି । କମିଶନ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ ଡ୍ରାଫ୍ଟ ଭୋଟର ତାଲିକାରେ ୭୨.୪ ନିୟୁତ ଭୋଟର ଅଛନ୍ତି । ଏହି ତଥ୍ୟକୁ ବିରୋଧୀ ଦଳମାନେ ସହଜରେ ଗ୍ରହଣ କରିପାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହାନ୍ତି ।

ଏହାରି ମଧ୍ୟରେ ରାଜ୍ୟ ଜନସେବା ଅଧିକାର ପୋର୍ଟାଲରୁ ପାଟନା ଜିଲ୍ଲାର ମାସାହୁଡ଼ି ଅଞ୍ଚଳରେ ଏକ ଅଭିନବ ବାସସ୍ଥାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନଜରକୁ ଆସିଥିଲା । ପ୍ରମାଣପତ୍ରଟି ଗୋଟିଏ ଶ୍ୱାନ ନାମରେ ଜାରି କରାଯାଇଛି । ବିବାଦୀୟ କଥାଟି ହେଉଛି ଭୋଟର ତାଲିକାର ସଂଶୋଧନ ସମୟରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରମାଣ ସ୍ୱରୂପ ୧୧ଟି ପ୍ରମାଣପତ୍ର ମଧ୍ୟରୁ ନିର୍ବାଚନ କମିଶନଙ୍କ ଦ୍ୱାରା ବାସସ୍ଥାନ ପ୍ରମାଣପତ୍ର ଆବଶ୍ୟକ କରାଯାଇଥିଲା ଯାହା ଏକ ଶ୍ୱାନ ନାମରେ ଅଙ୍କିତ ଥିଲା । ଅବଶ୍ୟ ପରେ, ପାଟନା ଜିଲ୍ଲା ମାଜିଷ୍ଟ୍ରେଟ୍ ଏସ୍.ଏମ୍. ତ୍ୟାଗରାଜନ କହିଛନ୍ତି ଯେ ପ୍ରମାଣପତ୍ରକୁ ବାତିଲ କରାଯାଇଛି ଏବଂ ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ମାଗିବା ସହିତ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ନିଶ୍ଚିତ କରି ସେ କହିଛନ୍ତି ଯେ ଦୋଷୀ ସାବ୍ୟସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେ ଆହୁରି କହିଛନ୍ତି ଯେ ଏହି ମାମଲାଟି ଅତ୍ୟନ୍ତ ଗମ୍ଭୀର ଏବଂ କିଛି ଦୁଷ୍ଟ ବ୍ୟକ୍ତି ଏପରି ପ୍ରୟାସ କରିଛନ୍ତି ।

କଥିତ ପ୍ରମାଣପତ୍ରଟି ଜୁଲାଇ ୨୪ ତାରିଖ ଅପରାହ୍ନ ୩:୫୬ରେ ଜାରି କରାଯାଇଥିଲା ଏବଂ ଏହାକୁ ତୁରନ୍ତ ଦୁଇ ମିନିଟ୍ ମଧ୍ୟରେ ଅପରାହ୍ନ ୩:୫୮ରେ ବାତିଲ କରାଯାଇଥିଲା । ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଜିଲା ମାଜିଷ୍ଟ୍ରେଟ କହିଛନ୍ତି ଯେ ସବ-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ତାଙ୍କର ରିପୋର୍ଟ ଦାଖଲ କରିଛନ୍ତି ଯେଉଁଥିରେ ଏହା ଜଣାପଡିଛି ଯେ ଦିଲ୍ଲୀର ଜଣେ ମହିଳାଙ୍କ ଆଧାର କାର୍ଡ ସହିତ ଆବାସିକ ପ୍ରମାଣପତ୍ର ଦାଖଲ କରାଯାଇଥିଲା ଏବଂ ଏହି ତଥ୍ୟ ଆଧାରରେ ସମସ୍ତ ଦୋଷୀ ଅଧିକାରୀ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କୌତୁହଳର ବିଷୟ ହେଉଛି ଯେ "ଡଗ୍ ବାବୁ" ନାମରେ ଜାରି ହୋଇଥିବା ଆବାସିକ ପ୍ରମାଣପତ୍ରରେ ଏକ 'ଗୋଲ୍ଡେନ ରିଟ୍ରିଭର'ର ଫଟୋ ଅଛି ଯେଉଁଥିରେ ତାଙ୍କ ପିତାଙ୍କ ନାମ "କୁତା ବାବୁ" ଏବଂ ମାତାଙ୍କ ନାମ "କୁତିଆ ଦେବୀ" ବୋଲି ଉଲ୍ଲେଖ ଅଛି । ସମ୍ପୂର୍ଣ୍ଣ ଠିକଣା ସହିତ ସେ ମୋହଲ୍ଲା କୌଲିଚକ, ୱାର୍ଡ ନମ୍ବର ୧୫, ପୋଷ୍ଟ ଅଫିସ ମାସାହୁଡ଼ି, ପିନ୍ କୋଡ୍ ୮୦୪୪୫୨, ପୋଲିସ ଷ୍ଟେସନ ମାସାହୁଡ଼ି, ବ୍ଲକ ମାସାହୁଡ଼ି, ଡିଭିଜନ ମାସାହୁଡ଼ି, ଜିଲ୍ଲା: ପାଟନା, ରାଜ୍ୟ ବିହାରର ସ୍ଥାୟୀ ବାସିନ୍ଦା ଭାବରେ ତାଲିକାଭୁକ୍ତ ହୋଇଛନ୍ତି ।

ପ୍ରଦତ୍ତ ପ୍ରମାଣପତ୍ରରେ ରାଜସ୍ୱ ଅଧିକାରୀ ମୁରାରୀ ଚୌହାନଙ୍କ ଡିଜିଟାଲ୍ ସ୍ୱାକ୍ଷର ଅଛି । ଯେତେବେଳେ “କୁକୁର ବାବୁ” ନାମରେ ଜାରି କରାଯାଇଥିବା ବାସସ୍ଥାନ ପ୍ରମାଣପତ୍ର ଗଣ ମାଧ୍ୟମରେ ଭାଇରାଲ ହୋଇଥିଲା ଏବଂ ଏହା ପରେ ଅନେକ ମନ୍ତବ୍ୟ ଗଣ ମାଧ୍ୟମରେ ଦିଆଯାଇଥିଲା, ସେତେବେଳେ ପାଟନା ଜିଲ୍ଲା ପ୍ରଶାସନ ଏ ବିଷୟରେ ଅବଗତ ହୋଇଥିଲେ । ପ୍ରଶାସନ ପକ୍ଷରୁ ସୋସିଆଲ ମିଡିଆ ପୋଷ୍ଟରେ କୁହାଯାଇଛି ଯେ ଆବେଦନକାରୀ, କମ୍ପ୍ୟୁଟର ଅପରେଟର ଏବଂ ପ୍ରମାଣପତ୍ର ଜାରି କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଏକ ପ୍ରଥମ ସୂଚନା ରିପୋର୍ଟ( ଏଫ୍ ଆଇ ଆର) ରୁଜୁ କରାଯାଇଛି ।

ଘଟଣାକ୍ରମର ଅନ୍ୟ ଏକ ମୋଡରେ ପୁନର୍ବାର ରୋଚକ ସ୍ଥିତିଟିଏ ଦୃଷ୍ଟିଗୋଚର ହୋଇଛି । ବାସସ୍ଥାନ ପ୍ରମାଣପତ୍ର ପାଇଁ ନକଲି ଆବେଦନ ପଶୁ ଜଗତକୁ ଅତିକ୍ରମ କରି ଦିବ୍ୟ ଜଗତକୁ ପ୍ରବେଶ କରିଛି । "କୁକୁର ବାବୁ" ନାମରେ ଜାରି ହୋଇଥିବା ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାସସ୍ଥାନ ପ୍ରମାଣପତ୍ର ଏବଂ ଏହା ତୁରନ୍ତ ବାତିଲ ହେବା ପରେ ଅନେକ ଭ୍ରଷ୍ଟ ଆବେଦନ ପତ୍ର ସରକାରଙ୍କ ହସ୍ତଗତ ହେବାରେ ଲାଗିଛି । ଖଗାରିଆ ଜିଲ୍ଲାରେ ଏପରି ସଦ୍ୟତମ ଉଦାହରଣରେ ଅଧିକାରୀମାନେ ଭଗବାନ ରାମ, ଦେବୀ ସୀତା ଏବଂ ଏକ କାଉଙ୍କ ପାଇଁ ବାସସ୍ଥାନ ପ୍ରମାଣପତ୍ର ପାଇଁ ଆବେଦନ ପାଇଛନ୍ତି ।

ଏକ ଅନଲାଇନ୍ ଆବେଦନରେ ଚୌଥମର ଅଧିକାରୀମାନେ ଆବେଦନକାରୀଙ୍କ ନାମ ଶ୍ରୀ ରାମ ସହିତ ପ୍ରଭୁ ରାମଙ୍କ ଏକ ଫଟୋ ପାଇଛନ୍ତି ଯେଉଁଥିରେ ତାଙ୍କ ପିତାଙ୍କ ନାମ ଦଶରଥ, ମାତାଙ୍କ ନାମ କୌଶଲ୍ୟା, ଗ୍ରାମର ନାମ ଅଯୋଧ୍ୟା, କିନ୍ତୁ ଜିଲ୍ଲାର ନାମ ଖଗାରିଆ ଉଲ୍ଲେଖ ରହିଛି । ସମସ୍ତ ନାମ ରାମାୟଣରେ ଥିବା ବିବରଣୀ ସହିତ ମେଳ ଖାଉଛି, କେବଳ ପ୍ରଭୁଙ୍କ ଘର ଉତ୍ତର ପ୍ରଦେଶରୁ ବିହାରକୁ ସ୍ଥାନାନ୍ତରିତ ହୋଇଥିବା ପରି ମନେ ହେଉଛି ।

ଚୌଥମର ଅନ୍ୟ ଏକ ଅନଲାଇନ୍ ଆବେଦନରେ ଆବେଦନକାରୀଙ୍କୁ "ଶ୍ରୀମତୀ ମାତା ସୀତା" ନାମ ଦିଆଯାଇଛି ଏବଂ ସେଥିରେ ଦେବୀ ସୀତାଙ୍କ ଫଟୋ ସ୍ଥାନିତ ହୋଇଛି । ତାଙ୍କ ପିତାଙ୍କ ନାମ ଜନକ, ମାତାଙ୍କ ନାମ ସୁନୈନା, ଗ୍ରାମ ଅଯୋଧ୍ୟା ଏବଂ ଜିଲ୍ଲା ପୁଣି ଖଗାରିଆ ବୋଲି ଉଲ୍ଲେଖ କରାଯାଇଛି । ପ୍ରଭୁ ରାମ ଏବଂ ଦେବୀ ସୀତା ଉଭୟଙ୍କ ଫୋନ୍ ନମ୍ବର  ଦଶ ୯ ବିଶିଷ୍ଟ ଅଟେ ।

ଖଗାରିଆ ସଦର କାର୍ଯ୍ୟାଳୟରେ ଆଉ ଏକ ଅଜବ ମାମଲା ରିପୋର୍ଟ ହୋଇଛି ଯେଉଁଠାରେ କୌଆ (କାଉ) ନାମରେ ଏକ ଅନଲାଇନ୍ ଆବେଦନ ଦାଖଲ କରାଯାଇଥିଲା । ପିତାଙ୍କ ନାମ କୌଆ ସିଂହ ଏବଂ ମାତା ମୈନା (ମୈନା) ସିଂହ ରଖାଯାଇଛି । ଫଟୋଟି ଏକ କାଉର । ଏହି ମାମଲାରେ ମଧ୍ୟ ଅଧିକାରୀମାନେ ଏକ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିଯୋଗ ଦାଖଲ କରିଛନ୍ତି । ଏହି ଆବେଦନ ଗତ ବର୍ଷ ଡିସେମ୍ବରରେ ଦାଖଲ ହୋଇଥିବା କୁହାଯାଉଛି ।

ଅଧିକାରୀମାନେ ଏହି ଆବେଦନଗୁଡ଼ିକୁ ଖାରଜ କରିଛନ୍ତି ଏବଂ ଅଜ୍ଞାତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ପୋଲିସ ମାମଲା ରୁଜୁ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ ସରକାରଙ୍କ ଆବାସ ପ୍ରମାଣପତ୍ର ପ୍ରଦାନ କରିବାର କାର୍ଯ୍ୟକୁ ବଦନାମ କରିବା ପାଇଁ ଏହି ନକଲି ଆବେଦନଗୁଡ଼ିକ ଦାଖଲ କରାଯାଇଥିଲା ।

ଲୋକ ଲୋଚନଙ୍କୁ ଆସିଥିବା ଏହି କଥିତ ଦୁଷ୍ଟ ତତ୍ତ୍ୱ ନିର୍ବାଚନ ଆୟୋଗ, ରାଜନେତା ଏବଂ ସର୍ବୋପରି ବିହାର ମତଦାତାଙ୍କ ସମେତ ଦେଶରେ ଅନ୍ୟତ୍ର ନାଗରିକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି ।

ପୂର୍ବରୁ, କୁକୁର ବାବୁଙ୍କ ନାମରେ ଏକ ଆବାସ ପ୍ରମାଣପତ୍ର ଜାରି କରାଯାଇଥିଲା । ସମ୍ପୃକ୍ତ ଅଧିକାରୀମାନେ କିଛି ମିନିଟ୍ ମଧ୍ୟରେ ଏହି ପ୍ରମାଣପତ୍ରକୁ ବାତିଲ କରି ଦେଇଥିଲେ । ପ୍ରମାଣପତ୍ରରେ ଏକ ହସି ହସି ସୁନା ପ୍ରବାହିତ ପ୍ରାଣୀର ଫଟୋ ଥିଲା ।

ତଦନ୍ତରୁ ଜଣାପଡିଛି ଯେ ପ୍ରମାଣପତ୍ରଟି ମୂଳତଃ ଦିଲ୍ଲୀର ଜଣେ ମହିଳାଙ୍କ ଡକ୍ୟୁମେଣ୍ଟ ସହିତ ଲିଙ୍କ୍ ହୋଇଥିଲା । ତାଙ୍କର ଆଧାର କାର୍ଡ ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ପୋର୍ଟାଲରେ ଅପଲୋଡ୍ କରାଯାଇଥିଲା, ଯାହା ସୂଚିତ କରୁଛି ଯେ କେହି ଜଣେ ନକଲି ପ୍ରମାଣପତ୍ର ସୃଷ୍ଟି କରିବା ପାଇଁ ତାଙ୍କ ଡାଟା ସହିତ ହେରଫେର କରିଛନ୍ତି ।

ପୂର୍ବରୁ, ସାମାଜିକ କର୍ମୀ ଏବଂ ସ୍ୱରାଜ ଇଣ୍ଡିଆର ସଦସ୍ୟ ଯୋଗେନ୍ଦ୍ର ଯାଦବ ଏକ ସୋସିଆଲ ମିଡିଆ ପୋଷ୍ଟରେ ପାଟନାରେ ଏକ ଶ୍ୱାନ ନାମରେ ଜାରି ହୋଇଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାସସ୍ଥାନ ପ୍ରମାଣପତ୍ର ଉପରେ କଟାକ୍ଷ କରିଥିଲେ, ଯେଉଁଥିରେ ସେ କହିଥିଲେ "ଏହାକୁ ନିଜ ଆଖିରେ ଦେଖନ୍ତୁ ଯେ ବିହାରରେ ଏକ କୁକୁର ମଧ୍ୟ ତା'ର ବାସସ୍ଥାନ ପ୍ରମାଣପତ୍ର ପାଇ ପାରିବ । ଏହା ହେଉଛି ସମାନ ପ୍ରମାଣପତ୍ର ଯାହାକୁ ନିର୍ବାଚନ କମିଶନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଚାର କରନ୍ତି ଯେତେବେଳେ ଆଧାର ଏବଂ ରାସନ କାର୍ଡକୁ ନକଲି କୁହାଯାଉଛି" । ପାଟନାରେ "ଡଗ୍ ବାବୁ" ନାମକ ଏକ ପୋଷା କୁକୁର ପାଇଁ ଆବାସିକ ପ୍ରମାଣପତ୍ର ବିବାଦୀୟ ଭାବରେ ପ୍ରଦାନ କରାଯିବାର ଅଳ୍ପ ଦିନ ଭିତରେ ବିହାରର ନୱାଡା ଜିଲ୍ଲାରେ ସେହିପରି ଏକ ନୂତନ ଘଟଣା ସାମ୍ନାକୁ ଆସିଛି ।  ଏହି ଦୁଇଟି ଘଟଣା ବିହାର ରାଜ୍ୟ ରାଜନୀତିରେ ଏକ ଶକ୍ତ ଝଡ଼ ସୃଷ୍ଟି କରିଛି । କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନକୁ ଭାରତୀୟ ଦଣ୍ଡ ସଂହିତା ଏବଂ ଆଇଟି ଆଇନର ବିଭିନ୍ନ ଧାରା ଅନୁଯାୟୀ ଏଫଆଇଆର ରୁଜୁ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିବା ସ୍ୱାଗତ ଯୋଗ୍ୟ ।

ଏହି ସମ୍ବେଦନଶୀଳ ବିଷୟ ଉପରେ ବିଚାର ବିମର୍ଷ କରିବାର ଆବଶ୍ୟକତା ରହିଛି । ରାଜ୍ୟରେ ସରକାରଙ୍କ ଦ୍ୱାରା ପରିଚାଳିତ ସାର୍ବଜନୀନ ସେବା ଅଧିକାର ପୋର୍ଟାଲରେ ଏଭଳି ଅନିୟମିତତା କିପରି ସମ୍ଭବ ହେଲା,ତାହାହିଁ ଏବେ ଚର୍ଚ୍ଚାର ବିଷୟ ।

ପ୍ରଥମତଃ, ପ୍ରମାଣପତ୍ର ଜାରି ଦାୟିତ୍ୱରେ ଥିବା ଅଧସ୍ତନ କର୍ମଚାରୀ ଏବଂ ଡାଟା ଅପରେଟର ଆବଶ୍ୟକ ତଥ୍ୟ ପୋର୍ଟାଲରେ ଭରୁ ଥିବାବେଳେ ଆଧାରକାର୍ଡରୁ ଏପରି ଅସ୍ୱାଭାବିକ ନାମକୁ କେମିତି ଗ୍ରହଣ କଲେ । ଯୋଗ୍ୟତା ବଳରେ ନିଯୁକ୍ତି ପାଇଥିବା କର୍ମଚାରୀ କିପରି ଅସ୍ୱାଭାବିକତାରୁ ଦୃଷ୍ଟି ଫେରାଇ ଆଣିଲେ ।

ଦ୍ୱିତୀୟରେ, ଦାୟିତ୍ୱରେ ଥିବା ଅଧିକାରୀ ଏହାର ସଠିକ୍ ଯାଞ୍ଚ ନକରି କିପରି ତଥ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପଲୋଡ଼ ହେବାକୁ ଦେଲେ ।

ତୃତୀୟରେ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଭୋଟର ତାଲିକା ସଂଶୋଧନ ପାଇଁ ପ୍ରସ୍ତୁତ ହେଉଥିବା ପ୍ରାଥମିକ କାଗଜ ପତ୍ର ସହିତ ଜଡିତ କର୍ମଚାରୀ ଏପରି ଏକ ତ୍ରୁଟିକୁ ପ୍ରଶ୍ରୟ ଦେଲେ କିପରି ?

ଚତୁର୍ଥରେ, ଡାଟା ଅପରେଟର ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀ ନା ଏହି କାର୍ଯ୍ୟ ପାଇଁ କୌଣସି ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ହୋଇ ଥିଲେ ଯେଉଁମାନେ ଏହି କାର୍ଯ୍ୟକୁ ଖାମ୍ ଖିଆଲି ମନୋଭାବ ଅବା ସଂଶୋଧନ କାର୍ଯ୍ୟକ୍ରମକୁ ବାଟମାରଣା କରିବା ପାଇଁ କୌଣସି ଷଡ଼ଯନ୍ତ୍ରର ଶିକାର ହୋଇଥିଲେ ?

ଏମିତି ଅନେକ ପ୍ରଶ୍ନର ଉତ୍ତର ତଦନ୍ତ ପରେ ସାମନାକୁ ଆସିବ,ଏଥିରେ ସନ୍ଦେହ ନାହିଁ । ମାତ୍ର, ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦାୟିତ୍ୱବୋଧ କର୍ମଚାରୀମାନେ ଏତାଦୃଶ ନିୟମ ପରିପନ୍ଥୀ କାର୍ଯ୍ୟ କରିବେ ଏହା କଦାଚିତ୍ ଗ୍ରହଣୀୟ ନୁହେଁ । ଏହିପରି ଅନ୍ୟ ସରକାରୀ କାର୍ଯ୍ୟରେ ତ୍ରୁଟି ହେଉ ନଥିବ ବୋଲି କିଏ କହିବ ? ସମ୍ବେଦନଶୀଳ କାର୍ଯ୍ୟରେ ଏହି ମନୋବୃତ୍ତି ଲାଗି ରହିଲେ ଆମକୁ ଧରି ନେବାକୁ ହେବ ଯେ ଏହା କେବଳ ଭାରତରେ ହିଁ ସମ୍ଭବ । ତେବେ ଘଟଣାର ପୁନରାବୃତ୍ତିକୁ ରୋକିବା ପାଇଁ ଉଦାହରଣାତ୍ମକ ଦଣ୍ଡବିଧାନ ଏକମାତ୍ର ବିକଳ୍ପ ।

ମର୍କତ ନଗର

କଟକ

୭୩୭୬୭୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୌସୁମୀ

ଶିବାଶିଷ ମିଶ୍ର

ଗ୍ରୀଷ୍ମ ଋତୁର ପ୍ରଖର ଖରାରେ ଫାଟି ପଡୁଥାଏ ପୃଥିବୀ । ଲୋକଙ୍କ ଭିତରେ ହାହାକାର ଦେଖା ଯାଇଥାଏ । ଖରାର ପ୍ରକୋପରେ ଜଳସ୍ତର ନ୍ୟୂନ ହେବାସହ ଜଳସଙ୍କଟ ଦେଖା ଦେଇଥାଏ । ସବୁଆଡେ ଅଗ୍ନିବର୍ଷା । ସୂର୍ଯ୍ୟ କିରଣ ଏତେ ପ୍ରଖର ହୋଇଉଠେ ଯେ ଘରୁ ବାହାରକୁ ବାହାରିବା ପାଇଁ ଭୟଲାଗେ । ପୁଣି ଏ ସମୟ ଅଂଶୁଘାତର ଭୟ । ପାଣି ଟୋପାଏ ପାଇଁକି ଲୋକ ଉହଳ ବିକଳ । କୃଷକ ଘରେ ବସି ରହେ । କ୍ଷେତ ସବୁ ପଡିଆ ହୋଇ ପଡ଼ି ରହିଥାଏ । ଖାଦ୍ୟଶସ୍ୟର ଦର ବୃଦ୍ଧି ହୋଇଉଠେ । ସେ ସମୟରେ ରୋଜଗାର ନାହିଁ । ଦୁଃଖକଷ୍ଟରେ ଜୀବନ ଅତିବାହିତ କରୁଥିବା ସମୟରେ ଆଶାର ଆଲୋକ ନେଇଆସେ ମୌସୁମୀ ।

ଋତୁଚକ୍ରର ଆବର୍ତ୍ତନ ମଧ୍ୟରେ ଧରାଧାମରେ ଗୋଟିଏ ପରେ ଗୋଟିଏ ଋତୁର ଆଗମନ ଘଟେ । ଗ୍ରୀଷ୍ମ ତାପିତ ଧରଣୀରେ ଆସେ ବର୍ଷା । ବର୍ଷା ପୂର୍ବରୁ ପ୍ରବାହିତ ହୁଏ ମୌସୁମୀ ବାୟୁ । ମୌସୁମୀ ଅଣେ ବର୍ଷା । ଦକ୍ଷିଣ -ପଶ୍ଚିମ କୋଣରୁ ଭାସିଆସେ ମୌସୁମୀ ଚଳଚଞ୍ଚଳ ଶକ୍ତିମାନ ତରଙ୍ଗଭଳି । ମୌସୁମୀ ପ୍ରବାହରେ ସାରା ଆକାଶରେ ଖୋଲିଯାଏ କଳାବାଦଲର ମହା ମେଳ । ଏଇ ମୌସୁମୀ ପ୍ରକୃତିର ଉପାଦାନ ନୁହେଁ । ଏହା ଆଲୁଳିତ କେଶ, ବିଲୁଳିତ ବେଶ ଦୈତ୍ୟ ଭଳି ଆସେ । ଏଇ ଭୟଙ୍କର ରାକ୍ଷାସର ଅଟ୍ଟହାସ୍ୟ ଶୁଣାଯାଏ, ବଜ୍ରର ନିର୍ଘୋଷ ଏବଂ ବିଦ୍ୟୁତ୍ ର ଦ୍ୟୋତନ ଅଟ୍ଟହାସ୍ୟ କରି ମାଡ଼ିଆସେ । ମୌସୁମୀ ଆସେ ବର୍ଷା ହୁଏ, ଆକାଶଟା ସାରା ବଜ୍ର ଓ ବିଦ୍ୟୁତ୍ ରେ ପୁରିଉଠେ । ଅକାଳରେ ଆସେ ବର୍ଷା ଓ ଝଡ଼ । ପ୍ରକୃତିରେ ସୃଷ୍ଟି ହୁଏ ଉତ୍ପାତ । ଜଗତବାସୀ ଏଥିରେ ଭୀତ ଓ ଶଙ୍କିତ ହୁଅନ୍ତି । ମାତ୍ର ଭୀତ ଜଗତବାସୀଙ୍କୁ ଆଶ୍ୱାସନା ଦେଇଥାଏ ମୌସୁମୀ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୌସୁମୀ କହି ଉଠେ ମୁଁ ଗ୍ରୀଷ୍ମ ତାପିତ ଧୂସର ଧରଣୀ ବୁକୁରେ ଶାନ୍ତିର ଜଳସେଚନ କରିବାକୁ ଆସିଛି । ସାଙ୍ଗରେ ଶୀତଳ ପବନ ଓ ଜଳଧାରାକୁ ଶାନ୍ତ କରିଛି ମୁଁ । ଗ୍ରୀଷ୍ମ ତାପରେ ହଜିଛି ସବୁଜ ବନର ସବୁଜିମା । ହଜିଛି ଫୁଲ ବନରେ ସତେଜତା । ଆକାଶରେ ଉଡୁଥିବା ବକମାନେ ଜଳଭାବରୁ ସାଗର ବକ୍ଷରେ ଖସି ପଡୁଛନ୍ତି । ଜଳାଭାବରେ ମାଛମାନେ ଡହଳ ବିକଳ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ମଣିଷ ତାର ସବୁକିଛି ହରେଇ ବସିଛି । କୃଷକ ଜମିରେ ଚାଷ କରିବାକୁ ଯାଇ ପାରୁନାହିଁ । ଗ୍ରୀଷ୍ମ ତାତିରେ ପୁଣି ଅଂଶୁଘାତର ଭୟ । ଧରଣୀ ହୋଇଛି ଭଗ୍ନ, ଖଣ୍ଡିତ। ପାଟି ମେଲାକରି ଚାହିଁଛି ଦୂର ଆକାଶକୁ । ଚାତକ କଣ୍ଠରେ ଭାରିଯାଇଛି ବିକଳତା । ଧୂସର ବିଶ୍ୱରେ ଭଗ୍ନ ଅବସ୍ଥାକୁ ଲକ୍ଷ୍ୟ କରିଥାଏ ମୌସୁମୀ । ସେ ଯେତେବେଳେ ଆସେ ପ୍ରବଳ ବେଗରେ ମାଡ଼ିଆସେ । ସେ ନମ୍ର ନୁହେଁ । ଉଗ୍ର ବେଗରେ ପ୍ରବେଶ କରେ । ତାର ଲକ୍ଷ୍ୟ ଥାଏ ପ୍ରଚୁର ବର୍ଷାକରି ଶାନ୍ତ କରିଦେବ ଗ୍ରୀଷ୍ମର ଉତ୍ତାପକୁ ।

ମୌସୁମୀର ଆଗମନ ନିର୍ଝରିଣୀ କ୍ରୀଡ଼ାରତ ହୋଇ ନାଚିଉଠେ । ଭଞ୍ଜନୃପ ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣ ହୋଇପଡେ । କଦମ୍ବ ଫୁଲକରେ କଣ୍ଟକିତ ହୋଇ ବାସ୍ନା ଖେଳିଉଠେ । କୃଷ୍ଣଚୁଡ଼ା ତାର ନିଜର ତନୁକୁ ଦେଖି ନବତରୁଣୀ ପରି ଲଜ୍ଜାରୁଣ ହୋଇ ପଡ଼ିଥାଏ । ଗ୍ରୀଷ୍ମ ତାପ କମିଯାଇ ଶୀତଳ ପବନ ବହିଆସି ଜୀବ ଜଗତକୁ ସୁଖ ପ୍ରଦାନ କରିଥାଏ । ମୌସୁମୀର ଆଗମନରେ କୃଷକ ତାର ହଳ ଲଙ୍ଗଳ ସଜାଡ଼ି ଏକ ନୂତନ ଆଶାରେ କୃଷିକାର୍ଯ୍ୟ ପାଇଁ ବାହାରି ପଡିଥାଏ । ମେଘର ସେହି ଘଡ଼ଘଡି ଶବ୍ଦ, ବିଜୁଳି, ରାତ୍ରିର ଅନ୍ଧାର, ଝିଙ୍କାରି କୀଟର ଝିଁ ଝିଁ ଶବ୍ଦ, ବେଙ୍ଗର କେଁ କଟର ଶବ୍ଦ, ମୟୂରର ମନୋରମ ନାଚ ଏସବୁ ମନକୁ ଉତଫୁଲ୍ଲୀତ କରିଉଠେ । ଏହାକୁ ନେଇ ରାଧାମୋହନ ଗଡ଼ନାୟକ ଲେଖିଥିଲେ -

"ତୂର୍ଣ୍ଣ ଗତିର ହିଲ୍ଲୋଳ ଆଜି ପୂର୍ଣ୍ଣ ବଳେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧାଇଁ ଆସିଛି ମୌସୁମୀ ମୁହିଁ ସୃଷ୍ଟି ପରେ

ପ୍ରବାହେ ମୋହର କୃଷ୍ଣ ବାଦଲ ଦେଇଛି ଖୋଲି

ମଣୁଛ କି ମତେ

ଆଲୁଳିତ

କେଶ

ବିଲୁଳିତ  ବେଶ

ଦୈତ୍ୟ ବୋଲି  ?”

ନାମ - ଶିବାଶିଷ ମିଶ୍ର

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଲ୍ୟାଣ ଗଙ୍ଗାର ସନ୍ଥ - ତନୁ ବାବା

ଅକ୍ଷୟ କୁମାର ରାଉତ



ସମୟର ବୈଚିତ୍ର୍ୟରେ ମୁହୁର୍ମୁହୁଃ ପରିବର୍ତ୍ତନ । ବିଶ୍ୱ ନିୟନ୍ତାଙ୍କର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ, ଉଡା, ବୁଡା, ଚଳ, ନିଶ୍ଚଳ, ସମସ୍ତେ କାଳର କରାଳ ଗତିରେ ଧାବମାନ । ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହମଣ୍ଡଳ, ନଦନଦୀ, ସାଗର ଓ ପାହାଡ ପର୍ବତ । ଏହି ସବୁ ସୁନ୍ଦର ମଧ୍ୟରୁ ଈଶ୍ୱରଙ୍କର ସର୍ବଶ୍ରେଷ୍ଠ ମନୁଷ୍ୟ ସମାଜ । ସମସ୍ତ ପଦାର୍ଥ ଓ ଜୀବନ୍ତ ପ୍ରାଣୀ ମାନଙ୍କର ଆକୃତି, ପ୍ରକୃତି, ଆକାର ପ୍ରତ୍ୟକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନଭିନ୍ନ ପରିମାପ କରିବାକୁ ରହିଛି ଅନନ୍ତ ଆକାଶ । ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାର ସାଗରକୁ ପାରିକରିବା ପାଇଁ ସଦଗୁରୁ ହିଁ ବାଟ ଦେଖାଇଥାନ୍ତି । ସେହି ସଦଗୁରୁଙ୍କ କୃପାରୁ ଆମେ ସମସ୍ତେ ଦୁଇ ପାଦ ଆଗେଇ ଥାଉ । ତାଙ୍କ ଦୟାରୁ ବ୍ରହ୍ମ ଓ ଈଶ୍ୱରଙ୍କ ସତ୍ତାର ଅନୁଭବ ହୋଇଥାଏ । ସଦଗୁରୁଙ୍କ ଦୟାରୁ ସସାଗର ଧରା ଶୃଙ୍ଖଳିତ । ସେ ଦୂର ଦିଗବଳୟ ଆରପାରିର ଚନ୍ଦ୍ରମା । ତାଙ୍କରି ଜୋସ୍ନାରେ ଆଲୋକିତ ମହୋକିତ ଉଲ୍ଲସିତ ଧରା ପୃଷ୍ଠ ।

ସାଧୁସନ୍ଥ ମହାନ ସିଦ୍ଧ ସାଧକ ତନୁ ବାବା କୁଜଙ୍ଗର ତାଳଦଣ୍ଡା କାଳିଆପାଟ ଗ୍ରାମର ପିତା - ନିଳମଣି ବେହେରା, ମାତା- ଭାରତୀ ବେହେରାଙ୍କ କୋଳ ମଣ୍ଡନ କରି କାର୍ତ୍ତିକ ଦୀପାବଳି ଅମାବାସ୍ୟା (୧୯୮୧) ସୋମବାର ଦିନ ଜନ୍ମ ନିଅନ୍ତି । ସେ ଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରର ବଡ ପୁଅ, ତାଙ୍କ ତଳେ ଦୁଇ ଭାଇ ଓ ଗୋଟିଏ ଭଉଣୀ । ସେ ଜନ୍ମର ଅଳ୍ପଦିନ ପରେ ମା'ଙ୍କୁ ହରାଇ ବହୁ କଷ୍ଟରେ ବଢିଥିଲେ । ତାଙ୍କର ସାଧନା ଆହାର, ବିହାର ବ୍ୟକ୍ତିଗତ ଉନ୍ନତି ପାଇଁ ନଥିଲା । ସେ ପିଲାବେଳୁ ନାମ ସଂକୀର୍ତନ କରି ଈଶ୍ୱରପ୍ରେମୀ ହୋଇଥିଲେ । ତାଙ୍କର ପରୋପକାର ଏକ ମାନବୀୟ ମହତ୍ୱ ଗୁଣ ।

ତାଙ୍କ ପାଖରେ ଧନୀ - ନିର୍ଧନ, ଉଚ୍ଚ - ନୀଚର ବୈଷମ୍ୟତା ନଥିଲା । ସେ ସାଧନା ବଳରେ ବୃକ୍ଷ ହୋଇ ଫଳ ଦେବା, ମେଘ ହୋଇ ଶସ୍ୟ ଦେବା ଜାଣିଥିଲେ । ଛୋଟ ବେଳରୁ ନାମ ବ୍ରହ୍ମକୁ ଜପ କରି ବାଲି ରଥରୁ ନଡିଆ ଗୋଟମା ରଥ । ତାପରେ ବଡ ବଡ ତିନୋଟି ରଥରେ ପ୍ରଭୁ ଜଗନ୍ନାଥ, ବଳଦେବ, ସୁଭଦ୍ରା ଓ ସୁଦର୍ଶନଙ୍କୁ ରଖି ରଥଯାତ୍ରା ତାଙ୍କ ହରିହର କ୍ଷେତ୍ରରେ ଆରମ୍ଭ କରିଥିଲେ । ସାଧନାର ପିଠ ହରିହର କ୍ଷେତ୍ରରେ ଅନ୍ନ ପ୍ରସାଦ ବହୁ ଲୋକଙ୍କୁ ଖୁଆଉଥିଲେ । ମା' ଅନ୍ନପୂର୍ଣ୍ଣାଙ୍କ ଦୟାରୁ କେବେ ଅନ୍ନପ୍ରସାଦ ଅଭାବ ରହୁ ନଥିଲା ।

ପିଲାଟି ଦିନରୁ ସେ ଘର ଛାଡି କେଉଁ ଆଡେ କିଛି ଦିନ ପାଇଁ ଚାଲିଯାଇଥିଲେ କାହାକୁ ଜଣାନଥିଲା । ପ୍ରାୟ ୧୫ ବର୍ଷ ବୟସରେ ତାଙ୍କର ହରିହର କ୍ଷେତ୍ରକୁ ଫେରି ନାମସଂକୀର୍ତନ ଓ ମା'ଙ୍କ ସାଧନାରେ ବ୍ୟସ୍ତ ରହିଲେ । ଦିନକୁ ଦିନ ତାଙ୍କର ଭାବ - ଭକ୍ତି ଓ ଇଶ୍ୱରଙ୍କ ପ୍ରେମ ତାଙ୍କ ଚତ୍ମକାରୀତାର କାହାଣୀ ଚାରିଆଡେ ପ୍ରଚାର ହେଲା । ତାଙ୍କ କ୍ଷେତ୍ରରେ ବହୁ ଲୋକ ବିଭିନ୍ନ ଆଶା ଓ ଭରସା ନେଇ ଆସନ୍ତି । ଲୋକମାନଙ୍କର ଉପକାର କରିବା ଓ ବିଭିନ୍ନ ରୋଗ, ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ତାଙ୍କର କାର୍ଯ୍ୟ ଥିଲା । ସେ ବିଭିନ୍ନ ଶାସ୍ତ୍ର, ପୁରାଣ, ଗୀତା ଓ ଭାଗବତ ଉପରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ । ସେ ସମାଜର ଜଣେ ଯୋଗଜନ୍ମା ମହାପୁରୁଷ ଥିଲେ । ସେ ପିଲାବେଳେ ପାଠ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଢିବା ସମୟରେ ବିଦ୍ୟାଳରେ ଚମତ୍କାରିତା ଦେଖାଉଥିଲେ । ତୁଳସୀ ଦୁଇ ପତ୍ରରୁ ବାସେ, ତାଙ୍କର ଗୁଣ ଶୈଶବରୁ ପରିଲକ୍ଷିତ ହେଉଥିଲା । ତାଙ୍କର ସାଧନା ଓ ମହତ ଗୁଣ ତାଙ୍କୁ ସିଦ୍ଧ ସାଧୁର ମର୍ଯ୍ୟାଦା ଦେଇଥିଲା ।

ତନୁ ବାବା ଉଦୟ ବଟରେ କିଛି ବର୍ଷ ରହିଲା ବେଳେ ଧର୍ମ ଗୁରୁ ଭାବେ ଭଗବାନ ଦାସଙ୍କୁ ବରଣ କରିଥିଲେ । ପରେ ସେ ଉଦୟ ବଟର ମହାନ ସନ୍ଥ ସ୍ୱାଧୀନତା ସଂଗ୍ରାମୀ ରାଜୀବ ଲୋଚନ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନାମ କୀର୍ତନରେ ମଗ୍ନ ହେଲେ । ଗୁରୁ ଭଗବାନ ଦାସ ତାଙ୍କର ନାମ ଭାବଗ୍ରାହୀ ଦାସ(ତନୁ ବାବା) ରୂପେ ନାମ କରଣ କରିଥିଲେ । ଭଗବାନ ଦାସଙ୍କ ଠାରୁ ମା'ଅନ୍ନପୂର୍ଣ୍ଣାଙ୍କ ସାଧନା ଶିକ୍ଷା କରି ବହୁ ଚମତ୍କାରିତା ଦେଖାଇଥିଲେ ।

ଗୋଟିଏ ଦିନ ତାଙ୍କର ଯଜ୍ଞ ଚାଲିଥାଏ, ବହୁଲୋକ ସମାଗମ ହଠାତ୍ ମେଘ ପବନ ବହିଲା । ବାବା ପ୍ରକୃତି ଦେବୀଙ୍କ ନାମରେ ଯଜ୍ଞ କୁଣ୍ଡରେ ତିନି ଆହୁତି ଦେବାରୁ ତାଙ୍କ ମଠ ବା ହରିହର କ୍ଷେତ୍ର ବାହାରେ ମେଘ ପବନ ହେଲା କିନ୍ତୁ ଯଜ୍ଞ ସ୍ଥାନରେ ବର୍ଷା ହେଲା ନାହିଁ । ଏହା ତାଙ୍କର ଅଲୌକିକତା ଥିଲା । ସେହିପରି ଗୋଟିଏ ଦିନ ୨୦୦ ଶିଷ୍ୟଙ୍କ ଗହଣରେ ବାବା ଉଦୟବଟ ବାହାରିଲେ । ତନୁ ବାବା କହିଲେ ତୁମ୍ଭେମାନେ ନିଜ ନିଜ ଗାଡିରେ ଉଦୟବଟ ଧାମକୁ ଯାଅ, ମୁଁ ତୁମମାନଙ୍କ ପୂର୍ବରୁ ପହଁଚିବି ! ସତକୁ ସତ ବାବା ସମସ୍ତଙ୍କ ଆଗରେ ପହଂଚିଥିଲେ । ଏକ ବର୍ଷା ଦିନେ ସଂଧ୍ୟା ସମୟରେ ବାବାଙ୍କ ସହିତ ପ୍ରାୟ ୩୦ ଜଣ ଶିଷ୍ୟ ଥାଅନ୍ତି । ଏହି ସମୟରେ ଏକ ଶ୍ୱେତ ନାଗ ଆସି ବାବା ଓ ଶିଷ୍ୟଙ୍କ ମଝିରେ ଉପସ୍ଥିତ ହେଲା । ବାବା ସର୍ପକୁ ନମସ୍କାର କରି ଆଜ୍ଞା ଦେଲେ ହେ ସର୍ପରାଜ ତୁମ୍ଭ ବାଟରେ ତୁମ୍ଭେ ଚାଲିଯାଅ । ହଠାତ୍ ସର୍ପ ସେଠାରୁ ଉଭାନ ହୋଇଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ଭଳି ଏକ ସିଦ୍ଧ ସାଧୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ତିଆରି କରି ବିଭିନ୍ନ ମନ୍ଦିରକୁ ଦେଉଥିଲେ । ତାଙ୍କର ହରିହର କ୍ଷେତ୍ରରେ ଶ୍ରୀବଳଦେବ, ସୁଭଦ୍ରା ମା' ଓ ସୁଦର୍ଶନଙ୍କୁ ତିଆରି କଲା ପରେ, ଜଗନ୍ନାଥଙ୍କୁ ନିର୍ମାଣ ନକରି, ତାଙ୍କ ଦାରୁଙ୍କୁ ରଖି ଦେଇ ଯାଇଛନ୍ତି । ସେ କହିଛନ୍ତି ସେ ପୁନର୍ବାର ଆସିବେ । ସେହିଭଳି ଜଣେ ପରୋପକାରି ସାଧୁଙ୍କର ୪୨ ବର୍ଷ ବୟସରେ ଶ୍ରାବଣ ମାସ ଅମାବାସ୍ୟା ସୋମବାର (୨୦୨୩)ରେ ସାଧନାମୟ ଜୀବନର ଅବସାନ ଘଟିଲା । ଆଶ୍ଚର୍ଯ୍ୟକଥା ତାଙ୍କର ଜନ୍ମ ଓ ପରଲୋକ ଗମନ ଅମାବାସ୍ୟା ଓ ସୋମବାର ଥିଲା । ସେ ସ୍ୱର୍ଗରେ ଥାଇ ମଧ୍ୟ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥିବେ । ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ ।

ପାରାଦ୍ୱୀପଗଡ, କୁଜଙ୍ଗ

ଜଗତସିଂହପୁର

ମୋ.ନଂ -୯୯୩୭୬୯୧୪୭୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୁଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad